ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୪/୨୦୨୨ (୧୨+୮= ୨୦ ପୃଷ୍ଠା) | Sambalpur, Friday, October 14/2022 | Page 20 | ₹ 7.00 | ★★

୧୮ଶ ଭାଗ ୨୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 296 | ମୂଲ୍ୟ ₹୭/-



**ୱାର୍ନରଙ୍କ ଉପରୁ ଉଠିଯାଇପାରେ ବାସନ୍ଦ**

ଅଷ୍ଟ୍ରେଲିଆ କ୍ରିକେଟର ଡେଭିଡ୍ ୱାର୍ନରଙ୍କ ଉପରୁ ଅଧିନାୟକତ୍ୱ ବାସନ୍ଦ ବ୍ୟବସ୍ଥା ଉଠାଇ ଦିଆଯାଇପାରେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି।

୧୨

୦୮

**ଥ୍ରିଲର, ଆକ୍ସନ ପସନ୍ଦ**

ଥ୍ରିଲର ଓ ଆକ୍ସନ ଫିଲ୍ମ ଷ୍ଟୋରୀ ବେଶ୍ ପସନ୍ଦ। ନିର୍ଦ୍ଦେଶକ ଶ୍ରୀରାମ ରାଘବାନଙ୍କ ଥ୍ରିଲର କାହାଣୀ ତାଙ୍କୁ ଭଲ ଲାଗିଥାଏ ବୋଲି ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ କହିଛନ୍ତି।









# ଭିତ୍ତିଭୂମି ଉପରେ ଭବିଷ୍ୟତ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୧୩।୧୦**




- ସ୍ଥଗିତ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଆଶା ସଞ୍ଚାର
- ସୁରକ୍ଷା, ସୁଦୃଢ଼ୀକରଣ ଉପରେ କାର୍ଯ୍ୟ କରୁଛି ବନ ବିଭାଗ
- ପରିଦର୍ଶନ ପରେ ସନ୍ତୋଷ ବ୍ୟକ୍ତ କରିଛି ଏନ୍‌ଟିସିଏ

ମଣିଷ ମାରିଲା ବାନ୍ଧବଗଡ଼ରୁ ଆସିଥିବା ବାଘୁଣୀ ସୁନ୍ଦରୀ। ମରଣ ମୁହଁରେ ପଡ଼ିଲା ମହାବଳ ବାଘ ମହାବୀର। ବନ ବିଭାଗର ଚରମ ବିଫଳତା ପାଇଁ ବେଶ୍ ବଦନାମ ହୋଇଛି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ। ମହାବୀର ମରିବା ପରଠାରୁ ୨୦୧୮ ନଭେମ୍ବର ୧୫ରୁ ଏହି ପ୍ରକଳ୍ପକୁ ସ୍ଥଗିତ ରଖିଛି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)। ଫଳରେ ଦୀର୍ଘ ୪ ବର୍ଷ ହେଲା ପ୍ରକଳ୍ପର ଭବିଷ୍ୟତକୁ ନେଇ ଅନ୍ଧାରରେ ଅଛନ୍ତି ରାଜ୍ୟବାସୀ। ଏଠାରେ ବ୍ୟାଘ୍ର ବଂଶ ବୃଦ୍ଧି ପରିକଳ୍ପନା ଆଗକୁ ବଢ଼ିବ ନା ଛିଡ଼ିବ, ତାହା ଜାଣିପାରୁନାହାନ୍ତି ଲୋକେ। ହେଲେ ସାତକୋଶିଆକୁ ନେଇ ଏବେ ସକାରାତ୍ମକ ସୂଚନା ମିଳିଛି। ଅତୀତର ବିଫଳତାରୁ ବୁଦ୍ଧି ଶିଖିଥିବା ବନ ବିଭାଗ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେ ଭିତ୍ତିଭୂମି ପ୍ରସ୍ତୁତି ଉପରେ ଜୋର୍ ଦେଉଛି। ଏନ୍‌ଟିସିଏ ଟିମ୍ ମଧ୍ୟ କ୍ଷେତ୍ର ପରିଦର୍ଶନ କରିସାରିଛି। ତେଣୁ ସମୟ ଲାଗିଲେ ବି ସ୍ଥଗିତ ପ୍ରକଳ୍ପ ପୁଣି କାର୍ଯ୍ୟକ୍ଷମ ହେବା ନେଇ ଆଶା ସଞ୍ଚାର ହୋଇଛି।

ଜୈବ ବିବିଧତାରେ ପରିପୂର୍ଣ୍ଣ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାର ୭୯୫.୫୨ ବର୍ଗ କି.ମି. ଜଙ୍ଗଲାଞ୍ଚଳକୁ ୧୯୭୬ରେ ସାତକୋଶିଆ ଅଭୟାରଣ୍ୟର ମାନ୍ୟତା ଦିଆଯାଇଥିଲା। ୨୦୦୨ରେ ଏହାକୁ ହସ୍ତୀ ପ୍ରକଳ୍ପ ଓ ୨୦୦୭ରେ ବ୍ୟାଘ୍ର ପ୍ରକଳ୍ପରେ ପରିଣତ କରାଯାଇଥିଲା। ପରେ ଏହାର ପରିସୀମାକୁ ଆହୁରି ବୃଦ୍ଧି କରାଯାଇଛି। ତେବେ ୨୦୧୪ ଗଣନାରେ ଏଠାରେ ମାତ୍ର ୨ଟି ବାଘ ଥିବା ଜଣାପଡ଼ିବା ପରେ ୨୦୧୬ରୁ ସାତକୋଶିଆରେ ବାଘ ବଂଶ ବୃଦ୍ଧି ପାଇଁ ପରିକଳ୍ପନା ଆରମ୍ଭ ହୋଇଥିଲା। ସେହିବର୍ଷ ବାହାର ରାଜ୍ୟରୁ ବାଘ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ୨୦୧୮ ଜୁନ୍ ୨୧ରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଅଣିରା ମହାବଳ ମହାବୀର ଓ ସେହିମାସ ୨୮ ତାରିଖରେ ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀକୁ ଅଣାଯିବା ପରେ ସାତକୋଶିଆରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ଏପରି କି ଜୁଲାଇ ୬ରେ ମହାବୀର ଓ ଅଗଷ୍ଟ ୧୭ରେ ବାଘୁଣୀ ସୁନ୍ଦରୀକୁ ଅଭୟାରଣ୍ୟ ମଧ୍ୟକୁ ଛଡ଼ାଯାଇଥିଲା। ହେଲେ ବନ ବିଭାଗର ଉପଯୁକ୍ତ ପରିଚାଳନା ଅଭାବରୁ ବାଘୁଣୀ ସୁନ୍ଦରୀ ୨ ମଣିଷଙ୍କ ଜୀବନ ନେଲା। ଏହାକୁ ନେଇ ସାତକୋଶିଆରେ ଲଙ୍କାକାଣ୍ଡ ଘଟିଲା। ଫଳରେ ୨୦୧୮ ନଭେମ୍ବର ୬ରେ ବାଘୁଣୀକୁ ପୁଣି ଏନ୍‌କ୍ଲୋଜର ମଧ୍ୟକୁ ଫେରାଇ ଅଣାଗଲା। କିନ୍ତୁ ନଭେମ୍ବର ୧୪ରେ ମହାବଳ ମହାବୀରର ମୃତ୍ୟୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ସବୁଠାରୁ ବଡ଼ ଅଘଟଣ ଥିଲା। ସେବେଠାରୁ ଏହି ପ୍ରକଳ୍ପକୁ ଏନ୍‌ଟିସିଏ ପକ୍ଷରୁ ସ୍ଥଗିତ ରଖାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ୨୩ରେ ଏନ୍‌କ୍ଲୋଜରରେ ଥିବା ସୁନ୍ଦରୀକୁ ବାନ୍ଧବଗଡ଼ ଫେରାଇ ଦିଆଯାଇଛି। ତେବେ ସାମୟିକ ସମୟ ପାଇଁ ସ୍ଥଗିତ ଥିବା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଏବେ ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଉଛି। ଆଣ୍ଟି ପୋଚିଂ ଷ୍ଟାଫ୍ ଏବଂ ୱାଚରଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୱେଭ୍ ପାଟ୍ରୋଲିଂ ଭଳି ନୂଆ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ବୃତ୍ତାକାର ପରିଧି ମଧ୍ୟରେ ପାଟ୍ରୋଲିଂ କରିବେ। ଏପରି କି ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ପରଖିବା ସହ ଜଙ୍ଗଲରେ କେଉଁଠି ସମସ୍ୟା ହେଉଛି, ବୃକ୍ଷଲତା ସ୍ୱାଭାବିକ ଭାବେ ବଢୁଛି କି ନାହିଁ, ଫୁଲ ଫଳ ଠିକ୍ ଭାବେ ହେଉଛି କି ନାହିଁ ତାହା ମଧ୍ୟ ତଦାରଖ କରିବେ। ଜଙ୍ଗଲ ମଧ୍ୟରେ କେଉଁମାନେ ଆତଯାତ କରୁଛନ୍ତି, ସେମାନଙ୍କ ଉପରେ କଡ଼ା ନଜର ରଖିବେ। ଶିକାରୀ ଯେପରି ପ୍ରବେଶ କରି ନ ପାରିବେ ସେ ନେଇ ସୁରକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଆଞ୍ଚଳିକ ବନ ସଂରକ୍ଷକ ଅନୁଗୋଳ ତଥା କ୍ଷେତ୍ର ନିର୍ଦ୍ଦେଶକ ସାତକୋଶିଆ ବ୍ୟାଘ୍ର ସଂରକ୍ଷାଞ୍ଚଳ ଅଧିକାରୀ ☞ପୃଷ୍ଠା–୪

# ହିଜାବ ମାମଲାରେ ବିଭାଜିତ ରାୟ

**ନୂଆଦିଲ୍ଲୀ, ୧୩।୧୦(ପି.ଟି.)**

କର୍ଣ୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ନିଷେଧ ମାମଲାରେ ସୁପ୍ରିମକୋର୍ଟ ଗୁରୁବାର ବିଭାଜିତ ରାୟ ପ୍ରଦାନ କରିଛନ୍ତି। ଫଳରେ ଏକ ବୃହତ୍ତର ପୀଠରେ ମାମଲାର ବିଚାର ଲାଗି ଏହାକୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ପାଖକୁ ପଠାଯାଇଛି। ବୃହତ୍ତର ପୀଠରେ ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ହିଜାବ ଉପରେ କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ କାର୍ଯ୍ୟକାରୀ ରହିବ।

ଶ୍ରେଣୀ ଗୃହରେ ହିଜାବ ନିଷେଧ ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଉଡୁପିର ସରକାରୀ ପ୍ରି-ୟୁନିଭର୍ସିଟି ମହିଳା ମହାବିଦ୍ୟାଳୟର କେତଜେଣ ମୁସଲମାନ ଛାତ୍ରୀ କର୍ଣ୍ଣାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗତ ମାର୍ଚ୍ଚ ୧୫ରେ ହାଇକୋର୍ଟ ସରକାରଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ। ଇସ୍‌ଲାମ ଧର୍ମରେ ହିଜାବ ଅତି ଜରୁରୀ ଧର୍ମୀୟ ପ୍ରଥା ନୁହେଁ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଥିଲେ। ଉକ୍ତ ରାୟ ବିରୋଧରେ ହୋଇଥିବା ଆବେଦନକୁ ଜଷ୍ଟିସ୍ ହେମନ୍ତ ଗୁପ୍ତା ଖାରଜ କରିଦେଇଛନ୍ତି। ଶିକ୍ଷାନୁଷ୍ଠାନରେ ହିଜାବ ପରିଧାନ ଉପରେ ପ୍ରତିବନ୍ଧକ ରହିବା ଠିକ୍ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ହାଇକୋର୍ଟଙ୍କ ରାୟ ବିରୋଧରେ ଆବେଦନକୁ ଅନୁମତି ଦେବା ସହ ହିଜାବ ପରିଧାନ ମହିଳାମାନଙ୍କ ପସନ୍ଦର କଥା ବୋଲି କହିଥିଲେ। ଏହା ବଦଳରେ ଗ୍ରାମାଞ୍ଚଳର ବାଳିକାମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ହାଇକୋର୍ଟ ବୋଧହୁଏ ଭୁଲ୍ ରାସ୍ତାରେ ଯାଇଥିବା ଜଷ୍ଟିସ୍ ଧୁଲିଆ କହିଥିଲେ। ମାମଲାକୁ ନେଇ ମତଭେଦ ଦେଖାଦେଇଥିବା ଖଣ୍ଡପୀଠର ମୁଖ୍ୟ ଜଷ୍ଟିସ ଗୁପ୍ତା ରାୟ ଘୋଷଣା ବେଳେ କହିଛନ୍ତି। ଜଷ୍ଟିସ୍ ଗୁପ୍ତା କହିଛନ୍ତି, ତାଙ୍କ ରାୟ ଉପରେ ସେ ୧୧ଟି ପ୍ରଶ୍ନ ଫ୍ରେମ୍ କରିଛନ୍ତି, ଯାହାର ଉତ୍ତର ଆବେଦନକାରୀଙ୍କ ବିରୋଧରେ ଯାଉଛି। ସେହି ପ୍ରଶ୍ନ ☞ପୃଷ୍ଠା–୪

**ବୃହତ୍ତର ପୀଠରେ ହେବ ଶୁଣାଣି**



**ଆଜିର ସମ୍ପାଦକୀୟ**

ଦ୍ୱିପାକ୍ଷିକ ସମ୍ପର୍କର ଅଧଃପତନ

## ଶିକ୍ଷକଙ୍କ ମାଡ଼ରେ ୧୨ ବର୍ଷର ଛାତ୍ରଙ୍କ ମୃତ୍ୟୁ

### ଚିକିତ୍ସା ପାଇଁ ବେଡ୍ ମିଳିଲାନି

**ନୂଆଦିଲ୍ଲୀ, ୧୩।୧୦(ଆଇଏଏନ୍‌ଏସ୍):** ଶିକ୍ଷକଙ୍କ ମାଡ଼ରେ ଗୁରୁତର ଆହତ ଜଣେ ୧୨ ବର୍ଷର ଛାତ୍ରଙ୍କ ମୃତ୍ୟୁ ହୋଇଯାଇଛି। ଉକ୍ତ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବେଡ୍ ନ ମିଳିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇବାରେ ବିଳମ୍ବ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଲା ବୋଲି କୁହାଯାଉଛି। ଖବର ଅନୁଯାୟୀ ଗ୍ରେଟର ନୋଏଡ଼ାର ବାଦଲପୁର ଅଞ୍ଚଳରେ ଥିବା ଏକ ସ୍କୁଲ୍‌ରେ ପ୍ରିନ୍ସ ନାମକ ଉକ୍ତ ଛାତ୍ର ପଢୁଥିଲେ। ଗତ ୭ ତାରିଖରେ ବାପା ତାଙ୍କୁ ନେଇ ସ୍କୁଲ୍‌ରେ ଛାଡ଼ି ଆସିଥିଲେ। ପୁଅ ସଂଜ୍ଞାହୀନ ହୋଇପଡ଼ିଥିବା ତାଙ୍କ ଘରକୁ ଫୋନ୍ କଲ୍ ଆସିଥିଲା। ସେ ସଙ୍ଗେ ସଙ୍ଗେ ପ୍ରିନ୍ସଙ୍କୁ ଏକ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ଅଧିକ ଚିକିତ୍ସା ଲାଗି ତାଙ୍କୁ ହସ୍ପିଟାଲ ପଠାଇବାକୁ କୁହାଯିବାରୁ ପ୍ରଥମେ ସଫଦରଜଙ୍ଗ ପରେ ରାମ ମନୋହର ଲୋହିଆ ଏବଂ ଜି.ବି. ପନ୍ଥ ହସ୍ପିଟାଲ ନିଆଯାଇଥିଲା। ବେଡ୍ ଅଭାବରୁ ଉକ୍ତ ହସ୍ପିଟାଲଗୁଡ଼ିକ ଆଡମିଶନ କରିବାକୁ ମନା କରିଦେଇଥିଲେ। ଶେଷରେ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ବେଡ୍ ମିଳିଥିଲା ଓ ଶନିବାର ସକାଳେ ପ୍ରିନ୍ସଙ୍କ ଅସ୍ତ୍ରୋପଚାର ହୋଇଥିଲା। ସେହିଦିନ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶ୍ରେଣୀ ପରୀକ୍ଷାରେ ଫେଲ୍ ହେବାରୁ ଶିକ୍ଷକ ପ୍ରିନ୍ସଙ୍କୁ ବେତରେ ନିର୍ଘାତ ପିଟିଥିବା ତାଙ୍କ ସହପାଠୀମାନେ କହିଛନ୍ତି। ସେ ପଡ଼ିଯାଇ ବାନ୍ତି କରିବା ପରେ ସଂଜ୍ଞାହୀନ ହୋଇପଡ଼ିଥିଲେ।।

# ବୁଲା କୁକୁର କାମୁଡ଼ାରେ ଶିଶୁକନ୍ୟା ମୃତ, ୧୨ ଗୁରୁତର

**ବଲାଙ୍ଗୀର ଅଫିସ, ୧୩।୧୦**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବାଲିପଟା ଓ ସାନକଲଙ୍ଗାପାଲି ଗାଁରେ ଗୁରୁବାର ବୁଲା କୁକୁର ଆତଙ୍କରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଲା କୁକୁର ଉଭୟ ଗାଁର ୧୩ ଜଣଙ୍କୁ କାମୁଡ଼ି ଗୁରୁତର କରିଦେଇଥିଲା। ସବୁଠୁ ହୃଦୟ ବିଦାରକ ଥିଲା ପରିବାର ସଦସ୍ୟଙ୍କ ସମ୍ମୁଖରେ ଜଣେ ତିନିବର୍ଷର ଶିଶୁକନ୍ୟାକୁ ବୁଲା କୁକୁରଟି ଝୁଣି ଦେବାରୁ ତାର ମୃତ୍ୟୁ ହୋଇଯାଇଥିଲା। ମୃତ ଶିଶୁକନ୍ୟା ଗୁଦା ମୁଣ୍ଡାଙ୍କ ଝିଅ ଦୀପା। ଏହି ଘଟଣା ପରେ ଉଭୟ ଗାଁରେ ଆତଙ୍କ ଖେଳିଯାଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ଉକ୍ତ କୁକୁରକୁ ମାରି ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ସକାଳେ ସାନକଲଙ୍ଗାପାଲି ଗାଁରେ ଚନ୍ଦ୍ରକାନ୍ତି ସାହୁ(୫୦) ନାମ୍ନୀ ମହିଳା ମୁଢ଼ି କିଣିବାକୁ ଯାଉଥିବାବେଳେ ଏକ ବୁଲା କୁକୁର ତାଙ୍କୁ କାମୁଡ଼ି ଦେଇଥିଲା। ଏହାପରେ ଗାଁର ଅନ୍ୟ କେତେକଙ୍କୁ କାମୁଡ଼ି ଦେଇ ସେଠାରୁ ନିକଟସ୍ଥ ବାଲିପଟା ଗାଁକୁ ଚାଲିଯାଇଥିଲା। ଘର ସମ୍ମୁଖରେ ଶିଶୁକନ୍ୟା ଦୀପା ଖେଳୁଥିବାବେଳେ ହଠାତ୍ କୁକୁରଟି ସେଠାକୁ ଆସି ତାଙ୍କ ମୁଣ୍ଡକୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି କୁକୁରକୁ ଘଉଡାଇବା ପରେ ସେଠାରୁ ଚାଲିଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ଶିଶୁକୁ ପାଟଣାଗଡ଼ ଉପଖଣ୍ଡ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ☞ପୃଷ୍ଠା–୪

**କୁକୁରକୁ ପିଟି ମାରିଦେଲେ ଲୋକେ**



ମାଙ୍କଡ଼ଙ୍କ ପୂର୍ବଜ କୁହାଯାଉଥିବା ସ୍ଲେଣ୍ଡର ଲୋରିସ୍ ଏକ ଗଛରେ ବସିଛି। ତାମିଲନାଡୁ ସରକାର ବୁଧବାର ଏହି ପ୍ରଜାତିର ଜୀବଙ୍କ ପାଇଁ କାଡାଭୁରରେ ଦେଶର ପ୍ରଥମ ଅଭୟାରଣ୍ୟ ପ୍ରତିଷ୍ଠା କରିଛନ୍ତି। 'କାଡାଭୁର ସ୍ଲେଣ୍ଡର ଲୋରିସ୍ ସାଙ୍କଚ୍ୟୁରି' କରୁର ଓ ଡିଣ୍ଡିଗୁଲ ଜିଲାର ୧୧,୮୦୬ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୂଚନା ଦେଇଛନ୍ତି।

# ୧୯୭୦ରୁ ୭୦% କମିଲାଣି ବନ୍ୟପ୍ରାଣୀଙ୍କ ସଂଖ୍ୟା

**ପ୍ୟାରିସ୍, ୧୩।୧୦**



ମନୁଷ୍ୟକୃତ କାରଣ ଯୋଗୁ ପ୍ରକୃତି ନିଜର ପ୍ରାକୃତିକତା ହରାଉଛି। ଜଳବାୟୁ ପରିବର୍ତ୍ତନର ଘାତକ ପ୍ରଭାବ ମଣିଷ ନିଜେ ଭୋଗିବା ସହ ସାରା ଜୀବଜଗତ ଅଙ୍ଗେ ନିଭାଉଛନ୍ତି। ପରିବେଶ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ଅନେକ ପ୍ରଜାତିର ବନ୍ୟପ୍ରାଣୀ ବିଲୁପ୍ତପ୍ରାୟ ହୋଇଯାଇଥିବାବେଳେ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି (ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ସଦ୍ୟ ରିପୋର୍ଟ ଚିନ୍ତା ବଢ଼ାଇଛି। ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଅନୁସାରେ ୧୯୭୦ ମସିହା ପରଠାରୁ ୨୦୧୮ ମଧ୍ୟରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ପ୍ରାୟ ୭୦% ହ୍ରାସପାଇଲାଣି। ଅର୍ଥାତ୍ ବିଭିନ୍ନ ଜଙ୍ଗଲ ଓ ସମୁଦ୍ରରେ ବାସ କରୁଥିବା ପ୍ରାଣୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶଙ୍କ ଜୀବନ ଗଲାଣି। ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ ଏବଂ ପ୍ରଦୂଷଣ ମାତ୍ରା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ଏଥିରେ କୁହାଯାଇଛି।

୫ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ସ୍ତନ୍ୟପ୍ରାୟୀ, ପକ୍ଷୀ, ଉଭୟଚର, ସରୀସୃପ ଏବଂ ମାଛ ଆଦି ୩୨ ହଜାର ପ୍ରାଣୀଙ୍କ ସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଶେଷକରି ଲାଟିନ୍ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ପ୍ରାଣୀଙ୍କ ସଂଖ୍ୟା ସର୍ବାଧିକ ୯୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ସବୁଠୁ ଉଦ୍‌ବେଗଜନକ ହେଲା ୧୯୭୦ରୁ ନିରୀକ୍ଷଣରେ ରହିଥିବା ବନ୍ୟପ୍ରାଣୀଙ୍କ ସଂଖ୍ୟା କମିଛି, ଯାହା ଚିନ୍ତାର କାରଣ ବୋଲି ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲର ମହାନିର୍ଦ୍ଦେଶକ ମାର୍କୋ ଲମ୍ବେରଟିନି କହିଛନ୍ତି। ୧୯୯୪ରୁ ୨୦୧୬ ମଧ୍ୟରେ ବ୍ରାଜିଲିଆନ୍ ଆମାଜନ୍‌ରେ ପିଙ୍କ୍ ରିଭର୍ ଡଲ୍‌ଫିନ୍‌ଙ୍କ ସଂଖ୍ୟା ୬୫% କମିଛି। ମଣିଷ ନିଜ ପାଇଁ ଫସଲ ଜମି, ଘର, ସହର ବନାଇବା ଲାଗି ଜଙ୍ଗଲ ସଫା କରୁଛି। ଜଙ୍ଗଲ ଜମିରୁ ଖାଦ୍ୟ ଉତ୍ପାଦନ ହେତୁ ଜୈବ ବିବିଧତା ମଧ୍ୟ ନଷ୍ଟ ହୋଇଛି। ଏହାସହ ବିଶୁଦ୍ଧ ଜଳ ହ୍ରାସ ୫୦% ବୋଲି ରେକର୍ଡ କରାଯାଇଛି। ଜଙ୍ଗଲ ସଫା ହେତୁ ସବୁଜଗୃହ ବାଷ୍ପ ନିର୍ଗମନ ୩୦% ବଢ଼ିଛି। ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ଗତ ଦୁଇଥରର ରିପୋର୍ଟ ଦେଖିଲେ ପ୍ରତିବର୍ଷ ବନ୍ୟପ୍ରାଣୀଙ୍କ ସଂଖ୍ୟା ପ୍ରାୟ ୨.୫% କମୁଛି। ମଣିଷ ପ୍ରତ୍ୟକ୍ଷ ଭାବେ ମଧ୍ୟ ନିଜ ଖାଦ୍ୟ, ପରିଧାନ, ଔଷଧ ଆବଶ୍ୟକତା ପାଇଁ ବନ୍ୟପ୍ରାଣୀଙ୍କ ହତ୍ୟା କରୁଛି। ଏସବୁକୁ ରୋକା ନ ଗଲେ ପ୍ରକୃତି ଭୟଙ୍କର ଭାବେ ଏହାର ପ୍ରତିଶୋଧ ନେବ। ଏଭଳି ବିପଦକୁ ଏଡ଼ାଇବାକୁ ବଡ଼ସ୍ତରରେ ଜୈବ ☞ପୃଷ୍ଠା–୪

# ୬ ବର୍ଷ ହେଲା ଛିଡ଼ାହୋଇଛି କୋଠା, ଲାଗିପାରୁନି ରାଡାର

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ଓଡ଼ିଶା ବିପର୍ଯ୍ୟୟପ୍ରବଣ ରାଜ୍ୟ। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟକୁ ଦୋହଲାଇ ଦେଉଛି। ଏଥିଯୋଗୁ ଅନେକ ଧନଜୀବନ ନଷ୍ଟ ହେଉଛି। ଅକ୍ଟୋବରରୁ ଡିସେମ୍ବର ୧୫ ଯାଏ ରାଜ୍ୟକୁ ବାତ୍ୟା ଭୟ ରହିଛି। ଏପରି କି ମାର୍ଚ୍ଚ ମାସରେ ମଧ୍ୟ ବାତ୍ୟା ଭଳି ବିପଦକୁ ରାଜ୍ୟ ସମ୍ମୁଖୀନ ହୋଇଛି। ଆଗକୁ ଜଳବାୟୁ ପରିବର୍ତ୍ତନଜନିତ ଅଦିନିଆ ବର୍ଷା ଓ ବାତ୍ୟା ଭଳି ବିପଦ ବଢ଼ିବା ଆଶଙ୍କା ଦେଖାଦେଲାଣି। ଏହା ଜୀବନଜୀବିକାକୁ ପ୍ରତିହତ କରିବା ସହ ରାଜ୍ୟ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିବ ବୋଲି ଅର୍ଥନୀତି ବିଶାରଦ ଅନୁମାନ କଲେଣି। ଆଗୁଆ ସୂଚନା ହିଁ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିକୁ ରୋକିବାର ଏକମାତ୍ର ମାଧ୍ୟମ। ବିପଦ ଆସିବା ପୂର୍ବରୁ ଲୋକମାନଙ୍କୁ ଆଗୁଆ ସତର୍କ ସୂଚନା ମିଳିପାରିଲେ ଧନଜୀବନ କ୍ଷୟକ୍ଷତି ରୋକାଯାଇ ପାରିବ।

ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ରାଜ୍ୟର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ନିଷ୍ପତ୍ତି ନେଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁ ଗତ ୬ ବର୍ଷ ହେବ ସମ୍ବଲପୁର ଏବଂ ବାଲେଶ୍ୱରରେ ଡପ୍‌ଲର ରାଡାର ଲାଗିପାରୁ ନାହିଁ। ☞ପୃଷ୍ଠା–୪

**ଚିନ୍ତା ବଢ଼ାଉଛି ପାଣିପାଗ**

**ଆଉ ୨ ବର୍ଷ ଲାଗିବ: ଆଇଏମ୍‌ଡି ଡିଜି**

**ଉପନିର୍ବାଚନରେ ପ୍ରାର୍ଥୀ ହେବାକୁ ଠାକ୍‌ରେ ଗୋଷ୍ଠୀଙ୍କୁ ଅନୁମତି**

ମୁମ୍ବାଇ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଶିବସେନାର ଉଦ୍ଧବ ଗୋଷ୍ଠୀ ପ୍ରାର୍ଥୀ ଋତୁଜା ଲାଟ୍‌କେଙ୍କୁ ଅଦାଲତ ଅନୁମତି ଦେଇଛନ୍ତି। ପୌର ନିଗମରୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିନେବାକୁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଉଦ୍ଧବ ଗୋଷ୍ଠୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରାର୍ଥୀଙ୍କ ଇସ୍ତଫାପତ୍ର ଗ୍ରହଣ ନ କରିବା ଲାଗି ଏକନାଥ ଶିନ୍ଦେ ସରକାର ପୌର ନିଗମ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ହୋଇଥିବାବେଳେ ଋତୁଜାଙ୍କ ଇସ୍ତଫାପତ୍ର ଗୃହୀତ ନ ହୋଇଥିଲେ, ସେ ଉପନିର୍ବାଚନ ପାଇଁ ପ୍ରାର୍ଥୀ ହୋଇପାରି ନ ଥାନ୍ତେ।

# ଝୁଲିଲା ଭାରତ, ବ୍ରିଟେନ ଏଫ୍‌ଟିଏ


ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଲଣ୍ଡନରେ ହାଉସ୍ ଅଫ୍ କମନ୍ସକୁ ସମ୍ବୋଧନ କରୁଛନ୍ତି।


ବ୍ରିଟେନ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରାଭରମ୍ୟାନ୍।

- ଦୀପାବଳି ସୁଦ୍ଧା ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ପାଇଁ ଧାର୍ଯ୍ୟ ହୋଇଥିଲା
- ଭାରତୀୟଙ୍କୁ ନେଇ ସୁଲେଆଙ୍କ ମନ୍ତବ୍ୟ ଯୋଗୁ ରଦ୍ଦ ହୋଇପାରେ

**ନୂଆଦିଲ୍ଲୀ/ଲଣ୍ଡନ, ୧୩।୧୦**

ବ୍ରିଟେନରେ ବସବାସ କରୁଥିବା ଉଚ୍ଚ ଦକ୍ଷତାସମ୍ପନ୍ନ ପ୍ରବାସୀଙ୍କ ମଧ୍ୟରେ ଭାରତୀୟମାନେ ଲଗାତର ସର୍ବାଗ୍ରେ ରହିଆସିଛନ୍ତି। ସଦ୍ୟ ତଥ୍ୟାନୁସାରେ ଚଳିତବର୍ଷ ପ୍ରାୟ ୧,୧୮,୦୦୦ ଭାରତୀୟ ଛାତ୍ରୀଛାତ୍ର ବ୍ରିଟେନର ଷ୍ଟୁଡେଣ୍ଟ ଭିଜା ପାଇଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ୮୯% ଅଧିକ। ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର ନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ବ୍ରିଟେନର ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଭାରତୀୟ ବଂଶୋଦ୍ଭବ ପ୍ରୀତି ପଟେଲ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଭାରତୀୟ ବଂଶୋଦ୍ଭବ ବ୍ରିଟେନ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରାଭରମ୍ୟାନ୍‌ଙ୍କ ସଦ୍ୟ ମନ୍ତବ୍ୟ ପରେ ଏଫ୍‌ଟିଏ ଏକ ସନ୍ତୁଳିତ ଅବସ୍ଥାରେ ଝୁଲୁଛି। ଏଫ୍‌ଟିଏ ଅଧୀନରେ ଛାତ୍ରୀଛାତ୍ର ଓ ଉଦ୍ୟୋଗୀମାନଙ୍କ ପାଇଁ ନିୟମଗୁଡ଼ିକୁ ଅଧିକ ସହଜ ଓ ସରଳ କରିବା ଉପରେ ବୁଧବାର ଆପତ୍ତି ଉଠାଇ ବ୍ରାଭରମ୍ୟାନ୍ କହିଥିଲେ, ଏହି ଦେଶର ପ୍ରବାସନ ସ୍ଥିତିକୁ ଦେଖିଲେ ଭିଜା ଶେଷ ହେବା ପରେ ମଧ୍ୟ ରହୁଥିବା ସର୍ବାଧିକ ପ୍ରବାସୀ ଭାରତୀୟ ବୋଲି ଜଣାପଡ଼ୁଛି। ବ୍ରାଭରମ୍ୟାନ୍ ଏପରି ଆପତ୍ତି ଉଠାଇବା ପରେ ଭାରତ ସରକାର କ୍ଷୁବ୍ଧ ହୋଇଛନ୍ତି। ଫଳରେ ଅକ୍ଟୋବର ୨୪ ଦୀପାବଳି ସୁଦ୍ଧା ଚୂଡ଼ାନ୍ତ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଧାର୍ଯ୍ୟ କରିଥିବା ଏହି ଡିଲ୍ ରଦ୍ଦ ହେବା ଅବସ୍ଥାକୁ ଚାଲିଆସିଥିବା କୁହାଯାଉଛି।

## କ'ଣ କହିଥିଲେ ବ୍ରାଭରମ୍ୟାନ୍

'ଦି ସ୍ପେକ୍ଟାଟର' ସାପ୍ତାହିକକୁ ସାକ୍ଷାତ୍କାର ଦେଇ ସୁଏଲା ବ୍ରାଭରମ୍ୟାନ୍ କହିଛନ୍ତି, ବ୍ରିଟେନରେ ସର୍ବାଧିକ ବିଦେଶୀ ପ୍ରବାସୀ ହେଉଛନ୍ତି ଭାରତୀୟ। ଭିଜା ଅବଧି ଶେଷ ହେବା ପରେ ମଧ୍ୟ ଭାରତୀୟମାନେ ଏଠାରେ ବସବାସ କରୁଛନ୍ତି। ଏହି ସ୍ଥଳେ ଦୁଇ ଦେଶ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷର ହେଲେ ଭାରତୀୟ ଶରଣାର୍ଥୀଙ୍କ ସଂଖ୍ୟା ଆହୁରି ବଢ଼ିଯିବ। ଭାରତ ସହ ସୀମାମୁକ୍ତ ପ୍ରବାସନ ନୀତିକୁ ନେଇ ମୁଁ ଚିନ୍ତିତ। ଲୋକେ ଏଥିପାଇଁ ୟୁରୋପୀୟ ସଂଘ (ଇୟୁ)ଠାରୁ ବ୍ରିଟେନର ବିଚ୍ଛେଦ (ବ୍ରେକ୍‌ଜିଟ) ସପକ୍ଷରେ ଭୋଟ ଦେଇଥିଲେ ବୋଲି ମୁଁ ମନେକରୁ ନାହିଁ। ଏପରି କି ଗତବର୍ଷ ଏହା ଉପରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଆମେ ଭାରତୀୟ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲୁ। ଏହା ଭଲ ଭାବେ କାମ କରିନାହିଁ।

## ଭାରତର ପ୍ରତିକ୍ରିୟା

ବ୍ରାଭରମ୍ୟାନ୍‌ଙ୍କ ବିବୃତିକୁ ନେଇ ଭାରତର ଚିନ୍ତା ବଢ଼ିଥିବା ଜଣାପଡ଼ିଛି। ବ୍ରିଟେନରେ ପ୍ରକାଶିତ 'ଦି ଟାଇମ୍ସ' ଖବରକାଗଜରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି, ବ୍ରାଭରମ୍ୟାନ୍‌ଙ୍କ 'ଅସମ୍ମାନପୂର୍ଣ୍ଣ' ମନ୍ତବ୍ୟକୁ ନେଇ ଭାରତ ସରକାରଙ୍କ ମନ୍ତ୍ରୀମାନେ 'ସ୍ତବ୍ଧ ଓ ନିରାଶ' ହୋଇଛନ୍ତି। ସେହିପରି ଦୀପାବଳିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ ଗସ୍ତ ବେଳେ ଏଫ୍‌ଟିଏ ସ୍ୱାକ୍ଷର ହୋଇ ନ ପାରେ ବୋଲି 'ପଲିଟିକୋ'ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଭାରତକୁ ଆସିବାକୁ ଥିବା ବ୍ରିଟେନ ନାଗରିକମାନଙ୍କୁ ଭିଜା ପାଇଁ ଭିଜା କେନ୍ଦ୍ରରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ଲଣ୍ଡନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ନୂଆ ନିୟମ କରିଛନ୍ତି। ବ୍ରାଭରମ୍ୟାନ୍‌ଙ୍କ ସଦ୍ୟ ଆଭିମୁଖ୍ୟ ପ୍ରତିବାଦରେ ଏପରି କରାଯାଇଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

## ବ୍ରିଟେନର ଆନୁଷ୍ଠାନିକ ଆଭିମୁଖ୍ୟ ନୁହେଁ

ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ମୁଖପାତ୍ର ବୁଧବାର କହିଛନ୍ତି, ବ୍ରିଟେନ୍ ଏବେ ମଧ୍ୟ ଦୀପାବଳି ସୁଦ୍ଧା ଭାରତ ସହ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ସହମତ ହେବାକୁ ଚାହୁଁଛି। ବ୍ରାଭରମ୍ୟାନ୍‌ଙ୍କ ବିବୃତି ପରେ ଏହି ଡିଲ୍‌ର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିବା ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଗୁରୁବାର ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ ଜେମ୍ସ କ୍ଲେଭର୍ଲି କହିଛନ୍ତି, ଭାରତ ସହ ଆହୁରି ମଜଭୁତ ବାଣିଜ୍ୟିକ ସମ୍ପର୍କ ରଖିବାକୁ ଆମେ ଆଗ୍ରହୀ।

## କେତେ ବାଟ ଆଗେଇଥିଲା

ଗତବର୍ଷ ମେ'ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ତତ୍କାଳୀନ ବ୍ରିଟେନ ପ୍ରତିପକ୍ଷ ପ୍ରୀତି ପଟେଲଙ୍କ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ମାଇଗ୍ରେଶନ ଆଣ୍ଡ ମୋବିଲିଟି ପାର୍ଟନରଶିପ୍ (ଏମ୍‌ଏମ୍‌ପି) ନେଇ ସହମତି ପ୍ରକାଶ ପାଇଥିଲା। ଉଭୟ ବ୍ରିଟେନ ଓ ଭାରତରେ ରହି କାର୍ଯ୍ୟ କରିବା ଓ ପରସ୍ପରର ସଂସ୍କୃତିକୁ ନେଇ ନୂଆ ଅନୁଭୂତି ସାଉଁଟିବାକୁ ଚାହୁଁଥିବା ଅନେକ ହଜାର ଯୁବତୀଯୁବକଙ୍କୁ ନୂତନ ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଏହାକୁ ଦୁଇଦେଶର ସରକାରଙ୍କ ମଧ୍ୟରେ ଏକ ଐତିହାସିକ ରାଜିନାମା ରୂପେ ବିବେଚନା କରାଯାଉଥିଲା। ଦୁଇଦେଶ ମଧ୍ୟରେ ଅନ୍ତରୀଣ ଚୁକ୍ତି ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି, ଲୋକଙ୍କ ଗମନାଗମନ ଏବଂ ଭାରତକୁ ସ୍କଚ୍ ହ୍ୱିସ୍କି ଶସ୍ତାରେ ଆମଦାନୀ କରିବା ଦିଗରେ ସହାୟକ ହେବ ବୋଲି କୁହାଯାଉଥିଲା। ବ୍ରିଟେନର ହାଇଟେକ୍ନୋଲୋଜି ଶିଳ୍ପ ଓ ଆର୍ଥିକ ବଜାରଗୁଡ଼ିକରେ ସହଜରେ ପ୍ରବେଶ କରିବା ସହ ସେଠାକୁ ଯିବା ସମୟରେ ଭିଜା ଉପରେ ଥିବା କଡ଼ା କଟକଣା ହଟାଯାଉ ବୋଲି ଭାରତ ଚାହୁଁଥିଲା।

## ସଂକ୍ଷେପରେ

### ନମାଜ ପାଠ ବେଳେ ଆକ୍ରମଣ

**ମସ୍‌ଜିଦ ଭଙ୍ଗାରୁଜା**

ଗୁରୁଗ୍ରାମ, ୧୩।୧୦: ଗୁରୁଗ୍ରାମର ଏକ ମସ୍‌ଜିଦରେ ବୁଧବାର ନମାଜ ପାଠ ଚାଲିଥିବାବେଳେ କେତେଜଣ ଲୋକ ସେଠାରେ ପ୍ରବେଶ କରି ମାରପିଟ କରିବା ସହ ମସ୍‌ଜିଦରେ ଭଙ୍ଗାରୁଜା କରିଛନ୍ତି। ମୁସଲମାନମାନେ ଉକ୍ତ ଅଞ୍ଚଳ ଛାଡ଼ି ଚାଲିଯିବାକୁ ଆକ୍ରମଣକାରୀମାନେ ଧମକ ଦେଇଥିଲେ। ଗୁରୁଗ୍ରାମ ପୋଲିସ କେତେଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲା ଅନୁଯାୟୀ ବୁଧବାର ସନ୍ଧ୍ୟାରେ ଗୁରୁଗ୍ରାମର ଭୋରା କଲଣ ଅଞ୍ଚଳରେ ଥିବା ମସ୍‌ଜିଦରେ ନମାଜ ପାଠ ବେଳେ ଉକ୍ତ ଅଞ୍ଚଳର କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ।

### ୟୁପି ପୋଲିସ ଗୁଳିରେ ଭାଜପା ନେତାଙ୍କ ସ୍ତ୍ରୀ ମୃତ

**ପୋଲିସ ବିରୋଧରେ ଏତଲା**

ମୋରାଦାବାଦ/ଡେରାଡୁନ୍, ୧୩।୧୦: ଉତ୍ତରପ୍ରଦେଶ ପୋଲିସ ଟିମ୍ ଏବଂ ଉତ୍ତରାଖଣ୍ଡ ସୀମାନ୍ତ ଗ୍ରାମର ଅଧିବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ଜଣେ ସ୍ଥାନୀୟ ଭାଜପା ନେତାଙ୍କ ସ୍ତ୍ରୀ ପ୍ରାଣ ହରାଇବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪ ଜଣ ପୋଲିସ କର୍ମଚାରୀ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଦେହରେ ଗୁଳି ବାଜିଥିବା ପୋଲିସ କହିଛି। ବେଆଇନ ବାଲି ଖନନରେ ଲିପ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବୁଧବାର ରାତିରେ ପୋଲିସ ଉତ୍ତରାଖଣ୍ଡର ଉଦ୍ଧାମସିଂ ନଗର ଜିଲାର ଭରତପୁର ଗ୍ରାମକୁ ଯାଇଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ ସଂଘର୍ଷ ହୋଇଥିଲା। ପୋଲିସ ଟିମ୍ ଭାଜପା ନେତା ତଥା ଯଶପୁରର ବ୍ଲକ ପ୍ରମୁଖ ଗୁରତାଜ ଭୁଲାରଙ୍କ ଘରେ ଚଢ଼ାଉ କରିବାକୁ ଯାଇଥିବାବେଳେ ବଚସାରୁ ସଂଘର୍ଷ ଘଟିଥିଲା। ପୋଲିସ ଗୁଳିରେ ଭୁଲାରଙ୍କ ସ୍ତ୍ରୀ ଗୁରପ୍ରୀତିଙ୍କର ମୃତ୍ୟୁ ଘଟିଥିଲା।

### ସେନାର ଆକ୍ରମଣକାରୀ କୁକୁର 'ଜୁମ୍'ର ମୃତ୍ୟୁ

**ଆତଙ୍କବାଦୀଙ୍କ ସହ ଲଢ଼ି ଆହତ ହୋଇଥିଲା**

ନୂଆଦିଲ୍ଲୀ, ୧୩।୧୦: ଆତଙ୍କବାଦୀଙ୍କ ସହ ଲଢ଼େଇରେ ଗୁରୁତର ଆହତ ହୋଇଥିବା ଭାରତୀୟ ସେନାର ଆକ୍ରମଣକାରୀ କୁକୁର ଜୁମ୍ ଗୁରୁବାର ଆଖି ବୁଜିଛି। ଆତଙ୍କବାଦୀମାନେ ଲୁଚି ରହିଥବା ଏକ ଘରର ତଲାସି ଦାୟିତ୍ୱ ଜୁମ୍‌କୁ ଦିଆଯାଇଥିଲା। ସେ ଘର ଭିତରକୁ ଯାଇ ଆତଙ୍କବାଦୀମାନଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଆତଙ୍କବାଦୀ ଜୁମ୍ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ସତ୍ତ୍ୱେ ସେ ଆକ୍ରମଣ ଜାରି ରଖି ୨ ଆତଙ୍କବାଦୀଙ୍କୁ ମାରିଦେଇଥିଲା। ଗୁରୁତର ଅବସ୍ଥାରେ ଜୁମ୍‌କୁ ସୋମବାର ଶ୍ରୀନଗରସ୍ଥିତ ଆର୍ମଡ୍ ଫୋର୍ସ୍ ଭେଟେରିନାରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର କରି ଗୁଳି ବାହାର କରାଯିବା ପରେ ତା' ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖାଦେଇଥିଲା। ତେବେ ଗୁରୁବାର ମଧ୍ୟାହ୍ନ ସମୟରେ ସେ ହଠାତ୍ ଗୁରୁତର ହେବା ସହ ପ୍ରାଣ ହରାଇଥିବା ଜଣେ ସେନା ଅଧିକାରୀ କହିଛନ୍ତି।

### ଅବଦୁଲ ଲତିଫ ରଶିଦ ଇରାକ ରାଷ୍ଟ୍ରପତି ନିର୍ବାଚିତ



**ବାଗଦାଦ, ୧୩।୧୦**

ଇରାକ ପାର୍ଲାମେଣ୍ଟ ସଦସ୍ୟମାନେ କୁର୍ଦ୍ଦିଶ ନେତା ଅବଦୁଲ ଲତିଫ୍ ରଶିଦ୍‌ଙ୍କୁ ଦେଶର ନୂଆ ରାଷ୍ଟ୍ରପତି ନିର୍ବାଚିତ କରିଛନ୍ତି। ଫଳରେ ବର୍ଷେ ହେଲା ଲାଗିରହିଥିବା ରାଜନୈତିକ ଅଚଳାବସ୍ଥା ଦୂର ହୋଇ ନୂଆ ସରକାର ଗଠନ ଲାଗି ପଥ ପରିଷ୍କାର ହୋଇଯାଇଛି। ଗୁରୁବାର ପାର୍ଲାମେଣ୍ଟରେ ହୋଇଥିବା ଦୁଇ ପର୍ଯ୍ୟାୟ ମତଦାନରେ ରଶିଦ୍‌ଙ୍କୁ ୧୬୦ରୁ ଅଧିକ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବର୍‌ହାମ ସାଲେହ୍‌ଙ୍କୁ ୯୯ ଖଣ୍ଡ ଭୋଟ ମିଳିଛି। ୭୮ ବର୍ଷୀୟ ରଶିଦ୍ ୨୦୦୩ରୁ ୨୦୧୦ ଜଳସମ୍ପଦ ମନ୍ତ୍ରୀ ଥିଲେ।

### ମୁଁ ଭାରତୀୟ ମୁସଲମାନ, ଚାଇନିଜ୍ ନୁହେଁ: ଫାରୁକ୍



**ମୁମ୍ବାଇ, ୧୩।୧୦**

ଦେଶରେ ମୁସଲମାନମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ଉପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କଶ୍ମୀରରୁ କନ୍ୟାକୁମାରୀ ସମଗ୍ର ଦେଶକୁ ଆମେ ଏକାଠି ରଖିବାକୁ ଚାହୁଁ, ମୁଁ ଭାରତୀୟ ମୁସଲମାନ, ଚାଇନିଜ୍ ମୁସଲମାନ ନୁହେଁ ବୋଲି ମୁମ୍ବାଇରେ ଏନ୍‌ସିପିର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅବଦୁଲ୍ଲା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶିବସେନା ନେତା ଉଦ୍ଧବ ଠାକ୍‌ରେ, ଗୀତିକାର ଜାଭେଦ ଅଖତର, ଏନ୍‌ସିପି ନେତା ଅଜିତ ପାୱାର ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଦୁଇଦିନ ପୂର୍ବରୁ ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଜପାର ଦୁଇଜଣ ନେତା ମୁସଲମାନଙ୍କୁ ବୟକଟ୍ କରିବାକୁ ଆହ୍ୱାନ ଦେଇଥିବାବେଳେ ଫାରୁକ୍ ଏହାର ସମାଲୋଚନା କରିଛନ୍ତି। ଭାଜପା ନେତାଙ୍କ ଏଭଳି ଆହ୍ୱାନ ଅତ୍ୟନ୍ତ ବିପଜ୍ଜନକ ବୋଲି ବିରୋଧୀ ନେତାମାନେ କହିଛନ୍ତି।


ନୌସେନାର ଇଷ୍ଟର୍ନ କମାଣ୍ଡ ମୁଖ୍ୟାଳୟ ଅଧୀନରେ ଗୁରୁବାର ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଗୋଦାବରୀ ବେସିନ୍ ଅଫ୍‌ଶୋର ଡେଭେଲପମେଣ୍ଟ ଏରିଆ (ଓଡିଏ)ରେ 'ପ୍ରସ୍ଥାନ' ସମରାଭ୍ୟାସ କରାଯାଉଛି।

## ହିଜାବ ବିବାଦ ଘଟଣାକ୍ରମ

**ନୂଆଦିଲ୍ଲୀ, ୧୩।୧୦: କର୍ଣ୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ କଟକଣାକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଦୁଇଟି ପୃଥକ୍ ରାୟ ପ୍ରକାଶ ପାଇଛି। ଜଷ୍ଟିସ୍ ହେମନ୍ତ ଗୁପ୍ତା କର୍ଣ୍ଣାଟକ ହାଇକୋର୍ଟଙ୍କ ମାର୍ଚ୍ଚ ୧୫ ରାୟକୁ ବଳବତ୍ତର ରଖିଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏହାକୁ ଖାରଜ କରି ଭିନ୍ନ ମତପୋଷଣ କରିଛନ୍ତି।**



- ▶▶ **୨୦୨୨ ଜାନୁୟାରୀ ୧:** କର୍ଣ୍ଣାଟକର ଉଡୁପିସ୍ଥିତ ଏକ କଲେଜକୁ କେତେଜଣ ମୁସ୍‌ଲିମ୍ ଛାତ୍ରୀ ହିଜାବ ପିନ୍ଧି ଯାଇଥିବାବେଳେ ସେମାନଙ୍କୁ ପ୍ରବେଶ ଅନୁମତି ମିଳି ନ ଥିଲା। କଲେଜ ପ୍ରଶାସନ ବିରୋଧରେ ଛାତ୍ରୀମାନେ ବିକ୍ଷୋଭ କରିଥିଲେ।
- ▶▶ **ଜାନୁୟାରୀ ୨୬:** କର୍ଣ୍ଣାଟକ ସରକାର ଏହାର ସମାଧାନ ପାଇଁ ବିଶେଷଜ୍ଞ କମିଟି ଗଠନ କଲେ।
- ▶▶ **ଜାନୁୟାରୀ ୩୧:** ହିଜାବ କଟକଣା ବିରୋଧରେ ଛାତ୍ରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ଭାରତୀୟ ସମ୍ବିଧାନ ଅନୁଯାୟୀ ହିଜାବ ପିନ୍ଧିବା ସେମାନଙ୍କ ମୌଳିକ ଅଧିକାର ବୋଲି ପିଟିଶନରେ ଦାବି କଲେ।
- ▶▶ **ଫେବୃୟାରୀ ୫:** ଶ୍ରେଣୀଗୃହଗୁଡ଼ିକରେ ହିଜାବ ପରିଧାନ ଉପରେ କର୍ଣ୍ଣାଟକ ସରକାର ନିଷେଧାଦେଶ ଜାରିକଲେ।
- ▶▶ **ଫେବୃୟାରୀ ୮:** ଉଡୁପି ଜିଲାର ପ୍ରି-ୟୁନିଭର୍ସିଟି କଲେଜରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ। ଶିବମୋଗାରେ ୧୪୪ ଧାରା ଜାରି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ସମସ୍ତ ହାଇସ୍କୁଲ ଓ କଲେଜଗୁଡ଼ିକୁ କିଛିଦିନ ପାଇଁ ବନ୍ଦ ଘୋଷଣା କଲେ।
- ▶▶ **ଫେବୃୟାରୀ ୧୦:** ରାଜ୍ୟର କଲେଜଗୁଡ଼ିକ ପୁନର୍ବାର ଖୋଲିପାରିବ କିନ୍ତୁ ଛାତ୍ରୀଛାତ୍ର ମାମଲା ବିଚାରାଧୀନ ଥିବା ପର୍ଯ୍ୟନ୍ତ କୌଣସ ଧର୍ମୀୟ ସୂଚକ ପୋଷାକ ପରିଧାନ କରିପାରିବେ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ରାୟ ଦେଲେ।
- ▶▶ **ଫେବୃୟାରୀ ୧୧:** କର୍ଣ୍ଣାଟକ ହାଇକୋର୍ଟଙ୍କ ଅନ୍ତରୀଣ ରାୟ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ।
- ▶▶ **ମାର୍ଚ୍ଚ ୧୫:** ହିଜାବ ଇସ୍‌ଲାମର ଏକ ଅତ୍ୟାବଶ୍ୟକ ଧର୍ମୀୟ ଅଂଶ ନୁହେଁ ବୋଲି ହାଇକୋର୍ଟ ରାୟ ଦେବା ସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ୟୁନିଫର୍ମ ପରିଧାନ କରିବାକୁ ନିର୍ଦ୍ଦେଶ ଦେଲେ। ଏହି ରାୟ ପ୍ରକାଶର କିଛି ସମୟ ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଗଲା।
- ▶▶ **ଜୁଲାଇ ୧୩:** କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଖଲ ପିଟିଶନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହେଲେ।
- ▶▶ **ସେପ୍ଟେମ୍ବର ୨୨:** ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ।
- ▶▶ **ଅକ୍ଟୋବର ୧୩ :** କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ବିରୋଧରେ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି ବୃହତ୍ ପୀଠରେ କରାଇବା ପାଇଁ ସିଜେଆଇଙ୍କୁ ସୁପାରିସ୍।

### ଏଏପି ଗୁଜରାଟ ମୁଖ୍ୟ ଅଟକ

**ନୂଆଦିଲ୍ଲୀ, ୧୩।୧୦**

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଗୁଜରାଟ ମୁଖ୍ୟ ଗୋପାଳ ଇଟାଲିଆଙ୍କୁ ଗୁରୁବାର ଦିଲ୍ଲୀ ପୋଲିସ ଅଟକ ରଖିଛି। ମନ୍ଦିର ଶୋଷଣ ସ୍ଥାନ ହୋଇଥିବାରୁ ସେଠାକୁ ହିନ୍ଦୁ ମହିଳାମାନେ ନ ଯିବା ପାଇଁ କହି ଇଟାଲିଆ ବିବାଦ ଘେରକୁ ଆସିଥିଲେ। ଏହା ପୂର୍ବରୁ ଇଟାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ବୁଧବାର ତାଙ୍କୁ ଜେରା ପାଇଁ ସମନ କରିଥିଲା। ଗୁରୁବାର ଇଟାଲିଆ ଏନ୍‌ସିଡବ୍ଲ୍ୟୁ ଅଫିସରେ ଥିବାବେଳେ ବହୁସଂଖ୍ୟାରେ ଏଏପି କର୍ମୀ ବାହାରେ ରୁଣ୍ଡ ହୋଇ ବିକ୍ଷୋଭ କରିଥିଲେ। ପ୍ରଶ୍ନର ଉପଯୁକ୍ତ ଜବାବ ଇଟାଲିଆ ଦେଇପାରି ନ ଥିବା ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି। ତାଙ୍କ ମନ୍ତବ୍ୟ ଓ ଲିଖିତ ବିବୃତି ମଧ୍ୟରେ ତାଳମେଳ ରହୁ ନ ଥିବା ଏନ୍‌ସିଡବ୍ଲ୍ୟୁ ମୁଖ୍ୟ କହିଛନ୍ତି।


ଗୋପାଳ ଇଟାଲିଆ

# ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଇଡି ଜେରା


ନିଫିଉ ରିଓ

**ନୂଆଦିଲ୍ଲୀ, ୧୩।୧୦ (ଆଇଏଏନ୍‌ଏସ୍)**

ନାଗାଲାଣ୍ଡ ରାଜଧାନୀ କୋହିମାରେ ହାଇକୋର୍ଟ ବିଲ୍ଡିଂ ନିର୍ମାଣ ଲାଗି ୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଉଠାଯାଇଥିଲେ ହେଁ ବିଲ୍ଡିଂ ଏପର୍ଯ୍ୟନ୍ତ ନିର୍ମାଣ ହୋଇନାହିଁ। ଏନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ନିଫିଉ ରିଓଙ୍କୁ ଗୁରୁବାର ୬ ଘଣ୍ଟା ଜେରା କରିଛି। ହାଇକୋର୍ଟ ବିଲ୍ଡିଂ ନିର୍ମାଣ ଲାଗି ୨୦୦୭ରେ ଶିଳାନ୍ୟାସ ହୋଇଥିଲା। ଏହି ଦୁର୍ନୀତିରେ ସମ୍ପୃକ୍ତ ଭାଜପା ସହଯୋଗୀ ଏନ୍‌ଡିପିପି ନେତା ରିଓ ଇସ୍ତଫା ଦିଅନ୍ତୁ, ନଚେତ୍ ରାଜ୍ୟପାଳ ଜଗଦୀଶ ମୁଖୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନାଗାଲାଣ୍ଡର ବରିଷ୍ଠ କଂଗ୍ରେସ ନେତା କେ. ଥେରି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଏଲ୍. ଚିଶି ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏକ ମିଲିଟାରି କ୍ୟାମ୍ପରେ ଜେରା କରାଯିବା ଏକ ବଡ଼ ଘଟଣା। ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ରିଓଙ୍କ ନେତୃତ୍ୱାଧୀନ ସରକାରଙ୍କୁ ବରଖାସ୍ତ କରିବା ରାଜ୍ୟପାଳଙ୍କ ଦାୟିତ୍ୱ ବୋଲି ଥେରି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ହଟାଇଲେ ଉକ୍ତ ଦୁର୍ନୀତିର ତଦନ୍ତରେ ରହିଥିବା ପ୍ରତିବନ୍ଧକ ଦୂର ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

## ରାଣା ଆୟୁବଙ୍କ ନାଁରେ ଚାର୍ଜଶିଟ୍

ମନିଲଣ୍ଡରିଂ ମାମଲାରେ ସାମ୍ବାଦିକ ରାଣା ଆୟୁବଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗାଜିଆବାଦର ଏକ ସ୍ୱତନ୍ତ୍ର ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। 'କେଟ୍ଟୋ' ଅନ୍‌ଲାଇନ କ୍ରାଉଡ୍ ଫଣ୍ଡିଂ ପ୍ଲାଟ୍‌ଫର୍ମ ଜରିଆରେ ସେ ଏକ ଚ୍ୟାରିଟି ନାମରେ ଲୋକଙ୍କଠାରୁ ବେଆଇନ ଭାବେ ପାଣ୍ଠି ସଂଗ୍ରହ କରୁଥିଲେ। ଜନସାଧାରଣଙ୍କୁ ଠକିବା ଉଦ୍ଦେଶ୍ୟରେ ସେ ପାଣ୍ଠି ସଂଗ୍ରହ ଅଭିଯାନ ଚଳାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ସଂଗୃହୀତ ୨.୬୯ କୋଟି ଟଙ୍କାରୁ ମାତ୍ର ୨୯ ଲକ୍ଷ ଟଙ୍କାକୁ ସେ ରିଲିଫ କାର୍ଯ୍ୟରେ ବିନିଯୋଗ କରିଥଲେ।



ଅବଶିଷ୍ଟ ଅର୍ଥକୁ ବିଭିନ୍ନ ବ୍ୟାଙ୍କରେ ତାଙ୍କ ବାପା ଏବଂ ଭଉଣୀଙ୍କ ନାମରେ ଜମା ରଖିବା ପରେ ନିଜର ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ ବୋଲି ଇଡି ଜାଣିବାକୁ ପାଇଛନ୍ତି।

### ୧୪ରୁ ଆଇନ ମନ୍ତ୍ରୀ ସମ୍ମିଳନୀ

**ନୂଆଦିଲ୍ଲୀ, ୧୩।୧୦**

କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଆସନ୍ତା ୧୪ରୁ ୧୭ ପର୍ଯ୍ୟନ୍ତ ସର୍ବଭାରତୀୟ ଆଇନମନ୍ତ୍ରୀ ଓ ସଚିବମାନଙ୍କ ସମ୍ମିଳନୀର ଆୟୋଜନ କରୁଛି। ବିଭିନ୍ନ ଆଇନ ଉପରେ ଆଲୋଚନା ପାଇଁ ଏହା ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବ ଏବଂ ନ୍ୟାୟିକ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ନୀତି ପ୍ରଣେତାମାନଙ୍କୁ ସହାୟକ ହେବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଗୁଜରାଟର ଏକତା ନଗରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ।

# ଏମ୍‌ଜିଏନ୍‌ଆର୍‌ଇଜିଏ: ୩୯% କାର୍ଡଧାରୀଙ୍କୁ ଦିନେ ବି କାମ ମିଳିନି

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଜନାରେ ହିତାଧିକାରୀଙ୍କୁ ବର୍ଷକୁ ୧୦୦ ଦିନ କାମ ଯୋଗାଇଦେବାର ବ୍ୟବସ୍ଥା ରହିଥିବାବେଳେ ୨୦୨୦-୨୧ ମହାମାରୀ ବର୍ଷରେ ୩୯ ପ୍ରତିଶତ କାର୍ଡଧାରୀ ପରିବାରଙ୍କୁ ଗୋଟିଏ ଦିନ ବି କାମ ମିଳି ନାହିଁ। ଏକ ସର୍ଭେ ଅନୁଯାୟୀ ମାତ୍ର ୩୬ ପ୍ରତିଶତ ପରିବାରଙ୍କୁ ୧୫ ଦିନ କାମ ମିଳିଛି। ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟି ଏବଂ ନ୍ୟାଶନାଲ କନ୍‌ସୋର୍ଟିୟମ ଅଫ୍ ସିଭିଲ୍ ସୋସାଇଟି ଅର୍ଗାନାଇଜେଶନ୍ସ ପକ୍ଷରୁ ମିଳିତ ଭାବେ ଏହି ସର୍ଭେ ୪ ରାଜ୍ୟର ୮ଟି ବ୍ଲକ୍‌ରେ କରାଯାଇଥିଲା। ଏଥିରେ ୨,୦୦୦ ପରିବାର ସାମିଲ ହୋଇଥିଲେ। କୋଭିଡ୍ ମହାମାରୀ ବର୍ଷରେ ଲୋକେ କାମଧନ୍ଦା ଚାହୁଁଥିବାବେଳେ ଏହି ସମସ୍ତ ବ୍ଲକରେ ୩୯% ଜବ୍ କାର୍ଡଧାରୀ ଦିନେ ହେଲେ ମଧ୍ୟ କାମ କରିବାର ସୁଯୋଗ ପାଇ ନ ଥିଲେ। କାମ ନ ମିଳିବାର ପ୍ରମୁଖ କାରଣ ହେଲା ପର୍ଯ୍ୟାପ୍ତ କାମ ମଞ୍ଜୁର ହୋଇ ନ ଥିଲା। ସର୍ଭେ ବେଳେ ୬୩ ପ୍ରତିଶତ କାର୍ଡଧାରୀ ଏହା କହିଛନ୍ତି। ଯେଉଁମାନଙ୍କୁ କାମ ମିଳୁଥିଲା ସେମାନେ ମହାମାରୀରେ ହରାଇଥିବା ଆୟର ୨୦ରୁ ୮୦ ପ୍ରତିଶତ ଭରଣା କରିପାରିଥିବା କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏରେ ପ୍ରତ୍ୟେକ କାର୍ଡଧାରୀଙ୍କୁ ବର୍ଷକୁ ୧୦୦ ଦିନ କାମ ମିଳିବା ଆବଶ୍ୟକ ବୋଲି ପ୍ରତି ୧୦ରୁ ୮ ପରିବାର କହିଛନ୍ତି।




JioMart.com
BESTIVAL SALE
14 - 24 ଅକ୍ଟୋବର
ଏବେ ହିଁ ଆପ୍ କୁ ଡାଉନଲୋଡ କରିବା ପାଇଁ ସ୍କ୍ୟୁ କୋଡ୍‌କୁ ସ୍କାନ୍ କରନ୍ତୁ
ଅବିଶ୍ୱସନୀୟ ଅଫର୍ସ ସାଥିରେ ଏହି ଫେଷ୍ଟିଭାଲ୍‌କୁ ନିଜର ବେଷ୍ଟିଭାଲ୍ ବନାନ୍ତୁ
₹7500+ ର ଖରିଦି ଉପରେ ଅତିରିକ୍ତ ₹500 ଅଫ୍ ଏବଂ ₹15000+ ର ଖରିଦି ଉପରେ ଅତିରିକ୍ତ ₹1000 ଅଫ୍#
ନିକଟସ୍ଥ JioMart digital ପାର୍ଟନର୍ ଷ୍ଟୋର୍ସରେ ମଧ୍ୟ ଅଫର୍ସ ଉପଲବ୍ଧ**
ମୋବାଇଲ୍ ଏଣ୍ଡ ସ୍ମାର୍ଟୱାଚେସ୍
ଆଇଫୋନ୍ 12 128 GB ଆରମ୍ଭ
~~₹59900~~
@₹ 49,900*
ଆଇଫୋନ୍ 13 ଆରମ୍ଭ
~~₹69900~~
@₹ 56,900*
ଭିଭୋ Y15C 3GB | 32GB 5000mAh ବ୍ୟାଟେରୀ
~~₹14490~~
@₹ 8,699
ସାମସଙ୍ଗ୍ ଗ୍ୟାଲାକ୍ସି M13 5G 6GB|128GB
~~₹19499~~
@₹ 12,599*
ଆପ୍ପେଲ୍ ୱାଚ୍ SE 44
~~₹32900~~
@₹ 29,290*
ନଏକ୍ କଲର୍‌ଫିଟ୍ ଗ୍ରାଣ୍ଡେ
~~₹4999~~
@₹ 999
ଲ୍ୟାପ୍‌ଟପ୍‌ସ୍ ଏଣ୍ଡ ଆସେସୋରିଜ୍
ଲେନୋଭୋ IdeaPad ସ୍ଲିମ୍ 3 କୋର୍ i5 | 8GB 512 GB | Win 11
~~₹71990~~
@₹ 53,990
ଆଇପ୍ୟାଡ୍ 9th ଜେନ୍ 64GB Wifi
~~₹30900~~
@₹ 22,990*
ମ୍ୟାକ୍‌ବୁକ୍ ଏୟାର 33.78 cm M1 Chip 8GB | 256GB
~~₹99900~~
@₹ 80,990*
(*Price after HDFC cashback)
ସାନ୍‌ଡିସ୍କ୍ CZ48 ପେନ୍ ଡ୍ରାଇଭ୍ 64GB| USB3.0
~~₹1100~~
@₹ 399
ଆପ୍ପେଲ୍ ଏୟାର୍‌ପୋଡ୍‌ସ ପ୍ରୋ
~~₹26300~~
@₹ 15,999
2nd ଜେନ୍
~~₹14900~~
@₹ 8,999
ବୋଟ୍ TWS ଏୟାର୍‌ଡୋପ୍ସ 138
~~₹2990~~
@₹ 799
ଟେଲିଭିଜନ ଏଣ୍ଡ ହୋମ୍ ଆପ୍ଲିୟାନ୍‌ସେସ୍
IFFALCON 109.22 cm (43) ଅଲ୍ଟ୍ରା HD (4K) ସ୍ମାର୍ଟ ଲେଇଡି ଟିଭି
~~₹47990~~
@₹ 17,990
ଏଲ୍‌ଜି ସ୍ମାର୍ଟ ଟିଭି ଇଏମ୍‌ଆଇ ଆରମ୍ଭ
@₹2,166 ମାସ ପିଛା
ଏଲ୍‌ଜି 190L ସିଙ୍ଗଲ୍ ଡୋର୍ ରେଫ୍ରିଜରେଟର୍
~~₹19499~~
@₹ 12,591*
ସେମି-ଅଟୋମ୍ୟାଟିକ୍ ୱାଶିଂ ମେସିନ୍
ସେନ୍‌ସୁଇ 7KG
~~₹12490~~
@₹ 6,990
ଭୋଲଟାସ୍ ବେକୋ 7.2KG
~~₹13690~~
@₹ 7,990
ହୋମ୍ ଏଣ୍ଡ ଫର୍ଣ୍ଣିଶିଙ୍ଗ୍
ବମ୍ବେ ଡାଇଙ୍ଗ୍, ରେମଣ୍ଡସ୍, ସ୍ପ୍ରିଡେଣ୍ଟ ବେଡ୍‌ସିଟ୍‌ସ୍
70% ପର୍ଯ୍ୟନ୍ତ ଅଫ୍
ସିଗ୍ରି-ୱାଲା ଗ୍ଲାସ୍ ଟପ୍ 2 ବର୍ନର ଗ୍ୟାସ୍ ଷ୍ଟୋଭ୍
~~₹8000~~
@₹ 999
ସଫାରି ଟ୍ରଲି ବ୍ୟାଗ୍,
70% ପର୍ଯ୍ୟନ୍ତ ଅଫ୍
ସେଲୋ ଓପାଲ୍‌ୱେର୍ ଡିନର୍ ସେଟ୍ ଆରମ୍ଭ
~~₹765~~
@₹ 399
10% SAVINGS# SBI Debit Card | SBI card
#Min. Trxn.: ₹1,500; Max. Savings Up to: ₹4,000 per card. Validity: 14 Oct - 24 Oct 2022. T&C Apply.
Terms & Conditions Apply. Offer valid till stocks last and all offers are subject to change without prior intimation/notice. The pictures/photographs of the products shown are for representation purposes only. MRP of all products are inclusive of all taxes. Unless specified, the retail prices shown are for 1 unit of the product. All offers are valid till 24th October'2022. All disputes are subject to the exclusive jurisdiction of the courts in Mumbai only.
*Price after bank offer
**Applicable on Select Products only.
#The offer is applicable only for First Electronics purchase on JioMart on select products. Use code Welcome 500 or Welcome1000 to avail the offer as per the offer terms mentioned. The offer is valid till 16th October, 2022.
L&K | SAATCHI & SAATCHI

**ଆଜିର ମନ୍ତବ୍ୟ**

"ଗରିବଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା ପାଇଁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଭାରତ ଡିଜିଟାଇଜେଶନ୍‌ର ଭଲ ଫାଇଦା ନେଇଛି।
– ଡେଭିଡ୍ ମାଲ୍‌ପାସ୍, ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଣ୍ଡ ଶୁଣେଇବ ଦାତା ଦେଖି,
କେଭେ ନୋହିବ ନିରିମାଖୀ।**

ଦାତା ଦେଖି ପ୍ରାର୍ଥନା କରିବା ଉଚିତ। ଦୟାଶୀଳ ବ୍ୟକ୍ତିଙ୍କୁ ସାହାର୍ଯ୍ୟ ଭିକ୍ଷା କଲେ ନିରାଶ ହେବାକୁ ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ତେଲି ଘର ଗୋରୁ;
ଗାଡ଼ିରେ ନ ଗଲେ ଘଣାରେ ମରୁ।**

ତେଲି ଘରେ ରହୁଥିବା ଗୋରୁ ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାମ ନ ଥାଏ ତା'ହେଲେ ଶଗଡ଼ ବୁହା ହେବା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯୋଚା ଯାଇଥାଏ। ତେଲି ଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ନ ଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଟାଟା ସନ୍ସ ଅଧ୍ୟକ୍ଷ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)** ଟାଟା ସନ୍ସର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଶିଳ୍ପ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଟାଟା ସନ୍ସ ଅଧ୍ୟକ୍ଷଙ୍କୁ କହିଛନ୍ତି। ଟାଟା ଷ୍ଟିଲ୍ ସମେତ ଓଡ଼ିଶାରେ ଟାଟା ସନ୍ସର ବିଭିନ୍ନ ପ୍ରକଳ୍ପ ବିଷୟରେ ଉଭୟ ଆଲୋଚନା କରିଥିଲେ। ଭୁବନେଶ୍ୱର ସେଣ୍ଟରରେ ଟିସିଏସ୍ ତା'ର କ୍ଷମତା ୧୫ ହଜାରକୁ ବୃଦ୍ଧି କରିବ ବୋଲି ସୂଚନା ଦେଇଛି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ଟାଟା ଷ୍ଟିଲ୍ ଏମ୍‌ଡି ଟି.ଭି. ନରେନ୍ଦ୍ରନ ଉପସ୍ଥିତ ଥିଲେ।

# ଆଜି ଓଡ଼ିଶା ଆସୁଛନ୍ତି ଖାର୍ଗେ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)** ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଯାଉଥିବା ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଖାର୍ଗେ ନିର୍ବାଚନ ପୂର୍ବରୁ ତାଙ୍କୁ ସମର୍ଥନ ଲୋଡ଼ିବା ଲାଗି ଓଡ଼ିଶା ଆସୁଥିବା ଜଣାପଡ଼ିଛି। ଖାର୍ଗେ ଓଡ଼ିଶାର ବହୁ କଂଗ୍ରେସ ନେତାଙ୍କ ସହ ଏକ ବୈଠକ କରିବା ପରେ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ପତିତପାବନଙ୍କୁ ଏନ୍‌ଆଇଏଲ୍‌ଡି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ

**କଣ୍ଟାପଡ଼ା, ୧୩।୧୦(ଡି.ଏନ୍.ଏ.)** କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍ତାରର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଡା. ପତିତପାବନ ମହାନ୍ତିଙ୍କୁ କୋଲକାତାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଲୋକୋମୋଟର ଡିଜାବିଲିଟିଜ୍ (ଏନ୍‌ଆଇଏଲ୍‌ଡି)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଡ. ଅମିତ୍ ଇକ୍ୟୁବାଲଙ୍କ ନିର୍ଦ୍ଦେଶକ୍ରମେ ଡା. ମହାନ୍ତି ଗୁରୁବାର କୋଲକାତାସ୍ଥିତ ଉକ୍ତ ଅନୁଷ୍ଠାନରେ ପହଞ୍ଚି ଏହି ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ସେ ଉକ୍ତ ଦାୟିତ୍ୱରେ ରହିବା ପାଇଁ ବିଭାଗୀୟ ଯୁଗ୍ମସଚିବ ରାଜୀବ ଶର୍ମା ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ, ଡା. ମହାନ୍ତି ଏସ୍‌ଭି ନିର୍ତାରର ଜଣେ ଫିଜିଓଥେରାପିଷ୍ଟ ଓ ଶିକ୍ଷକ ଅଟନ୍ତି। ଏହି ଦାୟିତ୍ୱ ମିଳିବା ପରେ ନିର୍ତାରରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରଫେସର ଡା. ପତିତପାବନ ମହାନ୍ତି

## ପ୍ରଥମ ପୃଷ୍ଠାରୁ...

### ଭିଡିଭୂମି ଉପରେ...

ଏମ୍. ଯୋଗଜୟାନନ୍ଦ କହିଛନ୍ତି, ପ୍ରକଳ୍ପର ଭିଡିଭୂମି ସଜଡ଼ାଯାଉଛି। ବାଘ ଆସିବାକୁ ୩ରୁ ୪ ବର୍ଷ ସମୟ ଲାଗିବ। ଏହି ସମୟ ମଧ୍ୟରେ ବନ ବିଭାଗ ଲୋକଙ୍କ ନିକଟତର ହେବା ସହ କୋର୍ ଜଙ୍ଗଲରେ ଥିବା ଗାଁଗୁଡ଼ିକୁ ବିସ୍ଥାପିତ କରାଯିବ। ଫଳରେ ବାଘଙ୍କ ମୁକ୍ତ ଚଳପ୍ରଚଳ ପାଇଁ ବୃହତ୍ ଅଞ୍ଚଳ ମିଳିପାରିବ। ଏଥିସହ ଜଙ୍ଗଲବାସୀ ମଧ୍ୟ ସୁରକ୍ଷିତ ରହିପାରିବେ। ୱେବ୍ ପାଟ୍ରୋଲିଂ କିପରି ଚାଲିଛି ତାହାକୁ ରେକର୍ଡ କରି ରଖାଯାଉଛି। ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବଢ଼ାଇବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉଛି।

ସାତକୋଶିଆ ଡିଏଫ୍‌ଓ ଡ. ସରୋଜ ପଣ୍ଡା କହିଛନ୍ତି, କୋର୍ ଅଞ୍ଚଳରୁ କଟରଙ୍ଗ ଗାଁ ବିସ୍ଥାପିତ ହୋଇଛି। ଗୁଲୁକା, ଗୋପାଳପୁର, ପୁରୁଣାକୋଟ, ଟିକରପଡ଼ା ଆଦି ଗ୍ରାମ ବିସ୍ଥାପିତ ପାଇଁ ଯୋଜନା କରାଯାଉଛି। ପୂର୍ବରୁ ଗ୍ରାମବାସୀ ଓ ବନ ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ରହୁ ନ ଥିଲା। ଫଳରେ ସମସ୍ୟା ଉପୁଜୁଥିଲା। ଏଥିରେ ସୁଧାର ଆଣିବାକୁ ରୀତିମତ ଲୋକଙ୍କ ସହ ଯୋଗାଯୋଗ କରାଯାଉଛି। ଗତ ସେପ୍ଟେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏନ୍‌ଟିସିଏ ଟିମ୍ ସାତକୋଶିଆରେ ରହି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉନ୍ନତୀକରଣ ଚାଲିଥିବା ଭିଡିଭୂମି ଦେଖି ଉକ୍ତ ଟିମ୍ ସନ୍ତୋଷ ବ୍ୟକ୍ତ କରିଥିବା ଡିଏଫ୍‌ଓ ପଣ୍ଡା ପ୍ରକାଶ କରିଛନ୍ତି।

### ୬ ବର୍ଷ ହେଲା...

ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉ ନାହିଁ। ପାଣିପାଗ ସମ୍ପର୍କିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଦୀର୍ଘଦିନ ହେବ ଅଧାପନ୍ତରିଆ ହୋଇ ରହିଛି। ରାଡାର ଲଗାଇବାକୁ ରାଜ୍ୟ ସରକାର ସମ୍ବଲପୁର, ବାଲେଶ୍ୱର, ଗୋପାଳପୁରରେ ୩ ଏକର ଲେଖାଏ ଜାଗା ମାଗଣାରେ ଯୋଗାଇ ଦେବା ସହ କୋଠାଘର ନିର୍ମାଣ କରିବାକୁ ୧୭ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ୨୦୧୬ରୁ ୫ ମହଲା କୋଠାଘର ନିର୍ମାଣ ହୋଇ ଛିଡ଼ାହୋଇଛି। ମାଗଣା ଜମି ଓ କୋଠାଘର ଯୋଗାଇ ଦେବା ପରେ ରାଡାର ଲାଗିବା ବ୍ୟବସ୍ଥା କରିବାକୁ ଆଇଏମ୍‌ଡି ଭରସା ଦେଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଗଲାଣି। ସମ୍ବଲପୁର ଓ ବାଲେଶ୍ୱରଠାରେ ରାଡାର ଲାଗିପାରିଲା ନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟରେ ସରକାର ଜମି ଓ ଟଙ୍କା ଯୋଗାଇଥିଲେ ତାହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଡପ୍‌ଲର ରାଡାର ବାତ୍ୟା, ବର୍ଷା, ବଜ୍ରପାତ ସମ୍ପର୍କରେ ଆଗୁଆ ସୂଚନା ଦେଇଥାଏ। ଏହାଛଡ଼ା କେଉଁ ଅଞ୍ଚଳରେ ଅଧିକ ବର୍ଷା ହେବ ଓ ବଜ୍ରପାତର ଆଶଙ୍କା ରହିଛି ସେ ନେଇ ମଧ୍ୟ ସ୍ପଷ୍ଟ ସୂଚନା ପ୍ରଦାନ କରିଥାଏ। ଏହା ଚାଷ ଓ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଉପାଦେୟ।

ଏ ସମ୍ପର୍କରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଦୁଇଟି ସ୍ଥାନ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ଲାଗିଛି। ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟରେ ଆଦୌ ଲାଗିନାହିଁ। ଦେଶର ବିଭିନ୍ନ ସ୍ଥାନରେ ୧୧ଟି ଡପ୍‌ଲର ରାଡାର ସ୍ଥାପନ କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସମ୍ବଲପୁର ଓ ବାଲେଶ୍ୱରରେ ରାଡାର ଲାଗିବ ବୋଲି ସେ କହିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ କହିବା କଥା, ରାଜ୍ୟ ସରକାର ରାଡାର ଲଗାଇବାକୁ ଜମି ଦେବା ସହ କୋଠାଘର ନିର୍ମାଣ ପାଇଁ ଅର୍ଥ ଦେଇଛନ୍ତି। କେନ୍ଦ୍ର ସରକାରଙ୍କୁ ଏ ନେଇ ବହୁବାର ଚିଠି ଲେଖାଯାଇଛି। ଶୀଘ୍ର ଲାଗିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଶ୍ୱାସନା ଦିଆଯାଉଛି।

### ବୁଲା କୁକୁର କାମୁଡ଼ାରେ...

ଶିଶୁକୁ ମୃତ ଘୋଷଣା କରିଥିଲେ। ପାଗଳ ହୋଇଯାଇଥିବା ବୁଲା କୁକୁର ଉଭୟ ଗାଁର ୧୩ଜଣଙ୍କୁ କାମୁଡ଼ି ଥିବା ଖବର ପ୍ରଚାରିତ ହେବା ପରେ ଆତଙ୍କ ଖେଳିଯାଇଥିଲା। ଲୋକେ ଭୟରେ ଘରୁ ବାହାରି ନ ଥିଲେ। ତେବେ କେତେକ ଯୁବକ କୁକୁରକୁ ଘେରିଯାଇ ମାରି ଦେଇଥିଲେ। ପାଟଣାଗଡ ହସ୍ପିଟାଲରେ କୁକୁର କାମୁଡ଼ାରେ ଗୁରୁତର ୬ଜଣ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନେ ଜଡ଼ିବୁଟି ଚିକିତ୍ସା କରିଥିବା ଜଣାପଡ଼ିଛି। ଏତେବଡ଼ ଘଟଣା ଘଟିଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗର କୌଣସି ଟିମ୍ ଉକ୍ତ ଗାଁରେ ପହଞ୍ଚି ନ ଥିବାରୁ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶିଶୁକନ୍ୟା ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ହିଜାବ ମାମଲାରେ...

ମଧ୍ୟରେ ରହିଛି ସମ୍ବିଧାନର ଅନୁଚ୍ଛେଦ ୨୫ ଅଧୀନରେ ଥିବା ଅନ୍ତଃକରଣ ଓ ଧର୍ମ ସ୍ୱାଧୀନତା ଏବଂ ଜରୁରୀ ଧର୍ମୀୟ ପ୍ରଥାର ଅଧିକାର ପରିସର ଅନ୍ତର୍ଭୁକ୍ତ। ଅନୁଚ୍ଛେଦ ୧୯(୧)(ଏ) ଅଧୀନରେ ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାର ଏବଂ ଅନୁଚ୍ଛେଦ ୨୧ ଅଧୀନରେ ଥିବା ଗୋପନୀୟତା ଅଧିକାର ପରସ୍ପରଠାରୁ ଅଲଗା କିମ୍ବା ଗୋଟିଏ ଅନ୍ୟଟିର ପରିପୂରକ ଏହା ଉପରେ ବିଚାର ଆବଶ୍ୟକ। ବିଭାଜିତ ରାୟ ଆସିଥିବାରୁ ହାଇକୋର୍ଟଙ୍କ ରାୟ ବିରୋଧରେ ହୋଇଥିବା ପିଟିଶନଗୁଡ଼ିକୁ ପ୍ରଧାନ ବିଚାରପତିଙ୍କ ନିକଟରେ ଉପସ୍ଥାପନ କରାଯିବ, ଯାହା ଫଳରେ ସେ ଉପଯୁକ୍ତ ବୃହତ୍ତର ପୀଠ ଗଠନ କରିବେ।

### ୧୯୭୦ରୁ ୭୦%...

ବିବିଧତା ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ। ଅନ୍ତର୍ଜାତୀୟ ସମୁଦାୟ ଏଥିନିମନ୍ତେ ଅଧିକ ପାଣ୍ଠି ଯୋଗାଇଦେବା ଆବଶ୍ୟକ। ପ୍ରକୃତିକୁ ରକ୍ଷା କରିବା ପାଇଁ ଧନୀ ରାଷ୍ଟ୍ରଗୁଡ଼ିକ ଅଧିକରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଆଫ୍ରିକାର ଆଞ୍ଚଳିକ ନିର୍ଦ୍ଦେଶକ ଆଲିସ୍ ରୁହ୍‌ୱେଜା କହିଛନ୍ତି।


## ନୋଟିସ

**ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୪ ଇଜିଲାସ
୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେଶ୍ ନଂ.1214/2018**

ଶ୍ରୀ ଲୋକନାଥ ମହାନ୍ତି ... ... ... ବାଦୀ
ବନାମ
ଗୋଲଖ ବିହାରୀ ପାତ୍ର ଓଗେର ... ... ... ପ୍ରତିବାଦୀ

**ନୋଟିସ୍ ଅର୍ଡର -୫ ରୁଲ୍-୨୦ ମୁତାବକ**

ଗୋଲଖ ବିହାରୀ ପାତ୍ର
ପିତା- ୰ପଙ୍କଜ ପାତ୍ର ... ... ... ପ୍ରତିବାଦୀ ନଂ.୧
ହରି ସେଠୀ, ପିତା- ୰ ରଥ ସେଠୀ
ଉଭୟଙ୍କ ଠିକଣା- ସା.- ବିସିଆପଡ଼ା, ପୋ.- ତରାବୋଇ,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦୀ ନଂ.୨

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେଶ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ.୧ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା6.12.2022ରିଖ ଦିନ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ମୌଜା- ବିସିଆପଡ଼ା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ଏରିଆ | ମୋଟ ରକବା | ସ୍ୱତ୍ୱ |
|---|---|---|---|---|
| ୧୩୨ | ୧୨ | ଏ୦.୧୬୨ ଡି. | ଏ୦.୪୬୮ | ସ୍ଥିତିବାନ |

| ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ଏରିଆ | ମୋଟ ରକବା | ସ୍ୱତ୍ୱ |
|---|---|---|---|---|
| ୧୨୨ | ୧୪୯ | ଏ୦.୧୬୨ ଡି. | ଏ୦.୩୩୦ | ସ୍ଥିତିବାନ |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା./- ସହକାରୀ ଅଧିକାରୀ

ଧ-୧୭୬୧



# classifieds

**Everyday 0674-2580101, 2549302**

**real estate**

**SALE**

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1679

30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961. D-1716

Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452. D-73979

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391. D-1576

**construction**

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295

**tours & travels**

ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର ତରଫରୁ 5N/6Days ନେପାଳ ଦର୍ଶନ 26 ନଭେମ୍ବରରେ ଆରମ୍ଭ ହେବାକୁ ଯାଉଛି। ଯୋଗାଯୋଗ: 7978044197, 9437090931. D-70293

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Herbal full body massage by smart/expert therapist. Contact: 9040171280. D-73984

Newly opened full body massage center by expert therapist. 7381172169. D-73651

Relax, Refresh your body, Mind at Saikrupa Spa with best therapies. 8984068077. D-1743

Newly open full body massage ladies and gents. 8327740003, 8093860513. D-73985

Herbal full body massage by smart / expert therapist. Contact: 8455985899. D-73986

**AFFIDAVIT**

I, Reena Dash, W/o- Ugrasen Dash, At- Basantapur Sasan, P.O.- Itipur, P.S.- Dhauli, Dist.- Khurda, Odisha, 751002 by virtue of an affidavit on dt.13.10.2022 before Notary Public, P. K. Dalabehera, Bhubaneswar, changed my name from Reena Kumari Mohapatra to Reena Dash. Henceforth, I will be known as Reena Dash for all purposes. D-1760


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ ଓ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ। ସହମତି କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ପ୍ରିୟଜନଙ୍କ ସାନ୍ନିଧ ଲାଭ କରି ଖୁସି ରହିବେ।

**ବୃଷ** – ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** – ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରାଇବ। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। ପରିଶ୍ରମ କଲେ ମଧ୍ୟ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ଆତ୍ମୀୟଙ୍କ ମିଥ୍ୟାରୋପ ଅଶାନ୍ତିର ମୁଖ୍ୟ କାରଣ ହେବାର ଆଶଙ୍କା ରହିଛି।

**କର୍କଟ** – ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିପାରନ୍ତି। ନିଜକୁ ଧର୍ମକାର୍ଯ୍ୟରେ ନିୟୋଜିତ କରିପାରନ୍ତି।

**ସିଂହ** – କର୍ମକ୍ଷେତ୍ରର ସମସ୍ୟାକୁ ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଆଲୋଚନା କାଳରେ ସତକଥା କହି ବିବାଦଘେରରେ ପଡ଼ିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇଦେବ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଭଲ ଭଲ ଜିନିଷ କିଣିବା ସକାଶେ ମନ ବଳାଇବେ।

**ତୁଳା** – ଆଜିର ଯାତ୍ରା, କର୍ମାରମ୍ଭ, ସରକାରୀ କାମ, ଚୁକ୍ତିପତ୍ର ସକାଶେ ବହୁତ ଶୁଭଫଳ ପାଇବେ। ଛୋଟ ବଡ଼ ସମସ୍ୟାର ସରଳ ସମାଧାନ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଦ୍ୱାରା ଦୀର୍ଘଦିନର ଆଶା ଫଳବତୀ ହେବ। ପୁରୁଣା କଥାକୁ ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ବିଛା** – ଆଜକୁ ଅଳ୍ପ କେତେଦିନ ହେଲା ଯାହା ଖୋଜୁଛନ୍ତି ତାହା ଆଜି ପାଇପାରିବେ। ଆପଣ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପାଖ ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** – ଆଜି କୌଣସି ଜିନିଷ ପାଇବାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ସମସ୍ୟା ନେଇ ଅସୁବିଧାର ସମ୍ମୁଖୀନ ହେବେ।

**କୁମ୍ଭ** – ନୂତନ ଜିନିଷ କ୍ରୟ ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟକଥାକୁ ଧରିବସିଲେ ଅଶାନ୍ତି କମିବା ବଦଳରେ ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ହରାଇପାରନ୍ତି। ଦୀର୍ଘଦିନର ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।

**ମୀନ** – ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ବନ୍ଧୁମାନଙ୍କ ମଧ୍ୟରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ହେତୁ ବିବାଦୀୟ ସ୍ଥିତି ଦୂର ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ।

ଆଜି ଅକ୍ଟୋବର ୧୪ ତାରିଖ, କାର୍ତ୍ତିକ କୃଷ୍ଣ ପଞ୍ଚମୀ ଶୁକ୍ରବାର, ରାଶିନକ୍ଷତ୍ର- ମୃଗଶିରା/ବୃଷ, ଘ.୧୦/୦୧ ଗତେ ମିଥୁନ ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୪୪ ଗତେ ଘ.୦୬/୪୦ ମଧ୍ୟେ, ଘ.୦୭/୧୭ ଗତେ ଘ.୦୮/୩୮ ମଧ୍ୟେ ଶୁଦ୍ଧବେଳା। ଘ.୧୦/୦୫ ଗତେ ଘ.୧୧/୩୨ ମଧ୍ୟେ ରାହୁକାଳ।

# ସର୍ଚ୍ଚ ଅପରେଶନ ବେଳେ ମାଓବାଦୀ ଗିରଫ

**ମାଲକାନଗିରି,୧୩।୧୦(ଡି.ଏନ.ଏ.)** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ନାରାୟଣପୁର ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ଜଣେ ମାଓବାଦୀ ଗିରଫ ହୋଇଛନ୍ତି। ତାଙ୍କ ନାମ ସୁକ୍ରମ ପୋଡ଼ିୟମ। ଛତିଶଗଡ଼ ନାରାୟଣପୁର ପୋଲିସ ଅଧୀକ୍ଷକ ସଦାନନ୍ଦ କୁମାରଙ୍କ ସୂଚନାଅନୁଯାୟୀ ମାଓବାଦୀ ଦମନ ଲାଗି ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଓରଛା ଗ୍ରାମ ସାପ୍ତାହିକ ବଜାରରୁ ଯବାନଙ୍କୁ ଦେଖି କେତେକ ସନ୍ଦିଗ୍ଧ ବ୍ୟକ୍ତି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ଏ ନେଇ ଯବାନମାନେ ସେମାନଙ୍କୁ ସନ୍ଦେହ କରି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯବାନଙ୍କୁ କାବୁ କରି ତାଙ୍କୁ ପଚରାଉଚରା କରିବାରୁ ସେ ଜଣେ ମାଓବାଦୀ ବୋଲି ଜଣାପଡ଼ିଥିଲା। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ଗିରଫ ମାଓବାଦୀ ଜଣକ ସୁକ୍ରମ ପୋଡ଼ିୟମ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଛି। ସରକାରଙ୍କ ପକ୍ଷରୁ ସୁକ୍ରମ ନାମରେ ୧ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଗିରଫ ପରେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଅକ୍ଟୋବର, ୨୦୨୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୮୫,୫୭,୮୮୫ | ୬୫,୬୬,୪୧୨ | ୬୦,୭୮,୧୦,୭୩୨ |
| ଭାରତ | ୪,୪୬,୨୧,୩୧୯ | ୫,୨୮,୮୪୭ | ୪,୪୦,୬୫,୯୬୩ |
| ଓଡ଼ିଶା | ୧୩,୩୫,୨୩୦ | ୯୧୯୯(+୫୩) | ୧୩,୨୫,୪୪୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ବଲାଙ୍ଗୀରରେ ସେକ୍ସ ରାକେଟ ଠାବ

### କିଙ୍ଗପିନ୍ ସହ ୩ ଗ୍ରାହକ ଗିରଫ, ୮ ଯୁବତୀ ଉଦ୍ଧାର

**ବଲାଙ୍ଗୀର ଅଫିସ, ୧୩।୧୦:** ବଲାଙ୍ଗୀର ସହରରେ ଟାଉନ ଥାନା ପୋଲିସ ଗୁରୁବାର ଏକ ସେକ୍ସ ରାକେଟ ଠାବ କରିଛି। ଶାସ୍ତ୍ରୀନଗରରେ ଏକ ଭଡାଘରେ ସେକ୍ସ ରାକେଟ ଚାଲିଥିଲା। ଏହି କାରବାର ଚଳାଇଥିବା ମହିଳା କିଙ୍ଗପିନ୍ ଓ ୩ ଜଣ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି। ସେଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ୮ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଗତ ୨ମାସ ହେଲା ସେଠାରେ ସେକ୍ସ କାରବାର ଚାଲିଥିବା ଓ ଗ୍ରାହକମାନେ ନିୟମିତ ଯିବା ଆସିବା କରିବା ନେଇ ପୋଲିସ ଖବର ପାଇବା ପରେ ଗୁରୁବାର ଚଢ଼ାଉ କରିଥିଲା। ଉଦ୍ଧାର ଯୁବତୀଙ୍କୁ ସୁଦପଡାସ୍ଥିତ ସଖୀ ସେଣ୍ଟରରେ ରଖାଯାଇଛି। ପୋଲିସ ପକ୍ଷରୁ ଏ ନେଇ ଶୁକ୍ରବାର ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି।

# ଶୁଣାଣି ଶେଷ, ରାୟ ସଂରକ୍ଷିତ

### ହାଇକୋର୍ଟରେ ବିଧାୟକ ମହମ୍ମଦ ମୋକିମଙ୍କ ମାମଲା



କଟକ ଅଫିସ,୧୩।୧୦

ବାରବାଟୀ-କଟକ ବିଧାୟକ ତଥା ମେଟ୍ରୋ ବିଲ୍ଡକର୍ସର ପରିଚାଳନା ନିର୍ଦ୍ଦେଶକ ଇଂ. ମହମ୍ମଦ ମୋକିମଙ୍କ ପକ୍ଷରୁ ନିମ୍ନ ଅଦାଲତର ଦଣ୍ଡାଦେଶ ରାୟ ବିରୋଧରେ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶେଷ ହୋଇଛି। ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ଇଜଲାସରେ ଗୁରୁବାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରଖାହୋଇଛି। ଆବେଦନକାରୀ ମୋକିମଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମୋକିମଙ୍କୁ ଦେଇଥିବା ୩ ବର୍ଷ ଜେଲ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜରିମାନା ଆଦାୟ ରାୟ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମୋକିମଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ନିମ୍ନ ଅଦାଲତ ଦେଇଥିବା ଦଣ୍ଡାଦେଶ ରାୟ ଉପରେ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ୧ ଲକ୍ଷ ଟଙ୍କା ଓ ୨ ଜଣ ଜାମିନଦାରଙ୍କ ବଦଳରେ ମୋକିମଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ଏହି ଦଣ୍ଡାଦେଶ ରାୟ ଫଳରେ ମୋକିମଙ୍କ ବିଧାୟକ ପଦ ପ୍ରଭାବିତ ହେବା ଆଶଙ୍କା ଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍ଏଚ୍ଡିସି) ପକ୍ଷରୁ ମେଟ୍ରୋ ବିଲ୍ଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ଦୁର୍ନୀତି ମାମଲାରେ ବିଧାୟକ ମୋକିମଙ୍କ ସମେତ ଓଆର୍ଏଚ୍ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱପ୍ନିରଞ୍ଜନ ମହାପାତ୍ର ଓ ମେଟ୍ରୋ ବିଲ୍ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ନିମ୍ନ ଅଦାଲତ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ' ୧୫ ପର୍ଯ୍ୟନ୍ତ ଓଆର୍ଏଚ୍ଡିସିର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ମେଟ୍ରୋ ବିଲ୍ଡର୍ସକୁ ଅହେତୁକ ଅନୁକମ୍ପା ଦେଖାଇ ଋଣ ପ୍ରଦାନ କରିଥିଲେ। ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ ନମ୍ବର ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଋଣ ଆବେଦନ କରାଯାଇଥିଲା। ମେଟ୍ରୋ ବିଲ୍ଡର୍ସ ପକ୍ଷରୁ ଜାଲ୍ ଦସ୍ତାବିଜ୍ ଦିଆଯାଇଥିଲା। କମ୍ପାନୀ ସେକ୍ରେଟାରି ମହାପାତ୍ର ସେଗୁଡ଼ିକ ଠିକ୍ ଭାବେ ଯାଞ୍ଚ କରି ନ ଥିଲେ। ଏଥିସହ ବିନୋଦ କୁମାରଙ୍କର ଋଣ ଦେବାର କ୍ଷମତା ନ ଥିବାବେଳେ ଲୋନ୍ କମିଟିରୁ ଅନୁମତି ଆଣି ନ ଥିଲେ ଓ ସର୍ତ୍ତାବଳୀ ପାଳନ କରି ନ ଥିଲେ। ମେଟ୍ରୋ ବିଲଡର୍ସକୁ ୩ଟି କିସ୍ତିରେ ୧ କୋଟି ୫୦ ଲକ୍ଷ ଟଙ୍କା ଲୋନ୍ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



ସର୍ଲା ଷ୍ଟେଶନରେ ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

### ୧୦ ଘଣ୍ଟା ମରାମତି, ୨ ଟ୍ରେନ୍ ପ୍ରଭାବିତ

ସମ୍ବଲପୁର, ୧୩।୧୦(ବ୍ୟୁରୋ)

ସମ୍ବଲପୁର-ଝାରସୁଗୁଡ଼ା ସର୍ଲା ଷ୍ଟେଶନ ୟାର୍ଡରେ ବୁଧବାର ରାତିରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ସିମେଣ୍ଟ ବୋଝେଇ ୪ ଗୋଟି ବଗି ରେଳଧାରଣାରୁ ତଳକୁ ଖସିଯାଇଥିଲା। ସାରା ରାତି ପ୍ରାୟ ୧୦ଘଣ୍ଟା ଧରି ମରାମତି କାର୍ଯ୍ୟ ପରେ ଗୁରୁବାର ସକାଳେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଷ୍ଟେଶନର ଅନ୍ୟ ଟ୍ରାକ୍‌ଗୁଡ଼ିକ ଠିକ୍ ଥିବାରୁ ରେଳ ଚଳାଚଳ ପାଇଁ ବିଶେଷ ସମସ୍ୟା ସୃଷ୍ଟି ହୋଇ ନ ଥିଲା। ସମ୍ବଲପୁର-ରାଉରକେଲା ଡିଏମ୍‌ୟୁ ଓ ରାଉରକେଲା ଇଣ୍ଟରସିଟି ଟ୍ରେନ୍‌କୁ ରେଳ ବିଭାଗ ବାତିଲ କରିଦେଇଥିଲା। ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ଦିଆଯାଇଥିବା ବେଳେ ରାତିରେ ମାଲବାହୀ ଟ୍ରେନଗୁଡିକ ନିକଟସ୍ଥ ମାନେଶ୍ୱର, ରେଙ୍ଗାଲି, ଶାସନ, ଝାରସୁଗୁଡ଼ା ଆଦି ଷ୍ଟେଶନରେ ଅଟକ ରଖାଯାଇଥିଲା। ସୂଚନା ଅନୁସାରେ ଝାରସୁଗୁଡ଼ା ପଟରୁ ସମ୍ବଲପୁର ଷ୍ଟେଶନକୁ ମାଲବାହୀ ଟ୍ରେନ୍ ଆସୁଥିବାବେଳେ ସର୍ଲା ଷ୍ଟେଶନ ପାର ହୋଇ ୟାର୍ଡ ପାଖରେ ଲାଇନଚ୍ୟୁତ ହୋଇଥିଲା। ରେଲୱେ ପକ୍ଷରୁ କୁହାଯାଇଛି, ଉଚ୍ଚସ୍ତରୀୟ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କଲାପରେ ରିପୋର୍ଟ ଦାଖଲ କରିବେ। ଏହାପରେ ଦୁର୍ଘଟଣାର କାରଣ ଜଣାପଡିବ।

## ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ରାଜ୍ୟ ସରକାର ଗୁରୁବାର ଓଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟର ମୋଟ ୧୩୯ ଓଏଏସ୍ ଅଫିସରଙ୍କ ବଦଳି କରିବା ସହିତ ଶୁକ୍ରବାର ସୁଦ୍ଧା ସମସ୍ତେ ରିଲିଭ ହେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ବାଲେଶ୍ୱର ଆସିଷ୍ଟାଣ୍ଟ କଲେକ୍ଟର ଗଦାଧର ଧଳ ବଡ଼ସାହି ତହସିଲଦାର ଭାବେ ନିଯୁକ୍ତି ପାଇଛନ୍ତି। ବାରଙ୍ଗ ସବ୍‌ରେଜିଷ୍ଟ୍ରାର ନିରଞ୍ଜନ ପରିଡ଼ାଙ୍କୁ ବରୀ ତହସିଲଦାର ଭାବେ ନିଯୁକ୍ତି ମିଳିଛି। ରେଙ୍ଗାଲି ଆଡିସନାଲ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ଭେଡେନ ତହସିଲଦାର, ପୁରୀ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ସେହି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ କୁମାର ପ୍ରଧାନଙ୍କୁ ଗଞ୍ଜାମ ବିଡିଓ ଭାବେ ନିଯୁକ୍ତି ମିଳିଛି। ମାର୍ଶାଘାଇ ସବ୍‌ରେଜିଷ୍ଟ୍ରାର ଅମିୟ କୁମାର ସ୍ୱାଇଁଙ୍କୁ ମାର୍ଶାଘାଇ ତହସିଲଦାର ଭାବେ ନିଯୁକ୍ତି ମିଳିଛି। ଟିଟିଲାଗଡ଼ ଅତିରିକ୍ତ ତହସିଲଦାର କର୍ଣ୍ଣ ମଲିକଙ୍କୁ କନ୍ଧମାଳ ତହସିଲଦାର କରାଯାଇଛି। ସେହିପରି ରାଜ୍ୟ ସରକାର ମୋଟ ୧୩୯ ଜଣଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି।

## ଓଡ଼ିଶା ହସ୍ତତନ୍ତ, ହସ୍ତଶିଳ୍ପ ଉନ୍ନୟନ, ବିକାଶ ପରିଷଦ ପୁନର୍ଗଠିତ

### ସୁଦର୍ଶନ ସାହୁ ଅଧକ୍ଷ, ଚତୁର୍ଭୁଜ ମେହେର ଉପାଧକ୍ଷ





ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଏବଂ ବିକାଶ ପରିଷଦ ପୁନର୍ଗଠିତ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ପୁନର୍ଗଠିତ ହୋଇଥିବା ଏହି ପରିଷଦରେ ଅଧକ୍ଷ ଭାବେ ସ୍ଥପତି ପଦ୍ମବିଭୂଷଣ ଡ. ସୁଦର୍ଶନ ସାହୁ ମନୋନୀତ ହୋଇଛନ୍ତି। ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର ଉପାଧକ୍ଷ ରହିଛନ୍ତି। ଏହି ପରିଷଦରେ ପଦ୍ମଶ୍ରୀ ପୁରସ୍କାର ବିଜେତା ବୁଣାକାର ଗୋବର୍ଦ୍ଧନ ପାଣିକା, ରାଜ୍ୟ କଳାକୃତି ପୁରସ୍କାର ବିଜେତା ପ୍ରସ୍ତର ଶିଳ୍ପୀ ଉଦୟ ମହାନ୍ତି, ଜାତୀୟ ପୁରସ୍କାର ବିଜେତା ତାରକସି ଶିଳ୍ପୀ ପଙ୍କଜ କୁମାର ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ତାଳପତ୍ର ଶିଳ୍ପୀ ଶରତ କୁମାର ପ୍ରଧାନ, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ସୁକାନ୍ତି ମେହେର, ବୁଣାକାର ୟୁ. ନୀଳକଣ୍ଠ, ବୁଣାକାର ଲକ୍ଷ୍ମୀଧର ଚାନ୍ଦ, ରାଜ୍ୟ ପୁରସ୍କାରପ୍ରାପ୍ତ ବାଉଁଶ ଓ ବେତ ଶିଳ୍ପୀ ସରୋଜିନୀ ଦାଶ, ପ୍ରସ୍ତର ଖୋଦେଇ ଶିଳ୍ପୀ ପ୍ରିୟରଞ୍ଜନ କର, ରାଜ୍ୟ ପୁରସ୍କାରପ୍ରାପ୍ତ ବ୍ରାସ୍ ଓ ବେଲ୍ ମେଟାଲ୍ ଶିଳ୍ପୀ ପବିତ୍ର ମହାରଣା, ଡୋକ୍ରା ଶିଳ୍ପୀ ଗୋଲାପ ଗଡ଼ତିଆ, ଟେରାକୋଟା ଶିଳ୍ପୀ ଗୌର ରଣା, ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ପ୍ରହ୍ଲାଦ ମେହେର, ସବାଇ ଘାସ ଶିଳ୍ପୀ କଳ୍ପନା ଜେନା, ଜାତୀୟ ପୁରସ୍କାର ବିଜେତା ବୁଣାକାର ଅର୍ଜୁନ ପାଲ୍, ଜାତୀୟ ପୁରସ୍କାର ବିଜେତା ପଟ୍ଟଚିତ୍ର ଶିଳ୍ପୀ ବିଜୟ ପରିଡ଼ା, ପିପିଲି ଚାନ୍ଦୁଆ ଶିଳ୍ପୀ ଜବର ଖାନ୍, ଲାଖ ଶିଳ୍ପୀ ପ୍ରଭାତୀ ପାତ୍ର, ବୁଣାକାର ଜଳନ୍ଧର ମେହେରଙ୍କ ସମେତ ବୟନଶିଳ୍ପ ନିର୍ଦ୍ଦେଶକ ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି।




## ଫ୍ରେଞ୍ଚ ଭାଷାର ପ୍ରଚାର ପ୍ରସାର ପାଇଁ ଆଲୋଚନା

### ଗଣଶିକ୍ଷା ସଚିବଙ୍କୁ ଭେଟିଲେ ଫ୍ରେଞ୍ଚ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଫ୍ରେଞ୍ଚ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ପାଇଁ ତାଙ୍କ ଭାଷା ଶିକ୍ଷା ନିମନ୍ତେ କୋଲକାତାରେ ଥିବା କନ୍‌ସୁଲେଟ୍ ଜେନେରାଲ ଡେଡିଅର ତାଲପେନ୍‌ଙ୍କ ନେତୃତ୍ୱରେ ଗଣଶିକ୍ଷା ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥୀ.ଏସ୍‌ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଫ୍ରେଞ୍ଚ ଭାଷାର ଶିକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଫ୍ରେଞ୍ଚ ଡେଲିଗେଶନ ସୂଚନା ପ୍ରଦାନ କରିଛନ୍ତି। ଏହାସହ ରାଜସ୍ଥାନ ଓ ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ଫ୍ରେଞ୍ଚ ଭାଷା ଶିକ୍ଷାର ପ୍ରସାର ପାଇଁ ସେମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ସଚିବ ଫ୍ରେଞ୍ଚ ଭାଷା ଶିକ୍ଷା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସ୍ତରରେ ବିସ୍ତୃତ ଆଲୋଚନା କରି ପରବର୍ତ୍ତୀ ସମୟରେ ଅବଗତ କରାଯିବ ବୋଲି ସେମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଫ୍ରେଞ୍ଚ ଡେଲିଗେଶନରେ ଆସିଥିବା ଏମାନୁଏଲ୍ ଲେବ୍ରୁନ୍-ଡାମିଏନ୍‌ସ, ଫାତିହା କାମୋସି, ଆଲିଶଗନି ଓ ଅଞ୍ଜିତା ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR
BHUBANESWAR – 751021
TEL. No. 2721048, 2721049/ FAX: 2721053/2721057
E-mail: orierc@gmail.com/Website: www.orierc.org
Together, Let us light up our lives

**PUBLIC NOTICE**

**Sub: Notice inviting suggestion/objection on draft OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2022 under Section 181 (3) of the Electricity Act, 2003.**

The Commission has prepared draft **OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2022.** This draft Regulation has been placed in OERC website i.e. **www.orierc.org** for public viewing. This notice is published under Section 181 (3) of Electricity Act, 2003 calling upon the public to give their suggestion/objection to the said draft Regulation by **14.11.2022 (5.00 PM).** On receipt of the responses from different quarters, the Commission may, in appropriate cases, bring about the modifications, if any, to the proposed Regulations and approve the same for publication in the official gazette.

Bhubaneswar
Date: 13.10.2022

By Order of the Commission
SECRETARY

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଆନ୍ଧ୍ରା Andhra | କର୍ପୋରେସନ Corporation

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଆସ୍କା ଶାଖା-୨ / ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ସାହୁ | ଟ.୩୧,୦୮,୫୬୯.୨୫ + ସେବାବଦ ସୁଧ | ୦୬.୦୭.୨୦୨୨ / ୧୦.୧୦.୨୦୨୨ | ଶ୍ରୀ ଲିଙ୍ଗରାଜ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫/୧୧, ପ୍ଲଟ୍ ନଂ.: ୨୮/୧୭୧୦, ରେଭିନ୍ୟୁ ମୌଜା: କୋଟିନଡ଼ା, ତହସିଲ: ଆସ୍କା, ସା: କୋଟିନଡ଼ା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀମତୀ ତିଳୋତ୍ତମା ପଟ୍ଟନାୟକଙ୍କ ଗୃହ, ପଶ୍ଚିମ: କାଶିନାଥ ମହାରଣାଙ୍କ ଗୃହ, ଉତ୍ତର: ଶ୍ରୀମତୀ ତିଳୋତ୍ତମା ପଟ୍ଟନାୟକଙ୍କ ଜମି, ଦକ୍ଷିଣ: ରାସ୍ତା |
| ଭଞ୍ଜନଗର ଶାଖା-୨ / ଋଣଗ୍ରହୀତା: ମେସର୍ସ ରୁଦ୍ର ଅଟୋମୋବାଇଲ୍ସ, ସ୍ୱତ୍ୱାଧିକାରୀ: ଏମ୍. ସୁଧାଂଶୁ ଶେଖର ଆଲତିଆ | ଟ.୨୮,୪୧,୫୦୭.୭୪ + ସେବାବଦ ସୁଧ | ୦୮.୦୭.୨୦୨୨ / ୧୦.୧୦.୨୦୨୨ | ଶ୍ରୀ ଗୋକୁଳ ଚନ୍ଦ୍ର ପାତ୍ର, ପିତା: ଦଣ୍ଡପାଣି ପାତ୍ର ଏବଂ ଶ୍ରୀ ହିମାଂଶୁ ଶେଖର ଆଲତିଆ, ପିତା: ବିପ୍ର ଚରଣ ଆଲତିଆଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୦୧, ଖାତା ନଂ.: ୨୪୦/୩୭, ରେଭିନ୍ୟୁ ମୌଜା: ତୁବୁତୁବା, ତହସିଲ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ନିଜସ୍ୱ ଏବଂ ରାସ୍ତା, ଉତ୍ତର: ପୁଷ୍ପିତା ମହାପାତ୍ରଙ୍କ ଜମି, ଦକ୍ଷିଣ: ସୁନିଲ୍ ପାତ୍ରଙ୍କ ଜମି |
| ହିଞ୍ଜିଳିକାଟୁ ଶାଖା-୧ / ଋଣଗ୍ରହୀତା: ଶ୍ରୀ ନୀଳାଚଳ ସ୍ୱାଇଁ, ପିତା: ଶ୍ରୀ ଯୋଗିନ୍ଦ୍ର ସ୍ୱାଇଁ | ଟ.୫,୩୫,୧୧୩.୦୬ + ସେବାବଦ ସୁଧ | ୨୯.୦୧.୨୦୨୨ / ୧୩.୧୦.୨୦୨୨ | ଶ୍ରୀ ନୀଳାଚଳ ସ୍ୱାଇଁ, ପିତା: ଶ୍ରୀ ଯୋଗିନ୍ଦ୍ର ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୧୨ ସେଣ୍ଟସ୍, ପ୍ଲଟ୍ ନଂ.: ୨୩୩୧, ଖାତା ନଂ.: ୬୧୦/୧୯୯୪, ବୁରୁପଡ଼ା ରେଭିନ୍ୟୁ ମୌଜା, ସା: ବୁରୁପଡ଼ା, ଗ୍ରାମଦେବତୀ ଷ୍ଟ୍ରିଟ୍, ପୋ: ବୁରୁପଡ଼ା, ଥାନା: ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍- ୭୬୧୧୦୨, ପ୍ଲଟ୍‌ର ପୂର୍ବ ପାର୍ଶ୍ୱରେ ରାସ୍ତା ଅଛି ଏବଂ ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ ରଙ୍କନିଧି ପଣ୍ଡାଙ୍କ ଜମି ଏବଂ ଗୃହ, ପଶ୍ଚିମ: ଶ୍ରୀ ଉପେନ୍ଦ୍ର ପଣ୍ଡାଙ୍କ ଜମି, ଦକ୍ଷିଣ: ଶ୍ରୀ ଘନ ସ୍ୱାଇଁଙ୍କ ଜମି ଏବଂ ଗୃହ |
| ଗୋସାଣୀନୂଆଗାଁ ଶାଖା / ଋଣଗ୍ରହୀତା: ମୁକ୍ତା ଦାସ, ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | ଟ.୨,୬୦,୧୯୮.୨୭ + ସେବାବଦ ସୁଧ | ୨୮.୦୭.୨୦୨୨ / ୧୧.୧୦.୨୦୨୨ | ଶ୍ରୀମତୀ ମୁକ୍ତା ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦.୦୦୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମା ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା |

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୩.୧୦.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାଶ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ-୧୧୦୦୬୬ (ଭାରତ)
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

**ସର୍ବସାଧାରଣ ବିଜ୍ଞପ୍ତି**

ଏକ ଟେଲିଭିଜନ କିଣିବାର ନିଷ୍ପତ୍ତି ନେବା ସମୟରେ, ତାହାର ଷ୍ଟାର୍ ରେଟିଂକୁ ବିଚାରକୁ ନିଅନ୍ତୁ। ଅଧିକ ଷ୍ଟାର୍‌ର ଅର୍ଥ କମ୍ ବିଜୁଳି ଖର୍ଚ୍ଚ ଏବଂ ଅଧିକ ଟଙ୍କା ସଞ୍ଚୟ।

**ଏକ ବୈଧ ଷ୍ଟାର୍ ରେଟିଂ ଲେବୁଲ୍‌ର ପ୍ରାମାଣିକତା ଯାଞ୍ଚ କରିବାର ପଦ୍ଧତି**

- ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)ର ୱେବ୍‌ସାଇଟ୍ www.beestarlabel.com ପରିଦର୍ଶନ କରନ୍ତୁ
- 'ଉପକରଣ ଏବଂ ଯନ୍ତ୍ର ସନ୍ଧାନ ଓ ତୁଳନା'କୁ ଯାଆନ୍ତୁ ଏବଂ ଉପକରଣ/ଯନ୍ତ୍ର ଚୟନ କରନ୍ତୁ
- ଏଠାରେ ଆପଣ ବିଇଇ ସହିତ ପଞ୍ଜୀକୃତ ଉପକରଣ/ଯନ୍ତ୍ରର ବ୍ରାଣ୍ଡକୁ ଚୟନ କରିପାରିବେ
- ଷ୍ଟାର୍ ଅନୁଯାୟୀ ଲେବୁଲର ବିଜୁଳି ଖର୍ଚ୍ଚ ଏବଂ ପ୍ରାମାଣିକତା ସମ୍ପର୍କରେ ଜାଣନ୍ତୁ




CBC 34106/12/0004/2223

ଷ୍ଟାର୍ ରେଟେଡ୍ ଟେଲିଭିଜନ ସହିତ ବିଜୁଳି ଓ ଟଙ୍କା ବାବଦରେ ଅଧିକ ସଞ୍ଚୟ କରନ୍ତୁ



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। **-ଶ୍ରୀମା**

# ଦ୍ୱିପାକ୍ଷିକ ସମ୍ପର୍କର ଅଧଃପତନ



ବ୍ରହ୍ମ ଚେଲାନି

ଆମେରିକା ଓ ଭାରତ ମଧ୍ୟରେ ରଣନୀତିକ ଭଗୀଦାରି ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ଷମତାର ସମନ୍ୱୟ ବଜାୟ ରଖିବାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ପ୍ରାଧାନ୍ୟ ବିସ୍ତାର କରିବା ଲାଗି ଚାଇନାର ମହତ୍ତ୍ୱାକାଂକ୍ଷାକୁ ନିଷ୍ପ୍ରଭ କରିବାରେ ପ୍ରମୁଖ ଭୂମିକା ନେଉଛି। ଆମେରିକା ମଧ୍ୟ ଭାରତର ଦ୍ୱିତୀୟ ବୃହତ୍ ବାଣିଜ୍ୟିକ ଭାଗୀଦାରି। ଚାଇନା ସହ ଥିବା ଭାରତର ସୀମାଠାରୁ ୧୦୦ କି.ମି.ରୁ କମ୍ ଦୂରରେ ଅକ୍ଟୋବର ୧୮ରୁ ୩୧ ମଧ୍ୟରେ ହେବାକୁ ଥିବା ମିଳିତ ଯୁଦ୍ଧାଭ୍ୟାସ ସେମାନଙ୍କ ଭାଗୀଦାରିରେ ବଢିଥିବା ରଣନୀତିକ ଗୁରୁତ୍ୱକୁ ମଧ୍ୟ ପ୍ରକାଶ କରିଛି। ଆମେରିକା ନାଭିର ଚିଫ୍ ଅଫ୍ ନାଭାଲ ଅପରେଶନ ଆଡମିରାଲ ମାଇକେଲ ଏମ୍. ଗିଲ୍‌ଡେ କହିଛନ୍ତି ଯେ, ଚାଇନାର ଉତ୍‌ଥାନକୁ ପ୍ରତିରୋଧ କରିବାରେ ଭାରତ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ହେଲେ ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବା ନିଷ୍ପତ୍ତି ନେବା ଏବଂ ପାକିସ୍ତାନ ପ୍ରୋତ୍ସାହିତ ସନ୍ତ୍ରାସବାଦୀ ନେତୃତ୍ୱାଧୀନ ସେନା ନିକଟରେ ଆତ୍ମସମର୍ପଣ କରିବା ସହ ରୁଷିଆ-ୟୁକ୍ରେନ ଯୁଦ୍ଧ ଏବେ ବିଶ୍ୱର ସବୁଠୁ କ୍ଷମତାଶାଳୀ ଏବଂ ଲୋକପ୍ରିୟ ଗଣତନ୍ତ୍ରଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଅଧିକ ଚାପଗ୍ରସ୍ତ କରିଛି।

ଆମେରିକାର ମିତ୍ର ଦେଶ ଇସ୍ରାଏଲ ଏବଂ ତୁର୍କୀ ଭଳି ଭାରତ ୟୁକ୍ରେନ ଯୁଦ୍ଧରେ ଏକ ନିରପେକ୍ଷ ଦୃଷ୍ଟିକୋଣ ଗ୍ରହଣ କରିଛି। ବାଇଡେନ୍ ପ୍ରଶାସନ ରୁଷିଆ ବଦଳରେ ଆମେରିକା ଠାରୁ ତୈଳ ନେବାକୁ ଦେଇଥିବା ପ୍ରସ୍ତାବକୁ ନ ମାନି ଭାରତ ରୁଷିଆଠାରୁ ତୈଳ କିଣି ଆସୁଛି, ଯାହା ଆମେରିକା ଓ ୟୁରୋପୀୟ ଦେଶକୁ ଅଧିକ ନିରାଶ କରିଛି। ଭାରତ ମଧ୍ୟ ସାମ୍ପ୍ରତିକ ସ୍ଥିତିରେ ରୁଷିଆଠାରୁ ଅଶୋଧିତ ତୈଳ ଆମଦାନୀ ବୃଦ୍ଧିକରିଛି। ଭାରତର ଏହି ନିଷ୍ପତ୍ତିର କେନ୍ଦ୍ରରେ ରହିଛି ଚାଇନାଠାରୁ ପରାଜିତ ହେବା ଭୟ। ୨୦୧୯ରୁ ଆମେରିକା ଇରାନର ତୈଳ ରପ୍ତାନି ଉପରେ କଟକଣା ଲଗାଇ ଭାରତକୁ ଇରାନଠାରୁ ଶସ୍ତା ତେଲ ପାଇବାରୁ ବଞ୍ଚିତ କରି ତାକୁ ଆମେରିକା ଶକ୍ତି ( ଏନର୍ଜି) ରପ୍ତାନିକାରୀଙ୍କ ମାର୍କେଟ ଆଡକୁ ମୁହାଁଇବାକୁ ପ୍ରୟାସ କରିଛି। କିନ୍ତୁ ଉକ୍ତ କଟକଣା ମଧ୍ୟରେ ଚାଇନା ଇରାନ ତୈଳର ବଡ଼ ହିତାଧିକାରୀ ପାଲଟିଯାଇଛି । ଚାଇନା ରିହାତିରେ ଇରାନ ତେଲ କ୍ରୟ ବୃଦ୍ଧି କରିଛି ଏବଂ ଆମେରିକାର ପ୍ରତିଆକ୍ରମଣକୁ ଭ୍ରୂକ୍ଷେପ ନ କରି ଇସ୍‌ଲାମିକ ରିପବ୍ଲିକ ସହ ପ୍ରତିରକ୍ଷା ଭାଗୀଦାରି ବଢ଼ାଇଛି। ଭାରତକୁ ସବୁଠୁ ଅଧିକ ଅସ୍ତ୍ରଶସ୍ତ୍ର ଯୋଗାଉଛି ରୁଷିଆ। କିନ୍ତୁ ଏବେ ଆମେରିକା ତାକୁ ଟପିଗଲାଣି। ଆମେରିକା ପ୍ରତିରକ୍ଷା ସେକ୍ଟର ୟୁକ୍ରେନ ଯୁଦ୍ଧ ସମୟରେ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ଏକ ବଡ଼ ସୁଯୋଗ ବୋଲି ବିଚାର କରୁଛି। ଏପରି କି ଆମେରିକାର ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ ରୁଷିଆ ସାମରିକ ଉପକରଣ ନ କିଣି ଏବେଠାରୁ ଆଗକୁ ଆମେରିକା ନିର୍ମିତ ଅସ୍ତ୍ରଶସ୍ତ୍ର କିଣୁ ବୋଲି ଭାରତୀୟ ଅଧିକାରୀମାନଙ୍କ ଉପରେ ଚାପ ପକାଇଛନ୍ତି।

ରୁଷିଆକୁ ଦଣ୍ଡିତ କରିବା ଲାଗି ବାଇଡେନ୍ ଅତ୍ୟଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ଚାପ ପକାଇବାକୁ ନିଆଯାଇଥିବା ଅନ୍ତର୍ଜାତୀୟ ପଦକ୍ଷେପଗୁଡ଼ିକ ଯଦି ପରୋକ୍ଷରେ ବିସ୍ତାରବାଦୀ ଚାଇନାକୁ ସଶକ୍ତ କରେ ତେବେ ତାହା ଭାରତର ସୁରକ୍ଷା ଆହ୍ୱାନକୁ ଗମ୍ଭୀର କରିପାରେ।



ଏବେ ଆମେରିକା ନେତୃତ୍ୱରେ ଲଗାଯାଇଥିବା କଟକଣା ଏବଂ ରୁଷିଆର ଶକ୍ତି କ୍ଷେତ୍ରରୁ ୟୁରୋପ ମୁହଁ ଫେରାଇନେବା ଦ୍ୱାରା ବିଶ୍ୱର ସଂସାଧନ ସମୃଦ୍ଧ ରାଷ୍ଟ୍ର ରୁଷିଆକୁ ସଂସାଧନ ଭୋକିଲା ଦେଶ ଚାଇନା ସହ ରହିବାକୁ ବାଟ ଫିଟାଇଛି। ଏହି ସମୟରେ ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନର ଆଧୁନିକୀକରଣ ଲାଗି ଆମେରିକାର ୪୫୦ ମିଲିୟନ ଡଲାର ଚୁକ୍ତି କରିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଆର୍ଥିକ ସହଯୋଗ ମାଧ୍ୟମରେ ଆସନ୍ନ ଋଣ ଖିଲାପୀ ସ୍ଥିତିରୁ ମୁକୁଳାଇବା ଲାଗି ସାହାଯ୍ୟ କରିବାର କିଛି ଦିନ ପରେ ଏହି ଚୁକ୍ତି ସାମ୍ନାକୁ ଆସିଛି। ଏହା ଭାରତ ବିରୋଧରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଏବଂ ଶୀତଳଯୁଦ୍ଧ ସମୟରେ ପାକିସ୍ତାନର ପ୍ରାରମ୍ଭିକ ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମକୁ ସହଯୋଗ କରିବା ଭଳି ତିକ୍ତ ସ୍ମୃତିକୁ ଉଜାଗର କରିଛି। ଏହାକୁ ନେଇ ବାଇଡେନ ପ୍ରଶାସନର ଦାବି ସମ୍ପୂର୍ଣ୍ଣ କପଟତାପୂର୍ଣ୍ଣ। ପ୍ରଶାସନ କହୁଛି ଯେ, ଆମେରିକା ଯୋଗାଇଦେଇଥିବା ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନର ଆଧୁନିକୀକରଣ ସନ୍ତ୍ରାସବାଦ ପ୍ରତିରୋଧ ଲାଗି ଅଭିପ୍ରେତ। ଏହାକୁ ନେଇ ଭାରତ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଛି। ନିକଟରେ ୱାଶିଂଟନ ଗସ୍ତରେ ଯାଇଥିବା ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସାଧାରଣରେ ଏହି ଚୁକ୍ତିକୁ ନିନ୍ଦା କରିବା ସହ ଆମେରିକାର ସ୍ପଷ୍ଟୀକରଣ ଉପରେ କହିଛନ୍ତି ଯେ, ସମସ୍ତଙ୍କୁ ବୋକା ଭାବନାହିଁ। ଏହା ନିଃସନ୍ଦେହ ଯେ, ପାକିସ୍ତାନ ତା' ଅତ୍ୟାଧୁନିକ ଲଢୁଆ ବିମାନକୁ ଭାରତ ବିରୋଧରେ ମୁତୟନ କରିବ। ଏହି ପୃଷ୍ଠଭୂମିରେ କେତେଜଣ ପର୍ଯ୍ୟବେକ୍ଷକ କହିଛନ୍ତି ଯେ, ଆମେରିକା ଓ ଭାରତର ସମ୍ବନ୍ଧ ରିପବ୍ଲିକାନ ପ୍ରଶାସନରେ ପୂରା ଭଲ ଥିଲା। ସବୁ ଦ୍ୱିପାକ୍ଷିକ ସମ୍ପର୍କ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଅଧୀନରେ ବଢିଥିଲା। ଭାରତ ପ୍ରଶାନ୍ତ ସାଗରୀୟ ରଣନୀତିକୁ ଆଗକୁ ବଢ଼ାଇବା ସକାଶେ ଭାରତ ଉପରେ ଅତ୍ୟଧିକ ଭରସା କରିଥିଲା। ଚାଇନା ଓ ପାକିସ୍ତାନକୁ ନେଇ ଟ୍ରମ୍ପ ନୂଆ ନୀତି ଆରମ୍ଭ କରିଥିଲେ ଯାହା ଦ୍ୱାରା ଭାରତ -ଆମେରିକାର ନିବିଡ଼ ସମ୍ପର୍କକୁ ଆହୁରି ବଢ଼ାଇଥିଲା। ଫଳରେ ପାକିସ୍ତାନ ଓ ଚାଇନା ଦ୍ୱାରା ସୃଷ୍ଟ ଯୁଦ୍ଧ ଭଳି ସ୍ଥିତିକୁ ଭାରତ ସାମ୍ନା କରିବା ସମ୍ଭବ ହୋଇପାରିଲା। ନୀତିରେ ବଡ଼ ପରିବର୍ତ୍ତନ କରି ଚାଇନାର ଉତ୍‌ଥାନକୁ ସହଯୋଗ କରିବାରେ ଆମେରିକାର ୪୫ ବର୍ଷର ନୀତିକୁ ଟ୍ରମ୍ପ ଶେଷ କରିଦେଇଥିଲେ। ପାକିସ୍ତାନକୁ ସୁରକ୍ଷା ସହାୟତା ବନ୍ଦ କରିଦେଇଥିଲା। ଅପରପକ୍ଷେ ବାଇଡେନ ପ୍ରଶାସନ ପାକିସ୍ତାନକୁ କୋଳେଇବା ଆରମ୍ଭ କରିଛି। ବେଜିଂକୁ ଅଧିକ ପ୍ରାଧାନ୍ୟ ଦେବା ସହ ହିମାଳୟରେ ଭାରତର ଅଞ୍ଚଳକୁ ଚାଇନା ଜବରଦଖଲ କରିଥିବା ବିଷୟରେ ମୁହଁ ଖୋଲି ନ ଥିଲେ। ସେନା ମୁତୟନକୁ ଭିତ୍ତିକରି ଚାଇନା ସହ ୩୦ ମାସ ଧରି ସଂଘର୍ଷରେ ଲିପ୍ତ ରହି ଭାରତ ଖୋଲାଖୋଲି ଭାବେ ଚାଇନାକୁ ଯେଉଁଭଳି ଚ୍ୟାଲେଞ୍ଜ କରିଛି ସେଭଳି ଚଳିତ ଶତାବ୍ଦୀରେ ବିଶ୍ୱର କୌଣସି ଶକ୍ତି କରିପାରିନାହାନ୍ତି।

ବାଇଡେନ୍ ଦାୟିତ୍ୱ ନେବା ପରଠାରୁ ଭାରତ ସହ ସମ୍ପର୍କରୁ ଅଣଦେଖା କରିଛନ୍ତି। ନୂଆଦିଲ୍ଲୀରେ ଆମେରିକାର ରାଷ୍ଟ୍ରଦୂତ ନ ଥିବାବେଳେ ପାକିସ୍ତାନରେ ରହିଛନ୍ତି ଡୋନାଲ୍ଡ ବ୍ଲୋମେ। ନିକଟରେ ପାକିସ୍ତାନ ଅଧିକୃତ କଶ୍ମୀର ଗସ୍ତରେ ଯାଇ ସେ ପାକିସ୍ତାନ ନାମ ଦେଇଥିବା 'ଆଜାଦ ଜମ୍ମୁ-କଶ୍ମୀର' ବା ସ୍ୱାଧୀନ ଜମ୍ମୁକଶ୍ମୀର ବୋଲି କହିଥିଲେ। କିନ୍ତୁ ଆମେରିକା ତାହାକୁ ପାକିସ୍ତାନ ପ୍ରଶାସିତ କଶ୍ମୀର କହୁଥିଲେ ମଧ୍ୟ ସେ ତାହା କହି ନ ଥିଲେ। ବାଇଡେନ୍ ପ୍ରଶାସନ ଭାରତ ବିରୋଧରେ ମାନବ ଅଧିକାର ପ୍ରସଙ୍ଗ ଉଠାଇ ଫାଇଦା ନେବାକୁ ଚେଷ୍ଟା କରୁଛି। ଏପ୍ରିଲରେ ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିକେନ୍ ଭାରତରେ ମାନବ ଅଧିକାର ଉଲ୍ଲଂଘନ ଜନିତ ନିର୍ଯାତନା ବଢୁଛି ବୋଲି ଅଭିଯୋଗ କରିଥିଲେ। ଜୟଶଙ୍କର ଏହାକୁ ତତ୍‌କ୍ଷଣାତ ପ୍ରତିରୋଧ କରି କହିଥିଲେ ଯେ, ଭାରତ ମଧ୍ୟ ଆମେରିକାର ମାନବ ଅଧିକାରର ସ୍ଥିତି ସମ୍ପର୍କରେ ସମାନ ଭାବେ ଚିନ୍ତିତ।

ଦେଖିବାକୁ ଗଲେ ଉଭୟ ଆମେରିକା ଏବଂ ଭାରତରେ ଗଣତନ୍ତ୍ରର ଅତ୍ୟଧିକ ଧ୍ରୁବୀକରଣ ହୋଇଛି। ଏଭଳି ସ୍ଥିତିରେ ଅଧିକାରୀମାନେ ଦେଶରେ ଉତ୍ତେଜନା ବଢ଼ାଇବା ଭଳି ମନ୍ତବ୍ୟରୁ ଦୂରେଇ ରହିବା ଉଚିତ। ଭାରତ- ପ୍ରଶାନ୍ତ ମହାସାଗରୀୟ ରଣନୀତିର ଗୁରୁତ୍ୱକୁ ଦେଖି ଆମେରିକା ଯଦି ତା ଦୃଷ୍ଟିକୋଣ ବଦଳାଇବାକୁ ଚାହେଁ, ତେବେ ଏହା ଏସିଆରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ମିତ୍ର ଦେଶ ସହ ସମ୍ପର୍କ ନିଶ୍ଚିତ ଭାବେ ବଢ଼ାଇପାରିବ। ଶେଷରେ ଭାରତ ସହ ଦୁର୍ବଳ ମେଣ୍ଟକୁ ଦୃଢ କରିବା ଲାଗି ଐତିହାସିକ ସୁଯୋଗକୁ ବାଇଡେନ୍ ହାତଛଡ଼ା କରିବା ଉଚିତ ନୁହେଁ। ଆମେରିକା ଯଦି ଚାଇନା ଓ ରୁଷିଆ ସହ ବଢୁଥିବା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବାକୁ ଏବଂ ରଣନୀତିକ ସଫଳତା ପାଇବାକୁ ହେଲେ ତା'ପାଇଁ ପୂର୍ବାପେକ୍ଷା ଭାରତର ଆବଶ୍ୟକତା ଅଧିକ ରହିଛି। କିନ୍ତୁ ପାରସ୍ପରିକ ବିଚାର ଓ ବୁଝାମଣା ଅଭାବରୁ ଦ୍ୱିପାକ୍ଷିକ ଭାଗୀଦାରିର ଅଧଃପତନ ଘଟିଛି।

**ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ସ୍ୱାସ୍ଥ୍ୟ ଓ ଆର୍ଥିକ ବିକାଶ ଉତ୍ସ



ଡା. ଲିପିସ୍ମିତା ସାମଲ

ଚଳିତ ବର୍ଷ ଅକ୍ଟୋବର ୧୪ରେ ୨୭ତମ 'ବିଶ୍ୱ ଅଣ୍ଡା ଦିବସ' ପାଳିତ ହେଉଛି। ଚଳିତ ବର୍ଷ 'ବିଶ୍ୱ ଅଣ୍ଡା ଦିବସ'ର ଅଭିବ୍ୟକ୍ତି ହେଉଛି ଉତ୍ତମ ଜୀବନ ପାଇଁ ଅଣ୍ଡା। ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଲା ଦେଶ ତଥା ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ଏବଂ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଅଣ୍ଡାର ଉପାଦେୟତା ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା। ଗର୍ଭବତୀ ମହିଳା ତଥା ଶିଶୁମାନଙ୍କଠାରୁ ଆରମ୍ଭ କରି ବୃଦ୍ଧ ଓ ରୋଗଣା ଲୋକମାନଙ୍କ ପାଇଁ ଅଣ୍ଡାର ଆବଶ୍ୟକତା ଅଧିକ ରହିଛି। ଅଣ୍ଡା ମନୁଷ୍ୟର ଶାରୀରିକ ତଥା ମାନସିକ ବିକାଶରେ ସାହାଯ୍ୟ କରି ସମାଜରୁ ଅପପୁଷ୍ଟି ଦୂର କରିଥାଏ।

ଗୋଟିଏ କୁକୁଡ଼ା ଅଣ୍ଡାରେ ୭୮ କିଲୋକ୍ୟାଲୋରି ବା ୩୨୪ କିଲୋଜୁଲ ଶକ୍ତି, ୬.୫ ଗ୍ରାମ୍ ପୁଷ୍ଟିସାର, ୫.୮ ଗ୍ରାମ୍ ସ୍ନେହସାର, ୧ ଗ୍ରାମ୍ ଶ୍ୱେତସାର, ୨୧୨ ମିଲିଗ୍ରାମ୍ କୋଲେଷ୍ଟରଲ ଉପଲବ୍ଧ ଅଛି। ଏହାବ୍ୟତୀତ ଅଣ୍ଡାରେ ଭିଟାମିନ୍-ଏ, ଭିଟାମିନ୍-ଡି, ଭିଟାମିନ୍-ସି, ଭିଟାମିନ୍-ଇ, ଭିଟାମିନ୍-ବି୧, ୨, ୫, ୬, ୧୨, ଫୋଲିକ୍ ଏସିଡ୍, ସେଲେନିୟମ, ସୋଡିୟମ, ପୋଟାସିୟମ, ଆୟୋଡିନ୍, ଜିଙ୍କ୍, ଲୌହ ଓ ମାଗ୍ନେସିୟମ ମଧ୍ୟ ଥାଏ। ଅଣ୍ଡାର ଧଳା ଅଂଶରେ ମୁଖ୍ୟତଃ ପୁଷ୍ଟିସାର, ଭିଟାମିନ୍-ବି ଓ ଖଣିଜ ପଦାର୍ଥ ଥାଏ ଏବଂ କେଶରରେ କୋଲେଷ୍ଟରଲ, ଭିଟାମିନ୍-ଏ, ଡି, ଇ, କେ ଓ ଲେସିଥିନ ଥାଏ। ଅଣ୍ଡାରେ ଶରୀର ପାଇଁ ଆବଶ୍ୟକ ହେଉଥିବା ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ, ଯାହାକି ସୁସ୍ଥ କେଶ ଓ ନଖ ବୃଦ୍ଧିରେ ସହାୟକ ହୋଇଥାଏ। ଜୈବିକ ମୂଲ୍ୟ ଦୃଷ୍ଟିକୋଣରୁ ବିଚାର କଲେ ଗୋଟିଏ ଅଣ୍ଡାରେ ଜୈବିକ ମୂଲ୍ୟ ୯୪ ଥିବାବେଳେ କ୍ଷୀରରେ ୮୫, ମାଛରେ ୭୬ ଓ ମାଂସରେ ୭୪ ଭାଗ ରହିଥାଏ ।

ଅର୍ଥନୈତିକ ସର୍ଭେ ଅନୁଯାୟୀ, ୨୦୦୮-୦୯ରେ ଓଡ଼ିଶାରେ ଅଣ୍ଡା ଉତ୍ପାଦନ ୧୯,୩୩୨.୬ ଲକ୍ଷ ହୋଇଥିବା ବେଳେ ମୁଣ୍ଡପିଛା ଉପଲବ୍ଧ ଅଣ୍ଡା ଥିଲା ୫୧ଟି, ଯାହା ଜାତୀୟ ହାର (୪୮)ଠାରୁ ଅଧିକ ଥିଲା। କିନ୍ତୁ ୨୦୧୪-୧୫ରେ ଓଡ଼ିଶାରେ କମ୍ ଅଣ୍ଡା ଉତ୍ପାଦନ ହୋଇଥିଲା (୧୯,୨୪୫ ଲକ୍ଷ) ଏବଂ ମୁଣ୍ଡପିଛା ଉପଲବ୍ଧ ଅଣ୍ଡା ଥିଲା ମାତ୍ର ୪୩। ସରକାର ବିଭିନ୍ନ ଯୋଜନା ହାତକୁ ନେବା ଫଳରେ ୨୦୨୦-୨୧ରେ ଓଡ଼ିଶାରେ ଅଣ୍ଡା ଉତ୍ପାଦନ ୨୮,୬୧୬ ଲକ୍ଷକୁ ବୃଦ୍ଧି ହୋଇଥିବା ବେଳେ ମୁଣ୍ଡପିଛା ଉପଲବ୍ଧ ଅଣ୍ଡା ମଧ୍ୟ ୫୪କୁ ବୃଦ୍ଧି ପାଇଛି। ଓଡ଼ିଶାର ମୁଣ୍ଡପିଛା ଉପଲବ୍ଧ ଅଣ୍ଡାର ହାର ଆନ୍ଧ୍ରପ୍ରଦେଶ (୩୭୨), ତାମିଲନାଡୁ (୨୬୫), ହରିୟାଣା (୨୨୪), ପଞ୍ଜାବ (୧୯୧), କର୍ଣାଟକ (୯୫) ଏବଂ ପଶ୍ଚିମବଙ୍ଗ (୮୮) ଠାରୁ ବହୁତ କମ୍। ଅଣ୍ଡା ଉତ୍ପାଦନରେ ଓଡ଼ିଶା ଦେଶରେ ୧୦ମ ସ୍ଥାନରେ ଅଛି।

ଲୋକମାନଙ୍କୁ କୁକୁଡ଼ା ପାଳନ ପାଇଁ ପ୍ରୋତ୍ସାହିତ କରିବା ଲାଗି ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି। ରାଜ୍ୟ ସରକାର ନୂତନ ବ୍ୟବସାୟିକ ଓ ଅର୍ଦ୍ଧ ବ୍ୟବସାୟିକ କୁକୁଡ଼ା ଫାର୍ମ ପାଇଁ ରିହାତି ଯୋଗାଇ ଦେଉଛନ୍ତି। ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ଅନ୍‌ଲାଇନ ପ୍ରକ୍ରିୟାରେ ଅନ୍ୟୂନ ୧୦ ହଜାର କ୍ଷମତାବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ଫାର୍ମ, ଦୈନିକ ୩୦ ମେଟ୍ରିକ୍ ଟନ୍ ଦକ୍ଷତାବିଶିଷ୍ଟ କୁକୁଡ଼ା ଖାଦ୍ୟ ପ୍ଲାଣ୍ଟ ଆଦି ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶା କୁକ୍କୁଟ ନୀତି-୨୦୧୫ ମଧ୍ୟ ପ୍ରଣୟନ କରାଯାଇଛି। ଏଥିରେ କୁକୁଡ଼ା ପାଳନକୁ କୃଷିର ମାନ୍ୟତା ଦିଆଯାଇଛି। ରାଜ୍ୟରେ ବ୍ୟବସାୟିକ ଭିତ୍ତିରେ କୁକୁଡ଼ା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ନାବାର୍ଡ ଋଣ ପ୍ରଦାନ କରୁଛି। ରାଜ୍ୟରେ ମୁଣ୍ଡପିଛା ଅଣ୍ଡାର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ୨୦୧୮-୧୯ ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଡିପ୍ ଲିଟର ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ସହାୟତା ପ୍ରଦାନ କରାଯାଇଛି। ଓଡ଼ିଶାକୁ ଅଣ୍ଡା ଉତ୍ପାଦନରେ ସାବଲମ୍ବନଶୀଳ କରିବାକୁ ହେଲେ ଭଲ ପ୍ରଜାତିର କୁକୁଡ଼ା ଚୟନ ସହିତ ସମୂହ ପରିପାଳନର ମହତ୍ତ୍ୱ ରହିଛି। ଓଡ଼ିଶା ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବନଶୀଳ ହେଲେ ଲୋକମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିପାରିବ।

**ସହକାରୀ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର, ମୋ:୮୮୪୭୮୬୦୬୭୭**

## ଏଇ ଭାରତରେ

ସତିନ୍ଦର ବାଜୱା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ସ୍କ୍ୱାଶ ଟିମ୍ କୋଚ ପଦ ତ୍ୟାଗ କରି ଭାରତ ଫେରି ଶ୍ରମିକ, ରିକ୍ସାଚାଳକ, ଘରୋଇ କାର୍ଯ୍ୟ କରୁଥିବା ଲୋକମାନଙ୍କର ପିଲାଙ୍କୁ ନିୟମିତ ପାଠ୍ୟକ୍ରମ ସହ ସ୍କ୍ୱାଶ ଓ ଯୋଗ ଶିକ୍ଷା ଦେଉଛନ୍ତି। ୨୦୦୯ରେ ଚଣ୍ଡିଗଡ଼ ସହର ନିକଟ ଅଟୱା ଗାଁରେ ସେ ଜମି କିଣି ସପରିବାର ରହିବା ସହ 'ଖେଳଶାଳା' ଖୋଲି ପିଲାମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଥିଲେ। ପ୍ରଥମେ ୩୫ ଜଣ ଅସହାୟ ପିଲାଙ୍କୁ ନେଇ ସେ ଏହା ଆରମ୍ଭ କରିଥିଲେ। ପରେ ପିଲାସଂଖ୍ୟା ବଢ଼ିବା ଫଳରେ ୨୦୧୨ରେ ପଞ୍ଜାବର ମାଜରା ଗାଁରେ ଆଉ ଏକ କେନ୍ଦ୍ର ଖୋଲିଥିଲେ। ଏହି ଦୁଇ କେନ୍ଦ୍ରକୁ ୧୨୫ ପିଲା ଆସୁଛନ୍ତି। ସ୍କୁଲରେ ପଢା ଶେଷ ପରେ ସେମାନେ ୪ଟା ବେଳକୁ ଖେଳଶାଳାକୁ ଯାଉଛନ୍ତି। ଖେଳଶାଳାରେ ପହଞ୍ଚିବା ପରେ ସେମାନଙ୍କୁ ହୋମ୍ ଟାସ୍କ କରିବାରେ ଶିକ୍ଷକମାନେ ସାହାଯ୍ୟ କରୁଛନ୍ତି। ସେଠାରେ ସେମାନେ ଇଂଲିଶ ଖବରକାଗଜ ପଢୁଛନ୍ତି। ସାଧାରଣ ଜ୍ଞାନ, ଗଣିତ ଏବଂ ବିଜ୍ଞାନ ସମ୍ପର୍କରେ ମଧ୍ୟ ଶିକ୍ଷା ଦିଆଯାଉଛି। ଦିନକର ସବୁ ପାଠ ଶେଷ କରିବା ପରେ ସେମାନଙ୍କୁ ସ୍କ୍ୱାଶ ପ୍ରଶିକ୍ଷଣ ଦିଆଯାଉଛି। ସପ୍ତାହରେ ତିନି ଦିନ ଯୋଗ ଶିକ୍ଷା ଦିଆଯାଉଛି । ଦେଶ ବିଦେଶରୁ ପ୍ରାପ୍ତ ଅନୁଦାନରେ ଖେଳଶାଳା ଚାଲିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଅକ୍ଟୋବର ୧୯୯୭**

- ଟେଲି ଯୋଗାଯୋଗ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆର୍ମେନିଆର ୟେରେଭାନଠାରେ ଇରାନ୍, ଆର୍ମେନିଆ ଏବଂ ଗ୍ରୀସ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।
- ଏକାଧିକ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡଃ ଜଗନ୍ନାଥ ମିଶ୍ରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର।
- କେନ୍ଦ୍ରୀୟ ଆସାମର ମେରିଗାଓଁ ଜିଲାରେ ଏକ ଯାତ୍ରୀବାହୀ ବସ୍ ବରଦୋବି ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୪୦ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 8 | | 2 | |
| 9 | | | | | | 4 | 8 | 3 |
| | | | 5 | | | | | |
| | | | | | 2 | 7 | | |
| | 4 | | 8 | 3 | | | | |
| | | | | 9 | | | 3 | |
| | 8 | | 3 | | | | 5 | |
| | | 3 | | | 5 | | | |
| | | 6 | | | 7 | | 1 | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 2 | 8 | 4 | 7 | 6 | 1 | 5 |
| 8 | 1 | 7 | 6 | 3 | 5 | 9 | 4 | 2 |
| 5 | 6 | 4 | 1 | 2 | 9 | 7 | 8 | 3 |
| 4 | 2 | 8 | 7 | 1 | 6 | 3 | 5 | 9 |
| 6 | 5 | 1 | 2 | 9 | 3 | 8 | 7 | 4 |
| 7 | 9 | 3 | 4 | 5 | 8 | 2 | 6 | 1 |
| 1 | 8 | 5 | 3 | 6 | 2 | 4 | 9 | 7 |
| 3 | 4 | 6 | 9 | 7 | 1 | 5 | 2 | 8 |
| 2 | 7 | 9 | 5 | 8 | 4 | 1 | 3 | 6 |

ଗତକାଲିର ଉତ୍ତର

# ଜାଗତିକ ଉଷ୍ମତା ଓ ସବୁଜ ଶକ୍ତି



ପ୍ରଫେସର ସିତାଂଶୁ କୁମାର ସାମଲ

ଜାଗତିକ ଉଷ୍ମତା ଓ ଦ୍ରୁତ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମଗ୍ର ବିଶ୍ୱ ଅନୁଭବ କରୁଛି।

ଗତ ଜୁଲାଇ ମାସରେ ବ୍ରିଟେନ୍ ପରି ଏକ ଶୀତପ୍ରଧାନ ଦେଶର ଏପର୍ଯ୍ୟନ୍ତ ସର୍ବାଧିକ ୪୦ଡିଗ୍ରୀ ସେଲ୍‌ସିୟସ ଉପରେ ତାପମାତ୍ରା ରେକର୍ଡ କରାଯିବା ଏହାର ଏକ ସଦ୍ୟ ଉଦାହରଣ। ଏହା ଛଡ଼ା ବିଶ୍ୱର ବିଭିନ୍ନ ଅଞ୍ଚଳରେ ଅସମୟରେ ବାଦଲଫଟା ବର୍ଷା, ବନ୍ୟା ଏବଂ ଭୟଙ୍କର ମରୁଡ଼ି ମାନବ ସମାଜକୁ କ୍ଷତି ପହଞ୍ଚାଉଛି। ଜାଗତିକ ଉଷ୍ମତା ପାଇଁ ମୁଖ୍ୟତଃ ଜୀବାଶ୍ମ ଇନ୍ଧନ ଦହନରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦାୟୀ। ଉକ୍ତ ବାଷ୍ପ ବାୟୁମଣ୍ଡଳରେ ତାପ ଧରିରଖେ ଏବଂ ଜାଗତିକ ଉଷ୍ମତା ବୃଦ୍ଧିରେ ସହାୟକ ହୋଇଥାଏ। ଏଥିପାଇଁ କୋଇଲା, ଖଣିଜ ତୈଳ, ପ୍ରାକୃତିକ ବାଷ୍ପ ଇତ୍ୟାଦି ଜୀବାଶ୍ମ ଇନ୍ଧନର ବ୍ୟବହାର ଯଥେଷ୍ଟ କମ୍ ହେବା ଦରକାର। ଜୀବାଶ୍ମ ଇନ୍ଧନ ସମଗ୍ର ବିଶ୍ୱର ଏକ ବୃହତ୍ ଶକ୍ତିର ଉତ୍ସ। ସଦ୍ୟତମ ତଥ୍ୟରୁ ଜଣାଯାଏ ଯେ ପୃଥିବୀର ପ୍ରାୟ ଶତକଡ଼ା ୮୦ ପ୍ରତିଶତ ଶକ୍ତି ଜୀବାଶ୍ମ ଇନ୍ଧନ ଦହନରୁ ମିଳୁଛି। ଏହାର ବ୍ୟବହାର କମ୍ ହେବା ପାଇଁ ଚିନ୍ତା କରାଗଲେ ସବୁଜ ଶକ୍ତି ବା ଗ୍ରିନ୍ ଏନର୍ଜିର ସୁଲଭ ମୂଲ୍ୟରେ ବ୍ୟାପକ ଉତ୍ପାଦନ ସହିତ ଜନାଦୃତ ହେବା ଜରୁରୀ।

ସବୁଜ ଶକ୍ତି, ଧରିତ୍ରୀ ମା' କୋଳରେ ଥିବା ପବନ, ଜଳ ତଥା ସୂର୍ଯ୍ୟକିରଣରୁ ଉତ୍ପନ୍ନ ହେଉଥିବା ଶକ୍ତି। ଏହା ପୁନଃ ସୃଷ୍ଟି ହୋଇପାରୁଥିବା ବା ରିନ୍ୟୁଏବଲ୍ ଶକ୍ତି ଭାବେ ଜଣା। ଏହାର ବ୍ୟବହାର ପରିବେଶ ପ୍ରଦୂଷଣ କମ୍ କରାଇଥାଏ। ପବନ କଳ, ଜଳ ପ୍ରବାହ ଏବଂ ସୂର୍ଯ୍ୟ କିରଣରୁ ମିଳୁଥିବା ବିଦ୍ୟୁତ୍ ଶକ୍ତି ସବୁଜ ଶକ୍ତି ଭାବରେ ଆମ ପାଖରେ ପରିଚିତ। ଏହି ତିନୋଟି ଉତ୍ସର ଶକ୍ତି ଛଡ଼ା ତରଙ୍ଗ ଶକ୍ତିରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ମଧ୍ୟ ସବୁଜ ଶକ୍ତି ଅନ୍ତର୍ଗତ। ମାତ୍ର ଏହାର ସୁଲଭ ମୂଲ୍ୟରେ ବ୍ୟାପକ ଉତ୍ପାଦନ ହେବା ଗବେଷଣା ସ୍ତରରେ ରହିଛି। ସୁତରାଂ ସବୁଜ ଶକ୍ତି ଭାବରେ ଉପରେ କୁହାଯାଇଥିବା ପ୍ରଥମ ତିନୋଟି ଶକ୍ତି ବିଷୟରେ ଆଲୋଚନା କରିବା।

ଜଳ ବିଦ୍ୟୁତ୍ ବିଶ୍ୱରେ ପ୍ରାୟ ସମଗ୍ର ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିର ଶତକଡ଼ା ୧୬ ଭାଗ ହୋଇଥିବା ବେଳେ ପବନ ଓ ସୂର୍ଯ୍ୟକିରଣରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ଯଥାକ୍ରମେ ଶତକଡ଼ା ୫ ଏବଂ ୨ ଭାଗ। ଏହାଛଡ଼ା ଜଳ ବିଦ୍ୟୁତ୍ ସବୁଠାରୁ ଶସ୍ତା କାରଣ ଜଳସେଚନ, ଜଳ ଯୋଗାଣ ଇତ୍ୟାଦି କାର୍ଯ୍ୟ ପାଇଁ ନଦୀବନ୍ଧରେ ଗଚ୍ଛିତ ଜଳର ପ୍ରବାହ ଦ୍ୱାରା ଏହି ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ। ଏହା ଅନ୍ୟ ଦୁଇଟି ଶକ୍ତିଠାରୁ ବହୁ ପୁରାତନ ଏବଂ ଏହାର ଉତ୍ପାଦନ ସୀମିତ। ପବନ ପ୍ରବାହ ଏବଂ ସୂର୍ଯ୍ୟକିରଣରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିର ୟୁନିଟ୍ ପିଛା ମୂଲ୍ୟ ଜୀବାଶ୍ମ ଇନ୍ଧନର ଦହନରୁ ମିଳୁଥିବା ବିଦ୍ୟୁତ୍ ଶକ୍ତି ଠାରୁ ଖୁବ୍ ଅଧିକ ଥିବା ହେତୁ ଏହାର ବ୍ୟବହାର ବହୁ ପୁରୁଣା ନୁହେଁ। ୧୯୮୦ ପରଠାରୁ ପବନ ପ୍ରବାହରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ଏବଂ ୨୦୦୦ ପରଠାରୁ ସୂର୍ଯ୍ୟକିରଣରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିର ୟୁନିଟ୍ ପିଛା ମୂଲ୍ୟରେ ହ୍ରାସ ହେବା ସହିତ ଉତ୍ପାଦନ ତଥା ଚାହିଦାରେ ମଧ୍ୟ ବୃଦ୍ଧି ଘଟିଛି। ଜଳ ବଦ୍ୟୁତ୍ ଶକ୍ତି ପରି ପବନ ପ୍ରବାହରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ମଧ୍ୟ ସୀମିତ, କାରଣ ଏହା ଅଧିକ ବାୟୁ ପ୍ରବାହ ଥିବା ଖୋଲା ଅଞ୍ଚଳ ଦରକାର କରେ। ଆଗାମୀ ଦିନରେ ସୌର ବିଦ୍ୟୁତ୍ ଅନ୍ୟ ଦୁଇଟି ସବୁଜ ଶକ୍ତିକୁ ପଛରେ ପକାଇ ଏକ ନମ୍ବର ସ୍ଥାନ ଅଧିକାର କରିବ, କାରଣ ଏହାର ଉତ୍ପାଦନ ସୋଲାର ପାନେଲ୍ ବ୍ୟବହାର ଦ୍ୱାରା ଘର ତଥା ଅଫିସ ଛାତ, ଖୋଲା ସ୍ଥାନ, କେନାଲ ତଥା ନଦୀ, ପୋଖରୀର ଜଳରାଶି, ପାହାଡ଼, ମରୁଭୂମି ଇତ୍ୟାଦି ବ୍ୟାପକ ଅଞ୍ଚଳରେ କରାଯାଉଛି। ତଥ୍ୟରୁ ଜଣାଯାଏ ଯେ ୨୦୦୦ରୁ ୨୦୨୧ମଧ୍ୟରେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ କ୍ଷମତା ହାରାହାରି ଜଳରୁ ୩ଗୁଣ ବୃଦ୍ଧି ହୋଇଥିବା ବେଳେ ପବନରୁ ୫ ଶହ ଗୁଣ ଏବଂ ସୂର୍ଯ୍ୟ କିରଣରୁ ୧ ହଜାର ଗୁଣ ବୃଦ୍ଧି ହୋଇଛି। ସୌରଶକ୍ତି ବ୍ୟବହାରର ଅପାର ସମ୍ଭାବନାକୁ ଆଖିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସୌରଶକ୍ତିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ଚାଷ କାମ ପାଇଁ ସୌର ପାଣି ପମ୍ପ, ସୌର ଚୁଲା, ପଙ୍ଖା, ଲଣ୍ଠନ, ଲାଇଟ୍ ଇତ୍ୟାଦି ଉପକରଣ ଉପରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସହିତ ଟେକ୍‌ନିକ୍ ସହାୟତା ଯୋଗାଇଦେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ।



ଜାଗତିକ ଉଷ୍ମତା କମାଇବା ଏବଂ ଜୀବାଶ୍ମ ଇନ୍ଧନ ଦହନ ବ୍ୟବହାର କମ୍ ଦିଗରେ ଇଭି ବା ଇଲେକ୍ଟ୍ରିକ୍ ଯାନର ବ୍ୟବହାର ଏକ ଠିକ୍ ପଦକ୍ଷେପ। ଇଲେକ୍ଟ୍ରିକ୍ ଯାନ ପେଟ୍ରୋଲ, ଡିଜେଲ୍ ପରି ଇନ୍ଧନ ତୈଳ ବଦଳରେ ବ୍ୟାଟେରିରେ ଗଚ୍ଛିତ ଥିବା ବିଦ୍ୟୁତ୍ ଶକ୍ତି ଦ୍ୱାରା ପରିଚାଳିତ ହୋଇଥାଏ। ଇଭିର ବ୍ୟବହାର ଲୋକାଦୃତ କରିବା ପାଇଁ ଭାରତ ସରକାରଙ୍କ ଆକର୍ଷଣୀୟ ପୁରୁଣା ଯାନର ସ୍କ୍ରାପ୍ ନୀତି, ନୂତନ ଇଭି କିଣିବା ପାଇଁ କ୍ରୟ ମୂଲ୍ୟରେ ରିହାତି ଏବଂ ଚଢ଼ା କର ଯୁକ୍ତ ପେଟ୍ରୋଲ, ଡିଜେଲ୍ ପରି ପରିବେଶ ଦୂଷିତ କରୁଥିବା ଇନ୍ଧନ ତୈଳ ପରିବର୍ତ୍ତେ ପରିବେଶ ଅନୁକୂଳ ତଥା ଶସ୍ତା ବିଦ୍ୟୁତ୍ ଶକ୍ତି ବେଶ୍ ସହାୟକ ହେଉଛି। ପରୀକ୍ଷାମୂଳକ ଭାବେ ବିଭିନ୍ନ ରାଜ୍ୟ ସରକାର ବିଦ୍ୟୁତ୍ ଚାଳିତ ବସ୍ ପରିବେଶ ପ୍ରଦୂଷଣ କମ୍ କରିବା ପାଇଁ ସହରଗୁଡ଼ିକରେ ଚଳାଉଛନ୍ତି। ଟାଟା, ମାରୁତି ପରି ବଡ଼ କାର୍ ନିର୍ମାତାମାନେ ଆକର୍ଷଣୀୟ ଇଭି ମଡେଲ୍ ବଜାରକୁ ଛାଡ଼ିବା ଆରମ୍ଭ କଲେଣି। ବିଦ୍ୟୁତ୍ ଚାଳିତ ସ୍କୁଟି, ମୋଟର ସାଇକେଲ୍ ଭଳି ଦୁଇଚକିଆ ଯାନର ଚାହିଦା ବଜାରରେ ବଢ଼ିଲାଣି। ଏତଦ୍‌ବ୍ୟତୀତ ନିକଟରେ ବ୍ୟାଟେରିରେ ଗଚ୍ଛିତ ଥିବା ବିଦ୍ୟୁତ୍ ଶକ୍ତି ଦ୍ୱାରା ଛୋଟ ଉଡ଼ାଜାହାଜର ଉଡ଼ାଣ ସଫଳତାର ସହ ହୋଇଥିବାର ଖବର ମିଳୁଛି। ଅମ୍ବାନୀ, ଆଦାନୀଙ୍କ ପରି ବଡ଼ ଶିଳ୍ପପତିମାନେ ବ୍ୟାପକ ସ୍ତରରେ ସବୁଜ ଉଦ୍‌ଜାନ ଇନ୍ଧନର ପ୍ରସ୍ତୁତି, ତହିଁରୁ ସବୁଜ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ, ଉତ୍ପନ୍ନ ସବୁଜ ଶକ୍ତିକୁ ବ୍ୟାଟେରିରେ ଗଚ୍ଛିତ କରାଇ ଜୀବାଶ୍ମ ଇନ୍ଧନର ଦହନରୁ ମିଳୁଥିବା ବିଦ୍ୟୁତ୍ ଶକ୍ତିର ବିକଳ୍ପ ଭାବେ ଇଭି, କଳକାରଖାନା, ଘର, କାର୍ଯ୍ୟାଳୟଗୁଡ଼ିକରେ ବ୍ୟବହାର କରାଇବାରେ ଲାଗିଛନ୍ତି। ଏ ସମସ୍ତ ଉଦ୍ୟମ ସହିତ ବ୍ୟାପକ ଜନସଚେତନତା ଜାଗ୍ରତ ହେଲେ ୨୦୫୦ ମସିହା ବେଳକୁ ପୃଥିବୀର ପ୍ରାୟ ଶତକଡ଼ା ୪୫ ପ୍ରତିଶତ ସବୁଜ ଶକ୍ତିର ବ୍ୟବହାର ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହେବା ସହିତ ଜାଗତିକ ଉଷ୍ମତାର ହ୍ରାସ ଓ ଦ୍ରୁତ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ରୋକାଯାଇପାରିବ।

**ପ୍ରାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର**

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶ ସୁରକ୍ଷାରେ ଜାତୀୟ ତଦନ୍ତ ନିରାପତ୍ତା ସଂସ୍ଥା

ମହାଶୟ,

ଭାରତରେ ଲୁକ୍କାୟିତ ଭାବେ ଥିବା କେତେକ ଦେଶ ବିରୋଧୀ ସନ୍ତ୍ରାସବାଦୀ ସଂଗଠନ ଉପରେ ଜାତୀୟ ତଦନ୍ତ ନିରାପତ୍ତା ସଂସ୍ଥା ଚଢ଼ାଉ କରି ସେମାନଙ୍କୁ କୋର୍ଟରେ ହାଜର କରାଉଛି। ଦେଶର ଯେ କୌଣସି ସନ୍ତ୍ରାସବାଦୀ ସଂଗଠନ ହେଉ ସେମାନେ ଯଦି ଦେଶର ନିରାପତ୍ତା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବେ ଜାତୀୟ ନିରାପତ୍ତା ସଂସ୍ଥା ସମଗ୍ର ଦେଶରେ ଥିବା ସଂଗଠନଗୁଡିକ ଉପରେ ଚଢ଼ାଉ କରିବାର ଅଧିକାର ଅଛି । ଗିରଫ କରିବାର ଅଧିକାର ବି ଅଛି। ଦେଶର ଚାରିଆଡ଼େ ଆତଙ୍କଜନକ ପରିସ୍ଥିତି। ଆତଙ୍କବାଦୀଙ୍କର ଧ୍ୱଂସାତ୍ମକ ଷଡ଼ଯନ୍ତ୍ର ଦେଶ ପ୍ରତି କେତେବେଳେ କ'ଣ ଘଟିବ କହିହେବନି। ଏମାନଙ୍କ ଉପରେ ଜାତୀୟ ତଦନ୍ତ ନିରାପତ୍ତା ସଂସ୍ଥା ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣୀୟ। ଦେଶ କେତେ କାହାର ବଳିଦାନରେ ସ୍ୱାଧୀନତା ଲାଭ କରିଛି, ଯାହାକୁ କହୁନ୍ତି କଷ୍ଟଲବ୍ଧ ସ୍ୱାଧୀନତା। ସେ ସ୍ୱାଧୀନତାକୁ ବିପନ୍ନ ହେବାକୁ କଦାପି ଜାତୀୟ ତଦନ୍ତ ନିରାପତ୍ତା ସଂସ୍ଥା ପ୍ରଶ୍ରୟ ଦେବନି। ସରକାର ବି ପ୍ରଶ୍ରୟ ଦେବେନି। ଦଳମତ ନିର୍ବିଶେଷରେ ସମସ୍ତେ ଏହାକୁ ସମ୍ପାଦନ କରିବା ଉଚିତ। ଦେଶ ରହିଲେ ଆମେ ରହିବା।

**- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ବିଶ୍ୱର ଶତ କ୍ଷତେ  
ବ୍ୟଥିତ ବଧିର  
ଏ ମରମୁଁ ଗଳେ ଚିର  
କଲୋହିତ ରୁଧିର।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଫାଟିଲା ଗ୍ୟାସ୍ ସିଲିଣ୍ଡର, ବର୍ତ୍ତିଲା ୪ ଜୀବନ



ବିସ୍ଫୋରଣରେ ଭାଙ୍ଗିଯାଇଥିବା ଘରର ଆଜ୍‌ବେଷ୍ଟସ।

ବ୍ରଜରାଜନଗର,୧୩।୧୦(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ହନୁମାନ ନଗରରେ ଗୁରୁବାର ସକାଳେ ଏକ ଗ୍ୟାସ୍ ଟାଙ୍କି ଫାଟିଯାଇଥିଲା। ହେଲେ ଉପସ୍ଥିତି ବୁଦ୍ଧି ଯୋଗୁ ପରିବାରର ୪ ସଦସ୍ୟ ସେମାନଙ୍କର ଜୀବନ ବଞ୍ଚାଇ ପାରିଥିଲେ। ପରିବାର ମୁଖ୍ୟ ରଘୁବୀର ସିଂହଙ୍କ ସୂଚନା ଅନୁସାରେ ସକାଳ ୬ଟା ସମୟରେ ତାଙ୍କ ଝିଅ ବିଭା କୁମାରୀ ରୋଷେଇ କରିବା ପାଇଁ ଗ୍ୟାସ୍ ଲଗାଇବା ମାତ୍ରକେ ଗ୍ୟାସ୍ ଲିକ୍ ହୋଇ ଘରସାରା ନିଆଁ ବ୍ୟାପିଯାଇଥିଲା। ଏହା ଦେଖି ଘରେ ଥିବା ରଘୁବୀର, ଝିଅ ବିଭା, ସ୍ତ୍ରୀ ଅନିତା ଓ ସମ୍ପର୍କୀୟ ଶଶିକାନ୍ତ ରୋଷେଇଘରେ ପଶି ବିଭାଙ୍କୁ ବାହାର କରି କବାଟ ବନ୍ଦ କରିଦେଇଥିଲେ। ଆହତ ବିଭାଙ୍କୁ ସେମାନେ ଓଦା କମ୍ବଳରେ ଘୋଡାଇଦେଇଥିଲେ। ଚାହୁଁ ଚାହୁଁ ଘରେ ସିଲିଣ୍ଡର୍ ଫାଟି ବିସ୍ଫୋରଣ ହୋଇଥିଲା। ଏଥିରେ ଘରର ଆଜବେଷ୍ଟସ୍ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ପଡ଼ିଥିଲା। ଖବର ପାଇ ଓରିଏଣ୍ଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ୟାସ୍ ସିଲିଣ୍ଡରର ରବର୍ ପ୍ୟାକିଂ ଠିକ୍ ନ ଥିବା ନେଇ ରଘୁବୀର ଥାନାରେ ଅଭିଯୋଗ କରିଛନ୍ତି।

# ଗୋ-ସୁଗମ ପୋର୍ଟାଲକୁ ଅଧିକ ପାରଦର୍ଶୀ କରିବାକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

କୃଷି ବିଭାଗ ଦ୍ୱାରା ଗୋ-ସୁଗମ ପୋର୍ଟାଲକୁ ଅଧିକ ପାରଦର୍ଶୀ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଗୋ-ସୁଗମ ୱେବ୍‌ପୋର୍ଟାଲର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ ସମୀକ୍ଷା କରିବା ଅବସରରେ କହିଛନ୍ତି, ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଫଳରେ କୃଷକଙ୍କ ଆୟ ବୃଦ୍ଧି ସହିତ ଜୀବନ ଓ ଜୀବିକାରେ ରୂପାନ୍ତରଣ ଆଣିହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଉଥିବା ଗୋ-ସୁଗମ ପୋର୍ଟାଲ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ ଦେଶର ପ୍ରଥମ ସିଙ୍ଗଲ ୱିଣ୍ଡୋ ୱେବ୍ ପୋର୍ଟାଲ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୭ ଗୋଟି ଯୋଜନା ଓ ସେବା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ୩୩ଟି ଯୋଜନା ଓ ସେବାକୁ ଗୋ-ସୁଗମ ପୋର୍ଟାଲରେ ଡିଜିଟାଲ କରାଯାଇଛି। ଏଥିରେ କୃଷକମାନେ ବିଭିନ୍ନ ଯୋଜନା ଓ ସେବା ନିମନ୍ତେ ଅନ୍‌ଲାଇନରେ ଦରଖାସ୍ତ କରିପାରିବେ। ପୋର୍ଟାଲ ମାଧମରେ ଦରଖାସ୍ତର ରିୟଲ ଟାଇମ୍ ସ୍ଥିତି ସମ୍ପର୍କରେ ଜାଣିବାର ବ୍ୟବସ୍ଥା ରହିଛି। ମୋବାଇଲ୍ ମେସେଜ୍ କିମ୍ବା ଇ-ମେଲ୍ ମାଧମରେ ପ୍ରତ୍ୟେକ ସ୍ତରରେ ଆବେଦନ ପତ୍ରର ସ୍ୱୀକୃତି କିମ୍ବା ଖାରଜ ସମ୍ପର୍କରେ ସୂଚନା ଦେବାର ବ୍ୟବସ୍ଥା ମଧ ରହିଛି। ଏହି ଅଭିନବ ସିଙ୍ଗଲ୍ ୱିଣ୍ଡୋସେବା ପ୍ରଦାନକାରୀ ୱେବ୍ ପୋର୍ଟାଲର ଲାଭ ଯେପରି ରାଜ୍ୟର ପ୍ରତ୍ୟେକ କୃଷକ ସହଜରେ ପାଇପାରିବେ ସେଥିପ୍ରତି ବ୍ଲକ୍‌ଠାରୁ ଆରମ୍ଭ କରି ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ ଅଧିକାରୀ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ

ନଂ.୧୭୪୨ ତା.୧୦.୧୦.୨୦୨୨

### ବିଜ୍ଞାପନ

**No.C-1361:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି କି ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ନିମ୍ନଲିଖିତ ସୈରାତ ଗୁଡିକ ପ୍ରଦତ୍ତ ଥିବା ଅବଧି ପାଇଁ ନିଲାମ କରାଯିବ । ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଧାରିତ ତାରିଖ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ବିଭିନ୍ନ ସୈରାତଗୁଡିକର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ର.ସଂ. | ସୈରାତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ଅବଧି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|---|
| ୧ | ସାଗର କଲ୍ୟାଣ ମଣ୍ଡପ, ପାର୍କ ପାଖ ଓଡଗାଁ | ଟ.୧,୦୦.୦୦୦/-(ବର୍ଷ ୨୦୨୨-୨୩)<br>ଟ.୧,୧୦,୦୦୦/-(ବର୍ଷ ୨୦୨୩-୨୪)<br>ଟ.୧,୨୧,୦୦୦/-(ବର୍ଷ ୨୦୨୪-୨୫)<br>(ବାର୍ଷିକ ୧୦% ବର୍ଦ୍ଧିତ ହାରରେ) | ଟ.୨୦,୦୦୦/- | ତା.୦୧.୧୧.୨୦୨୨ ରୁ ୩୦.୧୦.୨୦୨୫ (୩ ବର୍ଷ ପାଇଁ) | ତା.୨୬.୧୦.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକା । ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ |
| ୨ | ବିଜ୍ଞାପିତ ଅଞ୍ଚଳ ପରିସୀମାରେ ହୋର୍ଡିଙ୍ଗ | ଟ.୨୦,୦୦୦/-(ବର୍ଷ ୨୦୨୨-୨୩)<br>ଟ.୨୨,୦୦୦/-(ବର୍ଷ ୨୦୨୩-୨୪)<br>ଟ.୨୪,୨୦୦/-(ବର୍ଷ ୨୦୨୪-୨୫)<br>(ବାର୍ଷିକ ୧୦% ବର୍ଦ୍ଧିତ ହାରରେ) | ଟ.୪୦୦୦/- | ତା.୦୧.୧୧.୨୦୨୨ ରୁ ୩୦.୧୦.୨୦୨୫ (୩ ବର୍ଷ ପାଇଁ) | |
| ୩ | ଦୈନିକ ମାର୍କେଟ ଆଦାୟ | ଟ.୧,୩୦,୦୦୦/-(ବର୍ଷ ୨୦୨୨-୨୩)<br>ଟ.୧,୪୩,୦୦୦/-(ବର୍ଷ ୨୦୨୩-୨୪)<br>ଟ.୧,୫୭,୩୦୦/-(ବର୍ଷ ୨୦୨୪-୨୫) | ଟ.୧୩,୦୦୦/- | ତା.୦୧.୧୧.୨୦୨୨ ରୁ ୩୦.୧୦.୨୦୨୫ (୩ ବର୍ଷ ପାଇଁ) | |

ସର୍ତ୍ତାବଳୀ: ୧) ପୂର୍ବବର୍ଷରୁ ବକେୟା ଦେୟ ଥିବା ବ୍ୟକ୍ତି/ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ ।
୨) ନିର୍ଦ୍ଧାରିତ ଟ.୬୦୦/- ମୂଲ୍ୟ ଦେୟ କରି କାର୍ଯ୍ୟାଳୟରୁ ଆବେଦନ ପତ୍ର ଓ ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଗ୍ରହଣ କରିପାରିବେ । ଆବେଦନ କରିବାର ଶେଷ ତାରିଖ ତା. ୨୧.୧୦.୨୦୨୨ ରିଖ ଅପରାହ୍ନ ୫ ଘଟିକା ମଧରେ ।
୩) ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ନିଲାମ ଡାକ ଓ ଆବଣ୍ଟନ ମାମଲାରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

OIPR-13142/11/0016/2223 ସ୍ୱା./-ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ

## ଜିଲ୍ଲା ପରିଷଦ, ଅନୁଗୋଳ
## ZILLA PARISHAD, ANGUL

Dist-ANGUL,Odisha, Pin-759122, Email:ori-dangul@nic.in, drdaangul@gmail.com

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ସହାୟତା କାର୍ଯ୍ୟକ୍ରମ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ବ୍ଲକସ୍ତରୀୟ ଜନଶୁଣାଣି**

କାର୍ଯ୍ୟାଳୟ ଆଦେଶନାମା ସଂଖ୍ୟା-୩୪୪୬/ତା.୨୨.୦୯.୨୦୨୨

**No.CAD-2122:** ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ସହାୟତା କାର୍ଯ୍ୟକ୍ରମ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ୨୦୨୧-୨୨ ଆର୍ଥିକ ବର୍ଷର (୦୧ ଅପ୍ରେଲ ୨୦୨୧ ଠାରୁ ୩୧ ମାର୍ଚ୍ଚ ୨୦୨୨) ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି ।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଙ୍ଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇନେବା ପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପିତ କରିବା ହେବେ ।

| କ୍ର.ସଂ. | ବ୍ଲକର ନାମ | ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ କାର୍ଯ୍ୟକ୍ରମ | | | |
|---|---|---|---|---|---|
| | | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
| ୧ | ଆଠମଲ୍ଲିକ | ୨୧.୧୦.୨୦୨୨ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) |
| ୨ | ଛେଣ୍ଡିପଦା | ୨୬.୧୦.୨୦୨୨ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) |
| ୩ | ବଣ୍ଟାଁରପାଳ | ୨୭.୧୦.୨୦୨୨ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ପାଲଲହଡା |
| ୪ | ଅନୁଗୋଳ | ୨୮.୧୦.୨୦୨୨ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଅନୁଗୋଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ |
| ୫ | ପାଲଲହଡା | ୩୧.୧୦.୨୦୨୨ | ୧୦.୩୦ | ପଞ୍ଚାୟତ ସମିତି ପରିସର | ଉପ-ଜିଲ୍ଲାପାଳ, ତାଳଚେର |

ସ୍ୱା/- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ

ସ୍ୱା/- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମହାତ୍ମା ଗାନ୍ଧୀ NREGA, ଅନୁଗୋଳ

OIPR-19236/11/0002/2223

## OFFICE OF THE DIVISIONAL FOREST OFFICER RAIRAKHOL DIVISION

No.MM-207: Email:- dforedhakhol@gmail.com

**INVITATION FOR BIDS THROUGH e-Procurement**

**Bid Identification No. 02/2022-23**

| | | |
|---|---|---|
| 1. | Name of the work | Construction of ACF Quarter at Rairakhol & Construction of Watch Tower at Talab. |
| 2. | Total no of Works | 02 Nos. |
| 3. | Estimated cost | Rs.1767858/- & 1785715/- (Approx) |
| 4. | Class of Contractor | D & C |
| 5. | Period of Completion | 4 (Four Calendar Months) |
| 6. | Type of tender | Single Cover Tender |
| 7. | Date and Time of availability of Bid documents in the portal | From 11.00 A.M. of Dt.13.10.2022 to 17.00 hrs. of dt.24.10.2022 |
| 8. | Last date/Time for receipt of bids in the portal | Dt.24.10.2022 upto 17.00 hrs. |
| 9. | Submission of Original documents (TP cost, EMD, Affidavit etc as per DTCN) | During office hours from 10.30 A.M. on dt.25.10.2022 to dt.26.10.2022 upto 17.00 hrs. in the Office of the undersigned. |
| 10. | Date of opening of Bid through online | Dt.27.10.2022 at 11.00 hrs. in the office of the undersigned. |
| 11. | Name & address of the O.I.T(Officer Inviting Tender) | Divisional Forest Officer, Rairakhol Division, Rairakhol |

Further details can be seen from the e-procurement portal https://tendersodisha.gov.in. N.B.Subsequent corrigendum/addendum if required shall be available in the website as indicated above.

**Sd./- Divisional Forest Officer, Rairakhol Forest Division**

OIPR-08030/11/0001/2223

## OFFICE OF THE DIVISIONAL FOREST OFFICER GHUMSUR NORTH DIVISION

Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241008, E-mail: dfoghumusurnorth@gmail.com

### NOTICE

To
**Smt. Ashalata Digal,**
**Ex-Dy. Ranger (now reverted to the post of Forester),**
**O/o- The Divisional Forest Officer,**
**Ghumsur North Division, Bhanjanagar**

**No.MM-210:** It is informed through publication of this notice that one Departmental Proceedings has been initiated against Smt. Ashalata Digal, Ex-Dy.Ranger (now reverted to the post of Forester) vide Memorandum No.54 dated 09.03.2022 of the Regional Chief Conservator of Forests, Berhampur Circle, Berhampur due to her absence from duty with effect from 11.10.2021 AN till date. The Memorandum was sent to her native address through Regd. Post. But, the same could not be served to her due to her absence in the address and returned undelivered with postal remarks "addressee absent and not staying in the village".

So, Smt. Digal, Ex-Dy. Ranger now reverted to Forester is hereby informed through this notice to attend this office and receive the Disciplinary Proceedings drawn up against her vide Memorandum No.54 dated 09.03.2022 within seven days from the date of publication of this notice, failing which it will be deemed to have been served to her and further course of action will be taken accordingly as per Rules.

**Sd./- Divisional Forest Officer Ghumsur North Division**

OIPR-08033/11/0009/2223

## Bhubaneswar Municipal Corporation

*Progress through Partnership for better Bhubaneswar*

**Notice No. 47696** **Date: 10.10.2022**
**File No.: XXII(L) 33.2017PT**
**Ref. Notice No.: 46865 Dated: 29.09.2022**

**Extension of Meeting date to address the queries of Applicants for enrolment with BMC to undertake display of advertisement within jurisdiction of BMC as per BMC's Tax on Advertisement Regulations, 2006**

No. C-1365: In reference to the notice for enrolment of agencies/advertisers to undertake display of advertisements with jurisdiction of BMC as per BMC's Tax on Regulations, 2006, the meeting to address the queries of interested agencies was scheduled to be held on 07.10.2022 at 12 Noon could have not been conducted due to administrative reason. The said meeting has been re-scheduled to be held on 12.10.2022 at 4 P.M. in Mini Conference Hall, BMC and subsequently the last date of application submission has been extended to 20.10.2022 till 5 P.M. Hence, all interested agencies are requested to attend the said meeting with your queries as per scheduled date, time and venue.

The details of the notice is available in BMC website: **http://bmc.gov.in.**.

**Sd./- Deputy Commissioner (Revenue) Bhubaneswar Municipal Corporation**

OIPR-13002/11/0119/2223

## OFFICE OF THE CHIEF EXECUTIVE OFFICER

WATCO
**WATCO, Ground Floor, Unnati Bhawan**
**H.B. Colony, Satyanagar, Bhubaneswar - 751007**
**Odisha, India, Telefax: +91-674-2391444**
**E-mail- mail@watcoodisha.in, md@watcoodisha.in**

**INVITATION FOR BID (IFB)**

**Bid Identification No. WATCO (W)- 28/2022-23 Dtd.11.10.2022**
**No.C-1357: WATCO No. 4599 Date: 11.10.2022**

| | | |
|---|---|---|
| 1 | Name of the work | Provision of Water Supply to Maa Laxmi Nagar Basti in Ward No.-23 of BMC under WATCO Section, Kalinga Nagar, Bhubaneswar |
| 2 | Estimated cost | Rs.115.55 lakh |
| 3 | Period of completion | 3 months |
| 4 | Date & time of availability of bid document in the portal | From 11.00 A.M. of Dt.15.10.2022 to 5.00 P.M. of 25.10.2022. |
| 5 | Last date / time of receipt of bids in the portal | 5.00 P.M. of 25.10.2022 |
| 6 | Date & time of opening of technical bids | 12.30 P.M. of 26.10.2022 |
| 7 | Name and address of the officer inviting bid | CEO, WATCO, Telefax: 0674-2391444, E-mail: mail@watcoodisha.in, md@watcoodisha.in, mail to: eephibbsr@ori.nic.in |
| 8 | The bidders have to participate in ONLINE bidding only. | |

Further details can be seen from the website www.tendersodisha.gov.in

**Sd./- (CEO), WATCO**

OIPR-13194/11/0055/2223

## Government of Odisha
## OFFICE OF THE PANCHAYAT SAMITI, BARPALI, DIST-BARGARH

E-mail:ori-barpali@nic.in

**Identification No.BDOBarpali/01/2022-23**

1. Type of works : Health Building Works
2. Total No of Works : (01) No.
3. Estimated Cost : Rs.30.50 Lakh (Approx.)
4. Class of Contractor : "C" & "B" Class
5. Period of Completion : 6 (six) calendar months
6. Date of Bidding : 14.10.2022 at 10.00 A.M. to 28.10.2022 upto 1.00 P.M.
7. Last date of receipt Bid documents : 28.10.2022 upto 1.00 PM
8. Date & Time of Opening of tender : 29.10.2022 at 11.00 AM

Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) along with other necessary documents can be obtained/download from district NIC website www.bargarh.nic.in and Sealed Bids must be enclosed with appropriate cost in shape of a non-refundable Demand Draft of Rs.6000/-only for each work, separately issued from any scheduled bank payable at Barpali in favour of Block Development Officer.Barpali. Interested Bidders may obtain further information at the same address.

OIPR-19239/11/0002/2223 **Sd./- Block Development Officer, Barpali**

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ନୂଆପଡ଼ା

### ଅଧିସୂଚନା

ସଂଖ୍ୟା 10119/ଭୂ-ଅର୍ଜନ II-11/2022 ତାରିଖ-01.10.2022

**No.XVIII-14:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-**ବେଲରଦୋନା,** ଥାନା-କୋମନା, ତହସିଲ-କୋମନା, ଜିଲ୍ଲା-ନୂଆପଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୩୨୯ ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ - ଅଧୀକ୍ଷଣ ଯନ୍ତ୍ରୀ,(ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୬୭୪୬/ତାରିଖ ୧୦.୦୮.୨୦୨୨ ରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ,ନୂଆପଡ଼ା ।
୬. ଜମିର ବିବରଣୀ:

**ଜମିର ବିଶଦ ବିବରଣୀ**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୦.୦୦ ଡି. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-ଜିଲ୍ଲାପାଳ, ନୂଆପଡ଼ା

**ଜମିର ବିବରଣୀ**

ମୌଜା-ବେଲରଦୋନା

| କ୍ରମିକ ନମ୍ବର | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| ୧ | ୬୨ | ୨୬୧୪ | ୨.୪୩୦ | ୦.୦୩୦ | ଆଟ | ଗୋପୀ ବିଶି,ପି-ଧନେଶ୍ୱର ବିଶି, ଜା-ଗଣ୍ଡ | |
| ୨ | ୧୨୯ | ୨୪୭୪ | ୦.୦୪୦ | ୦.୦୪୦ | ଘରବାରି | ଦୟାଲୁ ଶବର, ପି-ଅର୍ଜୁନ ଶବର,ଜା-ଶବର | |
| ୩ | ୧୮ | ୨୪୭୫ | ୦.୦୪୦ | ୦.୦୪୦ | ଘରବାରି | ଉଦ୍ଧବ ଶବର, ପି-ନୀତିଆ ଶବର,ଜା-ଶବର | |
| ୪ | ୨୭୧ | ୨୫୨୫ | ୦.୦୩୦ | ୦.୦୩୦ | ଘରବାରି | ରେଙ୍ଗଟୁ ହରିଜନ,ପି-ମନୋହର ହରିଜନ,ଜା-ଡମ୍ବ | |
| ୫ | ୫୭ | ୨୫୨୯ | ୦.୦୩୦ | ୦.୦୩୦ | ଘରବାରି | ଗୁରୁଲୁ ମାଝୀ, ପି-ଦେବାର ମାଝୀ, ଜା-ଗଣ୍ଡ | |
| ୬ | ୨୧୩ | ୨୫୩୦ | ୦.୦୩୦ | ୦.୦୩୦ | ଘରବାରି | ବୁଢା ପରାଭୋଇ, ପି-ଗୁଣ ପରାଭୋଇ,ଜା-ଲୋହରା | |
| ୭ | ୧୪୮ | ୨୫୩୨ | ୦.୦୩୦ | ୦.୦୩୦ | ଘରବାରି | ଧନୁ ନାଏକ,ପି-ଦର ସିଂହ ନାଏକ, ଜା-ବୈରାଗୀ | |
| ୮ | ୨୪୭ | ୨୫୨୩ | ୦.୦୨୦ | ୦.୦୧୨ | ଘରବାରି | ମିର୍ଚାମତି ମାଝି, ସ୍ୱା-ରବି ମାଝୀ, ଜା-ଗଣ୍ଡ | |
| ୯ | ୨୫୫ | ୨୫୨୪ | ୦.୦୩୦ | ୦.୦୩୦ | ଘରବାରି | ମେଘ ଗଉଡ, ପି-ତିପୁର ଗଉଡ, ଜା-ଗଉଡ | |
| ୧୦ | ୨୪୩ | ୨୪୯୯ | ୦.୦୪୦ | ୦.୦୧୭ | ଘରବାରି | ମନୀହର ମାଝୀ, ପି-ଲଛମନ ମାଝୀ, ଜା-ଗଣ୍ଡ | |
| ୧୧ | ୧୮୫ | ୨୫୦୦ | ୦.୦୪୦ | ୦.୦୪୦ | ଘରବାରି | ଫୁଲକ ମାଝୀ, ପି-ବଇଶଖୁ ମାଝୀ, ଜା-ଗଣ୍ଡ | |
| | | ମୋଟ | ୨.୭୬୦ | ୦.୩୨୯ | | | |

**Sd./- Special L.A.O., BEW Nuapada**

**Sd./- Superintending Engineer Khariar (R&B) Division**

OIPR-24325/14/0027/2223

See Career Appointment on every Wednesday & Saturday

## GOVT. OF ODISHA
## DIRECTORATE OF HEALTH INTELLIGENCE & VITAL STATISTICS, ODISHA

### NOTICE

No. 2138 Date: 12-10-2022

**ADVERTISEMENT FOR ENGAGEMENT OF RETIRED WILLING GOVERNMENT VITAL STATISTICS STAFFS (VITAL STATISTICS CLERKS/ STATISTICAL ASSISTANTS/STATISTICAL INVESTIGATORS) OF ODISHA VITAL STATISTICS CLERK SERVICE CADRE AGAINST THE VACANT POST (Vital Statistics Staffs) AS O.S.D. ON CONTRACTUAL BASIS UNDER THE ADMINISTRATIVE CONTROL OF THE DIRECTOR OF HI & VS, ODISHA**

No. E-538:- Applications are invited from the willing retired Government Vital Statistics Staffs **(VITAL STATISTICS CLERKS/STATISTICAL ASSISTANTS /STATISTICAL INVESTIGATORS)** in enclosed format (**Application Form**) for re-engagement of total 14 numbers of retired Vital Statistics Staffs at different places such as at O/o. the CDM & PHOs, Bhadrak, Boudh, Gajapati, Ganjam, Malkangiri, Mayurbhanj, Nawarangapur, Rayagada, Sambalpur, Subarnapur, Supdt., MKCG MCH, Berhampur, Supdt.VSS MCH, Burla and the State Head Quarter (O/o the DHI & VS, Odisha) against the vacant post (Vital Statistics Staffs) as O.S.D. on contractual basis for the period of two years with the following terms & conditions and eligibility:-

1. The Selection will be governed by the procedure and rule laid down in **G.A. Department Resolution No. 23750/Gen dated 27.08.2014.**
2. Re-employed officers shall be governed by the provisions of Government Servants' Conduct Rules, 1957 and shall be liable to be proceeded against for their misconduct, omissions and commissions as per the provisions under the Odisha Pension Rules, 1992.
3. Monthly remuneration of re-engaged officers shall be fixed as per the **Finance Department Office Memorandum No. 24533/F dated 29.09.2022.**
4. The re-employment shall be made initially for a period of two years and can be extended for subsequent period of two years with spells of one year each subject to satisfactory performance up to a total period of four years not beyond the age of 65 (sixty-five) years of age in any case or till the posts are filled up by regular process whichever is earlier.
5. Officers who have retired from Government Service i.e. Vital Statistics Staffs **(VITAL STATISTICS CLERK /STATISTICAL ASSISTANTS /STATISTICAL INVESTIGATORS)** on attaining the age of superannuation having good service records and are physically fit shall be eligible to apply for the OSD on reengagement.
6. Officers against whom Departmental Proceedings/ Criminal cases/Vigilance cases are contemplated/pending or who have been penalised for misconduct during the period of preceding five years will not be eligible for consideration. Further, the candidate shall produce a certificate to this effect from the last employer which should be attached in the application form.
7. The performance of the officers is to be reviewed periodically and documented at least once in a quarter.
8. On review of their performance, if their performance is found unsatisfactory, their engagement may be terminated without giving any reason thereof and the decision of the appointing authority i.e. Director of Health Intelligence & Vital Statistics, Odisha by giving one month Notice to the concerned re-engaged employee. On the contrary if any reemployed officer desires to resign he or she shall do so by giving one month's written notice to the competent authority.
9. Officers should have operational computer knowledge to work in **OSWAS/OBDRS/MS Office.**
10. Eligible willing candidates who are interested to be re-engaged shall apply to the office of the ***Director of Health Intelligence & Vital Statistics, Odisha, at- Heads of Department Building, 2nd Floor, Unit-V, Bhubaneswar, PIN-751001, Odisha*** in the given format by Registered Post/ Speed Post only which should reach within a period of **15 (fifteen) days from the date of publication of the NOTICE in the two daily Odia Newspapers having wide circulation.**
11. Application received in any other mode and after due date will not be accepted.
12. The Shortlisted candidates are required to appear for an interview before the Selection Committee for re-engagement of retired Vital Statistics Staffs of Office of the Director of HI & VS, Odisha with all required documents/ certificates.:-

**Sd./- Director of Health Intelligence & Vital Statistics, Odisha**

**APPLICATION FORM FOR ENGAGEMENT OF RETIRED GOVERNMENT VITAL STATISTICS STAFFS (VITAL STATISTICS CLERKS/STATISTICAL ASSISTANTS / STATISTICAL INVESTIGATORS) OF ODISHA VITAL STATISTICS CLERK SERVICE CADRE AS OSD UNDER THE ADMINISTRATIVE CONTROL OF THE DIRECTOR OF HEALTH INTELLIGENCE & VITAL STATISTICS, ODISHA, BHUBANESWAR**

| | | | | |
|---|---|---|---|---|
| 1. | Name | : | | Recent Passport size photograph to be attached here |
| 2. | Father's Name /Husband Name | : | | |
| 3. | Date of Birth | : | | |
| 4. | Designation of the post last held | : | | |
| 5. | Permanent Address | : | | |
| 6. | Address for correspondence | : | | |
| 7. | Mobile Number (with Whatsapp) | : | | |
| 8. | E-mail Id | : | | |
| 9. | Educational Qualification | : | | |
| 10. | Training experience on Health Statistics (if any) | : | | |
| 11. | Operational Computer knowledge to work in OSWAS System and OBDRS (Yes or No) | : | | |
| 12. | PPO Number and the copy of PPO to be attached | : | | |
| 12. | Self attested copy of ID Proof(Aadhaar/PAN/DL) | : | | |
| 14. | History of Service | : | | |
| 15. | Whether physically fit to discharge Govt. duties (Submit the physical fitness certificate from competent authority) | : | | |
| 16. | Whether any vigilance case/Departmental proceedings/Criminal prosecution is contemplated /pending against him (Certificate from last employer) | : | | |
| 17. | Whether penalized for misconduct during period of last 5 years of Govt. Service. | : | | |
| 17. | Whether member of any political party after retirement | : | | |
| 19. | Any other relevant information | : | | |

**DECLARATION**

Certified that the information as furnished above is correct and true to the best of my knowledge and belief. I do hereby undertake that if any information detected as false in future, I will be liable for any action as deemed proper against me.

OIPR-10163/11/0002/2223 **Signature of the Applicant**

## ରେଳରେ ୫ଜି ପ୍ରଯୁକ୍ତି ବ୍ୟବହାର କରିବ ରେଳପଥ

**ନୂଆଦିଲ୍ଲୀ:** ଭାରତୀୟ ରେଳର ସମସ୍ତ ଟ୍ରେନ୍‌ର ଗତିବିଧି ଓ ବିଭିନ୍ନ କାରଣ ବା ସମୟରେ ଘଟୁଥିବା ଦୁର୍ଘଟଣାରୁ ବର୍ତ୍ତିବା (ସର୍ତକତା ଅବଲମ୍ବନ) ପାଇଁ ରେଳପଥ ଅନେକ ଯୋଜନା କରୁଛି। ଏପରିକି ଯାତ୍ରୀବାହୀ କିମ୍ବା ମାଲବାହୀ ଟ୍ରେନ୍ ଚାଲୁଥିବା ବେଳେ ଇଞ୍ଜିନରେ ଦେଖାଦେଉଥିବା ବୈଷୟିକ ତ୍ରୁଟି ବିଷୟରେ ଜାଣିବା ଲାଗି ୫ଜି ପ୍ରଯୁକ୍ତି ବ୍ୟବହାର କରିବା ଉପରେ ରେଳପଥ ବିଚାର କରୁଛି ବୋଲି ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମତବ୍ୟକ୍ତ କରିଛନ୍ତି। ସେହିଭଳି ଭାରତୀୟ ରେଳ ପକ୍ଷରୁ ବିମାନ ଭଳି ଟ୍ରେନ୍ ଇଞ୍ଜିନଗୁଡ଼ିକରେ ସେନ୍ସର ଚିପ୍ ଲଗାଇବ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

# ଭଙ୍ଗା ଚାଉଳ ରପ୍ତାନିକୁ କେନ୍ଦ୍ରର ଅନୁମତି

- ଗତ ମାସରେ ବ୍ୟାନ୍ କରିଥିଲେ କେନ୍ଦ୍ର ସରକାର
- ବିଭିନ୍ନ ବନ୍ଦରରେ ୩,୯୭,୨୬୭ ଟନ୍ ଚାଉଳ ପଡ଼ିରହିଛି

ନୂଆଦିଲ୍ଲୀ, ୧୩।୧୦



ଗତ କିଛିଦିନ ହେବ ଦେଶର ପ୍ରମୁଖ ବନ୍ଦରଗୁଡିକରେ ଟନ ଟନ ଭଙ୍ଗା ଚାଉଳ (ବ୍ରୋକେନ ରାଇସ) ରପ୍ତାନି ନ ହୋଇ ପଡିରହିଛି। କାରଣ ଭାରତ ସରକାର ନିକଟରେ ବିଦେଶକୁ ଚାଉଳ ରପ୍ତାନି ନ କରିବା ଲାଗି ଏକ ନିଷେଧାଦେଶ ଜାରି କରିଥିଲେ। ଫଳରେ ବିଦେଶକୁ ପ୍ରାୟ ୩,୯୭,୨୬୭ ଟନ୍ ଭଙ୍ଗା ଚାଉଳ ରପ୍ତାନି ହୋଇପାରିନାହିଁ। ବିଶେଷକରି ନିକଟରେ କେନ୍ଦ୍ର ସରକାର ବିଭିନ୍ନ କାରଣ ଯୋଗୁଁ ଗତ ସେପ୍ଟେମ୍ବର ୮ରେ ଭାରତ ସରକାର ଭଙ୍ଗା ଚାଉଳର ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ସହ ରପ୍ତାନି ଉପରେ ମଧ୍ୟ ହଠାତ୍ ନିଷେଧାଦେଶ ଜାରି କରିଥିଲେ। ଫଳରେ ଭାରତରୁ ବିଦେଶକୁ ମାଲ ପରିବହନ (ଭଙ୍ଗା ଚାଉଳ) ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏ ନେଇ ମଧ୍ୟ କେନ୍ଦ୍ର ସରକାରଙ୍କ ସହ ଉଭୟ ବନ୍ଦର କର୍ତ୍ତୃପକ୍ଷ ଓ ଚାଉଳ ବ୍ୟବସାୟୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ବେଳେ ଚାଉଳ ରପ୍ତାନିକୁ ନେଇ ମଧ୍ୟ ସରକାର ଏକ ବଡ଼ ଘୋଷଣା କରିଥିବା ଜଣାପଡିଛି। ସେହିଭଳି ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ ଚଳିତ ବର୍ଷ ସେପ୍ଟେମ୍ବର ୮ ପୂର୍ବରୁ ଜାରି ହୋଇଥିବା କ୍ରେଡିଟ୍ ଅଫ୍ କ୍ରେଡିଟ୍ (ଏଲ୍‌ସି) ଦ୍ୱାରା ସମର୍ଥିତ ୩,୯୭,୨୬୭ ଟନ୍ ଭଙ୍ଗା ଚାଉଳ ବିଦେଶକୁ ପଠାଇବାକୁ କେନ୍ଦ୍ର ସରକାର ମଧ୍ୟ ଅନୁମତି ଦେଇଛନ୍ତି। ସେହିପରି ଭାରତ ବିଶ୍ୱରେ ସବୁଠାରୁ ବଡ଼ ଚାଉଳ ରପ୍ତାନିକାରୀ ଦେଶ ଭାବେ ପରିଗଣିତ ହେଉଛି। ଏପରିକି ଚାଉଳ ରପ୍ତାନି ବ୍ୟାପାରରେ ଭାରତ ଏକା ୪୦% ଅଂଶ ସାରା ବିଶ୍ୱରେ ପୂରଣ କରୁଛି। ଭାରତ ୧୫୦ରୁ ଅଧିକ ଦେଶଙ୍କୁ ଚାଉଳ ରପ୍ତାନି କରିଥାଏ। କିନ୍ତୁ ଦେଶର କିଛି ରାଜ୍ୟରେ ବର୍ଷା କମ୍ ପରିମାଣରେ ହେବାରୁ ଘରୋଇ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଥିଲେ ବୋଲି କୁହାଯାଉଛି। ଅପରପକ୍ଷରେ କେନ୍ଦ୍ର ସରକାର ଭଙ୍ଗା ବାସ୍‌ମତି ଚାଉଳ ଉପରେ ମଧ୍ୟ ୨୦% ରପ୍ତାନି କରି ଲଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଚାଉଳ ରପ୍ତାନିକାରୀ ସଂଘର ସଭାପତି ବି.ଭି. କ୍ରିଷ୍ଣା ରାଓ କହିଛନ୍ତି, ପୂର୍ବରୁ ଦିଆଯାଇଥିବା ଏଲ୍‌ସି ବିରୋଧରେ ରପ୍ତାନିକୁ ଅନୁମତି ଦେବା ପାଇଁ ସରକାର ରାଜି ହୋଇଛନ୍ତି। ଫଳରେ ସରକାରଙ୍କ ଏହି ନିଷ୍ପତ୍ତି ସମସ୍ତ ବ୍ୟବସାୟୀଙ୍କୁ ବେଶ୍ ସାହାଯ୍ୟ କରିବ।

# ସେନ୍‌ସେକ୍ସରେ ୩୯୧ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ, ୧୩।୧୦

ଦିନକ ପରେ ପୁଣି ଥରେ ଦଲାଲ ଷ୍ଟ୍ରିଟ୍‌ର ଫଳାଫଳ ନିବେଶକଙ୍କୁ ନିରାଶ କରିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ମାର୍କେଟର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଫଳରେ କ୍ରମାଗତ ଭାବେ ଷ୍ଟକ୍ ବଜାରର କାରବାର ଉପର ତଳ ରହିବା ଯୋଗୁ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ୍ୟ ଅନିଶ୍ଚିତତା ମଧ୍ୟରେ ଶେଷ ହେଉଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୯୧ (୩୯୦.୫୮) ପଏଣ୍ଟ ହ୍ରାସ ପାଇ ୫୭,୨୩୫ (୫୭,୨୩୫.୩୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୯ (୧୦୯.୨୫) ପଏଣ୍ଟ ଖସି ୧୭,୦୧୪(୧୭,୦୧୪.୩୫) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

# କ୍ୟୁନେଟ୍‌ର ନୂତନ ଉତ୍ପାଦ ଉନ୍ମୋଚିତ




ନୂଆଦିଲ୍ଲୀ, ୧୩।୧୦

ବିଶ୍ୱସ୍ତରୀୟ ଇ-କମର୍ସଭିତ୍ତିକ ଡାଇରେକ୍ଟ ସେଲିଂ କମ୍ପାନୀ କ୍ୟୁନେଟ୍ ପକ୍ଷରୁ ଦୀପାବଳି ପାଇଁ ନୂତନ ଉତ୍ପାଦର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କିନ୍ନାରୀ ଡାଇସି, କିନ୍ନାରୀ ମୀରା ଭଳି କିଛି ଆକର୍ଷଣୀୟ ଏବଂ ଅତି ସୁନ୍ଦର ଲକେଟ ଏବଂ ଇୟରରିଂ ସହ ଚାଇରୋସ ଲିବା, ଚାଇରୋସ ଆଲ୍ୟୁର ଭଳି କେତେକ ବିଳାସପୂର୍ଣ୍ଣ ଘଡ଼ିର ମଧ୍ୟ ଉନ୍ମୋଚନ କରାଯାଇଛି। ବିଶେଷକରି ଏହା ଗ୍ରାହକଙ୍କୁ ନିଶ୍ଚିତ ଭାବେ ପାର୍ବଣ ମାନସିକତାରେ ବୃଦ୍ଧି ଘଟାଇବ ଏବଂ ଚଳିତ ପାର୍ବଣରେ ନିଶ୍ଚିତ ଭାବେ ସେମାନଙ୍କୁ କିଛି ଅତିରିକ୍ତ ଆନନ୍ଦ ପ୍ରଦାନ କରିବ ବୋଲି ଜଣାପଡିଛି। ସେହିଭଳି ଚଳିତ ପାର୍ବଣରେ ଏହା ବିଶ୍ୱବ୍ୟାପୀ ଗ୍ରାହକଙ୍କୁ ଅନନ୍ୟ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଓ ସେବା ଯୋଗାଇ ଦେବା ସହ ଏହିସବୁ ଉତ୍ପାଦକୁ ପ୍ରୋତ୍ସାହିତ କରି ସେମାନଙ୍କୁ ଏକ ବିକ୍ରୟ ବ୍ୟବସାୟ ଗଢି ତୋଳିବାକୁ ମଧ୍ୟ ସୁଯୋଗ ପ୍ରଦାନ କରୁଛି। ଅପରପକ୍ଷରେ ଐତିହ୍ୟ ଦୃଷ୍ଟିରୁ ଆମେ ହୁଏତ ଏସୀୟ ହୋଇଥାଇ ପାରୁ। କିନ୍ତୁ ଆମର ବିତରକଗଣ ମଧ୍ୟପ୍ରାଚ୍ୟ, ଦକ୍ଷିଣ ଓ ପୂର୍ବ ଏସିଆ, ଆଫ୍ରିକା, କେନ୍ଦ୍ର ଏସିଆ ଏବଂ ୟୁରୋପରେ ପରିବ୍ୟାପ୍ତ ହୋଇ ରହିଛନ୍ତି। ବିଶ୍ୱସ୍ତରରେ କମ୍ପାନୀର ଉପସ୍ଥିତି ଅନେକ ଅଭିବୃଦ୍ଧିଶୀଳ ରାଷ୍ଟ୍ରରେ ଲଘୁ ଉଦ୍ୟୋଗୀ ବିକାଶରେ ମଧ୍ୟ ପରିଣତ ହୋଇପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଓଏନ୍‌ଡିସିରେ ସ୍ୱାଇସ୍‌ମନି

ନୂଆଦିଲ୍ଲୀ, ୧୩।୧୦

ଗ୍ରାମୀଣ ଭାରତ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ଫିନ୍‌ଟେକ୍ ସଂସ୍ଥା ସ୍ୱାଇସ୍‌ମନି ନିକଟରେ ଭାରତ ସରକାରଙ୍କ ସମର୍ଥିତ ଓପେନ୍ ନେଟ୍‌ୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ରେ ସାମିଲ ହୋଇଛି। ଏପରିକି ପ୍ରଥମ ଗ୍ରାମୀଣ ଫିନ୍‌ଟେକ୍ ସଂସ୍ଥା ଭାବେ ଏହା ଓଏନ୍‌ଡିସି ସହ ଯୋଡ଼ିହୋଇଛି। ଏହାର ବିଟା ପରୀକ୍ଷଣ ବେଙ୍ଗାଲୁରୁ ଅର୍ବାନ ଡିଷ୍ଟ୍ରିକ୍ଟରେ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ବିଟା ପରୀକ୍ଷଣ କେବଳ ଆମନ୍ତ୍ରଣ ଅନୁସାରେ ଅନୁଷ୍ଠିତ ହୋଇଛି। ପରବର୍ତ୍ତୀ ସମୟରେ ଏହା ଜନସାଧାରଣଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ। ଏହାଦ୍ୱାରା ସ୍ୱାଇସ୍‌ମନିର ଅଧିକାରୀମାନେ କେବଳ ନିଜ ଅଞ୍ଚଳରେ ସୀମିତ ନ ରହି କ୍ଷୁଦ୍ର ବ୍ୟବସାୟୀଙ୍କ ଷ୍ଟୋର ପାଖରେ ପହଞ୍ଚିପାରିବେ।

ଏ ସମ୍ପର୍କରେ ସ୍ୱାଇସ୍‌ମନିର ସହ ପ୍ରତିଷ୍ଠାତା ଓ ସିଇଓ ସଂଜୀବ କୁମାର କହିଛନ୍ତି, ଆରମ୍ଭ ହେବା ଦିନଠାରୁ ଗ୍ରାମୀଣ ଭାରତର ନାଗରିକମାନଙ୍କ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା ପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଆମେ ଓଏନ୍‌ଡିସି ସହ ମିଳିତ ଭାବେ କାମ କରୁଛୁ, ଯାହା କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ସନ୍ଧାନ ସମସ୍ୟାର ସମାଧାନ କରିବ। ଯେଉଁମାନେ ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକରେ ନିଜକୁ ଅଧିକ ଗ୍ରାହକଙ୍କ ନଜର ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ଉଲ୍ଲେଖନୀୟ କମିଶନ ଦେଇପାରୁନାହାନ୍ତି କିମ୍ବା ବ୍ୟୟ କରିବାକୁ ସମର୍ଥନ ନୁହନ୍ତି। ଏହି ଇ-କମର୍ସ ବିପ୍ଳବ ଦ୍ୱାରା ଗ୍ରାମୀଣ ଭାରତରେ ଥିବା ଆମ ସ୍ୱାଇସ୍‌ମନି ଅଧିକାରୀ ଷ୍ଟୋରଗୁଡ଼ିକ ବିଶେଷ ଭାବେ ଉପକୃତ ହୋଇଛନ୍ତି। ଏକମାତ୍ର ଗ୍ରାମୀଣ ଫିନ୍‌ଟେକ୍ ସଂସ୍ଥା ଭାବେ ଏହି ଅଭିଯାନର ଅଂଶ ହୋଇଥିବାରୁ ସ୍ୱାଇସ୍‌ମନିରେ ଆମେ ଅତ୍ୟନ୍ତ ଉଲ୍ଲସିତ।

# ରିଲାଏନ୍ସ ରିଟେଲରେ 'ଏନ୍‌ବିଏ ମର୍ଚ୍ଚାଣ୍ଡାଇଜ୍ ରେଞ୍ଜ୍'

ନୂଆଦିଲ୍ଲୀ, ୧୩।୧୦

ରିଲାଏନ୍ସ ରିଟେଲ ଲିମିଟେଡ୍ ଏବଂ ନ୍ୟାଶନାଲ ବାସ୍କେଟବଲ୍ ଆସୋସିଏସନ (ଏନ୍‌ବିଏ) ପକ୍ଷରୁ ଭାରତ ବଜାରରେ ଏନ୍‌ବିଏ ମର୍ଚ୍ଚଣ୍ଡାଇଜ୍‌ର ବିସ୍ତୃତ ବର୍ଗମାଳାର ଉନ୍ମୋଚନ କରାଯାଇଛି। ଏହି ନୂଆ ମର୍ଚ୍ଚାଣ୍ଡାଇଜ୍ ରିଲାଏନ୍ସ ରିଟେଲ୍‌ର କିଛି ନିର୍ଦ୍ଦିଷ୍ଟ ଷ୍ଟୋର ଏବଂ କମ୍ପାନୀର ଇ-କମର୍ସ ପ୍ଲାଟ୍‌ଫର୍ମରେ ମଧ୍ୟ ଉପଲବ୍ଧ ହେବ ବୋଲି ଜଣାପଡିଛି। ଏନ୍‌ବିଏ ବ୍ରାଣ୍ଡେଡ୍ ମର୍ଚ୍ଚାଣ୍ଡାଇଜ୍‌ରେ ଉଭୟ ବୟସ୍କ ଏବଂ ଯୁବବର୍ଗଙ୍କ ପାଇଁ ବିଭିନ୍ନ ବର୍ଗର ପୋଷାକ, ଆସେସୋରି ଏବଂ ବ୍ୟାକ୍ ଟୁ ସ୍କୁଲର ବ୍ୟାପକ ବର୍ଗମାଳା ସାମିଲ ରହିଛି।




ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ଲିମିଟେଡ୍‌ର ସଭାପତି ଓ ସିଇଓ (ଫ୍ୟାଶନ ଓ ଲାଇଫଷ୍ଟାଇଲ୍) ଅଖିଳେଶ ପ୍ରସାଦ କହିଛନ୍ତି, ଏନ୍‌ବିଏ ହେଉଛି ବିଶ୍ୱସ୍ତରରେ ସର୍ବାଧିକ ଅନୁସରଣ କରାଯାଉଥିବା କ୍ରୀଡ଼ା ଲିଗ୍ ମଧ୍ୟରୁ ଅନ୍ୟତମ ଏବଂ ଭାରତରେ ଏନ୍‌ବିଏ ପ୍ରଶଂସକମାନଙ୍କ ଲାଗି ମର୍ଚ୍ଚାଣ୍ଡାଇଜ୍‌ର ବ୍ୟାପକ ବର୍ଗମାଳା ଉପସ୍ଥାପନ କରିଥିବାରୁ ରିଲାଏନ୍ସ ରିଟେଲ୍ ଉତ୍ସାହିତ ରହିଛି। ସାରା ଦେଶରେ ଏନ୍‌ବିଏ ପ୍ରଶଂସକମାନଙ୍କ ଲାଗି ରିଲାଏନ୍ସ ରିଟେଲ ପସନ୍ଦର ସ୍ଥାନରେ ପରିଣତ ହେବା ସୁନିଶ୍ଚିତ କରିବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ସେହିଭଳି ଏନ୍‌ବିଏର ଆନ୍ତର୍ଜାତିକ ଲାଇସେନ୍ସିଂ ଓ ବିଜନେସ୍ ଡେଭେଲପ୍‌ମେଣ୍ଟର ବରିଷ୍ଠ ଉପାଧ୍ୟକ୍ଷ ରବ୍ ମିଲମ୍ୟାନ କହିଛନ୍ତି, ବହୁ ବର୍ଷ ଧରି ଏନ୍‌ବିଏର ଏକ ବିଶ୍ୱସନୀୟ ସହଯୋଗୀ ହୋଇ ରିଲାଏନ୍ସ ରିଟେଲ ରହିଛି। ସେହିପରି ଏନ୍‌ବିଏ ଇଣ୍ଡିଆର ଆସୋସିଏଟ ଭାଇସ୍ ପ୍ରେସିଡେଣ୍ଟ ଅଫ୍ ଗ୍ଲୋବାଲ ପାର୍ଟନରଶିପ୍ ସିଦ୍ଧାର୍ଥ ଚୁରୀ କହିଛନ୍ତି, ଭାରତରେ ରିଲାଏନ୍ସ ରିଟେଲ ସହ କାମ କରିବା ଲାଗି ଆମେ ଉତ୍ସାହିତ ଅଛୁ।

# ଏଏ ପ୍ଲାଟ୍‌ଫର୍ମକୁ ଲାଇଭ କରିଛି ବିଓବି

ନୂଆଦିଲ୍ଲୀ, ୧୩।୧୦

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ବୁଧବାର ଆକାଉଣ୍ଟ ଏଗ୍ରିଗେଟର (ଏଏ) ପ୍ଲାଟ୍‌ଫର୍ମକୁ ଲାଇଭ କରିଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଫାଇନାନ୍ସିଆଲ୍ ଇନ୍‌ଫର୍ମେସନ ୟୁଜର (ଏଫ୍‌ଆଇୟୁ) ଭାବେ କାର୍ଯ୍ୟ କରିବ। ବିଶେଷକରି ଏ ଏ ପ୍ଲାଟ୍‌ଫର୍ମ ମାଧ୍ୟମରେ ଡିଜିଟାଲ ଋଣ ପ୍ରଦାନକୁ ସକ୍ଷମ କରାଇବ ସହ ପ୍ରଥମ ପର୍ଯ୍ୟାୟରେ ବ୍ୟାଙ୍କ ଏହାର ଡିଜିଟାଲ ପର୍ସୋନାଲ୍ ଲୋନ୍ ଯାତ୍ରାକୁ ମଧ୍ୟ ଏଏ ଇକୋସିଷ୍ଟମ ସହ ସମନ୍ୱିତ କରିଛି। ପରବର୍ତ୍ତୀ ସମୟରେ ବ୍ୟାଙ୍କ ତା'ର ଅନ୍ୟ ସମସ୍ତ ଡିଜିଟାଲ ଋଣପ୍ରଦାନକାରୀ ଉତ୍ପାଦକୁ ପ୍ରଦାନ କରାଯିବ। ଯେଉଁ ଆବେଦକମାନେ ବିଓବିରୁ ଡିଜିଟାଲ ପର୍ସୋନାଲ୍ ଲୋନ୍‌ର ଆବେଦନ କରୁଛନ୍ତି, ସେମାନେ ବର୍ତ୍ତମାନ ଆର୍ଥିକ ଡାଟାକୁ ଶେୟାର କରିବା ପାଇଁ ସହମତି ପ୍ରଦାନ କରିପାରିବେ। ଏପରିକି ବିଓବିର ଗ୍ରାହକମାନେ ଅସୁବିଧାମୁକ୍ତ ଡିଜିଟାଲ ଓ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଉପାୟରେ ସେବା ପାଇପାରିବେ।

ଏ ସମ୍ପର୍କରେ ବିଓବିର ଇଡି ଜୟଦୀପ ଦାରୟ କହିଛନ୍ତି, ଆକାଉଣ୍ଟ ଏଗ୍ରିଗେଟ୍‌ର ବ୍ୟାଙ୍କକୁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି, ଯାହା ସହାୟତାରେ ଗ୍ରାହକମାନେ ବ୍ୟକ୍ତିଗତ ଓ ଉନ୍ନତ ଗ୍ରାହକ ଅନୁଭୂତି ଲାଭ କରିପାରୁଛନ୍ତି। ଏହି ଯାତ୍ରାରେ ଆଗକୁ ବଢ଼ିବା ସହ ଆମେ ବିଶ୍ୱାସକରୁ ଯେ, ଅନ୍ୟ ବିଏଫ୍‌ଏସ୍‌ଆଇ ସଂସ୍ଥା ଯାହାକି ଆଇଆର୍‌ଡିଏ, ସେବି ଓ ପିଏଫ୍‌ଆର୍‌ଡିଏ ଦ୍ୱାରା ପରିଚାଳିତ ସେବାଗୁଡ଼ିକ ମଧ୍ୟ ଆକାଉଣ୍ଟ ଏଗ୍ରିଗେଟର ଫ୍ରେମ୍‌ୱାର୍କରେ ଖୁବ୍ ଶୀଘ୍ର ସାମିଲ ହେବାକୁ ଯାଉଛି। ଆମ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ପାଦକୁ ଆଗାମୀ ସମୟରେ ଆହୁରି ଅଧିକ ଉନ୍ନତ କରାଯିବ।

## ଫୁର୍‌ସତ



ମହାରାଷ୍ଟ୍ରର ନାଗପୁରରେ ମହିଳାମାନେ ଗୁରୁବାର କରୱା ଚୌଥ୍ ପର୍ବ ପାଳନ କରୁଛନ୍ତି।

# ଥ୍ରିଲର, ଆକ୍ସନ ପସନ୍ଦ



କ୍ୟାଟ୍ରିନା କୈଫ୍

**ମୁମ୍ବାଇ:** ଗୁରମିତ୍ ସିଂଙ୍କ ହରର-କମେଡି 'ଫୋନ୍ ଭୁତ୍'ର ପ୍ରମୋସନରେ ବ୍ୟସ୍ତ ଥିବା ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ତାଙ୍କ ପସନ୍ଦର ଫିଲ୍ମ ବିଷୟରେ ଏକ ସାକ୍ଷାତକାରରେ ଖୋଲାଖୋଲି ଚର୍ଚ୍ଚା କରିଛନ୍ତି। 'ପିଙ୍କ୍ ଭିଲ୍ଲା' ସହ ଆଲୋଚନାବେଳେ କ୍ୟାଟ୍ରିନା କହିଛନ୍ତି, ଷ୍ଟୋରିକୁ ଦେଖି ସେ ସର୍ବଦା ଫିଲ୍ମ ବାଛିଥାନ୍ତି। ଏହା ଦର୍ଶକଙ୍କୁ କେତେ ଆକର୍ଷିତ କରିବ ତାହାକୁ ସେ ଗୁରୁତ୍ୱ ଦିଅନ୍ତି। 'ମେରୀ ଖ୍ରୀଷ୍ଟମାସ୍'ର ନିର୍ଦ୍ଦେଶକ ଶ୍ରୀରାମ ରାଘବାନ ତାଙ୍କ ପସନ୍ଦର ଡାଇରେକ୍ଟରଙ୍କ ମଧ୍ୟରୁ ଜଣେ। ରାଘବାନଙ୍କ ଥ୍ରିଲର କାହାଣୀ ତାଙ୍କୁ ବେଶ୍ ପସନ୍ଦ ଆସିଥାଏ ବୋଲି କ୍ୟାଟ୍ରିନା କହିଛନ୍ତି। ଅଭିନେତା ବିଜୟ ସେଥୁପତି ଏବଂ ଟାଇଗର-୩ ଭଳି ସିନେମାରେ ସଲମାନଙ୍କ ସହ କାମ କରିବାକୁ ସେ ପସନ୍ଦ କରିଥାନ୍ତି। ଥ୍ରିଲର ସହ ଆକ୍ସନ ମୁଭି ମଧ୍ୟ ତାଙ୍କୁ ଭଲ ଲାଗେ। ଯେଉଁ ଫିଲ୍ମ ତାଙ୍କୁ ଆତ୍ମସନ୍ତୋଷ ଦେଇଥାଏ ତାହାର ସିକ୍ୱେଲରେ ପୁଣିଥରେ କାମ କରିବା ସମ୍ମାନର କଥା ବୋଲି କ୍ୟାଟ୍ରିନା କହିଛନ୍ତି।। ଟାଇଗର-୩ରେ ଜୋୟା ଚରିତ୍ରରେ ପୁଣି ନଜର ଆସିବା ତାଙ୍କ ପାଇଁ ବଡ଼ କଥା। ସେହିପରି ଫୋନ୍ ଭୁତ୍‌ର କାହାଣୀ ଶୁଣିବାର ମାତ୍ର ୧୦ ମିନିଟ୍‌ରେ ହିଁ ସେ ସେଥିରେ ଅଭିନୟ ପାଇଁ ରାଜି ହୋଇଯାଇଥିଲେ ବୋଲି କହିଛନ୍ତି।

# ୯୦ କୋଟିର ପେଣ୍ଟିଂ ଜାଳିଦେଲେ



**ଲଣ୍ଡନ:** ଦୁନିଆରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ କାମ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏମିତି କିଛି କାର୍ଯ୍ୟ କରିଛନ୍ତି ଲଣ୍ଡନର ଜଣେ ଜଣାଶୁଣା ଚିତ୍ରକର। ସେ ୯୦ କୋଟି ଟଙ୍କା ବ୍ୟୟରେ ତିଆରି କରିଥିବା ନିଜର ଏକ ପେଣ୍ଟିଂକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଲଣ୍ଡନର ଚିତ୍ରକର ଡେମିଅନ୍ ଷ୍ଟିଭେନ୍‌ଙ୍କ ନାମ ଦୁନିଆର କିଛି ଭଲ ଚିତ୍ରକରଙ୍କ ମଧ୍ୟରେ ରହିଛି। ସେ ତାଙ୍କ ପୋଲ୍କା ଡାର୍ଟ ପେଣ୍ଟିଂ ପାଇଁ ବେଶ୍ ଲୋକପ୍ରିୟ। ସିଏନ୍‌ଏନ୍ ରିପୋର୍ଟ ମୁତାବକ ନ୍ୟୁ ପୋର୍ଟ ଷ୍ଟ୍ରିଟ୍ ଗ୍ୟାଲେରିରେ ସେ ୧୦ ନିୟୁତ ୟୁରୋରୁ ଉର୍ଦ୍ଧ୍ୱ ଦାମ୍‌ର କଳାକୃତିକୁ ନିଆଁରେ ଜାଳି ତାହାର ଲାଇଭ୍ ଷ୍ଟ୍ରିମିଂ କରିଥିଲେ। ତାଙ୍କର ଏପରି ଷ୍ଟଣ୍ଟକୁ ଦ କରେନ୍ସି ନାମ ଦିଆଯାଇଛି।

# ସଙ୍କେତ କହେ ମୁଦ୍ରା ପ୍ରସ୍ତୁତି ସ୍ଥାନ

**ନୂଆଦିଲ୍ଲୀ:** ଭାରତୀୟ ମୁଦ୍ରାଗୁଡ଼ିକରେ ଭିନ୍ନ ଭିନ୍ନ ସଙ୍କେତ ରହିଥାଏ। ଏହି ସଙ୍କେତରୁ ମୁଦ୍ରା କେଉଁଠୁ ପ୍ରସ୍ତୁତ ହୋଇଛି ତାହା ଜଣାପଡ଼ିଥାଏ। ସିକ୍ୟୁରିଟି ପ୍ରିଣ୍ଟିଂ ଆଣ୍ଡ ମିନ୍‌ଟିଂ କର୍ପୋରେଶନ ଅଫ୍ ଇଣ୍ଡିଆ(ଏସ୍‌ପିଏମ୍‌ସିଆଇ) ଦ୍ୱାରା ଦେଶର ୪ଟି ସ୍ଥାନରେ ଭାରତୀୟ ମୁଦ୍ରା ତିଆରି କରାଯାଇଥାଏ। ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ନୋଏଡାରେ ତିଆରି ହେଉଥିବା ମୁଦ୍ରାରେ କିଛି ସଙ୍କେତ ବ୍ୟବହାର କରାଯାଏ। ଫଳରେ ସେହି ମୁଦ୍ରା କେଉଁଠି ପ୍ରସ୍ତୁତ ହୋଇଛି ଏଥିରୁ ଜଣାପଡିଥାଏ। ଇଣ୍ଡିଆ କଏନ୍ସ ୱେବ୍‌ସାଇଟ୍ ରିପୋର୍ଟ ମୁତାବକ, ଭାରତରେ ୧୭୫୭ ମସିହାରେ କୋଲକାତାରେ ପ୍ରଥମ ମିଣ୍ଟ୍ ନିର୍ମାଣ କରାଯାଇଥିଲା। ମୁଦ୍ରାରେ ସଙ୍କେତ ବ୍ୟବହାର ଏହି ମିଣ୍ଟ ନିର୍ମାଣର କିଛି ବର୍ଷ ପରେ ଆରମ୍ଭ ହୋଇଥିଲା। ୧୮୨୯ ମସିହାରେ ମୁମ୍ବାଇରେ ୨ୟ ମିଣ୍ଟ୍ ସ୍ଥାପନ କରାଗଲା। ମୁମ୍ବାଇରେ ପ୍ରିଣ୍ଟ ମୁଦ୍ରାଗୁଡିକରେ ଡାଇମଣ୍ଡ ଚିହ୍ନ, ପରେ ଇଂଲିଶ ଅକ୍ଷର 'ବି' ରଖାଗଲା। ୧୯୯୬ ମସିହାଠାରୁ 'ବି' ବଦଳରେ ଇଂଲିଶ ଅକ୍ଷର 'ଏମ୍' ରଖାଯାଉଛି। ହାଇଦ୍ରାବାଦରେ ମିଣ୍ଟ୍‌ର ଶୁଭାରମ୍ଭ ୧୯୦୩ରେ କରାଗଲା। ଏଠାରେ ପ୍ରସ୍ତୁତ ମୁଦ୍ରାରେ ଡାଇମଣ୍ଡ ସଙ୍କେତ ମଝିରେ ଏକ ଗାତ କରାଯାଇଛି। ଏହାଛଡା ମୁଦ୍ରାରେ ତାରା ସଙ୍କେତ ମଧ୍ୟ ବ୍ୟବହାର କରାଯାଇଛି। ୪ର୍ଥ ସ୍ଥାନ ନୋଏଡାରେ ୧୯୮୪ ମସିହାରେ ମିଣ୍ଟ୍‌ର ଆରମ୍ଭ କରାଯାଇଛି। ନୋଏଡାରେ ପ୍ରସ୍ତୁତ ମୁଦ୍ରାରେ ମସିହା ତଳେ ଏକ ବିନ୍ଦୁ ସଙ୍କେତ ରହିଛି।




# ଗୁଣବତ୍ତା ଗୁରୁତ୍ୱପୂର୍ଣ୍ଣ




ଆମେ ବ୍ୟବହାର କରୁଥିବା ପ୍ରତିଟି ସାମଗ୍ରୀର ଗୁଣବତ୍ତା ନେଇ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୪ରେ ବିଶ୍ୱ ମାନକ ଦିବସ ପାଳନ କରାଯାଇଥାଏ। ଆମେରିକୀୟ ସୋସାଇଟି ଅଫ୍ ମେକାନିକାଲ ଇଞ୍ଜିନିୟର୍ସ, ଅନ୍ତର୍ଜାତୀୟ ଇଲେକ୍ଟ୍ରୋଟେକ୍ନିକାଲ କମିଶନ (ଆଇଇସି), ଆକାଉଣ୍ଟାଣ୍ଟସ୍‌ଙ୍କର ଅନ୍ତର୍ଜାତୀୟ ନୈତିକ ମାନକ ବୋର୍ଡ ପରି ମାନକ ବିକାଶ ସଂଗଠନ ମଧ୍ୟରେ ସ୍ୱେଚ୍ଛାକୃତ ମାନକ ବିକାଶ କରୁଥିବା ହଜାର ହଜାର ବିଶେଷଜ୍ଞଙ୍କ ଉଦ୍ୟମକୁ ଏହି ଦିବସ ପାଳନ ଅବସରରେ ସମ୍ମାନିତ କରାଯାଇଥାଏ। ବିଶ୍ୱ ମାନକ ଦିବସର ଉଦ୍ଦେଶ୍ୟ ହେଉଛି ନିୟାମକ, ଶିଳ୍ପ ଏବଂ ଗ୍ରାହକଙ୍କ ମଧ୍ୟରେ ବିଶ୍ୱ ଅର୍ଥନୀତିରେ ମାନକକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ୧୪ ଅକ୍ଟୋବର ୧୯୪୬ ମସିହାରେ ୨୫ଟି ଦେଶର ପ୍ରତିନିଧି ଲଣ୍ଡନରେ ଏକତ୍ରିତ ହୋଇ ମାନକକରଣକୁ ସୁଗମ କରିବା ଉପରେ ଏକ ଅନ୍ତର୍ଜାତୀୟ ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ବର୍ଷକ ପରେ ଅନ୍ତର୍ଜାତୀୟ ମାନକ ସଂଗଠନ(ଆଇଏସ୍‌ଓ)ଗଠନ କରାଯାଇଥିଲା।୧୯୭୦ରେପ୍ରଥମବିଶ୍ୱ ମାନକ ଦିବସ ପାଳନ କରାଯାଇଥିଲା। ସମଗ୍ର ବିଶ୍ୱରେ ଏହି ତାରିଖକୁ ମନେରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ଜାତୀୟ ମାନକ ସଂସ୍ଥା ଏବଂ ଆନ୍ତଃସରକାରୀ ସଂଗଠନ ଦ୍ୱାରା ଚୟନ କରାଯାଇଥାଏ।

# ପ୍ରାର୍ଥିତ୍ୱକୁ ନେଇ ବିଜେଡିରେ ବଢୁଛି ଅସନ୍ତୋଷ



ଭଦ୍ରକ ବାଇପାସ୍‌ସ୍ଥିତ ବାସଭବନରେ ଗୁରୁବାର ସମର୍ଥକଙ୍କ ସହ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ।

**ଭଦ୍ରକ ଅଫିସ, ୧୩।୧୦**

## ଧାମନଗର ଉପନିର୍ବାଚନ

ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ ଘୋଷଣା ପରେ ଧାମନଗର ବିଜେଡିରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଥିବା ନିଷ୍ପତ୍ତିକୁ କେତେଜଣ ସ୍ୱାଗତ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ ନ ମିଳିବା ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ତାଙ୍କ ସମର୍ଥକମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଗୁରୁବାର ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭଦ୍ରକ ବାଇପାସ୍‌ସ୍ଥିତ ତାଙ୍କ ବାସଭବନରେ ସମର୍ଥକମାନଙ୍କ ଭିଡ଼ ଲାଗି ରହିଥିଲା। ଏ ନେଇ ରାଜେନ୍ଦ୍ର କହିଛନ୍ତି, ନିଷ୍ପତ୍ତି ଲୋକଙ୍କ ଉପରେ ଛାଡିଛି। ଶୁକ୍ରବାର ନାମାଙ୍କନ ସରୁଥିବା ବେଳେ ସକାଳ ୧୦ଟା ସୁଦ୍ଧା ସେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିବେ ବୋଲି କହିଛନ୍ତି । ତେବେ ଅବନ୍ତୀଙ୍କୁ ଟିକେଟ ମିଳିବା ପରେ ଅସନ୍ତୁଷ୍ଟ ଥିବା ରାଜେନ୍ଦ୍ରଙ୍କୁ ମନାଇବା ପାଇଁ ଗୁରୁବାର ଅପରାହ୍ନରେ ଦଳର କେତେଜଣ ନେତା ବହୁ ଉଦ୍ୟମ କରିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ମିଳି ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ନାମାଙ୍କନ ଦାଖଲ କଲେ ହରେକୃଷ୍ଣ



ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ନାମାଙ୍କନ ଦାଖଲ ଅବସରରେ ଉପସ୍ଥିତ କଂଗ୍ରେସ ନେତା।

**ଭଦ୍ରକ ଅଫିସ,୧୩।୧୦**

ଧାମନଗର ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଦଳୀୟ ନେତା ଓ କର୍ମୀଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହରେକୃଷ୍ଣ ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ନିଂ ଅଫିସର ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁଙ୍କ ନିକଟରେ ନାମାଙ୍କନ ଭରିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଯେନା, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଜଟଣୀ ବିଧାୟକ ସୁରେଶ ରାଉତରାୟ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, କଂଗ୍ରେସ ମୁଖପାତ୍ର ଚିନ୍ମୟ ବେହୁରିଆ, ପୂର୍ବତନ ବିଧାୟକ ନରେନ ପଲେଇ, ଭଦ୍ରକ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ବାଲେଶ୍ୱର ଜିଲା ସଭାପତି ସଞ୍ଜୀବ ଗିରି, ଦିଗମ୍ବର ଦାସ, ଅଶୋକ ଦାସ, ନଳିନୀକାନ୍ତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଏହି ଅବସରରେ ପିସିସି ସଭାପତି ପଟ୍ଟନାୟକ କହିଛନ୍ତି, ବିଜେଡି ଓ ଭାଜପା ମଧ୍ୟରେ ଭିତିରିଆ ସମ୍ପର୍କ ରହିଛି। ରାଜ୍ୟ ସଭା ଓ ଲୋକ ସଭାରେ ବିଜେଡି ଭାଜପାର ସମସ୍ତ କାର୍ଯ୍ୟରେ ସହଯୋଗ କରୁଛି। ଦର ଦାମ୍ ବୃଦ୍ଧି ଯୋଗୁ କେନ୍ଦ୍ର ସରକାରଙ୍କ ଉପରେ ଲୋକେ ଅତିଷ୍ଠ ହେଲେଣି। ଏହି ଉପନିର୍ବାଚନରେ ଧାମନଗରବାସୀ କଂଗ୍ରେସ ପ୍ରାର୍ଥୀଙ୍କୁ ନିଶ୍ଚିତ ବିଜୟୀ କରାଇବେ ବୋଲି ସେ କହିଛନ୍ତି। ସେହିପରି ଏହି ଉପନିର୍ବାଚନରେ ବିଜେଡିର ମହିଳା କାର୍ଡ ଓ ଭାଜପାର ଅନୁକମ୍ପା ଭୋଟ୍ କାମ ଦେବନି ବୋଲି ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି ।

# ଆଚରଣ ବିଧି ଲାଗୁ ହେଉ ହେଉ ଉଲ୍ଲଂଘନ କଲା ବିଜେଡି: ଭାଜପା

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

## ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଫେରାଦ ହେଲେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ

ଶାସକ ବିଜେଡି ନିର୍ବାଚନକୁ ଏକ ପ୍ରହସନରେ ପରିଣତ କରିବାର ପ୍ରୟାସ କରିଛି। ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ଗତ ୩ ତାରିଖରେ ଦିନ ଘୋଷଣା କଲେ। ଏହା ସହିତ ନିର୍ବାଚନ ଆଚରଣ ବିଧି ଲାଗୁ ହେଲା ସତ, କିନ୍ତୁ ଶାସନ କ୍ଷମତାର ଅପବ୍ୟବହାର କରି ଶାସକ ବିଜେଡି ଖୋଲାଖୋଲି ନିର୍ବାଚନ ବିଧି ଉଲ୍ଲଂଘନ କରିବା ଆରମ୍ଭ କରିଦେଲା ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଗୁରୁବାର ଅଭିଯୋଗ କରିଛନ୍ତି। ସେହିପରି ଧାମନଗର ଓ ତିହିଡି ବିଡିଓଙ୍କୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ବଦଳି କରାଯାଇଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତେଣୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଦାବି କରିଛନ୍ତି।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସ୍ପଷ୍ଟୀକରଣ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ):** ଧାମନଗର ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ସୁପାରିସ ଆଧାରରେ ୨ ଜଣ ବିଡିଓ ଯଥା ଦୁର୍ଗା ଚରଣ ମୁର୍ମୁ ଏବଂ ବସନ୍ତ କୁମାର ସାହାଣୀଙ୍କୁ ବଦଳି କରାଯାଇଛି। ଦୁର୍ଗା ଚରଣ ତିହିଡ଼ି ବ୍ଲକରେ ୨୦୧୮ ସେପ୍ଟେମ୍ବର ୫ରୁ କାର୍ଯ୍ୟ କରି ଆସୁଥିବା ବେଳେ ସେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିଛନ୍ତି। ସେହିପରି ବସନ୍ତ ସାହାଣୀ ଭଦ୍ରକ ଜିଲାର ବାସିନ୍ଦା ହୋଇଥିବାରୁ ଉଭୟଙ୍କୁ ବଦଳି କରାଯାଇଛି। ଉକ୍ତ ଦୁଇ ଅଧିକାରୀ ଏହି ନିର୍ବାଚନମଣ୍ଡଳୀରେ ରହି କାର୍ଯ୍ୟ କରିବା ଅର୍ଥ ଭାରତର ନିର୍ବାଚନ ଆୟୋଗଙ୍କ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବୋଲି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

---

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା
## ଅଧିସୂଚନା

ସଂଖ୍ୟା: 10149/ଭୂ-ଅର୍ଜନ II-15/2022 ତାରିଖ: 01.10.2022

No. XVIII-19: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ୍ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ବିଶିବାହାଲ, ଥାନା: କୋମନା, ତହସିଲ: କୋମନା, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୫.୪୦୦ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ - ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ - ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୬୭୪୬/ତାରିଖ ୧୦।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା।
୬. ଜମିର ବିବରଣୀ

### ଜମିର ବିଶଦ ବିବରଣୀ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦ୍ଧକ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୂଆପଡ଼ା

### ଜମିର ବିବରଣୀ

ମୌଜା: ବିଶିବାହାଲ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୭୪ | ୭୪୪ | ୧୨.୮୧୦ | ୦.୫୨୨ | ଆଟ | ବାବୁଲାଲ ନାଏକ, ପି.: ପରମେଶ୍ୱର ନାଏକ, ଜା: କୋଲତା | |
| | | ୧୧୩୬/୧୫୫୬ | ୦.୧୬୦ | ୦.୧୧୦ | ଘରବାରି | | |
| | | ୧୧୧୯ | ୪.୩୫୦ | ୦.୨୪୬ | ଆଟ | | |
| | | ୧୦୨୩ | ୦.୪୯୦ | ୦.୨୫୬ | ପତିତ | | |
| | | ୧୦୨୨ | ୩.୮୯୦ | ୧.୫୫୭ | ଆଟ | | |
| | | ୧୦୨୭ | ୬.୨୫୦ | ୦.୩୩୩ | ଜଳାଶୟ ଏକ | | |
| ୨ | ୧୦୭ | ୧୦୧୩ | ୦.୫୪୦ | ୦.୦୨୫ | ଆଟ | ଡୋଲାମଣି ନାଏକ, ପି.: ଦାମୋଦର ନାଏକ, ଜା: କୋଲତା | |
| | | ୭୮୩ | ୦.୦୫୦ | ୦.୦୫୦ | ପତିତ | | |
| ୩ | ୧୦୫ | ୧୧୫୫ | ୧.୪୨୦ | ୦.୯୩୨ | ଆଟ | ଠାକୁରଚରଣ ନାଏକ, ପି.: ଜଗବନ୍ଧୁ ନାଏକ, ଜା: କୁଲତା | |
| | | ୧୧୫୮ | ୦.୨୬୦ | ୦.୦୨୬ | ଆଟ | | |
| | | ୧୧୬୬ | ୦.୩୮୦ | ୦.୩୮୦ | ମାଳ | | |
| | | ୧୧୬୭ | ୦.୨୨୦ | ୦.୨୧୦ | ଆଟ | | |
| | | ୧୧୮୩ | ୦.୨୯୦ | ୦.୦୬୯ | ବେର୍ଣ୍ଣା ଅଣ ଜଳସେଚିତ | | |
| ୪ | ୧୭୧ | ୧୧୩୬ | ୩.୦୦୦ | ୦.୬୮୪ | ଘରବାରି | ସୁନାଦେଇ ଉଚ୍ଚ ଇଂରାଜୀ ବିଦ୍ୟାଳୟ ବିଶିବାହାଲ ମାର୍ଫତ ତରଫରୁ ସମ୍ପାଦକ ବସନ୍ତ କୁମାର ମାଝୀ, ପି.: ଦେଅଚନ ମାଝୀ, ଜା: ଗଣ୍ଡ | |
| | | ମୋଟ | ୩୪.୧୧୦ | ୫.୪୦୦ | | | |

Sd./- Special L.A.O., BEW, Nuapada
Sd./- Superintending Engineer Khariar (R&B) Division
OIPR-24325/14/0023/2223

---

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା
## ଅଧିସୂଚନା

ସଂଖ୍ୟା: ୨୨୩୬/ଭୂ-ଅର୍ଜନ II-34/2022 ତାରିଖ: 01.10.2022

No. XVIII-26: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ୍ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ବିନୋପୁର, ଥାନା: ବୋଡ଼େନ୍, ତହସିଲ: ବୋଡ଼େନ୍, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୯୬୦ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ - ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ - ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ୍ ୱେ, ନୂଆପଡ଼ା।
୬. ଜମିର ବିବରଣୀ

### ଜମିର ବିଶଦ ବିବରଣୀ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦ୍ଧକ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୂଆପଡ଼ା

### ଜମିର ବିବରଣୀ

ମୌଜା: ବିନୋପୁର

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୦୫/ ୧୭୪ | ୮୭ | ୦.୨୨୦ | ୦.୧୦୦ | ବେର୍ଣ୍ଣା | ଡିଙ୍ଗର ମହାନନ୍ଦ, ପି.: ପିପିଲା ମହାନନ୍ଦ, ଜା: ଡମ୍ବ | |
| ୨ | ୨୮୨ | ୨୬୯ | ୦.୨୦୦ | ୦.୧୮୫ | ମାଳ | ବାଲାଜି ଜଗତ, ପି.: ଗୋବର୍ଦ୍ଧନ ଜଗତ, ଜା: ଡମ୍ବ | |
| ୩ | ୩୫ | ୨୮୦ | ୦.୪୦୦ | ୦.୦୯୬ | ମାଳ | କମଳା ଡମ୍ବ, ସ୍ୱା.: ସହଦେବ ଡମ୍ବ, ଜା: ଡମ୍ବ | |
| | | ୨୭୨ | ୦.୦୭୦ | ୦.୦୬୦ | ବଗାୟତ | | |
| ୪ | ୨୦୮ | ୨୩୮ | ୦.୧୦୦ | ୦.୦୨୩ | ଆଟ | ନନ୍ଦୁ ନାଗ, ପି.: ଭେଗମତ ନାଗ, ଜା: ଗଉଡ଼ | |
| ୫ | ୩୧୨ | ୪୫୭ | ୦.୪୩୦ | ୦.୦୯୩ | ବେର୍ଣ୍ଣା | ମକର ଗଉଡ଼, ପି.: ଈଶ୍ୱର ଗଉଡ଼, ଜା: ଗଉଡ଼ | |
| ୬ | ୩୩ | ୧୧୪୩ | ୦.୦୫୦ | ୦.୦୫୦ | ଆଟ | କମଳା ଡମ୍ବ, ସ୍ୱା.: ସହଦେବ ଡମ୍ବ, ଜା: ଡମ୍ବ | |
| ୭ | ୧୧୮ | ୪୮୧ | ୦.୮୪୦ | ୦.୦୨୦ | ମାଳ | ଛବି ଗଉଡ଼, ପି.: ପଦେ ଗଉଡ଼, ଜା: ଗଉଡ଼ | |
| ୮ | ୧୪୨ | ୯୫୨ | ୦.୨୧୦ | ୦.୧୨୭ | ଘରବାରି | ଜାମାଲ ଦାଦା, ପି.: ଗୁରୁ ମହମ୍ମଦ, ଜା: ମୁସଲମାନ | |
| ୯ | ୨୧୯ | ୧୧୪୮/୨୪୨୧ | ୦.୦୪୦ | ୦.୦୧୦ | ଘରବାରି | ନାରାୟଣ ଜଗତ, ପି.: ଭଜନ ଜଗତ, ଜା: ଡମ୍ବ | |
| ୧୦ | ୧୧୭ | ୨୫୧ | ୦.୦୭୦ | ୦.୦୫୯ | ଆଟ | ଛବି ଗଉଡ଼, ପି.: ପଦେ ଗଉଡ଼, ଜା: ଗଉଡ଼ | |
| ୧୧ | ୪୦୫/ ୧୪୩ | ୧୧୬୩ | ୦.୩୮୦ | ୦.୦୫୭ | ମାଳ | ମାନଧର ନାଗ, ପି.: ଅନ୍ତ ନାଗ, ଜା: ଗଉଡ଼ | |
| ୧୨ | ୩୦୩ | ୧୧୪୮/୨୪୨୦ | ୦.୦୪୦ | ୦.୦୪୦ | ଘରବାରି | ଭଇଁରା ଖୁରା, ପି.: କୁତ୍ରୁ ଖୁରା, ଜା: ଡମ୍ବ | |
| ୧୩ | ୮୨ | ୧୧୩୭ | ୦.୦୪୦ | ୦.୦୪୦ | ଆଟ | ମୀନା ବାଗ, ପି.: ସୁଫଳ ବାଗ, ଜା: ଡମ୍ବ | |
| | | ମୋଟ | ୩.୦୯୦ | ୦.୯୬୦ | | | |

Sd./- Special L.A.O., BEW, Nuapada
Sd./- Superintending Engineer Khariar (R&B) Division
OIPR-24325/14/0015/2223

---

## ଓଡ଼ିଶା ସରକାର
# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ସଂଖ୍ୟା LA-RIP-KLD-338 ତା30.09.2022

No.IX-30:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସିନାଙ୍ଗବାହାଲି, ଥାନା- ନର୍ଲା, ତହସିଲ- ନର୍ଲା, ଜିଲ୍ଲା- କଳାହାଣ୍ଡିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ରେତ୍ ଜଳସେଚନ ପ୍ରକଳ୍ପର ସାନଡୁଙ୍ଗରି ମାଇନର କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୬୨, ତା୨୧।୦୨।୨୦୨୨ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ସିନାଙ୍ଗବାହାଲି, ଥାନା- ନର୍ଲା, ତହସିଲ- ନର୍ଲା, ଜିଲ୍ଲା- କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kalahandi.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ନର୍ଲା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିନାଙ୍ଗବାହାଲି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୦.୧୩ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦ୍ଧକ ପାଇଁ ଉଦ୍ଦିଷ୍ଟ ନୁହେଁ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ନର୍ଲା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ: ୧୧।୦୩।୨୦୨୨**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ସିନାଙ୍ଗବାହାଲି, ଥାନା- ନର୍ଲା ନଂ.୧୦୫, ତହସିଲ- ନର୍ଲା, ଜିଲ୍ଲା- କଳାହାଣ୍ଡି**
**ରେତ୍ ମଧ୍ୟମ ଜଳସେଚନ ପ୍ରକଳ୍ପର ସାନଡୁଙ୍ଗରି ମାଇନର କେନାଲ ନିମନ୍ତେ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିନାଙ୍ଗବାହାଲି | ଗ୍ରାମାଞ୍ଚଳ | ୧୮ | ୩୭୩ | ଆଟ | ୦.୦୮ | ୦.୦୮ | ଯୌବନ ଗଡ଼ତିଆ, ପି.- ମଦନ ଗଡ଼ତିଆ, ଜା- କୋଲତା, ବା- ନିଜଗାଁ |
| | | ୬୩/ ୧୦୫ | ୩୭୨/ ୬୦୨ | ଆଟ | ୦.୬୨ | ୦.୦୫ | ଥବୀର ଗଡ଼ତିଆ, ପି.- ଯୌବନ ଗଡ଼ତିଆ, ଜା- କୋଲତା, ବା- ନିଜଗାଁ |
| ମୌଜାର ମୋଟ ରୟତି ଜମି ୨ ଗୋଟି ପ୍ଲଟ୍‌କୁ ଅଧିସୂଚିତ ରକବା ଏ.୦.୧୩ | | | | | | | |

Sd./- Revenue Inspector O/o L.A. & R.O. RIP, Kusumkhunti, Kalahandi
Sd./- L.A. & R.O. Ret Irrigation Project Kusumkhunti, Kalahandi
Sd./- COLLECTOR KALAHANDI
OIPR-24326/14/0002/2223

---

## ଓଡ଼ିଶା ସରକାର
# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ସଂଖ୍ୟା LA-RIP-KLD-331 ତା30.09.2022

No.IX-29:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସୁହାଗପୁର, ଥାନା- ଭବାନୀପାଟଣା, ତହସିଲ- କଳାହାଣ୍ଡି, ଜିଲ୍ଲା- କଳାହାଣ୍ଡିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ରେତ୍ ଜଳସେଚନ ପ୍ରକଳ୍ପର ଦକ୍ଷିଣ ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୫୬, ତା୨୧।୦୨।୨୦୨୨ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ସୁହାଗପୁର, ଥାନା- ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kalahandi.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: କଳାହାଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁହାଗପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୦.୦୩ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦ୍ଧକ ପାଇଁ ଉଦ୍ଦିଷ୍ଟ ନୁହେଁ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: କଳାହାଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ: ୧୧।୦୩।୨୦୨୨**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କଳାହାଣ୍ଡି

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ସୁହାଗପୁର, ଥାନା- ଭବାନୀପାଟଣା ନଂ.୨୧୪, ତହସିଲ- କଳାହାଣ୍ଡି, ଜିଲ୍ଲା- କଳାହାଣ୍ଡି**
**ରେତ୍ ମଧ୍ୟମ ଜଳସେଚନ ପ୍ରକଳ୍ପର ଦକ୍ଷିଣ ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିମନ୍ତେ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୁହାଗପୁର | ଗ୍ରାମାଞ୍ଚଳ | ୧୪ | ୧୫୧ | ବେର୍ଣ୍ଣା | ୩.୭୪ | ୦.୦୧ | ଚୂଡାମଣି ପଧାନ, ପି.- ବାଞ୍ଛାନିଧି ପ୍ରଧାନ, ଜା- କୋଲତା, ବା- ନିଜଗାଁ |
| | | ୧୯ | ୧୯୦ | ବାହାଲ | ୭.୨୦ | ୦.୦୧ | ତେଜରାଜ ପଧାନ, ପୀତାମ୍ବର ପଧାନ, ସରୋଜ ପଧାନ, ବିଭଞ୍ଜନ ପଧାନ, ବା- ନିଜଗାଁ, ଶାନ୍ତି ଭୋଇ, ବା- ଅଡ଼ତଲ, ଥାନା- କେଗାଁ, ସତ୍ୟ ପଧାନ, ବା- ଭାନପୁର, ଥାନା-ନର୍ଲା, ପ୍ରଫୁଲ୍ଲ ପଧାନ, ବା- ଗହିରା ପଦର, ଥାନା- କେସିଙ୍ଗା, କାଞ୍ଚନ ଭୋଇ, ବା- ଫୁଣାଗାଁ, ଥାନା- ଜୁନାଗଡ଼, କୁନ୍ତଳା ପଧାନ, ବା- ଲମସିଙ୍ଗା, ଥାନା- ନର୍ଲା, ମଞ୍ଜୁଲା ବିଶ୍ୱାଳ, ବା- ଗୋଟଭଟା, ଥାନା- ଭବାନୀପାଟଣା, ଚଞ୍ଚଳା ପଧାନ, ସାରଳା ପଧାନ, ପି.- ତୁଳସି ରାମ ପଧାନ, ରିତୁ ପଧାନ, ତିଲତ୍ତମା ପଧାନ, ସ୍ୱା- ତୁଳସି ରାମ ପଧାନ, ଜା- କୋଲତା, ବା- ନିଜଗାଁ |
| | | ୪୩ | ୧୭୬ | ବାହାଲ | ୦.୪୦ | ୦.୦୧ | ଲକ୍ଷ୍ମି ହରିଜନ, ପି.- ଗୁରୁଆମୁନୀ ହରିଜନ, ଜା- ଡମ୍ବ, ବା- ନିଜଗାଁ |
| ମୌଜାର ମୋଟ ରୟତି ଜମି ୩ ଗୋଟି ପ୍ଲଟ୍‌କୁ ଅଧିସୂଚିତ ରକବା ଏ.୦.୦୩ | | | | | | | |

Sd./- Revenue Inspector O/o L.A. & R.O. RIP, Kusumkhunti, Kalahandi
Sd./- L.A. & R.O. Ret Irrigation Project Kusumkhunti, Kalahandi
Sd./- COLLECTOR KALAHANDI
OIPR-24326/14/0001/2223

# ଭାରତ ପାଇଁ ସମ୍ମାନର ପ୍ରଶ୍ନ



**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

(ଶୁକ୍ରବାର ମ୍ୟାଚ)
ବ୍ରାଜିଲ ବନାମ ଆମେରିକା
ସ୍ଥାନ: ଭୁବନେଶ୍ୱର,
ସମୟ: ଅପରାହ୍ନ ୪ଟା ୩୦
ଭାରତ ବନାମ ମରକ୍କୋ
ସ୍ଥାନ: ଭୁବନେଶ୍ୱର,
ସମୟ: ରାତି ୮ଟା
ନ୍ୟୁଜିଲାଣ୍ଡ ବନାମ ନାଇଜେରିଆ
ସ୍ଥାନ: ମାର୍ଗାଓ,
ସମୟ: ଅପରାହ୍ନ ୪ଟା ୩୦
ଜର୍ମାନୀ ବନାମ ଚିଲି
ସ୍ଥାନ: ମାର୍ଗାଓ,
ସମୟ: ରାତି ୮ଟା

ଭୁବନେଶ୍ୱର, ୧୩।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଶୁକ୍ରବାର ଭାରତ ଓ ମରକ୍କୋ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ରାତି ୮ଟାରେ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚରେ ଗତ ମଙ୍ଗଳବାର ଆମେରିକାଠାରୁ ୦-୮ ଗୋଲରେ ହାରି ବ୍ୟାକ୍‌ଫୁଟରେ ରହିଛି। ଅନ୍ୟପକ୍ଷରେ ନିଜର ପଦାର୍ପଣ ମ୍ୟାଚରେ ଶକ୍ତିଶାଳୀ ବ୍ରାଜିଲକୁ କଡ଼ା ଟକ୍କର ଦେଇଥିଲା ଆଫ୍ରିକୀୟ ଦେଶ ମରକ୍କୋ। ଫଳରେ ବ୍ରାଜିଲ ମାତ୍ର ୧-୦ ଗୋଲରେ ବିଜୟୀ ହେବାକୁ ସକ୍ଷମ ହୋଇଥିଲା। ତେଣୁ ଆଗାମୀ ଭାରତ-ମରକ୍କୋ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ଲୋ ର୍‍ୟାଙ୍କପ୍ରାପ୍ତ ମରକ୍କୋକୁ ଭେଟୁଥିବାରୁ ଭାରତ ପାଇଁ ଏହି ମ୍ୟାଚ ସମ୍ମାନର ପ୍ରଶ୍ନ ହେବ।

ଆୟୋଜକ ଦେଶଭାବେ ଭାରତ ଏହି ଟୁର୍ନାମେଣ୍ଟରେ ପ୍ରଥମଥରପାଇଁ ଖେଳିବା ସୁଯୋଗ ପାଇଛି। ଅନ୍ୟପକ୍ଷରେ ମରକ୍କୋ ଆଫ୍ରିକାନ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିଛି। ବିଶ୍ୱକପ ଯୋଗ୍ୟତା ପଥରେ ଘାନା ପରି ଶକ୍ତିଶାଳୀ ଦଳକୁ ପେନାଲ୍ଟି ଶୁଟ୍ ଆଉଟରେ ପରାସ୍ତ କରିଥିଲା ମରକ୍କୋ। ତେଣୁ ଭାରତ ପାଇଁ ଆଗାମୀ ମ୍ୟାଚ ସହଜ ହେବନାହିଁ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଆମେରିକା ଖେଳାଳିଙ୍କ ଫିଟ୍‌ନେସ, ସ୍ପିଡ୍, ଟେକ୍ନିକ ଆଦି ସବୁ ବିଭାଗରେ ଭାରତୀୟ ଖେଳାଳିମାନେ ପଛରେ ପଡ଼ି ଯାଇଥିଲେ। ତେବେ ମରକ୍କୋ ବିପକ୍ଷରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ କୋଚ୍ ଥୋମାସ ଡେନର୍ବି ଆଶା ରଖିଛନ୍ତି। ''ଆମକୁ ଲଢ଼େଇ କରିବାକୁ ପଡ଼ିବ। ଏହା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ'' ବୋଲି ଡେନର୍ବି କହିଛନ୍ତି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ଟାଇଟଲ ଫେଭରାଇଟ ବ୍ରାଜିଲକୁ ଆଗାମୀ ୧୭ ତାରିଖରେ ଭେଟିବ। ତେଣୁ ମରକ୍କୋ ବିପକ୍ଷ ମ୍ୟାଚ ଜିତି ଦଳକୁ ମନୋବଳ ବଢ଼ାଇବାକୁ ପଡ଼ିବ। ଭାରତୀୟ ଖେଳାଳିଙ୍କ ନିକଟରେ ସ୍ପିଡ୍ ବଢ଼ାଇବାର କ୍ଷମତା ରହିଛି। ମାତ୍ର ଫୁଟବଲ ଖାଲି ରନିଂ କିମ୍ବା ସ୍ପ୍ରିଣ୍ଟ ଗେମ୍ ନୁହେଁ। ଉଚିତ ସମୟରେ ଠିକ୍ ନିଷ୍ପତ୍ତି ନେବା ବଡ଼କଥା ବୋଲି ଡେନର୍ବି କହିଛନ୍ତି।

ବ୍ରାଜିଲ ବିପକ୍ଷ ମ୍ୟାଚରେ ମରକ୍କୋ ଅଧିକାଂଶ ସମୟ ରକ୍ଷଣାତ୍ମକ ଖେଳିଥିଲା। ସେମାନେ କେବଳ ୪ଟି ଶଟ୍ ବ୍ରାଜିଲ ଗୋଲପୋଷ୍ଟକୁ ଟାର୍ଗେଟ କରି ପାରିଥିଲେ। ବ୍ରାଜିଲ ଫରୱାର୍ଡମାନେ ଅନେକ ସହଜ ସୁଯୋଗ ହାତଛଡ଼ା କରିଥିଲେ। ନଚେତ ଏହି ଦଳ ବଡ଼ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ମରକ୍କୋ ଗୋଲପୋଷ୍ଟକୁ ବ୍ରାଜିଲ ଖେଳାଳି ୧୭ ଶଟ୍ ଟାର୍ଗେଟ କରିଥିଲେ। ଚାପର ବଶବର୍ତ୍ତୀ ନହୋଇ ଭାରତ ଆଗାମୀ ମ୍ୟାଚରେ ସ୍ୱାଭାବିକ ଖେଳ ଖେଳିବାର ଅଛି। ଏହା ହେଲେ ଯାଇ ଘରୋଇ ଦଳପାଇଁ ବିଜୟ ସୁଯୋଗ ରହିବ।

## ମରକ୍କୋ ବିପକ୍ଷ ମ୍ୟାଚ ଆଜି

### ଖେଳାଳି ତାଲିକା

**ଭାରତୀୟ ଦଳ:** ମୋନାଲିଶା ଦେବୀ ମୋଇରାଙ୍ଗଥେମ, ମେଲୋଡି ଚାନୁ କେଇଶାମ, ଅଞ୍ଜଳି ମୁଣ୍ଡା, ଅସ୍ତାମ ଓରାଅନ, ନକେତା, ପୂର୍ଣ୍ଣିମା କୁମାରୀ, ବର୍ଷିକା, ଶିଲ୍‌କି ଦେବୀ ହେମାମ, ବବିନା ଦେବୀ ଲିଶାମ, ନିତୁ ଲିନ୍‌ଡା, ଶୈଳଜା, ଶୁଭାଙ୍ଗି ସିଂ, ଅନିତା କୁମାରୀ, ଲିଣ୍ଡା କୋମ୍ ସେର୍ଟୋ, ନେହା, ରେଜିୟା ଦେବୀ ଲୈଶରାମ, ଶେଲିଆ ଦେବୀ ଲୋକତୋଙ୍ଗବାମ, କାଜଲ ହୁବର୍ଟ ଡିସୁଜା, ଲାବଣ୍ୟ ଉପାଧ୍ୟାୟ, ସୁଧା ଅଙ୍କିତା ତିର୍କୀ।
**ମରକ୍କୋ ଦଳ:** ଡେର୍ବାଲି ଲୋଉସା, ସହିଡ ହାଜର, ବୌସାଛା ଡାନିଆ, ବେନାସୋଉ ନାଡିଆ, କରମି ହିବା, ଏଇଟ୍ ଲିନା, ଲାକସିରି କେଞ୍ଜା, ଏଲ ଆସାଓଉ ୱିସାଲ, ମାସନାଉସମ୍ୟା, ଚେରିଫ ଡିଜେନା, ଏଲ ମଦାନି ଡୋହା, ଟିଟା ୱିସାଲ, ମ୍ରାବ୍ତି ଡାନିଆ, ଟାଏବି କାମିଲା, ଇଲମେସ୍ଥୁର ହୌଦା, ମାମ୍ରି ଆମିରା, ଜୌହିର ୟାସମିନ, ବସେର ଆମ୍ରି, ଏଲ୍ ହାମଜାଉ ମିନା, ଏଲ୍ ଘାଜୋୱାନି ଫତିମା, ଏଲ୍ ହାନାଚି ଇମାନ।



ସପ୍ତମ ବାଟାଲିୟନ ପଡ଼ିଆରେ ଗୁରୁବାର ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

# ଖେଳାଳିଙ୍କ ବୁଟ୍ ବିଳମ୍ବରେ ପହଞ୍ଚିଲା

ଭୁବନେଶ୍ୱର, ୧୩।୧୦

ଭାରତର ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଦଳର ୪ଜଣ ସଦସ୍ୟାଙ୍କ ବୁଟ୍ ବିଳମ୍ବରେ ପହଞ୍ଚିଥିଲା। ଫଳରେ ସମ୍ପୃକ୍ତ ଖେଳାଳିମାନେ ଜୋତା ସହିତ ଅଭ୍ୟସ୍ତ ହୋଇପାରି ନ ଥିଲେ। ନୂଆ ଜୋତା ସହ ସେମାନେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ବିପକ୍ଷ ମ୍ୟାଚରେ ସେମାନେ ସିଧାସଳଖ ପଡ଼ିଆକୁ ଓହ୍ଲାଇଥିଲେ। ନୂଆ ବୁଟ୍ କାହିଁକି ଠିକଣା ସମୟରେ ପହଞ୍ଚିଲାନି ସେ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ମହାସଚିବ ଶାଜି ପ୍ରଭାକରନ ନ୍ୟାଶନାଲ ଟିମ୍ ଡିପାର୍ଟମେଣ୍ଟରୁ ରିପୋର୍ଟ ମାଗିଛନ୍ତି। ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପ୍ରାଥମିକ ରିପୋର୍ଟ ମିଳିବା ପରେ ଘଟଣାର ତଦନ୍ତ କରାଯିବ। ଏଥିପାଇଁ ଦାୟୀ କିଏ ତାହା ଜାଣିବାକୁ ପଡ଼ିବ ବୋଲି ପ୍ରଭାକରନ କହିଛନ୍ତି। ଖବର ଅନୁସାରେ କେତେଜଣଙ୍କର ଜୋତା ନମ୍ବର ଠିକ୍ ନ ଥିଲା। ଫଳତଃ ସେମାନେ ଗତ ମାସରେ ନୂଆ ଜୋତା ଯୋଗାଇ ଦେବାପାଇଁ ଅନୁରୋଧ କରିଥିଲେ। କିନ୍ତୁ ସଡ଼କ ପରିବହନ ଜରିଆରେ ଆସିଥିବାରୁ ଜୋତା ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଏପରି କାହିଁକି ଘଟିଲା ତା'ର କାରଣ ଜାଣିବା ପାଇଁ ରିପୋର୍ଟ ମଗାଯାଇଥିବା ସେ କହିଛନ୍ତି। ପ୍ରଭାକରନ କହିଛନ୍ତି, ତାଙ୍କ ନିକଟରେ ଯାହା ଖବର ରହିଛି ୩ରୁ ୪ଜଣ ଖେଳାଳି ଛୋଟ ସାଇଜ୍‌ର ବୁଟ୍ ବ୍ୟବହାର କରୁଥିଲେ, ସେମାନେ ବଡ଼ ସାଇଜ୍‌ର ବୁଟ୍ ଚାହିଁଥିଲେ। କିନ୍ତୁ ଏହି ବୁଟ୍‌ଗୁଡ଼ିକ ବିଳମ୍ବରେ ଆସି ପହଞ୍ଚିଲା। ଫୁଟ୍‌ବଲରମାନେ ନୂଆ ଜୋତା ବ୍ୟବହାର କଲାବେଳେ ପ୍ରଥମ ଦିବସରେ ସହଜ ଅନୁଭବ କରି ନ ଥାନ୍ତି। ନୂଆ ବୁଟ୍ ସହ ଅଭ୍ୟସ୍ତ ହେବାକୁ କିଛି ସମୟ ଲାଗିଥାଏ। ଭାରତ ମଙ୍ଗଳବାର ଓପନିଂ ମ୍ୟାଚରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ଠାରୁ ୦-୮ଗୋଲରେ ପରାସ୍ତ ହୋଇଛି।

## ତଦନ୍ତ କରିବ ଏଆଇଏଫ୍ଏଫ୍




୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ମାସ୍କଟ ଇଭା।

# ଆମେରିକାକୁ ଭେଟିବ ବ୍ରାଜିଲ

**ଭୁବନେଶ୍ୱର, ୧୩।୧୦ (କ୍ରୀଡ଼ା ପ୍ରତିନିଧି):** ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଦୁଇ ଶକ୍ତିଶାଳୀ ଦଳ ବ୍ରାଜିଲ ଓ ଆମେରିକା ଶୁକ୍ରବାର ପରସ୍ପରକୁ ଭେଟିବେ। ମ୍ୟାଚଟି ଅପରାହ୍ନ ୪ଟା ୩୦ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଆମେରିକା ଏହାର ପ୍ରଥମ ମ୍ୟାଚରେ ଭାରତକୁ ୮-୦ ଗୋଲରେ ହରାଇଥିବାରୁ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ବ୍ରାଜିଲ ନିଜର ପ୍ରଥମ ମ୍ୟାଚରେ ମରକ୍କୋକୁ ୧-୦ ଗୋଲରେ ହରାଇଥିବାରୁ ପୂରା ୩ ପଏଣ୍ଟ ପାଇଥିଲେ ହେଁ ଟେବୁଲରେ ଦ୍ୱିତୀୟ ସ୍ଥାନ ପାଇଛି। ଆଗାମୀ ମ୍ୟାଚର ବିଜେତା ଟେବୁଲ ଟପ୍ପର କିଏ ହେବ ତାହା ନିର୍ଦ୍ଧାରଣ କରିବ। ଉଭୟ ଦଳ ପ୍ରତିଯୋଗିତାରେ ପୂର୍ବରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଆମେରିକା ୫ମ ଏବଂ ବ୍ରାଜିଲ ୬ଷ୍ଠଥରପାଇଁ ଏହି ବିଶ୍ୱକପ ଖେଳୁଛି। ତେବେ ଦୁଇ ଦଳ କେବେହେଲେ ବିଶ୍ୱକପ ଜିତିବାର ସୌଭାଗ୍ୟ ପାଇ ନାହାନ୍ତି। ଆମେରିକା ୨୦୦୮ରେ ଫାଇନାଲକୁ ଯାଇଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ସେହିପରି ୨୦୧୦ ଓ ୨୦୧୨ରେ ବ୍ରାଜିଲ ସର୍ବାଧିକ କ୍ୱାର୍ଟର ଫାଇନାଲ ଖେଳି ବିଦାୟ ନେଇଥିଲା। ଏଥର ଏହି ଦୁଇ ଦଳ ଅନ୍ୟତମ ଟାଇଟଲ ଫେଭରାଇଟ ଥିବାରୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବା ଆଶା କରାଯାଉଛି।

FIFA U17 WOMEN'S WORLD CUP
ପାର୍କିଂ ସ୍ଥଳ ଓ ମୋ ବସ୍ ରୁଟ ସମ୍ବନ୍ଧିତ ସୂଚନା
DSPL-222




ସଙ୍କେତ :
ପାର୍କିଂ ସ୍ଥଳ

| ଷ୍ଟାଡ଼ିୟମ ପ୍ରବେଶ ଦ୍ୱାର | ପାର୍କିଂ ସ୍ଥଳ |
|---|---|
| ଗେଟ୍ ନଂ ୧ | ନିୟୁ ଏଜି କଲୋନୀ |
| ଗେଟ୍ ନଂ ୩ | ନିକୋ ପାର୍କ ରୋଡ୍ |
| ଗେଟ୍ ନଂ ୪ | ନିୟୁ ଏଜି କଲୋନୀ |

ବସ୍ ବ୍ୟତୀତ ସମସ୍ତ ଯାନ ବାହନ ପାଇଁ ପାର୍କିଂ ର ବ୍ୟବସ୍ଥା

ମୋ ବସ୍ ରୁଟ୍

| | |
|---|---|
| ୧୦ | ରୁଟ୍ ୧୦ - ଏୟାରପୋର୍ଟ ଠାରୁ ସିଡ଼ିଏ (କଟକ) |
| ୧୨ | ରୁଟ୍ ୧୨ - ରେଳ ଷ୍ଟେସନ୍ ଠାରୁ ନନ୍ଦନ କାନନ୍ |
| ୧୮ | ରୁଟ୍ ୧୮ - ବରମୁଣ୍ଡା ଠାରୁ ଜଗତ୍‌ପୁର |
| | ବିଶେଷ ସୁବିଧା - ପାତ୍ରପଡ଼ା ଠାରୁ କଳିଙ୍ଗ ଷ୍ଟାଡ଼ିୟମ୍ |

କଳିଙ୍ଗ ଷ୍ଟାଡ଼ିୟମ୍ ରେ ପହଞ୍ଚିବା ପାଇଁ ମୋ ବସ୍ ରୁଟ୍

ଓଡ଼ିଶା ଶାସନ
OIPR-29001/13/0021/2223

# ମାର୍ଗାଓରେ ନ୍ୟୁଜିଲାଣ୍ଡ-ନାଇଜେରିଆ, ଜର୍ମାନୀ-ଚିଲି ଭେଟ

ଭୁବନେଶ୍ୱର, ୧୩।୧୦
(କ୍ରୀଡ଼ା ପ୍ରତିନିଧି)

ମାର୍ଗାଓର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଶୁକ୍ରବାର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୨ଟି ଗ୍ରୁପ୍ 'ବି' ମ୍ୟାଚ ଖେଳାଯିବ। ଅପରାହ୍ନ ୪ଟା ୩୦ରେ ନ୍ୟୁଜିଲାଣ୍ଡ-ନାଇଜେରିଆ ଏବଂ ରାତି ୮ଟାରେ ଜର୍ମାନୀ ଓ ଚିଲି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଜର୍ମାନୀ ଓ ଚିଲି ସେମାନଙ୍କ ପ୍ରଥମ ମ୍ୟାଚ ଜିତି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଓ ନାଇଜେରିଆ ପ୍ରଥମ ମ୍ୟାଚ ହାରିଛନ୍ତି। ଚିଲି ଏହାର ପ୍ରଥମ ମ୍ୟାଚରେ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ଏବଂ ଜର୍ମାନୀ ୨-୧ ଗୋଲରେ ନାଇଜେରିଆକୁ ପରାସ୍ତ କରିଛି। ଗୋଲ ବ୍ୟବଧାନ ଦୃଷ୍ଟିରୁ ଚିଲି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ପ୍ରତି ଗ୍ରୁପ୍‌ରୁ ଶୀର୍ଷ ୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବା ନିୟମ ଥିବାରୁ ଆଗାମୀ ମ୍ୟାଚ ପ୍ରତି ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଚିଲି ଦ୍ୱିତୀୟ, ଜର୍ମାନୀ ୭ମ, ନ୍ୟୁଜିଲାଣ୍ଡ ୭ମ ଓ ନାଇଜେରିଆ ୬ଷ୍ଠ ଥରପାଇଁ ବିଶ୍ୱକପ ଖେଳୁଛନ୍ତି।

FIFA WOMEN'S WORLD CUP INDIA 2022

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୪/୨୦୨୨ Sambalpur, Friday, October 14/ 2022


ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ।

# ଦ୍ୱିତୀୟ ୱାର୍ମଅପ୍‌ରେ ହାରିଲା ଭାରତ

**ପର୍ଥ, ୧୩।୧୦ (ପି.ଟି.):** ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି୨୦ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚରେ ଭାରତ ୩୬ ରନରେ ୱେଷ୍ଟର୍ନ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ୧୬୯ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଭାରତ ୮ ଉଇକେଟରେ ୧୩୨ ରନ କରିପାରିଥିଲା। ଭାରତ ଓପନିଂ ୱାର୍ମଅପ ମ୍ୟାଚ ୧୩ ରନରେ ଜିତିଥିଲା। ଡି'ଆର୍ସି ଶର୍ଟ (୩୮ ବଲ୍‌ରୁ ୫୨ ରନ) ଏବଂ ନିକ୍ ହବ୍‌ସନ (୪୧ ବଲ୍‌ରୁ ୬୪ ରନ)ଙ୍କ ଚମତ୍କାର ବ୍ୟାଟିଂ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟର୍ନ ଅଷ୍ଟ୍ରେଲିଆ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୮ ରନ କରିଥିଲା। ଭାରତୀୟ ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ଆର.ଅଶ୍ୱିନ ଗୋଟିଏ ଓଭରରେ ୩ଟି ଉଇକେଟ ଏବଂ ହର୍ଶଲ ପଟେଲ ୨ ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଗ୍ରାଉଣ୍ଡରେ ରନ୍ ଚେଜ୍ ବେଳେ ଭାରତ ସଂଘର୍ଷ କରିଥିଲା। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଉଭୟ ରୋହିତ ଓ କୋହଲି କିନ୍ତୁ ଫିଲ୍ଡିଂ କରିବାକୁ ଆସିଥିଲେ। ରିଷଭ ପନ୍ତ ଓ କାମଚଳା ଅଧିନାୟକ କେ.ଏଲ୍. ରାହୁଲ ଦଳର ଓପନିଂ କରିଥିଲେ। ରାହୁଲ ୪୫ ବଲ୍‌ରୁ ଆକର୍ଷଣୀୟ ୭୪ରନ ସଂଗ୍ରହ କରିଥିଲେ ହେଁ ଅନ୍ୟ ଭାରତୀୟ ବ୍ୟାଟରମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଟି୨୦ ବିଶ୍ୱକପ୍ ପୂର୍ବରୁ ପେସ୍ ଓ ବାଉନ୍ସ ସହ ଅଭ୍ୟସ୍ତ ହେବାଲାଗି ଭାରତ ପର୍ଥରେ ଡେରା ପକାଇଛି। ଦଳ ବର୍ତ୍ତମାନ ବ୍ରିସ୍‌ବେନ ଗସ୍ତ କରିବ।

# ୨୫ ମିଟର ପିସ୍ତଲରେ ଭାରତକୁ ବ୍ରୋଞ୍ଜ ପଦକ

**କାଇରୋ, ୧୩।୧୦ (ପି.ଟି.)**

**ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍**

ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ବ୍ରୋଞ୍ଜ ସହ ଏହାର ଅଭିଯାନ ଆରମ୍ଭ କରିଛି। ମହିଳା ୨୫ ମିଟର ପିସ୍ତଲ ଜୁନିୟର ଟିମ୍ ଇଭେଣ୍ଟରେ ଏହି ପଦକ ମିଳିଛି। ଈଶା ସିଂ, ନାମ୍ୟା କପୁର ଓ ବିଭୂତି ଭାଟିଆଙ୍କୁ ନେଇ ଭାରତୀୟ ଦଳ ବ୍ରୋଞ୍ଜ ପଦକ ମୁକାବିଲାରେ ଜର୍ମାନୀକୁ ୧୭-୧ରେ ପରାସ୍ତ କରିଛି। ଏଥିସହ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଭାରତ ପଦକ ତାଲିକାରେ ପ୍ରବେଶ କରିଛି। ମହିଳା ୫୦ମିଟର ରାଇଫଲ ପ୍ରୋନ୍ ଜୁନିୟର ପ୍ରତିଯୋଗିତାରେ ନିଶ୍ଚଲ(୬୧୬.୯) ଓ ନୂପୁର କୁମ୍‌ରାୱତ (୬୦୬.୬) ଯଥାକ୍ରମେ ୮ମ ଓ ୩୪ତମ ସ୍ଥାନରେ ରହିଥିଲେ।

# ୱାର୍ନରଙ୍କ ଅଧିନାୟକତ୍ୱ ବାସନ୍ଦ ଦଣ୍ଡ ଉଠାଯାଇପାରେ

**ସିଡ୍‌ନୀ, ୧୩।୧୦ (ପି.ଟି.):** ଡେଭିଡ୍ ୱାର୍ନରଙ୍କ ଉପରୁ ବାସନ୍ଦ ଦଣ୍ଡ ଉଠାଇ ଦିଆଯାଇପାରେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏଥିଲାଗି କ୍ରିକେଟ ଅଷ୍ଟ୍ରେଲିଆର ନିର୍ଦ୍ଦେଶକମଣ୍ଡଳୀ ସଂଗଠନର ଆଚରଣବିଧିରେ ପରିବର୍ତ୍ତନ କରିବା ଲାଗି ବିଚାର କରୁଛନ୍ତି। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ମାମଲାରେ ସମ୍ପୃକ୍ତି ପାଇଁ ୱାର୍ନରଙ୍କୁ ଆଜୀବନ ନେତୃତ୍ୱ ନେବାରୁ ବାସନ୍ଦ କରାଯାଇଥିଲା। ୩୫ ବର୍ଷୀୟ ୱାର୍ନର ତାଙ୍କ ୧୦୦ ଅନ୍ତର୍ଜାତୀୟ ଟି୨୦ ଏବଂ ୧୦୦ ଟେଷ୍ଟ ପଦାର୍ପଣର ନିକଟତର ହୋଇଛନ୍ତି। ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ପଦ ଖାଲି ପଡ଼ିଛି। ଏହି ପଦବୀ ପାଇଁ ୱାର୍ନର ହେଉଛନ୍ତି ଜଣେ ସମ୍ଭାବ୍ୟ ପ୍ରାର୍ଥୀ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୪/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Friday, October 14/2022 Page 20 | ₹ 7.00 | ପୃଷ୍ଠା-୧



**ଶେଫାଳି ବର୍ମା ପ୍ଲେୟର ଅଫ୍ ଦି ମ୍ୟାଚ୍**
ଥାଇଲାଣ୍ଡ ବିପକ୍ଷ ମହିଳା ଟି୨୦ ଏସିଆ କପ୍ କ୍ରିକେଟ ମ୍ୟାଚରେ ଭାରତର ଶେଫାଳି ବର୍ମା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।
୦୮

୦୨
**ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ଅର୍ଜୁନ**
ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ ତାଲିକାରେ ଯାଜପୁର ଜିଲାର ବୈଜ୍ଞାନିକ ଡ. ଅର୍ଜୁନ ବେହେରାଙ୍କ ନାମ ରହିଛି।





ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଗୁରୁବାର ନୃତ୍ୟ ନିଳୟ ଓ ନୃତ୍ୟାଙ୍କିତା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ତୃତୀୟ 'ଗୁରୁ ସମର୍ପଣ ସମାରୋହ'ରେ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

# ଭସାଣ ବେଳେ ଭାସିଗଲେ
## କେନାଲରୁ ୩ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

**ମଙ୍ଗୁଳି, ୧୩।୧୦(ଡି.ଏନ୍.ଏ.)**

କଟକ ଚୌଦ୍ୱାର ଅଞ୍ଚଳରେ ବୁଧବାର ରାତିରେ ଲକ୍ଷ୍ମୀପୂଜା ଭସାଣ ଚାଲିଥିବାବେଳେ ଜଗତ୍‌ପୁର ଥାନା ଅଧୀନ ବେଲମାଳିଆସ୍ଥିତ ମହାବୀର ମନ୍ଦିର ନିକଟ ପଙ୍ଗାମୁଣ୍ଡାଇ କେନାଲରେ ଭାସିଯାଇ ୩ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ କଟକ ଚାଉଳିଆଗଞ୍ଜ ଥାନା ଅଧୀନ ତଳସାହିର ନିଲୁ ସାହୁ, ତ୍ରିଲୋଚନ ମହଲା ଏବଂ ଚୌଦ୍ୱାର ଥାନା ଅଧୀନ ମହାଜନ ସାହିର ବାଦଲ ସାହୁ। ତ୍ରିଲୋଚନ ଓ ବାଦଲଙ୍କ ହାତ, ଗୋଡ଼, କାନରେ ଗଭୀର କ୍ଷତଚିହ୍ନ ରହିଥିବା ଦେଖିବାକୁ ମିଳିଥିବାବେଳେ ନିଲୁଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ। କେନାଲ ପାର୍ଶ୍ୱରୁ ଗୋଟେ ବାଇକ୍ ଜବତ ହୋଇଛି। ଖବର ପାଇ ଜୋନ୍-୧ ଏସିପି ଅତୁଲ କୁମାର ସ୍ୱାଇଁ, ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର ୩ ମୃତଦେହକୁ କଟକ ବଡ଼ମେଡିକାଲ ପଠାଯାଇଥିବାରୁ ମଙ୍ଗଳବାର ଥାନାରେ ୩ଟି ଅପମୃତ୍ୟୁ ମାମଲା(୨୨୪୦/୨୨, ୨୨୪୧/୨୨, ୨୨୪୩/୨୨) ରୁଜୁ କରାଯାଇଛି। ଅପରପକ୍ଷରେ ମୃତ ବାଦଲଙ୍କ ଭାଇ ଏହାକୁ ହତ୍ୟାକାଣ୍ଡ ବୋଲି କହୁଥିବାବେଳେ ସେନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଜଗତପୁର ଥାନା ପୋଲିସ ସୂଚନା ଦେଇଛି।

ସୂଚନା ମୁତାବକ, ଚୌଦ୍ୱାରରେ ଲକ୍ଷ୍ମୀପୂଜା ଭସାଣି ଦେଖିବା ପାଇଁ ନିଲୁ ତାଙ୍କ ସାଙ୍ଗ ତ୍ରିଲୋଚନଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାଇଥିଲେ। ବାଦଲ ହେଉଛନ୍ତି ନିଲୁଙ୍କ ମାଉସୀପୁଅ ଭାଇ। ବୁଧବାର ରାତିରେ ଭସାଣ ଚାଲିଥିବା ବେଳେ ହଠାତ ତ୍ରିଲୋଚନ, ନିଲୁ ଏବଂ ବାଦଲ ପଙ୍ଗାମୁଣ୍ଡାଇ କେନାଲ ପାଣିରେ ବୁଡ଼ି ଯାଇଥିବା ଖବର ଚୌଦ୍ୱାର ଅଞ୍ଚଳରେ ଖେଳି ଯାଇଥିଲା। ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଅନ୍ଧାର ଯୋଗୁ ସେମାନେ କୌଣସି ସନ୍ଧାନ ନ ପାଇ ଫେରି ଆସିଥିଲେ। ଗୁରୁବାର ସକାଳୁ ଖୋଜାଖୋଜି କରିବା ପରେ ତ୍ରିଲୋଚନ ଓ ନିଲୁଙ୍କ ଶବ ପୋଡ଼ାବର ଠାରେ ଠାବ କରାଯାଇଥିଲା। ପରେ ଆଠମଣିଆରେ ବାଦଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ହେଲା, ଆମେ ☞ପୃଷ୍ଠା-୨

# ଶ୍ରେଷ୍ଠ ଚିକିତ୍ସା ଅନୁଷ୍ଠାନ ହେବ ଏଏଚପିଜିଆଇସି

**ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର**

■ ପେଟ୍ ସିଟି ସ୍କାନ, ଆଇସିୟୁ, ନୂତନ ୱାର୍ଡ ଉଦ୍‌ଘାଟିତ
■ ୱାର୍ଡରେ ଶଯ୍ୟା ସଂଖ୍ୟା ୫୦୭କୁ ବୃଦ୍ଧି

**କଟକ ଅଫିସ, ୧୩।୧୦**

ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର(ଏଏଚ୍‌ପିଜିଆଇସି) ରାଜ୍ୟରେ କର୍କଟ ରୋଗ ଚିକିତ୍ସା, ଶିକ୍ଷା ଗବେଷଣାର ଏକ ପ୍ରମୁଖ ଅନୁଷ୍ଠାନ। ରାଜ୍ୟ ସରକାର ଏଏଚ୍‌ପିଜିଆଇସିକୁ ଦେଶର ଏକ ଶ୍ରେଷ୍ଠ କର୍କଟ ରୋଗ ଚିକିତ୍ସା ଅନୁଷ୍ଠାନରେ ରୂପାନ୍ତର କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସରର ବହୁ ପ୍ରତୀକ୍ଷିତ ପେଟ୍ ସିଟି ସ୍କାନ ମେଶିନ୍, ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଓ ନୂତନ ୱାର୍ଡକୁ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ପେଟ୍ ସିଟି ସ୍କାନ୍ କର୍କଟ ରୋଗ ଚିକିତ୍ସାରେ ଏକ ମାଇଲଖୁଣ୍ଟ। ଏହାଦ୍ୱାରା କର୍କଟ ରୋଗ ନିରୂପଣ ଓ ଚିକିତ୍ସା କ୍ଷେତ୍ରରେ ବହୁ ଉନ୍ନତି ଆସିପାରିବ। ଏବେ ୱାର୍ଡରେ ଶଯ୍ୟା ସଂଖ୍ୟା ୫୦୭କୁ ବୃଦ୍ଧି ପାଇଥିବାରୁ କର୍କଟ ରୋଗୀମାନେ ଭଲ ଭାବେ ଚିକିତ୍ସା ସେବା ପାଇପାରିବେ। ରାଜ୍ୟ ସରକାର ଏହି ଅନୁଷ୍ଠାନର ସମ୍ପ୍ରସାରଣ କରି ନୂତନ ଓଟି କମ୍ପ୍ଲେକ୍ସ, ଆଉଟ୍‌ଡୋର, ପାଥୋଲୋଜି, ଶୈକ୍ଷିକ ଭିତ୍ତିଭୂମି ଓ ଛାତ୍ରାବାସ ଆଦି ନିର୍ମାଣ କରିବାର ଯୋଜନା କରିଛନ୍ତି। ରାଜ୍ୟରେ କର୍କଟ ରୋଗ ଚିକିତ୍ସାକୁ ଶକ୍ତିଶାଳୀ କରିବା ପାଇଁ ବ୍ରହ୍ମପୁର, ବୁର୍ଲା ଓ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ କ୍ୟାନ୍‌ସର କେୟାର ୟୁନିଟ୍ ପ୍ରକଳ୍ପ ପାଇଁ ସରକାର ମଞ୍ଜୁର କରିଛନ୍ତି। ବରଗଡ଼ ଓ ଝାରସୁଗୁଡ଼ାରେ ସ୍ୱତନ୍ତ୍ର କର୍କଟ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବା ସହ ଜିଲାସ୍ତରରେ କର୍କଟ ରୋଗ ପାଲିଏଟିଭ କେୟାର ସେଣ୍ଟର ପ୍ରତିଷ୍ଠା କରାଯାଇଛି। କର୍କଟ ରୋଗୀଙ୍କ ସମେତ ତାଙ୍କ ପରିବାର ମାନସିକ ଦୁଃଶ୍ଚିନ୍ତାରେ ଥାନ୍ତି। ତେଣୁ କର୍କଟ ରୋଗୀମାନଙ୍କ ଆତ୍ମବିଶ୍ୱାସ ବଢ଼ାଇ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ଦେଶର ପୂର୍ବାଞ୍ଚଳରେ ଏହି ଅନୁଷ୍ଠାନ କର୍କଟ ରୋଗ ଚିକିତ୍ସାର ହବ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ।

ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ କହିଥିଲେ, ଏକ ସୁସ୍ଥ ଓଡ଼ିଶା ଗଠନ ପାଇଁ ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ପେଟ୍ ସିଟି ସ୍କାନ, ନୂତନ ୱାର୍ଡକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ମାୟାଜାଲରେ ଫସିଛନ୍ତି ୨୫ରୁ ଊର୍ଦ୍ଧ୍ୱ ନେତା

**ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଗିରଫ ଘଟଣା**

■ ଆର୍‌ବିଆଇ ଦେଲାଣି ୫ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ
■ ୬ ମାସ ମଧ୍ୟରେ ହୋଇଛି ୫ କୋଟିରୁ ଅଧିକ କାରବାର
■ ଭଡ଼ାଘରେ ସ୍ପାଏ କ୍ୟାମେରାରେ ସୁଟ୍ କରୁଥିଲେ ଭିଡିଓ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗଙ୍କ ଗିରଫ ଘଟଣାରେ ଦିନକୁ ଦିନ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବାରେ ଲାଗିଛି। ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ୨୫ରୁ ଅଧିକ ନେତା ଅର୍ଚ୍ଚନାଙ୍କ ମାୟାଜାଲରେ ଫସିଥିବା କୁହାଯାଉଛି। ତେବେ ଏହି ମାମଲାରେ ଶାସକ ଦଳର ଅଧିକ ନେତା ଓ ମନ୍ତ୍ରୀ ସମ୍ପୃକ୍ତ ଥିବାରୁ କମିଶନରେଟ ପୋଲିସର ତଦନ୍ତରେ ଶିଥିଳତା ପଡ଼ିଥିବା ଚର୍ଚ୍ଚା ହେଉଛି। ଏପରି ସ୍ଥିତିରେ ଗୁରୁବାର ଭୁବନେଶ୍ୱର ଭାଜପା ☞ପୃଷ୍ଠା-୨




ଅର୍ଚ୍ଚନା ନାଗ

# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ୧୭ ଆହତ

**ରୂପସା/ ଜଳେଶ୍ୱର, ୧୩।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ପୃଥକ୍ ସ୍ଥାନରେ ଗୁରୁବାର ୨ଟି ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି।

କୋଲକାତାରୁ ଚାନ୍ଦବାଲି ରାଜକନିକା ଅଭିମୁଖେ ଯାଉଥିବା ଜଗାକାଳିଆ ନାମକ ବସ୍ ହଳଦୀପଦା ବାଇପାସ୍ ନିକଟରେ ଭାରସାମ୍ୟ ହରାଇ ଡ୍ରେନ୍‌ରେ ଓଲଟି ପଡ଼ିଥିଲା। ଗୁରୁବାର ଭୋର ସମୟରେ ଡ୍ରାଇଭର ଜଣକ ଢୁଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି । ବସ୍‌ରେ ପ୍ରାୟ ୫୦ଜଣ ଯାତ୍ରୀ ଥିଲେ। ୧୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯାତ୍ରୀ ଆହତ ହୋଇଛନ୍ତି । ଜଣେ ନାବାଳକଙ୍କ ଗୋଡ ଭାଙ୍ଗିଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲ୍‌ପର ଚମ୍ପଟ ମାରିଥିଲେ। କେତେଜଣ ଯାତ୍ରୀ ଅନ୍ୟ ବସ୍‌ରେ ଘରକୁ ପଳାଇ ଯାଇଥିବା ବେଳେ ଆଉ କେତେଜଣ ବସ୍ ପାଖରେ ବସି ରହିଥିଲେ। ବସ୍ତା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେହିପରି ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟ ଲକ୍ଷ୍ମଣନାଥସ୍ଥିତ ଟୋଲପ୍ଲାଜାଠାରେ ଏକ ତୀର୍ଥଯାତ୍ରୀ ବସ୍ ପଛପଟକୁ କଣ୍ଟେନର ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି। ପୋଲିସ, ଦମକଳ ବାହିନୀ ଗ୍ୟାସ୍ କଟର ଓ କ୍ରେନ୍ ସାହାଯ୍ୟରେ ☞ପୃଷ୍ଠା-୨

# ଶବ୍ଦ ମନେରଖିବାରେ ମହିଳା ଆଗୁଆ

**ଲଣ୍ଡନ**

ଶବ୍ଦ ଖୋଜିବା ଏବଂ ତାହାକୁ ମନେରଖିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଆଗୁଆ। ବର୍ଗନ ୟୁନିଭର୍ସିଟିର ପ୍ରଫେସର ମାର୍କୋ ହର୍ନଷ୍ଟାଇନ୍, ନରୱେ ୟୁନିଭର୍ସିଟି ସହଯୋଗୀଙ୍କ ସହ ମିଶି ଏହା ଉପରେ ଅଧ୍ୟୟନ କରିଥିଲେ। ଅନେକ ପିଏଚ୍‌ଡି ଥେସିସ୍, ମାଷ୍ଟର ଥେସିସ୍, ସାଇଣ୍ଟିଫିକ୍ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରୁ ସେମାନେ ତଥ୍ୟ ସଂଗ୍ରହ କରି ତାହାର ବିଶ୍ଳେଷଣ ପରେ ଏହା ଜାଣିବାକୁ ପାଇଛନ୍ତି।

ଏହି ମେଟା-ଆନାଲିସିସ୍‌ରେ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଥିବାବେଳେ ୫୦୦ରୁ ଅଧିକ ଉପାୟ ସମ୍ପର୍କରେ ଜାଣିବାକୁ ମିଳିଥିଲା। ମହିଳାମାନେ ବାସ୍ତବରେ ପୁରୁଷଙ୍କ ତୁଳନାରେ ଅଧିକ ଶବ୍ଦ ଖୋଜିବା ସହ ତାହାକୁ ମନେରଖିବାରେ ବେଶ୍ ଦକ୍ଷ ବୋଲି ଗବେଷକମାନେ ନିଷ୍କର୍ଷରେ ପହଞ୍ଚିଥିଲେ। ତେବେ ଏହି ବ୍ୟବଧାନ ଅଳ୍ପ ଥିଲେ ହେଁ ଗତ ୫୦ ବର୍ଷ ଧରି ମହିଳାମାନେ କ୍ରମାଗତ ଏଥିରେ ଆଗୁଆ ରହିଛନ୍ତି। ଗବେଷଣାର ନେତୃତ୍ୱ ମହିଳା ବୈଜ୍ଞାନିକମାନେ ନେଲେ ମହିଳାମାନେ ଅଧିକ ସୁବିଧା ପାଉଛନ୍ତି। ପୁରୁଷ ବୈଜ୍ଞାନିକଙ୍କ ଅଧୀନରେ ଚାଲିଥିବା ଗବେଷଣାରେ ସେମାନେ ଟିକେ ପଛରେ ରହୁଥିବା ଜଣାଯାଇଛି। ପୂର୍ବରୁ ପୁରୁଷମାନେ ଆଗୁଆ ଥିବା ସାମର୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲାବେଳେ ଏବେ ମହିଳାମାନେ ସେହିସ୍ଥାନ ନେଇଛନ୍ତି ବୋଲି ପ୍ରସ୍‌ପେକ୍ଟିଭ୍‌ସ ଅନ୍ ସାଇକୋଲୋଜିକାଲ ସାଇନ୍ସ ଜର୍ନାଲରେ ହର୍ନଷ୍ଟାଇନଙ୍କ ଏକ ନିବନ୍ଧରେ ପ୍ରକାଶ ପାଇଛି। ବୌଦ୍ଧିକ ଦକ୍ଷତାରେ ପୁରୁଷ ଓ ମହିଳାଙ୍କ ଭିତରେ ପାର୍ଥକ୍ୟ ନ୍ୟୂନ ରହିଛି। କେତେକ କ୍ଷେତ୍ରରେ ମହିଳାମାନେ ଆଗେଇ ଯାଇଥିବାବେଳେ ଅନ୍ୟ କେତେକ କାର୍ଯ୍ୟରେ ପୁରୁଷଙ୍କ ପ୍ରଦର୍ଶନ ହାରାହାରି ରହିଥିବା ଏଥିରେ କୁହାଯାଇଛି।



**ଫାଟିଲା ଗ୍ୟାସ ସିଲିଣ୍ଡର, ୨ ଗୁରୁତର**

ବାଲେଶ୍ୱର ଅଫିସ, ୧୩।୧୦-ବାଲେଶ୍ୱର ଜିଲାର ସଦର ଥାନା ଅଧୀନ ରସାଲପୁର ପଞ୍ଚାୟତ କୁଆଁରପୁରରେ ଅଗ୍ନିକାଣ୍ଡ ଘଟିଛି। ମାର୍କଣ୍ଡ ସେଠୀଙ୍କ ଘରେ ଥିବା ୩ଟି ଗ୍ୟାସ ସିଲିଣ୍ଡର ଫାଟିଥିବା ବେଳେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଅଗ୍ନିକାଣ୍ଡରେ ଜଣେ ମହିଳା, ଜଣେ ଯୁବକ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# ବନ ବିଭାଗ ଗାଡ଼ିକୁ ଠେଲି ନାଳରେ ପକାଇଲା ଦନ୍ତା

## ଆକ୍ରମଣରେ ୬ କର୍ମଚାରୀ ଆହତ

ନୀଳଗିରି, ୧୩।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟର ଏକ ଦନ୍ତା ଖୁମକୁଟ ଅଞ୍ଚଳରେ ଆତଙ୍କ ଖେଳାଇ ବନ ବିଭାଗର ନିଦ ହଜାଇ ଦେଇଛି। ବୋଲେରୋ ଯୋଗେ ଘଉଡ଼ାଇବା ପାଇଁ ଯାଇଥିବା ବନ ବିଭାଗର ଏକ ଟିମ୍‌କୁ ନାକେଦମ୍ ହେବାକୁ ପଡ଼ିଛି। ଦନ୍ତା ଆକ୍ରମଣ କରି ଗାଡ଼ିକୁ ଭଙ୍ଗାରୁଜା କରିଥିଲା। ଏହାପରେ ଗାଡ଼ିକୁ ଶୁଣ୍ଢରେ ଠେଲି ଠେଲି ନେଇ ନାଳ ଭିତରେ ପକାଇଦେଇଥିଲା। ଫଳରେ ଗାଡ଼ି ଭିତରେ ବସିଥିବା ୬ଜଣ କର୍ମଚାରୀ ଆହତ ହୋଇଛନ୍ତି। କୁଲଡିହା ଅଭୟାରଣ୍ୟ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନ ଗୋଡ଼ିଖୋଲା ନିକଟ ଖୁମକୁଟ ଅଞ୍ଚଳରେ ଦନ୍ତା ଉପଦ୍ରବ କରୁଥିବା ବନ ବିଭାଗ ଖବର ପାଇଥିଲା। ବନପାଳ ଭାଗ୍ୟଶ୍ରୀ ଦ୍ୱିବେଦୀ, ବନରକ୍ଷୀ ଶଶିକଳା, ଗାଡି ଡ୍ରାଇଭରଙ୍କ ସମେତ ୩ଜଣ ସବୁଜ ବାହିନୀ କର୍ମଚାରୀ ବୁଧବାର ରାତି ସାଢ଼େ ୧୦ଟା ବେଳେ ସେଠାରେ ପହଞ୍ଚି ଉକ୍ତ ଦନ୍ତାକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ବନ ବିଭାଗ କର୍ମଚାରୀ ଓ ଦନ୍ତା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଦନ୍ତା ଶେଷରେ ପାଲଟା ଆକ୍ରମଣ କରିଥିଲା। ଖବରପାଇ କୁଲଡିହା ରେଞ୍ଜର ଅନନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।




ମାସିକ ବେତନ ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଓଡ଼ିଶା ଆଶା ସାଥି ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ମିଶନ ନିର୍ଦ୍ଦେଶାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ମାୟାଜାଲରେ ଫସିଛନ୍ତି ...

ଜିଲା ସଭାପତି ବାବୁ ସିଂ ତାଙ୍କ ପ୍ରତିକ୍ରିୟାରେ ବହୁ ବିସ୍ଫୋରକ ତଥ୍ୟ ରଖିଛନ୍ତି। ସେ କହିଛନ୍ତି, ଅର୍ଚ୍ଚନାଙ୍କ ଲିଙ୍କ୍‌ରେ ୩ ମନ୍ତ୍ରୀଙ୍କ ସମେତ ପ୍ରାୟ ୧୮ ବିଧାୟକ ରହିଛନ୍ତି। ୨ ବର୍ଷ ହେବ ବିଜେଡିର ବହୁ ଯୁବ ନେତୃତ୍ୱ ବି ଅର୍ଚ୍ଚନାଙ୍କ ଘରକୁ ରୀତିମତ ଆସୁଥିଲେ। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ରହିଥିବା ସିଂ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଅର୍ଚ୍ଚନା ପଳାଶୁଣୀ ସତ୍ୟବିହାରରେ ରହୁଥିଲେ ମଧ୍ୟ ଖଣ୍ଡଗିରି ଜାଗମରାରେ ଘରଭଡ଼ା ନେଇ ରଙ୍ଗଶାଳା କରିଥିଲେ ବୋଲି କୁହାଯାଉଛି। ସେଠାରେ ସେ ବିଭିନ୍ନ ଲୋକଙ୍କୁ ଫସାଇ ବ୍ଲାକମେଲ୍ କରୁଥିଲେ। ଯୁବତୀଙ୍କ ସହ କ୍ଷମତାଶାଳୀ ଲୋକମାନେ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଉଥିବାବେଳେ ଅର୍ଚ୍ଚନା ଚାବିରିଙ୍ଗ, ଭ୍ୟାନିଟି ଆଦିରେ ସ୍ପାଏ କ୍ୟାମେରା ଖଞ୍ଜି ସେମାନଙ୍କର ଭିଡିଓ ଉତ୍ତୋଳନ କରୁଥିଲେ। ପରେ ଏହି ଭିଡିଓ ମାଧ୍ୟମରେ ବ୍ଲାକ୍‌ମେଲିଂ କରି ଅର୍ଥ ରୋଜଗାର କରୁଥିଲେ। ଅର୍ଚ୍ଚନା ଅନ୍‌ଲାଇନ୍ ମାଧ୍ୟମରେ ଏସବୁ କ୍ୟାମେରା ଆଣୁଥିଲେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ନାଁରେ ଥିବା ବ୍ୟାଙ୍କ୍ ଆକାଉଣ୍ଟ, ଫିକ୍ସଡ୍ ଡିପୋଜିଟ୍ ଏବଂ ୫ ବର୍ଷ ମଧ୍ୟରେ କରାଯାଇଥିବା କାରବାର ବିଷୟରେ ତଥ୍ୟ ଦେବାକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ପୋଲିସ ପକ୍ଷରୁ ଚିଠି ଲେଖାଯାଇଥିଲା। ଏଯାବତ୍ ୫ଟି ଆକାଉଣ୍ଟ ସମ୍ପର୍କରେ ପୋଲିସକୁ ତଥ୍ୟ ମିଳିଥିବା ଜଣାପଡ଼ିଛି। ୬ମାସ ମଧ୍ୟରେ ଏସବୁ ଆକାଉଣ୍ଟରେ ୫ କୋଟିରୁ ଅଧିକ କାରବାର ହୋଇଛି। ସବୁଠୁ ବଡ଼କଥା ହେଲା, ନୟାଗଡ଼ର ଜଣେ ଯୁବ ବ୍ୟବସାୟୀ ୫୦ ଲକ୍ଷ ଟଙ୍କା ଦେଇଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସୁଛି। ସେପଟେ ଅର୍ଚ୍ଚନାଙ୍କ ସହ ବହୁ ନେତା ଓ ମନ୍ତ୍ରୀଙ୍କ ଲିଙ୍କ ଥିବାରୁ କମିଶନରେଟ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଏହି ପ୍ରୟାସ କରାଯାଇନାହିଁ। ଏହି ମାମଲାରେ ଆଗାମୀ ଦିନେ କିମ୍ବା ୨ଦିନ ମଧ୍ୟରେ କୋର୍ଟଙ୍କ ନିକଟରେ ଜାମିନ ଆବେଦନ କରାଯିବ ବୋଲି ଅର୍ଚ୍ଚନାଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଦେବାଶିଷ ମହାପାତ୍ର କହିଛନ୍ତି।

### ଭସାଣ ବେଳେ ...

୩ଜଣ ସାଙ୍ଗ ବାଇକ୍‌ରେ ଜଗତ୍‌ପୁର ଦେଇ ବୁଲିକି ଆସିବାବେଳକୁ ମହାବୀର ମନ୍ଦିର ନିକଟରେ ପାଟି ଶୁଭିଥିଲା। ସେଠାକୁ ଯାଇ ଦେଖିବାବେଳକୁ ଗୋଟେ କାର୍‌ରେ ୫ଜଣ ପିଲା ବସିଥିଲେ ଏବଂ କେନାଲ ପାର୍ଶ୍ୱରେ ଠିଆ ହୋଇଥିବା ଜଣେ ଯୁବକ ମୋବାଇଲ ଦେଖୁ ଥିବା ସମୟରେ ପାଣିକୁ ଗଳି ପଡ଼ିଥିଲେ। ତାଙ୍କୁ ବଞ୍ଚାଇବାକୁ ୩ଜଣ ପାଣିକୁ ଡେଇଁ ପଡ଼ିଥିଲେ। ପାଣିରୁ ଜଣେ ଉଠି ଆସିଥିବାବେଳେ ପ୍ରଖର ସୁଅ ହେତୁ ଅନ୍ୟ ୩ଜଣ ଭାସିଯାଇଥିଲେ। ଅପରପକ୍ଷେ ମୃତ ବାଦଲଙ୍କ ସାନଭାଇ ରଞ୍ଜନ କହିଛନ୍ତି, ମୁଁ ସାହିର ଜଣେ ଝିଅଙ୍କୁ ଭଲ ପାଉଥିଲି। ଝିଅ ଘର ଆମ ଦୁହିଁଙ୍କ ବିଭାଘର ପାଇଁ ଅରାଜି ହେବାରୁ ସେ ୬ଦିନ ତଳେ ମୋ ସହ ଆମ ଘରକୁ ପଳେଇ ଆସିଥିଲେ। ସେଥିପାଇଁ ଝିଅର ଭାଇ ଲିପୁନ ଗତ ୩ଦିନ ତଳେ ଫୋନ୍ କରି ମୋତେ ଏବଂ ମୋ ଭାଇ ବାଦଲଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବୁଧବାର ସକାଳୁ ବାଦଲ, ତ୍ରିଲୋଚନ ଓ ତାଙ୍କ ସାଙ୍ଗ ନିଲୁ ଆମ ଦୁହିଁଙ୍କୁ ନେଇ କୋର୍ଟରେ ବିଭାଘର କରାଇଥିଲେ। ସେହି କାରଣରୁ ବାଦଲଙ୍କୁ ସନ୍ଧ୍ୟା ସାଢ଼େ ୬ଟାରେ ଲିପୁନ୍ ଫୋନ୍ କରି କେଉଁଆଡ଼କୁ ଡାକି ନେଇଥିଲେ। ଏବେ କେନାଲରୁ ବାଦଲ, ତ୍ରିଲୋଚନ ଏବଂ ନିଲୁଙ୍କ ମୃତଦେହ ମିଳୁଛି। ତେଣୁ ଯୋଜନାବଦ୍ଧ ଭାବେ ୩ଜଣଙ୍କୁ ହତ୍ୟା କରାଯାଇଛି ବୋଲି ରଞ୍ଜନ କହିଛନ୍ତି। ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି,ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

### ଶ୍ରେଷ୍ଠ ଚିକିତ୍ସା ଅନୁଷ୍ଠାନ ...

ନୂତନ ବୈଷୟିକ ଜ୍ଞାନକୌଶଳ ଓ ଭିତ୍ତିଭୂମିର ବିକାଶ ମାଧ୍ୟମରେ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଆସନ୍ତା ୧୬ ତାରିଖରେ ବହୁ ସଂଖ୍ୟାରେ ରକ୍ତଦାନ କରିବା ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ରାଜ୍ୟରେ ସ୍ୱାସ୍ଥ୍ୟସେବାର ପ୍ରମୁଖ କେନ୍ଦ୍ର ଭାବେ କଟକକୁ ପ୍ରତିଷ୍ଠିତ କରିବାରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ୫-ଟି ସଚିବ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ଏଏଚ୍‌ପିଜିଆଇସି ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡିଏମ୍‌ଇଟି ଡା. ରମାରମଣ ମହାନ୍ତି, ଡେପୁଟି ମେୟର ଦମୟନ୍ତୀ ମାଝି, ଏସ୍‌ସିବି ମେଡିକାଲର ଡିନ୍ ତଥା ଅଧ୍ୟକ୍ଷ ଡା. ପ୍ରସେନ୍‌ଜିତ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ଡା. ଲୁସି ଦାସ, ଏଏଚ୍‌ପିଜିଆଇସିର ଡିନ୍ ତଥା ଅଧ୍ୟକ୍ଷ ଡା. ପଦ୍ମାଳୟା ଦେବୀ ଓ ସୁପରିଣ୍ଟେଣ୍ଡେଣ୍ଟ ଡା. ରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ...

ବସ୍ ପଛପଟ ଓ କଣ୍ଟେନର ଆଗପଟ କାଟି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ଜିକେଭଞ୍ଜର ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ବେଳକୁ ନାରାୟଣ ଦାସ (୬୦) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲ। ତାଙ୍କ ସ୍ତ୍ରୀ ପ୍ରଭାତୀ ଦାସ (୫୫)ଙ୍କ ଦୁଇଟି ଗୋଡ଼ ଭାଙ୍ଗିଥିବା ବେଳେ ସମ୍ପର୍କୀୟମାନେ ଆସି ନେଇଯାଇଛନ୍ତି। ଆହତ ପାର୍ଥ ରଣା, ବାବୁଲ ରଣା, କ୍ରିଷ୍ଣା ମାହାଲ, ରଶ୍ମୀ ମାହାଲ, ହରିଶ ମାହାଲ, ସରସ୍ୱତୀ ପୁନେଇ ପ୍ରମୁଖଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ପଶ୍ଚିମବଙ୍ଗ ବୀରଭୂମ ଜିଲା ମହମ୍ମଦନଗର ଥାନା ଅଧୀନ ମୁରାରୋଇ ଅଞ୍ଚଳ ଗଦାଧରପୁର ଗାଁର। ସମସ୍ତେ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ଲାଗି ଯାଉଥିଲେ। ଉକ୍ତ ଟୋଲପ୍ଲାଜାଠାରେ ହଠାତ୍ ୪ଜଣ ଯୁବକ ବସ୍ ଆଗକୁ ଚାନ୍ଦା ଲାଗି ଦୌଡ଼ି ଆସିବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଡ୍ରାଇଭର ହଠାତ୍ ବ୍ରେକ୍ ଦେବାରୁ ବସ୍ ପଛରେ ଥିବା କଣ୍ଟେନର ପଛରୁ ପିଟି ହୋଇଯାଇଥିଲା।

# ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ ତାଲିକାରେ ଅର୍ଜ୍ଜୁନ

ରସୁଲପୁର, ୧୩।୧୦(ଡି.ଏନ.ଏ.):

ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୨ ଶିକ୍ଷାବର୍ଷ ପାଇଁ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମର ଅନନ୍ତ ବେହେରାଙ୍କ ପୁଅ ବୈଜ୍ଞାନିକ ଡ. ଅର୍ଜ୍ଜୁନ ବେହେରାଙ୍କ ନାମ ରହିଛି। ବୈଜ୍ଞାନିକ ବେହେରା ଏବେ ପଞ୍ଜାବର ରୋପରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି)ରେ ରସାୟନ ବିଜ୍ଞାନରେ ଗବେଷଣା କରୁଛନ୍ତି। ତାଙ୍କ ପକ୍ଷରୁ ପ୍ରକାଶିତ ଜର୍ନାଲକୁ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନ୍ୟତା ମିଳିଛି। ବିଭିନ୍ନ କ୍ଷେତ୍ରରେ ଗବେଷଣା କରୁଥିବା ରୋପର ଆଇଆଇଟିର ବୈଜ୍ଞାନିକମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ଏହି ତାଲିକାରେ ସାମିଲ କରାଯାଇଥିବା ବେଳେ ଓଡ଼ିଆ ଯୁବ ବୈଜ୍ଞାନିକ ଭାବେ ଅର୍ଜ୍ଜୁନ ରହିଛନ୍ତି। ଉକ୍ତ ସଫଳତାକୁ ନେଇ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ପ୍ରଫେସର ବୈଜ୍ଞାନିକ ଜନ୍ ଲୋନାଡିସଙ୍କ ନେତୃତ୍ୱରେ ଏକ ଚୟନକାରୀ ଦଳ ଗଠନ କରାଯାଇ ବୈଜ୍ଞାନିକଙ୍କ ତାଲିକା ପ୍ରକାଶ କରାଯାଇଛି। ସମଗ୍ର ବିଶ୍ୱରୁ ପ୍ରାୟ ୮ଲକ୍ଷରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ୨୨ଟି ବିଭିନ୍ନ



ବୈଜ୍ଞାନିକ ଅର୍ଜ୍ଜୁନ ବେହେରା।

ବୈଜ୍ଞାନିକ ଓ ୧୭୬ଟି ଉପବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ନିଜର ଜର୍ନାଲ ପ୍ରକାଶ କରିଥିଲେ। ଉକ୍ତ ଜର୍ନାଲ ମଧ୍ୟରୁ ୧ଲକ୍ଷ ୮୦ହଜାର ବୈଜ୍ଞାନିକଙ୍କ ଜର୍ନାଲ ତଥ୍ୟ ଭିତ୍ତିକ ଥିବାରୁ ସେଗୁଡ଼ିକୁ ବିଚାରକୁ ନିଆଯାଇଥିଲା। ସେଥିମଧ୍ୟରୁ ବୈଜ୍ଞାନିକ ଡ. ବେହେରା ବୈଜ୍ଞାନିକ ଗବେଷଣା କ୍ଷେତ୍ର ରସାୟନ ବିଜ୍ଞାନ ଓ ଉପ-ବୈଜ୍ଞାନିକ କ୍ଷେତ୍ର ଫଟୋ କାଟେଲେସିସ୍ ଉପରେ ଗବେଷଣା କରୁଛନ୍ତି। ସେ ଭବିଷ୍ୟତରେ ଶୁଦ୍ଧ ଉଦ୍‌ଯାନ ଉତ୍ପାଦନ ଓ ପରିବେଶ ସ୍ଥିତିରେ ସ୍ଥାୟିତ୍ୱ ବଜାୟ ରଖିବା ଉପରେ ଗବେଷଣା ଜାରି ରଖିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଫାର୍ମାକୋଲୋଜି ଉପରେ ପ୍ରକାଶିତ ଜର୍ନାଲକୁ ନେଇ ଡ. ଯୋର୍ଡି ମେଷ୍ଟରେର୍ସ ପ୍ରଥମ ସ୍ଥାନ ଅଧିକାର କରିବାର ସୁଯୋଗ ପାଇଛନ୍ତି। ଏ କ୍ଷେତ୍ରରେ ସ୍ପେନ୍‌ରୁ ୫ଜଣ ଓ ବିଶ୍ୱରୁ ୨୬୩ଜଣ ବୈଜ୍ଞାନିକଙ୍କ ଗବେଷଣାକୁ ସମ୍ମାନ ମିଳିଛି।

# ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କୁ ପୁଣି ଆକ୍ରମଣ

- **ମାଗଣାଖିଆ ଡାକୁଛନ୍ତି, ଥଟ୍ଟା କରୁଛନ୍ତି**
- **ଶ୍ରୀମନ୍ଦିର ପୋଲିସ ଓ ସେବାୟତଙ୍କ ଦୁର୍ବ୍ୟବହାର**

ପୁରୀ ଅଫିସ, ୧୩।୧୦

ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କୁ ସେବାୟତଙ୍କ ଆକ୍ରମଣ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଶ୍ରୀମନ୍ଦିର ଭିତରେ ପୁଣିଥରେ ଜଣେ ହବିଷିଆଳିଙ୍କୁ ଆକ୍ରମଣ କରାଯାଇଛି। ଫଳରେ ହବିଷିଆଳିଙ୍କ ପ୍ରତି ଥିବା ପୋଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ପଦାରେ ପଡ଼ିଛି। ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର କୁମ୍ଭାରପଡ଼ା ସାହିର ୭୩ ବର୍ଷୀୟା ଶୈଳବାଳା ପଣ୍ଡାଙ୍କୁ ଶ୍ରୀମନ୍ଦିର ପୋଲିସ ଓ ସେବାୟତ ମିଳିତ ଭାବେ ଦୁର୍ବ୍ୟବହାର କରିବା ସହ ଧକ୍କା ମାରିଛନ୍ତି। ପୋଲିସ ଓ ସେବାୟତଙ୍କ ଏଭଳି କାର୍ଯ୍ୟକୁ ଶୈଳବାଳା ବିରୋଧ କରିବା ଫଳରେ ତାଙ୍କୁ ମାଗଣାଖିଆ ବୋଲି କୁହାଯାଇଛି। ସେବାୟତ ଓ ପୋଲିସମାନେ ହବିଷିଆଳିଙ୍କୁ ବାରମ୍ବାର ମାଗଣାଖିଆ ବୋଲି କହିବା ଫଳରେ ହବିଷିଆଳିମାନେ ଅପମାନିତ ହେଉଛନ୍ତି। ସରକାରୀ ସୁବିଧା ସୁଯୋଗ ଲାଭ ଉଠାଇଲେ କେହି ମାଗଣାଖିଆ ହୋଇଯାଆନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସୁବିଧା ସୁଯୋଗ ଆମ ପାଇଁ ଆଣିଛନ୍ତି ତାହାର ଲାଭ ଆମେ ଉଠାଉଛୁ। ଏଥିରେ ଆମର ଭୁଲ କ'ଣ ଓ ଆମକୁ କାହିଁକି ଏଭଳି ଅପମାନିତ କରାଯାଉଛି ବୋଲି ଦୁର୍ବ୍ୟବହାରର ଶିକାର ହୋଇଥିବା ଶୈଳବାଳା ପଣ୍ଡା କହିଛନ୍ତି ।

ଶୈଳବାଳା ବୃନ୍ଦାବତୀ ନିବାସର ୩ୟ ମହଲାର ୩୦୨ ନମ୍ବର ରୁମରେ ରୁହନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଶ୍ରୀମନ୍ଦିର ଭିତରେ ତାଙ୍କୁ ଦର୍ଶନ କରିବାକୁ ଡକାଗଲା। ଶ୍ରୀମନ୍ଦିର ପୋଲିସ ରୋକିବା ଫଳରେ ସେ ନାଟ ମଣ୍ଡପରେ ଠିଆ ହୋଇ ରହିଲେ। ଏହାସତ୍ତ୍ୱେ ମଧ୍ୟ ତାଙ୍କୁ ଉପହାସ କରି ମାଗଣାଖିଆ ବୋଲି ପୋଲିସ କର୍ମଚାରୀ କହିଥିଲେ। ଏହାପରେ ଗହଳିରେ ସାମାନ୍ୟ ଆଗପଛ ହେବା ହେତୁ ତାଙ୍କୁ ପୋଲିସ କର୍ମଚାରୀ ଧକ୍କା ମାରିଲେ। ସେ ତଳେ ପଡ଼ିଯିବାରୁ ଅଣ୍ଟା ଓ କହୁଣିରେ ଆଘାତ ଲାଗିଛି। ନିକଟରେ ଥିବା ସେବାୟତ ମଧ୍ୟ ଅସଭ୍ୟ ଭାଷାରେ ଥଟ୍ଟାମଜା କରିଥିଲେ। ସେହିଭଳି ତାଙ୍କ ସାଥିରେ ଥିବା ସ୍ୱେଚ୍ଛାସେବୀ ପୋଲିସଙ୍କ ଏଭଳି ବ୍ୟବହାରକୁ ବିରୋଧ କରିବା ପରେ ତାଙ୍କୁ ମଧ୍ୟ ପୋଲିସ ଗାଳିଗୁଲଜ କରିଥିଲେ। ତେବେ ଧର୍ମ ମାସ କାର୍ତ୍ତିକରେ ହବିଷିଆଳିଙ୍କ ପାଇଁ ରାଜ୍ୟ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଉଥିବା ବେଳେ ପ୍ରଶାସନିକ ସ୍ତରରେ ଏହାର ଠିକ୍ ପ୍ରତିଫଳନ ହୋଇ ପାରୁନାହିଁ। କ୍ରମାଗତ ଦ୍ୱିତୀୟ ଦିନରେ ହବିଷିଆଳିଙ୍କ ଉପରକୁ ଆକ୍ରମଣ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ପ୍ରଶାସନ ହବିଷିଆଳିଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛି। ସୁରକ୍ଷା ଦେବା ବଦଳରେ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଅଭିଯୋଗକାରିଣୀମାନଙ୍କୁ ଥାନା ପର୍ଯ୍ୟନ୍ତ ଯିବାକୁ ଦେଉନାହିଁ। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ଅବହେଳା ଧରା ପଡ଼ିଥିଲେ ମଧ୍ୟ ପୋଲିସ ପ୍ରଶାସନ ନୀରବ ରହିଛି। ସେବାୟତ ଓ ଶ୍ରୀମନ୍ଦିର ପୋଲିସ ହବିଷିଆଳିଙ୍କୁ କ୍ରମାଗତ ଭାବେ ଦୁର୍ବ୍ୟବହାର ଓ ଆକ୍ରମଣ କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଭଳି ଘଟଣାକୁ ଗୁରୁତର ସହ ନେଉନାହିଁ। ବାସ୍ତବରେ ଯଦି ଶ୍ରୀମନ୍ଦିର ପ୍ରଶାସନ ହବିଷିଆଳିଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବାକୁ ଆଗ୍ରହୀ, ଥାନାରେ ଅଭିଯୋଗ ଓ ଘଟଣାର ତଦନ୍ତ କାହିଁକି ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗ ନେଇ ଆଇନଜୀବୀ ମିଥୁନ ଜେନା କହିଛନ୍ତି, ବରିଷ୍ଠ ନାଗରିକମାନେ ସରକାରୀ ସୁବିଧାର ଲାଭ ଉଠାଉଥିବା ବେଳେ ତାଙ୍କୁ ମାଗଣାଖିଆ ବୋଲି କୁହାଯିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଏଭଳି କରି ବ୍ୟକ୍ତି ସମ୍ମାନ ଓ ମର୍ଯ୍ୟାଦାହାନୀ ଘଟୁଛି। ସରକାର ଜଣେ ବ୍ୟକ୍ତିଙ୍କ ସ୍ୱାଭିମାନର ସୁରକ୍ଷା ଦିଗରେ ମଧ୍ୟ ଧ୍ୟାନ ଦିଅନ୍ତୁ ବୋଲି ମିଥୁନ କହିଛନ୍ତି। ଗୋଟିଏ ପଟେ ପ୍ରତିଦିନ ହବିଷିଆଳିଙ୍କ ଉପରେ ଆକ୍ରମଣ ଓ ଦୁର୍ବ୍ୟବହାର ବଢୁଥିବା ବେଳେ ଅନ୍ୟପଟେ ଉଭୟ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ କେବଳ ଯାଞ୍ଚ କରୁଥିବା ଆଳ ଦେଖାଇ ପ୍ରସଙ୍ଗକୁ ଅଣଦେଖା କରିଛନ୍ତି।

# ଜବାବ ଦାଖଲ ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ

- **୫୩ ନଂ.ଏନ୍‌ଏଚ୍‌ରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାର**
- **ବିନା ପରିବେଶଗତ ଅନୁମତିରେ ହୋଇଥିଲା ସମ୍ପ୍ରସାରଣ କାମ**

ଯାଜପୁର ଅଫିସ, ୧୩।୧୦

ଯାଜପୁର ଜିଲା ଦେଇ ଯାଇଥିବା ଚଣ୍ଡିଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ଆଇନଗତ ଅଧିକାର ନ ଥାଇ ବିପୁଳ ପରିମାଣରେ ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ହୋଇଛି। ଏଥିରେ ନିୟୋଜିତ ଠିକାସଂସ୍ଥା ଗମନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ଲିଃ(ଜିଆଇପିଏଲ), ଏନଏଚ୍‌ଏଆଇ ଢେଙ୍କାନାଳ ଓ ଗମନ ଇଞ୍ଜିନିୟର୍ସ ସଂସ୍ଥା ଓଡ଼ିଶା ମାଇନର ମିନେରାଲ୍ସ କନ୍‌ସେସନ ରୁଲ୍ସ (ଓଏମ୍‌ଏମ୍‌ସିଆର୍)୨୦୧୬ ଏବଂ ପରିବେଶ ସୁରକ୍ଷା ଆଇନ-୧୯୮୬ର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏହିମର୍ମରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ରେ ୧୪୨/୨୦୨୨/ଇଜେଡରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନ୍‌ଜିଟିର ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ସଦସ୍ୟ ଶୈବାଳ ଦାସଗୁପ୍ତା ୧୨।୧୦।୨୦୨୨ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଉକ୍ତ ରାୟରେ ରାଜ୍ୟ ସରକାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ), ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଏନଏଚ୍‌ଏଆଇ ଢେଙ୍କାନାଳ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଜନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲିଛି। ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସାଲିସ ଯୋଗୁ ସରକାରଙ୍କ ଦ୍ୱାରା ପ୍ରଣୀତ ଏକାଧିକ ଆଇନ କାର୍ଯ୍ୟକାରୀ ହୋଇପାରୁନାହିଁ, ଯାହାର ସ୍ପଷ୍ଟ ଚିତ୍ର ୫୩ନଂ. ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟରେ ଦେଖିବାକୁ ମିଳିଛି । ଏନ୍‌ଜିଟିରେ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ନିୟୋଜିତ ଓକିଲ ଶଙ୍କର ପ୍ରସାଦ ପାଣିଙ୍କ ଅଭିଯୋଗ ଅନୁଯାୟୀ, ୧୦।୫।୨୦୨୨ରେ ତହସିଲଦାର ଦର୍ପଣଙ୍କ ରିପୋର୍ଟରେ ସମ୍ପୃକ୍ତ ଠିକାସଂସ୍ଥାକୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ କୌଣସି ଅନୁମତି ଦିଆଯାଇନାହିଁ। ୩।୯।୨୦୨୨ରେ ସିଆର ରିପୋର୍ଟ ଅନୁସାରେ ସମ୍ପୃକ୍ତ ଠିକାସଂସ୍ଥାକୁ ମୋରମ, ପଥର ଓ ବାଲି ଉତ୍ତୋଳନ ପାଇଁ ପରିବେଶଗତ ଅନୁମତି ମିଳିନାହିଁ। ୪୦ କି.ମି. ଦୂରତା ବିଶିଷ୍ଟ ଏହି ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟରେ ବିଧିମାନ୍ୟ ଟ୍ରାନ୍‌ଜିଟ୍ ପାସ ବିନା ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହୋଇଛି। ଦାନଗଦି ତହସିଲଦାର ଆରଟିଆଇରେ ଦେଇଥିବା ତଥ୍ୟ ଅନୁସାରେ ସମ୍ପୃକ୍ତ ଠିକାସଂସ୍ଥାକୁ କୌଣସି ଲଘୁ ଖଣିଜ ଦ୍ରବ୍ୟ ଖାଦାନ ଦିଆଯାଇନାହିଁ। ଏହି କ୍ରମରେ ଧର୍ମଶାଳା ତହସିଲ ଅଧୀନ ରାହାଡପୁର ପାହାଡ଼ରୁ ପ୍ରହ୍ଲାଦ ଲେଙ୍କାଙ୍କୁ ୨.୫ ଏକର କଳାପଥର ଉତ୍ତୋଳନ ମଞ୍ଜୁରୀ ମିଳିଥିବାବେଳେ ସେଠାରୁ ପ୍ରାୟ ୭ ଏକର ପୋଖରୀ ଭଳି ଖନନ କରାଯାଇ ବହୁ ଗୁଣ କଳାପଥର ଉତ୍ତୋଳନ କରାଯାଇ ଏହି ଏନ୍‌ଏଚ୍ କାର୍ଯ୍ୟରେ ଲାଗିଥିବା କୁହାଯାଉଛି। ଏହାବାଦ୍ ବରଡା, ଲୁଣିବର, ଡଙ୍କାରୀ, ଅଞ୍ଜିରା, ବାଜବାଟୀ ଆଦି ପାହାଡ଼ରୁ ବେଆଇନ କଳାପଥର ଉତ୍ତୋଳନ କରି ଆଇନ ଅନୁସାରେ ଏହି ଏନ୍‌ଏଚ୍ କାର୍ଯ୍ୟରେ ଲାଗି ନାହିଁ। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବ୍ୟବହାର ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ସଂକ୍ରାନ୍ତରେ ଟ୍ରାନ୍‌ଜିଟ୍ ପାସ, ରାଜସ୍ୱ ଦେୟର ମନି ରସିଦ୍ ଆଦି ତଥ୍ୟ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହାବାଦ୍ ହାଇୱା, ଟ୍ରକ, ଟ୍ରାକ୍ଟର ଯୋଗେ ଏହି ସମ୍ପ୍ରସାରଣ କାର୍ଯ୍ୟରେ ଓଭରଲୋଡିଂ ଗାଡ଼ି ଚଳାଚଳ କରୁଛି। ଦିନକୁ ୨ ହଜାରରୁ ଉର୍ଦ୍ଧ୍ୱ ବୋଲଡର, ଗେଟି, ଚିପ୍ସ, ବାଲି, ମୋରମ ଓଭରଲୋଡିଂ ଗାଡ଼ି ଚଳାଚଳ କରୁଥିଲେ ହେଁ ରାଜସ୍ୱ ଆଦାୟ ଆଶାନୁରୂପ ହୋଇ ପାରୁନାହିଁ । ବରଂ ମାସକୁ ବେଆଇନ ଭାବେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅସୁଲି କରାଯାଉଛି । ଫଳରେ ବର୍ଷକୁ ସରକାର ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କେବଳ ଓଭରଲୋଡିଂ ବାବଦକୁ ରାଜସ୍ୱ ହରାଉଛନ୍ତି । ଏହି ବେଆଇନ କାମରେ ସମୁଦାୟ ପ୍ରାୟ ୧୦୦ କୋଟି ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ମାମଲାକୁ ଏନ୍‌ଜିଟି ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରିଛି । ଜବାବ ଦାଖଲ ରିପୋର୍ଟ ପରେ ନଭେମ୍ବର ୨୧ରେ ପରବର୍ତ୍ତୀ ଶୁଣାଣି କରିବ ବୋଲି ଏନ୍‌ଜିଟି ସ୍ଥିର କରିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପ୍ରତୀକ



@ ଅଭିନାଶ



@ ରାଜୀବ



@ ଅରୁଣ



@ ବିଜୟ



@ ପ୍ରଶାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋବାଇଲ ସିମ୍‌କାର୍ଡ ଜବତ କଲା ପୋଲିସ

**ବୈଦିକ କଲେଜ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

ସମ୍ବଲପୁର, ୧୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ବୈଦିକ କଲେଜର ଟୁଲିପ ବାଳିକା ହଷ୍ଟେଲ ପାଞ୍ଚମହଲାରୁ ଡେଇଁ ମହିଳା କର୍ମଚାରୀ ଅଞ୍ଜଳି କୁମ୍ଭାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଅଞ୍ଜଳି ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ପୂର୍ବରୁ ତାଙ୍କର ଅପରେଶନ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ ମଧ୍ୟ ତାହା ହୋଇପାରି ନାହିଁ। କୌଣସି ଘରୋଇ ମେଡିକାଲକୁ ସ୍ଥାନାନ୍ତର କରି ଜରୁରୀ ଚିକିତ୍ସା କିମ୍ବା ଅପରେଶନ ପାଇଁ ଚେଷ୍ଟା କରାଯାଉନାହିଁ। ମେରୁଦଣ୍ଡରେ ଆଘାତ ଲାଗିଛି। ଯଦି ଉଚିତ ସମୟରେ ଉତ୍ତମ ଚିକିତ୍ସା ନ ହେବ ତେବେ ସବୁଦିନ ପାଇଁ ଶଯ୍ୟାଶାୟୀ ହେବା ଭୟ ରହୁଛି। ତେଣୁ କଲେଜ କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଦାବି ହେଉଛି। ଅନ୍ୟପଟେ ଘଟଣାକୁ ଚାରିଦିନ ବିତିଥିଲେ ମଧ୍ୟ ପୋଲିସ କାରଣ ଖୋଜି ପାରିନାହିଁ। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅଞ୍ଜଳିଙ୍କ ଭଙ୍ଗାଫୋନ, ସିମ୍‌କାର୍ଡ ଓ ଅନ୍ୟ କେତେକ ସାମଗ୍ରୀକୁ ଜବତ କରିଛି। କଲ ଡିଟେଲ୍ସ ପାଇଁ ପଠାଇଛି। ମୋବାଇଲ କଲ ଡିଟେଲ୍ସରୁ କିଛି ସୁରାଗ ମିଳିବ ବୋଲି ପୋଲିସ ଆଶା ରଖିଛି। ଅଞ୍ଜଳି ଗୁରୁତର ଅବସ୍ଥାରେ ଥିବାରୁ ପୋଲିସ ତଦନ୍ତରେ ବାଧା ସୃଷ୍ଟି ହେଉଛି ବୋଲି ଥାନାଧିକାରୀ ଲୋକନାଥ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଘଟଣା ପୂର୍ବ ରାତିରେ କ'ଣ ଘଟିଥିଲା ସେ ନେଇ ତଦନ୍ତ ଜାରି ରହିଛି।

# ପୋଖରୀ ହୁଡ଼ାରୁ ୨ ମୃତଦେହ ଜବତ

ଲହୁଣୀପଡ଼ା, ୧୩।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡପୁରୁଣାପଣି ପଞ୍ଚାୟତ ନୂଆଗାଁରେ ଥିବା ଏକ ପୋଖରୀ ହୁଡ଼ାରୁ ଦୁଇ ଜଣଙ୍କର ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତକ ହେଲେ ନୂଆଗାଁର ଯୋଗେନ୍ଦ୍ର କିଷାନ(୪୮) ଓ ଯାୟିତ୍ରୀ କିଷାନ(୪୨)। ଯୋଗେନ୍ଦ୍ର ବିବାହିତ। ତାଙ୍କର ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଯାୟିତ୍ରୀ କିଷାନଙ୍କ ସହିତ ଯୋଗେନ୍ଦ୍ରଙ୍କ ସୁସମ୍ପର୍କ ଥିଲା। ଏହାକୁ ଗ୍ରାମର ସରଗୁ କିଷାନ ବିରୋଧ କରୁଥିଲେ। ଏଥିରେ ରାଗି ଯାଇ ଯୋଗେନ୍ଦ୍ର ଓ ତାଙ୍କ ପୁଅ ପ୍ରଦୀପ ମିଶି ସରଗୁଙ୍କୁ ରକ୍ତାକ୍ତ ଆକ୍ରମଣ କରିଥିଲେ ବୋଲି ଥାନାରେ ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ସରଗୁଙ୍କୁ ଚିକିତ୍ସା କରାଇବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ଅପରାହ୍ନରେ ଯୋଗେନ୍ଦ୍ର ଓ ଯାୟିତ୍ରୀଙ୍କ ମୃତଦେହ ପୋଖରୀ ନିକଟରୁ ପୋଲିସ ଜବତ କରିଛି। ମୃତଦେହ ପାଖରେ ପଡିଥିବା ଦୁଇଟି ବିଷ ଶିଶି ମଧ୍ୟ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇବା ସହିତ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଜିଲାସ୍ତରୀୟ ଫୁଟବଲ: ଲାଠିକଟା ଚାମ୍ପିୟନ

ରାଉରକେଲା ଅଫିସ, ୧୩।୧୦

ରାଉରକେଲା ସେକ୍ଟର-୧୪ ସ୍ଥିତ ଦୀପିକା ଇଂରାଜୀ ମିଡିୟମ ସ୍କୁଲ ଖେଳ ପଡିଆରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆନ୍ତଃ ବ୍ଲକ ବାଳିକା ବାଳକ (୧୭ ବର୍ଷରୁ କମ୍) ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏ ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକ, ଆଶିଷ କୁମାର, ବାସନ୍ତୀ ମାଝୀ, ଶ୍ରୀକାନ୍ତ ନାୟକ, ଦେବେନ୍ଦ୍ର ସ, ସଦାନନ୍ଦ ପ୍ରଧାନ, ଚନ୍ଦ୍ରକାନ୍ତ ମଲ୍ଲିକ, ଫୁଲମଣି କେରକେଟ୍ଟା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦୀପିକା ଇଂରାଜୀ ସ୍କୁଲର ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ବାଳକ ଓ ବାଳିକା ବିଭାଗରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା, ଲାଠିକଟା, ବିଶ୍ରା, ନୂଆଗାଁ ବ୍ଲକର ୪ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଫାଇନାଲ ମ୍ୟାଚ୍ ଲାଠିକଟା ଓ ବିଶ୍ରା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଲାଠିକଟା ବ୍ଲକ ୨-୦ ଗୋଲରେ ବିଶ୍ରା ବ୍ଲକକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ବାଳିକା ବିଭାଗରେ ଲାଠିକଟା ଓ କୁଆଁରମୁଣ୍ଡା ବ୍ଲକ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ଲାଠିକଟା ବ୍ଲକ ୨-୦ ଗୋଲରେ ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଲାଠିକଟା ଦଳର ଅମିତ ଓରାମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। କୀର୍ତ୍ତି କିଷାନଙ୍କୁ ବେଷ୍ଟ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରେଫରି ରୀନା ତିର୍କୀ, ଅମଦୀପ କୁଜୁର, କିଶୋର ଚନ୍ଦ୍ର ସାହୁ, ସୁମାନି ଲାକ୍ରା, ସରୋଜ ସାହୁ, ମାଫିଦାସ ତିର୍କୀ, ଶୁଖଦେବ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ଲାଠିକଟା ବ୍ଲକ ଚେୟାରମ୍ୟାନ ଦିଲୀପ ଖେସ୍, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦିତନଗର ହାଇସ୍କୁଲର କ୍ରୀଡା ଶିକ୍ଷକ ଆଶିଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ନଭେମ୍ବର ୧୭ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଖେଳିବାକୁ ମନୋନିତ ହୋଇଛନ୍ତି।



ଅତିଥିମାନଙ୍କ ଗହଣରେ କୃତୀ ଖେଳାଳିବୃନ୍ଦ।

## ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ, ୧୩।୧୦

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଏକ ଜୁଏଲର୍ସରେ କାର୍ଯ୍ୟରତ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଏମ୍‌ଡି. ଆରିଫ ହୁସେନ(୩୨)। ପୋଲିସ ଏକ ମାମଲା (ନଂ.୩୩।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ଆରିଫ ରାଉରକେଲା ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ଥିବା ଏକ ଜୁଏଲର୍ସ ଦୋକାନରେ ଇଲେକ୍ଟ୍ରି ଟେକ୍ନିସିଆନ କାମ କରନ୍ତି। ଗୁରୁବାର ଅପରାହ୍ନ ସାଢେ ୧ଟାରେ ଆରିଫ ଜୁଏଲାରୀରୁ କାମ ସାରି ଘରକୁ ଖାଇବାକୁ ଆସି ଏକ ପଙ୍ଖାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ।






## ଏନ୍‌ଏସ୍‌ସିବି, ମହିଳା କଲେଜରେ ପାଠ୍ୟକ୍ରମ ବୃଦ୍ଧି

ସମ୍ବଲପୁର, ୧୩।୧୦(ବ୍ୟୁରୋ)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି), ସରକାରୀ ମହିଳା କଲେଜରେ ପାଠ୍ୟକ୍ରମ ବୃଦ୍ଧି ହୋଇଛି। ଏ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଉତ୍ସାହିତ ହୋଇଛନ୍ତି। ଏନ୍‌ଏସ୍‌ସିବି କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ କଲେଜ ୫୦ବର୍ଷ ଅତିକ୍ରମ କରିଛି। ପାଠ୍ୟକ୍ରମ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଗୁରୁବାର ଏହାକୁ ଅନୁମୋଦନ କରାଯାଇଛି। ପାଠ୍ୟକ୍ରମ ଭିତରେ ବିଜ୍ଞାନରେ ଯୁକ୍ତ ୩ ଓ ସ୍ନାତକୋତ୍ତର, ବାଣିଜ୍ୟ, ଓଡ଼ିଆ ଓ ଇତିହାସ ବିଭାଗରେ ମଧ୍ୟ ପିଜି ପାଠ୍ୟକ୍ରମ ଆରମ୍ଭ ହେବ। ସିଟ ସଂଖ୍ୟା ବୃଦ୍ଧି ପାଇଁ ଅନୁମୋଦନ ହୋଇଛି। ହେଲେ କେତେ ବୃଦ୍ଧି ହେବ ସେ ନେଇ ଚୂଡ଼ାନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି କହିଛନ୍ତି। ସେହିପରି ମହିଳା କଲେଜରେ ମଧ୍ୟ ଯୁକ୍ତ ୨ ବାଣିଜ୍ୟ ବିଭାଗ ଖୋଲିବା ସହ ହିନ୍ଦୀ, ଏଜୁକେସନ ଓ ଇତିହାସରେ ଅନର୍ସ ପାଠ୍ୟକ୍ରମ ଆରମ୍ଭ ହେବ। ଏହାସହ ବିଭିନ୍ନ ବିଭାଗରେ ପିଜି ପାଠ୍ୟକ୍ରମକୁ ମଧ୍ୟ ସ୍ୱୀକୃତି ମିଳିଛି।






# ସେଲ୍ ଅଧ୍ୟକ୍ଷାଙ୍କ ଆରଏସପି ପରିଦର୍ଶନ



ସେଲ୍ ଅଧ୍ୟକ୍ଷା ଆରଏସ୍‌ପି ପରିଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ, ୧୩।୧୦

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍) ଅଧ୍ୟକ୍ଷା ସୋମା ମଣ୍ଡଳ ଗୁରୁବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସିଥିଲେ। ରାଉରକେଲା ହାଉସ୍‌ଠାରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ତଥା ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଓ କାରଖାନାର ଅନ୍ୟ ବରିଷ୍ଠ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସେ ରାଉରକେଲା ଇସ୍ପାତ କାରଖାନାର ସୌର ଶକ୍ତି ପ୍ଲାଣ୍ଟ ନିକଟରେ ଦୈନିକ ୪ ନିୟୁତ ଲିଟର କ୍ଷମତା ସମ୍ପନ୍ନ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଉଦ୍‌ଘାଟନ କରିଥିଲେ। ଏହାପରେ ମଣ୍ଡଳ କଞ୍ଚାମାଲ ପ୍ରବନ୍ଧନ ବିଭାଗ, ସିଣ୍ଟରିଂ ପ୍ଲାଣ୍ଟ-୩ ଓ କୋକ୍ ଓଭେନ ବ୍ୟାଟେରୀ-୬ ପରିଦର୍ଶନ କରିଥିଲେ। ସେହିପରି ଆରଏମ୍‌ଏଚ୍‌ପିରେ ପେଲେଟ ପ୍ଲାଣ୍ଟସାଇଟ ମଧ୍ୟ ଅନୁଧ୍ୟାନ କରିଥିଲେ। ସେଲ୍ ଅଧ୍ୟକ୍ଷା ମନ୍ଥନ ସମ୍ମିଳନୀ ହଲଠାରେ କାରଖାନାର ବରିଷ୍ଠ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଏଥିରେ ସେ କାରଖାନାର ସାମଗ୍ରିକ କାର୍ଯ୍ୟ ଦକ୍ଷତାର ସମୀକ୍ଷା ସହ ଭବିଷ୍ୟତ ରୂପରେଖ ବିଷୟରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଭାରତ ଯୋଡୋ ଯାତ୍ରା ପ୍ରସ୍ତୁତି

ରାଉରକେଲା ଅଫିସ, ୧୩।୧୦

ଅକ୍ଟୋବର ୩୧ ତାରିଖ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସରୁ ଓଡିଶାରେ କଂଗ୍ରେସ ପକ୍ଷରୁ ଭାରତ ଯୋଡୋ ପଦଯାତ୍ରା ଆରମ୍ଭ ହେବ। ଏହି ଯାତ୍ରା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ବାହାରି ସାରା ରାଜ୍ୟର ୨୨୦୦ କିଲୋମିଟର ପରିକ୍ରମା କରିବ। ଡିସେମ୍ବର ପ୍ରଥମ ସପ୍ତାହରେ ଏହି ଯାତ୍ରା ରାଉରକେଲାରେ ପହଞ୍ଚିବା ଲକ୍ଷ୍ୟ ଥିବାରୁ ଏ ନେଇ ପ୍ରଦେଶ କଂଗ୍ରେସର ଏକ ଟିମ୍ ରାଉରକେଲା ଗସ୍ତ କରିଥିଲେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ, ବ୍ଲକ ସଭାପତି, ଯାତ୍ରାର ଜିଲା ସଂଯୋଜକ ଓ ବ୍ଲକ ସଂଯୋଜକ, ବିଭିନ୍ନ ଛାମୁଆ ସଙ୍ଗଠନ ମୁଖ୍ୟ, ପିସିସି ସମ୍ପାଦକ ଦୁର୍ଗା ପାଢୀ, ରାଜେନ୍ଦ୍ର ଛତ୍ରିଆ, ହରଦୀପ ସିଂହ, ବିଧୁଭୂଷଣ ତ୍ରିପାଠୀ, ମୋତିଲାଲ ଦାସ, ଅନନ୍ତ ପାଢୀ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବିରେନ ସେନାପତି, ପ୍ରଭାତ ମହାପାତ୍ର, ରବି ରାୟ, ସବୀର ହୁସେନ ପ୍ରମୁଖ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ପୂଜା ଖଟୁଲି ସହ କଂସାବାସନ ଚୋରି

**ବଡ଼ଗାଁ ୧୩।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପଛପଟ ବସ୍ତିରେ ରହୁଥିବା ବିମଳ କିଶୋର ମହାନ୍ତିଙ୍କ ଘରେ ଚୋରି ହୋଇଛି। ଦୁର୍ବୃତ୍ତ କାନ୍ଥ ଭାଙ୍ଗି ପୂଜା ଖଟୁଲି, ପିତଳ ମୂର୍ତ୍ତି, ରୂପା ଟଙ୍କା, କଂସା ବାସନ ଓ ଚାଉଳ ନେଇଯାଇଛନ୍ତି। ବିମଳ କିଶୋର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବଲାଙ୍ଗୀର ଯାଇଥିବାରୁ ତାଙ୍କ ସ୍ତ୍ରୀ ସାନ ଭାଇଙ୍କ ଘରେ ରହିଥିଲେ। ବୁଧବାର ରାତିରେ ଘରେ କେହି ନ ଥିବାର ସୁଯୋଗ ପାଇ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଭଙ୍ଗା ଯାଇଥିବା ସ୍ଥାନ ସଂକୀର୍ଣ୍ଣ ଥିବାରୁ ପତଳା ବ୍ୟକ୍ତି କିମ୍ବା ଛୋଟ ପିଲା ସମ୍ପୃକ୍ତ ଥିବା ଆଶଙ୍କା କରାଯାଉଛି। ପୋଲିସ ଘଟଣାର ତଦନ୍ତ କରୁଛି। ଗତ କିଛି ମାସ ହେଲା ଅଞ୍ଚଳରେ ଚୋରି ବଢୁଥିବା ଓ ସ୍କ୍ରାପ କାରବାର ଯୋଗୁ ଛୋଟ ପିଲାମାନେ ଚୋରି କରୁଥିବାରୁ ସଚେତନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଆକ୍ରମଣ କରି ଜଣେ ଗିରଫ

**ରେଙ୍ଗାଲି,୧୩।୧୦(ଡି.ଏନ.ଏ.):** ଏକ ଆକ୍ରମଣ ଘଟଣାରେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପୋଲିସ ଗୁରୁବାର ଗୁଲାମାଲ ପଧାନପାଲି ଗ୍ରାମର ରାମେ ବାଗ୍ (୬୫)ଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାମେଙ୍କ ଗୁଲାମାଲ ଗ୍ରାମରେ ୮୧ ଡେସିମିଲ ଜମି ରହିଛି। ପଧାନପାଲି ଗ୍ରାମର ସାଧୁ ବେହେରା ୭୫ହଜାର ଟଙ୍କାରେ ଉକ୍ତ ଜମି କିଣିବାକୁ କହି ୫ ହଜାର ଟଙ୍କା ଅଗ୍ରିମ ଦେଇ ଜମି ରେଜେଷ୍ଟ୍ରି କରିଥିଲେ। ରାମେ ବାକି ଟଙ୍କା ମାଗିବାରୁ ସେ ସମୟ ଗଡାଇ ଚାଲିଥିଲେ। ପରେ ରାମେ ରେଙ୍ଗାଲି ତହସିଲରେ ମଧସ୍ଥି କାମ କରୁଥିବା ଜନ୍ମେଜୟ ଦାସଙ୍କ କବଳରେ ପଡ଼ିଥିଲେ। ଜନ୍ମେଜୟ ତାଙ୍କ ରେଜିଷ୍ଟ୍ରେଶନକୁ ଖାରଜ କରିଦେବାକୁ କହି ରାମେଙ୍କୁ ଠକି ଚାଲିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାମେ ଏକ ଠେଙ୍ଗା ସାହାଯ୍ୟରେ ଜନ୍ମେଜୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଜନ୍ମେଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରେଙ୍ଗାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା।

### ଭାରତ ଯୋଡୋ ଯାତ୍ରା କମିଟିକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ, ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୧୩।୧୦(ଡି.ଏନ.ଏ.):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସିଥିବା ଭାରତ ଯୋଡା ଯାତ୍ରା କମିଟିକୁ ବୁଧବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସର୍କିଟହାଉସ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କମିଟିରେ ଆସିଥିବା ପୂର୍ବତନ ସାଂସଦ ନକୁଳ ନାୟକ, ବିଧାୟକ ଡ. ରାଜେନ ଏକ୍କା, କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବିଧୁଭୂଷଣ ତ୍ରିପାଠୀ, ମାନସ ଚୌଧୁରୀ, ହରଦୀପ ସିଂ, ଦୁର୍ଗା ପାଢୀ, ଭାରତ ଯୋଡା ଯାତ୍ରା ସଫଳ ପାଇଁ ଅନୁରୋଧ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବେଣୁ ମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପ୍ରଦେଶ ସେବାଦଳ ସମ୍ପାଦକ ମୁନୁ ସରାଫ,ପର୍ଶୁରାମ ସରାଫ, ଆଲବର୍ଟ କିଣ୍ଡୋ, ବିଶ୍ୱଜିତ ପଟ୍ଟନାୟକ, କାଳୀପଦ ସାମଲ, ଶୁଭେନ୍ଦୁ ନାଏକ, ସୁଧାଂଶୁ ପଶାୟତ, ପ୍ରଣବ ସିଂ, ଭିଷ୍ମ ସିଂ, ଅମିତା ବିଶ୍ୱାଳ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ଅରୁଣ ସାମଲଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ଭାରତ ଯୋଡା ଯାତ୍ରାକୁ ସଫଳ କରିବାକୁ ବୈଠକରେ ସମସ୍ତେ ସମ୍ମତି ପ୍ରଦାନ କରିଥିଲେ।

# ଶିକ୍ଷକ ନିଯୁକ୍ତି ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

■ ଜିଲାପାଳଙ୍କୁ ଦାବିପତ୍ର ଦେଲେ ବୃନ୍ଦାବନପୁର ଗ୍ରାମବାସୀ
■ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି ଜଣେ ଶିକ୍ଷକ

**ଦେବଗଡ଼,୧୩।୧୦(ଡି.ଏନ.ଏ.)**

ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡିଥିବା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବୃନ୍ଦାବନପୁର ଗ୍ରାମବାସୀ ଦେବଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ବୃନ୍ଦାବନପୁର ଗ୍ରାମର ପ୍ରାଣବନ୍ଧୁ ଖିଲାର, ବିରେନ୍ଦ୍ର ପ୍ରଧାନ, ପ୍ରଶନ୍ନ ଖିଲାର ଓ ପୂର୍ଣ୍ଣଚନ୍ଦ୍ର ଖିଲାର ପ୍ରମୁଖ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଭିଯୋଗ ଅନୁଯାୟୀ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଥିବା ବେଳେ ମୋଟ ୪୦ ଛାତ୍ରୀଛାତ୍ର ପାଠ ପଢନ୍ତି। ସେମାନଙ୍କୁ ଶିକ୍ଷାଦାନ ନିମନ୍ତେ ୨ ଜଣ ଶିକ୍ଷକ ନିୟୋଜିତ ଥିବାବେଳେ ଗତ ଜୁଲାଇ ମାସ ୨୬ ତାରିଖରେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କର ପଦୋନ୍ନତି ହୋଇ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ଫଳରେ ମାତ୍ର ଜଣେ ଶିକ୍ଷକଙ୍କ ଦ୍ୱାରା ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି । ଫଳରେ ଶିକ୍ଷାଦାନରେ ଘୋର ଅବ୍ୟବସ୍ଥା ଏବଂ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ଓ ଏପରିକି ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି (ପ୍ରଧାନ ଶିକ୍ଷକଙ୍କ ସମେତ) ପାଇଁ ଦାବି କରିଥିଲେ ମଧ୍ୟ ସେମାନଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଗ୍ରାମବାସୀ ଗୁରୁବାର ବାଧହୋଇ ପୁଣିଥରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ବୃନ୍ଦାବନପୁର ଗ୍ରାମରେ ଥିବା ବିଦ୍ୟାଳୟ।

## ସମ୍ବଲପୁରୀ ହସ୍ତତନ୍ତ ବଜାର ଖୋଲିବାକୁ ଦାବି

**ରାଉରକେଲା ଅଫିସ,୧୩।୧୦:** ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟନ ଅବସରରେ ରାଉରକେଲାକୁ ଆସିଥିବା ରାଜ୍ୟ ହସ୍ତକଳା, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କୁ ବୁଧବାର ରାଉରକେଲାର ମା' ସମ୍ଲେଶ୍ୱରୀ ୟୁଥ୍ ଆସୋସିଏଶନ ସଦସ୍ୟମାନେ ସାକ୍ଷାତ କରିଥିଲେ। ବରଗଡ ଜିଲା ବେହେରା ଗ୍ରାମରେ ଯେପରି ହସ୍ତତନ୍ତ ବସ୍ତ୍ରର ଖୋଲା ବଜାର ବସୁଛି ସେହି ଶୈଳୀରେ ରାଉରକେଲାରେ ଏକ ଅନୁରୂପ ବଜାର ସୃଷ୍ଟି କରିବା ପାଇଁ ଆସୋସିଏଶନର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କ ପାଖରେ ଦାବି କରିଥିଲେ। ଏଥିସହ ରାଉରକେଲାରେ ଏକ ହସ୍ତତନ୍ତ ତାଲିମ କେନ୍ଦ୍ର ଖୋଲିବା ପାଇଁ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି କେନ୍ଦ୍ର ଖୋଲିଲେ ଯୁବପିଢ଼ି ରୋଜଗାରକ୍ଷମ ହୋଇପାରିବେ। ମନ୍ତ୍ରୀ ସାହୁ ଉଭୟ ପ୍ରସ୍ତାବକୁ ସ୍ୱୀକାର କରିବା ସହ କାର୍ଯ୍ୟ ସମ୍ପାଦନର ବୈଷୟିକ ଦିଗଗୁଡିକୁ ଦୃଷ୍ଟିଦେବେ ବୋଲି କହିଥିଲେ। ସୂର୍ଯ୍ୟ ପାଢ଼ୀ, ବିଜୟ କିଷାନ, ଅଶୋକ ଭଇଁଶା, ସୁବଳ ଚାନ୍ଦ, ଟିକେଶ୍ୱର ତାଣ୍ଡିଆ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, N.H. CIRCLE, KEONJHAR**
email: senhkeonjhar@gmail.com
Letter No. 680 Dated: 12.10.2022
**1st Corrigendum to Office Order No. 04 Dt.27.09.2022**
No. b-19: Name of the work "Providing C.C. Paver Block to Road Berm at Stretches of N.H. - 220 from km 36/000 to 71/120 km for the year 2022-23. Bid Ref. No. 03 CCE-NHC-KJR of 2022-23.
**Description of Corrigendum**
1. Bid document with detailed terms and condition will be available online from 15.10.2022 at 11.30 A.M. to 26.10.2022 upto 05.30 P.M. instead of from 11.10.2022 at 11.30 A.M. to 20.10.2022 upto 05.30 P.M.
2. Bid must be submitted online on or before date 26.10.2022 upto 05.30 P.M. instead of date 20.10.2022 upto 05.30 P.M.
3. Bid received "Online" shall be opened on date 27.10.2022 at 12.30 P.M. instead of at 12.30 P.M. on 21.10.2022.
4. All other terms and conditions remain unchanged.
5. Subsequent Corrigendum/addendum if required only will be available in the website.
6. The authority reserves the rigth to cancel any or all bids without assigning any reason.
7. The authority will not be held responsible for any technical problem or failure of network server during the online bidding.
**Sd./- Chief Construction Engineer, N.H. Circle, Keonjhar**
**OIPR-34145/11/0002/2223**

# ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

**ଦେବଗଡ଼,୧୩।୧୦(ଡି.ଏନ.ଏ)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ ନେହେରୁ ଯୁବ କେନ୍ଦ୍ର ଓ ତିଲେଇବଣି ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିପୋଶି ଗ୍ରାମର ମା' ସରସ୍ୱତୀ କ୍ଲବର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ମା' ସରସ୍ୱତୀ କ୍ଲବର ସମ୍ପାଦକ ବଟବର ପେଂଠେଇଙ୍କ ଅଧ୍ୟକ୍ଷତାରେ ଗୁଣ୍ଡୁରିପୋଶି କଲୋନୀ ସାହିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଗୁଡା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଡମ୍ବରୁଧର ସାହୁ, ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ଦ୍ୱିଜରାଜ ଧଳ, ଅଙ୍ଗନୱାଡି କର୍ମୀ ସୁବାସିନୀ ଅଡା ଓ ଆଶା କର୍ମୀ ପ୍ରତିମା ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏହାର ମୁକାବିଲା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଏବଂ ପରବର୍ତ୍ତୀ ପରିସ୍ଥିତି ପାଇଁ ଖସଡା ପ୍ରସ୍ତୁତ କରିବା ସହ ସଜାଗ ରହିବାକୁ ଉପସ୍ଥିତ ଗ୍ରାମବାସୀମାନଙ୍କୁ ପରାମର୍ଶ ଦେଇଥିଲେ। ଦେବଗଡ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସାହସର ସହିତ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ଶପଥ ପାଠ କରାଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ଶପଥ ପାଠ।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ହାତ ଭାଙ୍ଗିଲେ ଦୁର୍ବୃତ୍ତ

**ଲୋଇସିଂହା,୧୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଡାହାଣ ହାତକୁ ଦୁର୍ବୃତ୍ତ ବୁଧବାର ରାତିରେ ଭାଙ୍ଗି ଦେଇଛନ୍ତି। ଗୁରୁବାର ସକାଳେ ବ୍ଲକ କାର୍ଯ୍ୟାଳୟ ଖୋଲିବା ପରେ ଏହା ଜଣା ପଡିଥିଲା। ଏହାକୁ ନେଇ ବ୍ଲକ ପରିସରରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣା ନେଇ କେହି ଜଣାଇ ନାହାନ୍ତି ବୋଲି ସାଲେଭଟା ଫାଣ୍ଡି ଅଧିକାରୀ ସୁଶାନ୍ତ ଭୋଇ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୪ମସିହାରେ ବ୍ଲକ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ସେହିବର୍ଷ ସ୍ୱାଧୀନତା ଦିବସରେ ତତ୍କାଳୀନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ପଟେଲ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଜାତିର ଜନକଙ୍କ ପ୍ରତି ଏପରି ଅସମ୍ମାନ ଏବଂ ବ୍ଲକ ପ୍ରଶାସନର ନିରବତାକୁ ନଇେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଘଟଣାର ତଦନ୍ତ କରି ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନବାକୁ ସାଧାରଣରେ ଦାବି ହେଉଛି।

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 26 of 2022-23**
No. O-1109: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.
1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 11 Nos.
3. Estimated Cost : Rs.285.29 to 581.26 lakh
4. Eligible Class of Contractor : "B & A"
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 26 of 2022 - 23 | Dt.18.10.2022 at 11.00 hrs. | Dt.10.11.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.
**Sd./- Superintending Engineer**
**RWS&S Division, Balangir**
**OIPR-25033/11/0028/2223**

# ଜିଲାପାଳଙ୍କୁ ଭେଟି ବିଭିନ୍ନ ଦାବି ଜଣାଇଲେ ବିଜେଡି ପ୍ରତିନିଧି ମଣ୍ଡଳୀ

**ସୁନ୍ଦରଗଡ଼,୧୩।୧୦(ଡି.ଏନ.ଏ.)**

ପୂର୍ବତନ ମନ୍ତ୍ରୀ, ପୂର୍ବତନ ରାଜଗାଙ୍ଗପୁର ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଦାବି କରିଥିଲେ। ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ କିଷାନ ଆଲୋଚନା କରିବା ସହିତ ଦାବି କରିଥିଲେ। ସେହିପରି ସୁନ୍ଦରଗଡ଼ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ସୁନ୍ଦରଗଡ଼ ମୁଖ୍ୟ ଡାକ୍ତରଖାନାରେ ଆଉଟଡୋର ଏବଂ ବିଭିନ୍ନ ବିଭାଗ ମୁଖ୍ୟ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ କିମ୍ବା କୌଣସି ଟେଷ୍ଟ ପାଇଁ ଯାଇଥିବା ସମୟରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ସହିତ ପ୍ରାଥମିକତା ଭିତ୍ତିରେ ସୁଯୋଗ ଦିଆଯାଉ। ମୁଖ୍ୟ ଡାକ୍ତରଖାନା ପରିସର ଭିତରେ ଜନସାଧାରଣଙ୍କ ସୁବିଧା ପାଇଁ ଏବଂ ଉପକୃତ ପାଇଁ ଏକ ଜନଔଷଧୀ ଦୋକାନ ଖୋଲାଯିବାକୁ ଦାବି ସହିତ ଭବାନୀଭବନ ଖେଳ ପଡ଼ିଆ ନିର୍ମାଣାଧୀନ ବ୍ୟାଡ଼ମିଣ୍ଟନ ପଡ଼ିଆ କେବଳ ବ୍ୟାଡ଼ମିଣ୍ଟନ ମେଟ ପକେଇବାକୁ ଦାବି କରିଥିଲେ। ଏଥିସହିତ ନିର୍ମାଣାଧୀନ କବାଡି ଖେଳ ପଡ଼ିଆ କେତେଟଙ୍କା ଖର୍ଚ୍ଚ ହୋଇଛି ତାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ସମେତ ସୁନ୍ଦରଗଡ଼ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ଜନ୍ମେଜୟ ମହାପାତ୍ର, ଅମରେଶ ପଣ୍ଡା, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ସୁନୀଲ ମହାପାତ୍ର, କିଶୋର ସାହୁ, ବିମଲ ବୋଷ, ଜଟିଆ ମୁଣ୍ଡା, ବୀରେନ୍ଦ୍ର ପଟେଲ, କାଉନସିଲର ଅନିଲ ମହାପାତ୍ର, ତୁଷାରକାନ୍ତ ବୋଷ, ବୈରାଗୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**NOTICE INVITING TENDER**
**OFFICE OF THE CHIEF CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**DISTRICT - MAYURBHANJ**
No. CAD-2140: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2844 Dt.11.10.2022) Kaptipada Sub-Division (Tender No. 2845 Dt.11.10.2022), Panchpir Sub-Division (Tender No. 2846 Dt.11.10.2022) & Bamanghaty Sub-Division (Tender No. 2847 Dt.11.10.2022) under Mayurbhanj District.** Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 17.10.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.20.10.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 31.10.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.01.11.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.01.11.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.
**Sd./- Chief CSO-cum-District Manager**
**OIPR-07046/11/0005/2223** **OSCSC Ltd., Mayurbhanj**

# ଗୋଲାବନ୍ଧରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦେବଗଡ଼,୧୩।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ବିଜେଡି ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିବାବେଳେ ପ୍ରତ୍ୟେକ ଦିନ ଜିଲାର ବିଭିନ୍ନ ସ୍ଥାନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ବାରକୋଟ ବ୍ଲକ ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମପଞ୍ଚାୟତ ସଦର ମହକୁମାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଶତାଧିକ ବିଜେଡି ନେତା, ନେତ୍ରୀ ଓ କର୍ମୀ ଅଂଶଗ୍ରହଣ କରି ନିକଟସ୍ଥ ବମ୍ପରଡା ଗ୍ରାମ ପରିକ୍ରମା କରିଥିଲେ। ପରେ ଗୋଲାବନ୍ଧ ଗ୍ରାମରେ ଏକ ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡିର ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଅଶ୍ୱିନୀ ତ୍ରିପାଠୀ ଯୋଗ ଦେଇଥିଲେ। ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ଦେବଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବାରକୋଟ ବ୍ଲକ ୩ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଗୋଲାବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ ରୀନା ସାହୁ, ବାରକୋଟ ବ୍ଲକ ଯୁବ ବିଜେଡି ସଭାପତି ସିଜୁନ କୁମାର ପ୍ରଧାନ, ନଗର ଯୁବ ସଭାପତି ରୂପକ କୁମାର ମାଝୀ, ଶରତ ମେହେର, ଦୀପନ କୁମାର ନାୟକ, ବରିଷ୍ଠ ବିଜେଡି ନେତା ବିଭୂତି ଗଙ୍ଗଦେବ, କାମାକ୍ଷା ଗଙ୍ଗଦେବ, ଧରଣୀଧର ପ୍ରଧାନ, ରାଜକିଶୋର ପ୍ରଧାନ, ପ୍ରଶନ୍ନ ସାହୁ, ପପୁନ ନାୟକ, ଦେବଗଡ଼ ପୌର ପରିଷଦର କାଉନସିଲର ଜତିନ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ରହି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅଧିକରୁ ଅଧିକ ଲୋକ ବିଜେଡିରେ ସାମିଲ ହେବାକୁ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ।



ଗୋଲାବନ୍ଧ ଗ୍ରାମପଞ୍ଚାୟତରେ ବିଜେଡିର ପଦଯାତ୍ରାରେ ସାମିଲ ନେତା, କର୍ମୀ।

**OFFICE OF EXECUTIVE ENGINEER MINOR IRRIGATION DIVISION, CUTTACK**
Letter No. 1859 Dt.10.10.2022
No. A-592 **GOVERNMENT OF ODISHA**
**e-Procurement Notice**
**Bid Identification No. Online EECMID-05/2022-23**
eemidcuttack@yahoo.co.in
1. Name of Work : Construction of Check Dams in MI Sub-Division, Athagarh, Banki, Baramba, Narasinghpur, Cuttack
2. Total Number of Work : 11 (Eleven) Nos.
3. Estimated Cost : Varies from Rs.53.83 lakhs to Rs.77.77 lakhs
4. Tender Paper Cost (Online) : Varies from Rs.10,000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid document : From 17.10.2022, 10.00 A.M. to 29.10.2022, 5.00 P.M. in website **(www.tendersorissa.gov.in)**
8. Last date & time of receipt of Bid through online : 29.10.2022 at 5.00 P.M. through Online
9. Date of Opening of Technical Bid Documents : 31.10.2022 at 11.00 A.M. in the Office of the EE, M.I. Division, Cuttack
10. Date of opening of Financial Bid Documents : 03.11.2022 at 11.00 A.M. in the Office of the EE, M.I. Division, Cuttack
11. Date of Lottery, if required : 09.11.2022 at 11.00 A.M. in the Office of the EE, M.I. Division, Cuttack
12. Name and address of the OIT : Executive Engineer, M.I. Division, Cuttack P.O.: Nayabazar, Cuttack, PIN Code: 753004 Phone: 0671-2443622
Further details can be seen from the Government of Odisha Website: **www.tendersorissa.gov.in**.
**Sd./- Executive Engineer, M.I. Division, Cuttack**
**OIPR-32121/11/0004/2223**

## ମା' ଲକ୍ଷ୍ମୀ ୟୁଥ କ୍ଲବର ବାର୍ଷିକ ଉତ୍ସବ

**ବଡ଼ଗାଁ, ୧୩।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଲମାଲ ଗ୍ରାମର ମା' ଲକ୍ଷ୍ମୀ ୟୁଥ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଓ କ୍ଲବର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜାରେ ଜୟମଙ୍ଗଲ ବାରିକ, ତାଙ୍କ ସ୍ତ୍ରୀ ରଶ୍ମିତା କର୍ତ୍ତା ହୋଇଥିଲାବେଳେ ଶରତ କୁମାର ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। କ୍ଲବର ବାର୍ଷିକ ଉତ୍ସବ ଓ ପୂଜା ଅବସରରେ ନୃତ୍ୟ ଏବଂ ଗୀତ ପ୍ରତିଯୋଗିତା ହୋଇଥିଲା। ନୃତ୍ୟରେ ଗାୟତ୍ରୀ ରାଉତ, କିରଣ ପାତ୍ର, ସ୍ୱିଟି ସେଠୀ, ସଙ୍ଗୀତରେ ଆଲୋକ ବାରିକ, ରୂପେଶ ରାଉତ, ଶଙ୍କର ପାତ୍ର ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ତୃତୀୟ ରଜନୀରେ ମହେନ୍ଦ୍ର ବାଗଙ୍କ ନିର୍ଦ୍ଦେଶନାରେ କ୍ଲବ ସଦସ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ 'ଆଖି ଲୁହକୁ ମୁଁ କରିଛି ସାଥୀ' ମଞ୍ଚସ୍ଥ ହୋଇଥିଲା। କ୍ଲବର କର୍ମକର୍ତ୍ତା ଆଶିଷ କୁମାର ରାଉତ, ପ୍ରବୀଣ କୁମାର୍ ରାଉତ, ପ୍ରଦୀପ ମହାକୁଡ, ଯୋଗେଶ୍ୱର ରାଉତ, ପରମାନନ୍ଦ ରାଉତ, ବୈକୁଣ୍ଠ ରାଉତ, ସନ୍ତୋଷ ରାଉତ, ସୁକାନ୍ତ ରାଉତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଓ ପୂଜା ପରିଚାଳିତ ହୋଇଥିଲା। ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥିଲା।

**OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA**
**NATIONAL COMPETITIVE BIDDING THROUGH e_Procurement No. 14(Online)/RWD/BPD/2022-23**
**No. O-1108**
1. Name of the Work : Building Works
2. Total No. of Works : 03 Nos.
3. Estimated Cost : Rs.63.78 lakhs to Rs.80.15 lakhs (Approximately)
4. Eligible Class of Contractor : 'B' Class (of Odisha P.W.D.) or relevant class of other licensing authorities
5. Period of Completion : 09 (Nine) Calendar Months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the O/o. S.E.R.W. Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Baripada | Online 14/ RWD-BPD of 2022-23 | Dt.17.10.22 at 11.00 A.M. | Dt.28.10.22 upto 05.00 P.M. | Dt.27.10.22 upto 05.00 P.M. | Dt.29.10.22 at 11.00 A.M. | Dt.03.11.22 at 11.00 A.M. |

• Further details can be seen from the website **www.tendersorissa.gov.in**.
• Any Corrigendum/Addendum will be displayed in the above e_tender website only.
**OIPR-25057/11/0019/2223** **Sd./- Superintending Engineer, R.W. Division, Baripada**

## ସଂକ୍ଷେପରେ

### ଗାତ ଖୋଳି ଛାଡିଦେଲେ, ବଳଦ ପଡ଼ି ମୃତ

କୁତ୍ରା, ୧୩।୧୦(ଡି.ଏନ୍.ଏ)-ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ ଦେଇ ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଚାଲିଛି। ତେବେ ପାଇପ ବିଛା ବେଳେ ଏକ ଅଘଟଣ ଘଟିଯାଇଛି। ପାଖାପାଖି ୧୫ ଦିନ ତଳେ ମେଗା ପାନୀୟଜଳ ଯୋଗାଣ ପାଇଁ ପାଇପ ବିଛା କାମ ଆରମ୍ଭ ହୋଇଥିଲା। ତେବେ କୁତ୍ରା ଦମକଳ କେନ୍ଦ୍ର ନିକଟରେ ଠିକା ସଂସ୍ଥା ତରଫରୁ ଗାତ ଖୋଳି ପାଇପ ନ ପୋତି ଛାଡି ଦେଇଥିଲେ। ଫଳରେ ସେଠାରେ ବୁଧବାର ମଙ୍ଗାପଡା ଗ୍ରାମର ଯୁଗଲ ମିଞ୍ଜଙ୍କ ବଳଦ ପଡ଼ିଯାଇଥିଲା। ସେଠାରୁ ସେ ବାହାରକୁ ବାହାରି ନ ପାରି ଛଟପଟ ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା। ଏହା ଗୁରୁବାର ସକାଳୁ ଜଣାପଡିବା ପରେ ଗ୍ରାମବାସୀ ଉକ୍ତ ଠିକାଦାରଙ୍କୁ ଯୋଗାଯୋଗ କରି କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ତେବେ ସେ କୌଣସି କ୍ଷତିପୂରଣ ନ ଦେବାରୁ ବଳଦ ଘଟଣାସ୍ଥଳରେ ବର୍ତ୍ତମାନ ମଧ୍ୟ ପଡିରହିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବା ଅନୁଯାଇ ଯେପର୍ଯ୍ୟନ୍ତ ଉକ୍ତ ଠିକା ସଂସ୍ଥା କୌଣସି କ୍ଷତିପୂରଣ ନ ଦେଇଛି ସେ ପର୍ଯ୍ୟନ୍ତ ବଳଦଟିକୁ ବାହାରକୁ ବାହାର କରାହେବ ନାହିଁ। ଠିକା ସଂସ୍ଥାକୁ ସେହି ଅଞ୍ଚଳରେ କାମ କରିବାକୁ ମଧ୍ୟ ଦେବେ ନାହିଁ ବୋଲି କହିଛନ୍ତି।

# ବଣାଇ ବନଖଣ୍ଡରେ ଥମୁନି ହାତୀ ଉପଦ୍ରବ

- ଦୁଇଟି ହାତୀଙ୍କ ଉତ୍ପାତରେ ଅତିଷ୍ଠ ହେଲେଣି ଲୋକେ
- ଘଉଡାଇବା ପାଇଁ ବର୍ଚ୍ଛା, ବାଟୁଳି, ଟେକା ପଥର ଫୋପାଡୁଛନ୍ତି
- ବିପଦରେ ଦୁଇ ହାତୀଙ୍କ ଜୀବନ

ବଣାଇ, ୧୩।୧୦ (ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ଅଞ୍ଚଳରେ ଦୀର୍ଘଦିନ ହେବ ଦୁଇଟି ଦନ୍ତା ତାଣ୍ଡବ ରଚି ଅନେକ ଫସଲ ନଷ୍ଟ କରିବା ସହ ବହୁ ଘର ଭାଙ୍ଗି ଆତଙ୍କ ଖେଳାଇ ଦେଇଛନ୍ତି। ମୁଖ୍ୟତଃ ହାତୀ ଦୁଇଟି ବଣାଇ ଓ କୁଲିପୋଷ ବନାଞ୍ଚଳରେ ଘୁରି ବୁଲୁଥିବା ବେଳେ ଏଭଳି ଘଟଣାକୁ ବନବିଭାଗ ହାଲୁକା ଭାବେ ଗ୍ରହଣ କରିବା ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହିତ ବ୍ୟାପକ ଘର ଭାଙ୍ଗି ଥିବା ଏହି ଦୁଇ ହାତୀ ଏବେ କୁଲିପୋଷ ରେଞ୍ଜର ଶବରା ବନାଞ୍ଚଳରେ ଉତ୍ପାତ ଚଳାଇଛନ୍ତି। ଜଙ୍ଗଲ ଛାଡି ଗାଁ ମୁହାଁ ହୋଇ ତାଣ୍ଡବ କରୁଥିବା ହାତୀଙ୍କ ପାଇଁ ଆତଙ୍କିତ ଅଞ୍ଚଳବାସୀ ଘଉଡାଇବା ପାଇଁ ଏବେ ଆକ୍ରମଣାତ୍ମକ ହୋଇ ପଡିଥିବା ଦେଖାଯାଇଛି। ଅତିଷ୍ଠ ହୋଇ ଏହି ହାତୀମାନଙ୍କୁ କିଏ ପଥର ମାରୁଛି ତ କିଏ ବର୍ଚ୍ଛା ଆଉ କେହି



ଦନ୍ତା ହାତୀ ଘୁରିବୁଲୁଛି।

ବାଟୁଳିରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ଏପରିକି ଏହି ହାତୀକୁ ଅନ୍ୟତ୍ର ନେବାକୁ ଦାବିକରି ବନ କର୍ମଚାରୀଙ୍କୁ ନିକଟ ଅତୀତରେ ଆକ୍ରମଣ ବି ହୋଇଥିଲା। ସେହିଭଳି ଗତ କିଛି ଦିନ ତଳେ ବାଙ୍କୀ ରେଞ୍ଜରେ ହାତୀ ଉପଦ୍ରବରେ ଅତିଷ୍ଠ ହୋଇ କିଛି ଲୋକ ଏକ ହାତୀକୁ ବର୍ଚ୍ଛା ଦ୍ୱାରା ମାରି ଗିରଫ ହୋଇଥିବା ନଜିର ରହିଛି। ବନବିଭାଗର ଅପାରଗତା ପାଇଁ ଏହି ଦୁଇଟି ହାତୀଙ୍କ ଜୀବନ ଏବେ ବିପଦରେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଦି ଏଭଳି ଘଟଣାକୁ ଗୁରୁତ୍ୱ ନ ଦିଅନ୍ତି ତାହେଲେ ହାତୀଙ୍କ ଜୀବନ ପ୍ରତି ବିପଦ ଘନେଇ ଆସୁଛି। ଏପରିକି ପଥର ମାଡ, ବର୍ଚ୍ଛା ଆକ୍ରମଣରେ ହାତୀର କ୍ଷତଚିହ୍ନ ହୋଇଥିବା ଶୁଣିବାକୁ ମିଳିଛି। ଘଟଣା ସମ୍ପର୍କରେ ଯୋଗା ଯୋଗ କରିଥିଲେ ହେଁ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

# ବ୍ରାହ୍ମଣୀ ନଦୀକୁ ଡେଇଁଲେ ବାଳିକା

ଲହୁଣୀପଡ଼ା/ବଣାଇ, ୧୩।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ରାଜାମୁଣ୍ଡା ପଞ୍ଚାୟତ ୧୪୩ ନମ୍ବର ଜାତୀୟ ରାଜପଥର ନରେନ୍ଦ୍ର ପୋଲ ଉପରୁ ବ୍ରହ୍ମଣୀ ନଦୀକୁ ଡେଇଁ ଜଣୈକା ନାବାଳିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ନରେନ୍ଦ୍ର ପୋଲ ଉପରେ ନାବାଳିକା ପହଞ୍ଚିଥିଲେ। ପ୍ରଥମେ ଆଧାର କାର୍ଡ, ମୋବାଇଲ ଫୋନ ପୋଲ ଉପରେ ରଖି ତାପରେ ତଳକୁ ଡେଇଁ ପଡିଥିଲେ। ତେବେ ନାବାଳିକା ଜଣକ ଡେଇଁବା ସମୟରେ ସ୍କୁଲ ବ୍ୟାଗ କାନ୍ଧରେ ଧରି ଥିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଯାତାୟାତ କରୁଥିବା କେତେଜଣ ପଥଚାରୀ ପାଣିରୁ ଉଦ୍ଧାର ପାଇଁ ଚେଷ୍ଟା କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ



ନାବାଳିକାଙ୍କୁ ଉଦ୍ଧାର କରାଯାଉଛି।

ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆତ୍ମହତ୍ୟା ଉଦ୍ୟମ କରିଥିବା ନାବାଳିକା ଲହୁଣୀପଡ଼ା ଥାନା କପଣ୍ଡ ଗ୍ରାମର ବୋଲି ସୂଚନା ମିଳିଛି। ଆତ୍ମହତ୍ୟା ଉଦ୍ୟମର କାରଣ ନେଇ ଉଭୟ ଲହୁଣୀପଡ଼ା ଓ ବଣାଇ ପୋଲିସ ତଦନ୍ତ ଜାରି ରଖିଛନ୍ତି। ଲହୁଣୀପଡ଼ା ପୋଲିସ ନାବାଳିକାଙ୍କ ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ପରିବାରବର୍ଗ ପହଞ୍ଚିଛନ୍ତି। ନାବାଳିକା କାହିଁକି ନଦୀକୁ ଡେଇଁଲେ ଜଣାପଡ଼ିନାହିଁ।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9417930815

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Career Appointment on every Wednesday & Saturday

GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, ROURKELA IRRIGATION DIVISION, ROURKELA
email Id: serid_rkl@yahoo.com

### e-PROCUREMENT NOTICE
**BID IDENTIFICATION No. SERID-RKL-01/2022-23**

No. A-591: BID documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tenderorissa.gov.in** complete online process only.

| | | | |
|---|---|---|---|
| 1 | Nature of Work | : | Canal Work |
| 2 | Total Number of Works | : | 06 (Six) Nos. |
| 3 | Bid Identification No. | : | SERID-RKL-01/2022-23 (Online) |
| 4 | Estimated Cost | : | Rs.13.23 lakhs to 44.18 lakhs |
| 5 | Class of Contractor | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Earnest Money Deposit | : | Referred to DTCN |
| 8 | Period of Completion | : | Referred to DTCN |
| 9 | Date & time of availability of Bid documents in the portal | : | From Dt.17.10.2022 at 10.00 A.M. to Dt.29.10.2022 upto 05.30 P.M. |
| 10 | Last Date/time for receipt of bids in the portal | : | 29.10.2022 at 05.30 P.M. |
| 11 | Date and time of Opening of Bids | : | 01.11.2022 at 11.00 hours |
| 12 | Date of Lottery (in case of situation arise) | : | 03.11.2022 at 11.00 hours |
| 13 | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 14 | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017. Further details can be seen from the Govt. website **www.tendersorissa.gov.in**.

Sd./- Superintending Engineer
OIPR-32018/11/0004/2223 Rourkela Irrigation Division, Rourkela

## Directorate of Scheduled Castes & Scheduled Tribes Research & Training Institute (SCSTRTI), Bhubaneswar-751003
(Telephone No.0674-2563649/Fax No.0674-2561635, Email Id-scstrti@yahoo.co.in

No. 4561 Dt. 11.10.2022

### EXPRESSION OF INTEREST

**No.V-62:** Publishers/Book Shops/Suppliers, interested for empanelment with SCSTRTI for supply of books during 2022-23 may submit their terms and conditions along with PAN and maximum discount they can give on books in a sealed cover on or before 31st October 2022 by 2 PM in SCSTRTI, Bhubaneswar. The envelope should be superscripted "EXPRESSION OF INTEREST FOR SUPPLY OF BOOKS". The sealed cover will be opened on the same day at 4 PM. For details on subject please visit Govt.website www.odisha.gov.in and our website www.scstrti.in.

Sd./-Director
OIPR-26025/11/0006/2223

## ODISHA LIFT IRRIGATION CORPORATION LIMITED
GOVERNMENT OF ODISHA UNDERTAKING
### OFFICE OF THE EXECUTIVE ENGINEER L.I. DIVISION, PARALAKHEMUNDI,(GAJAPATI)
E-mail-eeolicpkd@gmail.com, Phone No- 06815-222282

### e-Procurement Notice
**Bid Identification No. 02/2022-23 OLIC (PKD) Dt.12.10.2022**

**No.CAD-2148:** The Executive Engineer, LI. Division, Paralakhemundi, At-Goura chandrapur Opposite- Centurian School, Dist- Gajapati invites items Rate bids In online mode for Installation of motor with Power Supply of Cluster Shallow Tube well along with energisation on Turnkey basis from reputed contractors/firms having valid PWD license of required class and valid HT license issued by E.L.B.O Contractors/ firm should have experience in similar nature of works for the work. Proof of registrations, experience from appropriate authorities are to be uploaded along with the bid/bids. The authority reserves the right to cancel any of the tenders without assigning any reason thereof.

1. Number of Package 3 Numbers
2. Estimated Cost Approx .Rs 6.78 Lakhs to 8.20 Lakhs
3. Tender Cost As per DTCN
4. Class of Contractor As per DTCN
5. Date & Time of Publication Dt.18.10.2022 from 11.00 hrs
6. Date & Time of Closing Dt.28.10.2022 at 17.00 hrs
7. Date & Time of opening of bid Dt.29.10.2022 at 11.00 A.M
8. The bidders have to participate in online bidding only.

Further details can be seen from the website www.tendersorissa.gov.in Addendum/corrigendum/cancellation of tender, if any, can be seen in the said website.

OIPR-32348/11/0005/2223 **Sd./- Executive Engineer**

## OFFICE OF THE DISTRICT FISHERIES OFFICER, DHENKANAL
Telephone NO. 06762(224408), E-Mail ID-adfdkl@gmail.com

### GOVT. JEEP AUCTION SALE NOTICE
**No.1757/Date:06.10.2022**

**No.M-47:** Sealed tender in plain papers are invited for disposal of a condemned Govt. Vehicle (Jeep) bearing No-OR -05-S-2539.

The intending tenders may inspect the vehicle at the office premises of the District Fisheries Office, Kunjakanta, Dhenkanal on working day between 11.00 AM to 2.00 PM .The tender papers should accompany in shape of bank draft towards earnest money deposit of Rs-1000/-(Rupees one Thousand) only in favour of District Fisheries Officer, Dhenkanal payable at SBI Main Branch, Dhenkanal. The earnest money so deposited will be refunded to the unsuccessful tenders.

The last date for submission of tender is Dt-14.10.2022 (Thursday)up to 2.00PM.Sealed tender paper will received by registered post/speed post and also can be received in sealed tender box placed in the office chamber of the District Fisheries Office, Dhenkanal situated at Kunjakanta, Dhenkanal, Pin-759001 so as to reach before the schedule date and time .Tender papers received after due date and time shall not taken into consideration .The tender papers shall be opened in the office Chamber at.3.00 PM on date.14.10.2022 in the presence of the tenderers or their authorized representatives.

The highest tendered whose tender shall be accepted shall have to deposit 25% of his/her offered amount at the spot on the day of opening of tender thereafter only the auction sale will be confirmed the balance amount will have to be deposit within 7 days from the date of confirmation there after he/she shall receive the vehicle from the premises of the District Fisheries Office, Dhenkanal within next 7 days from the date of deposit of the full amount .In case he/she fails to deposit the full amount within the stipulated time, 25% of auction amount so deposited shall be forfeited with earnest money .In other cases the earnest money will be refunded to unsuccessful tendered after completion of tender process.

In case, the successful tender fails to take the vehicle from the premises of the District Fisheries Office, Dhenkanal within the stipulated period ground rent @1% of the tendered amount to be charged for each day or Part thereof. If the Ground rent so charged, exceeds the auction amount deposited the tender shall cease to have any right over the vehicle and the amount deposited by tender shall be adjusted towards ground rent.

The authority reserves the right to reject any or all tenders without assigning any reason thereof.

**Sd./- District Fisheries Officer, Dhenkanal**
OIPR-06053/11/0001/2223

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା
### ଅଧିସୂଚନା

ସଂଖ୍ୟା: 10082/ଭୂ-ଅର୍ଜନ II-33/2022 ତାରିଖ: 01.10.2022

No. XVIII-09: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ୍ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ରାଜପୁର, ଥାନା: ବୋଡ଼େନ, ତହସିଲ: ବୋଡ଼େନ, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୪୧୦ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା।
୬. ଜମିର ବିବରଣୀ

### ଜମିର ବିଶଦ ବିବରଣୀ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ନୂଆପଡ଼ା

### ଜମିର ବିବରଣୀ

ମୌଜା: ରାଜପୁର

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୧ | ୧୭୭ | ୧.୧୦୦ | ୦.୩୨୦ | ବାହାଲ | କିରତନ ରାଉତ, ପି.: ଭକର ରାଉତ, ଜା: ଗଉଡ଼ | |
| ୨ | ୮୦ | ୩୫ | ୦.୧୮୦ | ୦.୦୫୦ | ଆଟ | ଶୋଭା ରାଉତ, ପି.: ଗଦାଧର ରାଉତ, ଜା: ଗଉଡ଼ | |
| ୩ | ୭୫ | ୮ | ୦.୧୦୦ | ୦.୦୪୦ | ଆଟ | ଶତ୍ରୁଘନ ଧରୁଆ, ପି.: ମଧୁ ଧରୁଆ, ଜା: ଗଣ୍ଡ | |
| | | ମୋଟ | ୧.୩୮୦ | ୦.୪୧୦ | | | |

Sd./- Special L.A.O., BEW, Nuapada
Sd./- Superintending Engineer Khariar (R&B) Division
OIPR-24325/14/0032/2223

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା
### ଅଧିସୂଚନା

ସଂଖ୍ୟା: 9973/ଭୂ-ଅର୍ଜନ II-39/2022 ତାରିଖ: 01.10.2022

No. XVIII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ୍ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କର୍ଲାକୋଟ, ଥାନା: ବୋଡ଼େନ, ତହସିଲ: ବୋଡ଼େନ, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୬୪୫ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା।
୬. ଜମିର ବିବରଣୀ

### ଜମିର ବିଶଦ ବିବରଣୀ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳି ପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ନୂଆପଡ଼ା

### ଜମିର ବିବରଣୀ

ମୌଜା: କର୍ଲାକୋଟ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୫୩ | ୨୪୯ | ୦.୦୮ | ୦.୦୫୮ | ଆଟ | ଦୁର୍ଜନ ମାଝୀ, ପି.: ଲୋଚନ ମାଝୀ, ଜା: ଗଣ୍ଡ | |
| ୨ | ୨୬୩ | ୧୧୫୩ | ୦.୦୫ | ୦.୦୫ | ଆଟ | ଭାଗୀରଥି ବେହେରା, ପି.: ନନ୍ଦ ବେହେରା, ଜା: ଶୁଣ୍ଢୀ | |
| | | ୧୧୫୩/୨୭୬୩ | ୦.୧୨ | ୦.୧୨ | ଆଟ | | |
| ୩ | ୧୯୮ | ୧୪୨୭ | ୨.୨୫୦ | ୦.୨୯୭ | ଆଟ | ପଦୁ ସିଂହ ମାଝୀ, ପି.: ଦେବ ସିଂହ ମାଝୀ, ଜା: ଗଣ୍ଡ | |
| | | ୧୪୨୩ | ୦.୪୦୦ | ୦.୧୨୦ | ଆଟ | | |
| | | ମୋଟ | ୨.୯୦୦ | ୦.୬୪୫ | | | |

Sd./- Special L.A.O., BEW, Nuapada
Sd./- Superintending Engineer Khariar (R&B) Division
OIPR-24325/14/0011/2223

## ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା
### ଅଧିସୂଚନା

ସଂଖ୍ୟା: 9921/ଭୂ-ଅର୍ଜନ II-35/2022 ତାରିଖ: 01.10.2022

No. XVIII-24: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ 'ବିଜୁ ଏକ୍ସପ୍ରେସ୍ ୱେ' ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ଝିରିନିଖୋଲ, ଥାନା: ବୋଡ଼େନ, ତହସିଲ: ବୋଡ଼େନ, ଜିଲ୍ଲା: ନୂଆପଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୬୭୦ଡି. ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ନୂଆପଡ଼ା ଜିଲ୍ଲାରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ନୂଆପଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୭୩୩୩/ତାରିଖ ୧୯।୦୮।୨୦୨୨ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା।
୬. ଜମିର ବିବରଣୀ

### ଜମିର ବିଶଦ ବିବରଣୀ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ୍, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ନୂଆପଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ନୂଆପଡ଼ା

### ଜମିର ବିବରଣୀ

ମୌଜା: ଝିରିନିଖୋଲ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୬ | ୩୨ | ୦.୧୭୦ | ୦.୧୭୦ | ମାଳ | କୁନ୍ଦରୁ ଡମ୍ବ, ପି.: ଦଶମୁଖ ଡମ୍ବ, ଜା: ଡମ୍ବ | |
| ୨ | ୯୪ | ୨୪୬ | ୦.୭୫୦ | ୦.୩୨୦ | ଆଟ | ରୂପସିଙ୍ଗ ମାଝୀ, ପି.: ଗାନ୍ଧୀ ମାଝୀ, ଜା: ଗଣ୍ଡ | |
| ୩ | ୯ | ୧୮୧ | ୦.୫୧୦ | ୦.୧୮୦ | ଆଟ | ଅସନ୍ତି ଡମ୍ବ, ପି.: ନାଥ ଡମ୍ବ, ଜା: ଡମ୍ବ | |
| | | ମୋଟ | ୧.୪୩୦ | ୦.୬୭୦ | | | |

Sd./- Special L.A.O., BEW, Nuapada
Sd./- Superintending Engineer Khariar (R&B) Division
OIPR-24325/14/0017/2223

# କୋଇଲା ପରମିଟ୍‌ରେ ମାଟି ଚାଲାଣ

ସମ୍ବଲପୁର,୧୩।୧୦(ବ୍ୟୁରୋ)

■ ଆର୍ଯ୍ୟାନ ଇସ୍ପାତ ସାଇଡିଂରେ ନିୟମିତ ଆପରାଧିକ ଘଟଣା
■ ନେତା, ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ

ସମ୍ବଲପୁର ଜିଲା ତଳାବିରା କୋଇଲା ଖଣିରେ କୋଇଲା ପରିବହନ ଓ ଚୋରା ଚାଲାଣକୁ ନେଇ ନିୟମିତ ଆପରାଧିକ କାର୍ଯ୍ୟ ଘଟୁଛି। ଏପରିସ୍ଥଳେ ବୁଧବାର ରାତିରେ ଆଦାନୀ କମ୍ପାନୀର ଜଣେ ଡାଟା ଅପରେଟର ରାଜ କିଶୋର ସାହୁଙ୍କୁ ମାରପିଟ ଓ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଆର୍ଯ୍ୟାନ ଇସ୍ପାତ କମ୍ପାନୀ ଏବେ ଆଦାନୀ କମ୍ପାନୀର କୋଇଲା ସାଇଡିଂରେ କୋଇଲା ବଦଳରେ ମାଟି ଖାଲି କରିବାକୁ ନେଇ ଏହି ଘଟଣା ଘଟିଛି। ଅଭିଯୋଗ ଆଧାରରେ ଠେଲକୋଲୋଇ ଥାନା ପୋଲିସ ଏକ ମାମଲା (ନଂ.୨୫୨/୨୨) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଲପଙ୍ଗା ଗ୍ରାମର ଆୟୁଷ ବେହେରା ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ନିୟମିତ ଭାବେ ଆର୍ଯ୍ୟାନ ଇସ୍ପାତ ସାଇଡିଂ ଓ ଓଜନ ସ୍ଥାନରେ ଗଣ୍ଡଗୋଳ ଘଟୁଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ


ଆର୍ଯ୍ୟାନ ଇସ୍ପାତ ସାଇଡିଂରେ କୋଇଲା ବଦଳରେ ମାଟି ପକାଯାଇଛି ।

ପହଞ୍ଚିଥିଲା। ହେଲେ କୋଇଲା ମାଫିଆଙ୍କ ସହ ଆଲୋଚନା ପରେ ଫେରିଆସିଥିଲା। ପରେ ଦୁର୍ବୃତ୍ତମାନେ କମ୍ପାନୀ ଭିତରକୁ ବଳପୂର୍ବକ ପ୍ରବେଶ କରି କୋଇଲା ସାଇଡିଂରେ ମାଟି ବୋଝେଇ ହୋଇଥିବା କୋଇଲା ଖାଲିକରି ଫେରାର ହୋଇଯାଇଥିଲେ।

କିଛିଦିନ ପୂର୍ବରୁ ଜଣେ କର୍ମଚାରୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିଲା। ସେହିପରି ପ୍ରାୟ ୩ମାସ ପୂର୍ବରୁ ଏକ କୋଇଲା ବୋଝେଇ ଟ୍ରକ୍‌ରେ ଜଣେ ଓଜନ କରିବା ସୁପରଭାଇଜରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ମଧ୍ୟ ପୋଲିସ ଦୁର୍ଘଟଣାର ରୂପ ଦେଇ ମାମଲା ଚାପି ଦେଇଥିଲା। ବାରମ୍ବାର ଆର୍ଯ୍ୟାନ ଇସ୍ପାତ ସାଇଡିଂରେ ଏଭଳି ଘଟଣା ଘଟୁଛି। ଏହାକୁ ନେଇ କୋଇଲା ମାଫିଆଙ୍କ ସମ୍ପୃକ୍ତି ଥିବା ସନ୍ଦେହ ହେଉଛି । ପୂର୍ବଘଟଣା ଓ ଗତକାଲି ରାତିର ଘଟଣାକୁ ଦେଖିଲେ ସାମଞ୍ଜସ୍ୟ ରହିଛି। ଏହି ଘଟଣାରେ ରାଜନୈତିକ ବ୍ୟକ୍ତିବିଶେଷ, ନେତା, ମନ୍ତ୍ରୀଙ୍କ ପରୋକ୍ଷ ସମ୍ପୃକ୍ତି ରହୁଛି ବୋଲି ଅଭିଯୋଗ ହେଉଛି। କୋଇଲା ପରିବହନକୁ ନେଇ ପୂର୍ବରୁ ଗାଡ଼ି ପୋଡ଼ିବା, ହତ୍ୟା ଧମକ, ଫାଙ୍କା ଗୁଳିଚାଳନା କରିବା ଭଳି ଘଟଣାର ଥାନାରେ ମାମଲା ରହିଛି। ଅନ୍ୟପଟେ ଆଦାନୀ କମ୍ପାନୀ, ଟ୍ରାନ୍ସପୋର୍ଟର ମିଳିମିଶି କୋଇଲା ଲୁଟ କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପରିବହନ ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ କୋଇଲା ଚୋରା ଚାଲାଣ ବୃଦ୍ଧି ହେବାରେ ଲାଗିଛି। ଗତ ମାସରେ ଶାସନ ଥାନା ପୋଲିସ ଏକ କୋଇଲା ବୋଝେଇ ଟ୍ରକ୍ ଜବତ କରିଥିଲା। ଘଟଣାସ୍ଥଳରେ କୋଇଲା ମାଫିଆ, ରାଜନେତା ପହଞ୍ଚି ମାମଲାକୁ ରଫାଦଫା କରିଥିଲେ। ପୋଲିସକୁ ନକଲି କାଗଜପତ୍ର ଦାଖଲ କରି ଫେରାର ହେବାରେ ସକ୍ଷମ ହୋଇଥିଲେ। ପୋଲିସ ମଧ୍ୟ ଏହି ଘଟଣାକୁ ହାଲକା ଭାବେ ନେଇ ଚୁପ ବସିଯାଇଥିଲା। ଏ ସମ୍ପର୍କରେ ଠେଲକୋଲୋଇ ଥାନାଧିକାରୀ ବି. ମିଶ୍ର କହିଛନ୍ତି, ଆଦାନୀ କମ୍ପାନୀର ଡାଟା ଅପରେଟର ରାଜକିଶୋର ସାହୁଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି। ଆୟୁଷ ବେହେରା ଓ ତାଙ୍କ ଦୁଇ ସମର୍ଥକଙ୍କ ନାମରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଟ୍ରକ୍ ଜବତ ସହ ଡ୍ରାଇଭରଙ୍କୁ ଗିରଫ କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇପାରିବ। ଅନ୍ୟପଟେ କୋଇଲା ବଦଳରେ ମାଟି ପକାଇବା ଘଟଣାରେ ଟ୍ରାନ୍ସପୋର୍ଟର ଓ କମ୍ପାନୀ ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବା ସେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ଠିକା କର୍ମଚାରୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୧୩।୧୦:** ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପ ପରିସରରେ ଗୁରୁବାର ଏକ ହାଇୱା ଧକ୍କାରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା କେଶେଇବାହାଲ ଗ୍ରାମର ରବୀନ୍ଦ୍ର ନାଥ ନାୟକ (୪୫)। ସେ ପାୱାରଟେକ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ଏ ନେଇ ବଡମାଲ ଥାନା ପୋଲିସ ଏକ ମାମଲା (ନଂ.୨୨୩/୨୨) ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଓଡି୧୫ଟି-୯୭୯୯ନଂ ହାଇୱାକୁ ଜବତ କରିବା ସହ ଚାଳକ ରାମ ଯାଦବଙ୍କୁ ପୋଲିସ ଗିରଫ କରିଛି। ଏହାକୁ ନେଇ ଠିକା କର୍ମଚାରୀମାନେ ପ୍ରକଳ୍ପ ଫାଟକ ସମ୍ମୁଖରେ ପହଞ୍ଚି କ୍ଷତିପୂରଣ ଦାବି କରିଛନ୍ତି। କର୍ମଚାରୀଙ୍କ ମୃତ୍ୟୁକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। କମ୍ପାନୀ ନିୟମ ଅନୁଯାୟୀ ସମ୍ପୃକ୍ତ ଠିକାସଂସ୍ଥା ତରଫରୁ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ପ୍ରକଳ୍ପର ଆଇପିପି ସାଇଡରେ ରବୀନ୍ଦ୍ର କାନରେ ଇଅର ଫୋନ ଦେଇ କଥା ହେଉଥିବା ବେଳେ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ହୋଇଥିଲା।

### ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପକ୍ଷରୁ ସଫେଇ ଅଭିଯାନ

**ସମ୍ବଲପୁର,୧୩।୧୦(ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶହେ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଧାପିକା, ଅଧାପକ ଓ କର୍ମଚାରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ. ସୀକତା ପଣ୍ଡାଙ୍କ ପରିଚାଳନା ଓ ଡ. ବିଶ୍ୱମୋହନ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱଜିତ ମହାନ୍ତି, ଡ. ରଘୁମଣି ନାୟକ, ଡ. ଶ୍ୟାମ ଭୋଇ, ସୁରେଶ ଏକ୍କା, ସନ୍ତୋଷ ବେହେରା, ପ୍ରଫେସର ଦୁର୍ଲ୍ଲଭ ସା, ଏନ୍‌ଏସ୍‌ଏସ୍ ପିଓ ମିଲି ସାହୁ ସାମିଲ ହୋଇଥିଲେ।

### ଆନ୍ତଃ ବ୍ଲକ ଫୁଟ୍‌ବଲ ଟୁର୍ନାମେଣ୍ଟ

**ସମ୍ବଲପୁର,୧୩।୧୦(ବ୍ୟୁରୋ):** ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସମ୍ବଲପୁର ଜିଲାସ୍ତରୀୟ ଆନ୍ତଃ ବ୍ଲକ ୧୭ବର୍ଷରୁ କମ ଫିଫା ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ତିନୋଟି ମ୍ୟାଚ ହୋଇଥିଲା। ବାଳିକା ବର୍ଗରେ ଜମନକିରା, ବାଳକ ବର୍ଗରେ ଜମନକିରା ଓ ବାମରା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଜିଲା କ୍ରୀଡ଼ା ସଂଘ ଉପସଭାପତି ତଥା ଓଡ଼ିଶା ଅଲମ୍ପିକ ସଂଘର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ଖେଳାଳିମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ମ୍ୟାଚକୁ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ନାଥ, ଶ୍ରୀକାନ୍ତ ପଟେଲ, ଉଦିତ ପ୍ରତାପ ଦେଓ, କିଶୋର ପଣ୍ଡା, କୈଳାସ ନାୟକ ପରିଚାଳନା କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଜମନକିରା,୧୩।୧୦(ଡି.ଏନ.ଏ.):** ଜମନକିରା ବ୍ଲକ ପୁରୁଣା ଥାନା ପଡିଆରେ ବିଜେଡିର ୨୫ବର୍ଷର ସଫଳତା ନେଇ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ସରକାରଙ୍କ ସଫଳତା ବଖାଣିଥିଲେ। ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ସମ୍ବଲପୁର ଜିଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ବ୍ଲକ ସଭାନେତ୍ରୀ ସ୍ନିଗ୍ଧା ପଟେଲ, ପଞ୍ଚାୟତ ସମିତି ଅଧକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜୋନ ୨ ତନୟା ଧାରୁଆ, ଉପାଧକ୍ଷ ରୋହିତ ଭୋଇ ପ୍ରମୁଖ ମଞ୍ଚସୀନ ଥିଲେ। ସଭାକୁ ଜିଲା ଯୁବ ବିଜେଡ଼ି ଉପସଭାପତି ମିଳନ ଖୁଣ୍ଟିଆ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ମହିଳାଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ପୂର୍ବତନ ଜିଲାପରିଷଦ ସଭାପତି ଶିଭାରମ ପ୍ରଧାନ, ନବୀନ ପଟେଲ, ଚୂଡ଼ାମଣି ପଟେଲ, ଆଦିପ୍ରସଦ ମହକୁଲ, ସୁଦର୍ଶନ ଖୁଣ୍ଟିଆ, ରାଜୀବ ନାୟକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

## ୧୫ରେ ସକାଳ ୮ଟାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

ସମ୍ବଲପୁର,୧୩।୧୦(ବ୍ୟୁରୋ)

ଓପିଟିସିଏଲ୍‌ର ୧୩୨/୩୩ କେଭି ଗଣେଶନଗର ଗ୍ରୀଡ୍ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଚଳିତମାସ ୧୫ତାରିଖରେ କରାଯିବ। ସମ୍ବଲପୁର ବିଦ୍ୟୁତ୍ ଡିଭିଜନ ଓ ସମ୍ବଲପୁର ପୂର୍ବ ବିଦ୍ୟୁତ୍ ଡିଭିଜନ ଅଧୀନ ଅଇଁଠାପାଲି, ବରେଇପାଲି, ରେମେଡ ଛକ, ଯୋଗିପାଲି, କ୍ଷେତରାଜପୁର, ଧନୁପାଲି, ମାନେଶ୍ୱର, ସିନ୍ଦୁରପଙ୍କ, କମିଶନର କଲୋନୀ, ସିଟି ଷ୍ଟେଶନ ପ୍ରଭୃତି ଅଞ୍ଚଳ ପ୍ରଭାବିତ ହେବ। ଏହି ଦିନ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଗ୍ରାହକମାନେ ସହଯୋଗ କରିବାକୁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ବୁଧବାର ଏକ ପ୍ରେସ ବିବୃତ୍ତିରେ ସୂଚିତ କରିଛନ୍ତି।

## ଚାଷୀଙ୍କୁ କ୍ଷତିପୂରଣ ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର

ରେଢ଼ାଖୋଲ,୧୩।୧୦(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡରେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ବର୍ଷତମାମ ଲାଗିରହିଛି। ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଚାଷୀଙ୍କ ଫସଲ ନଷ୍ଟ କରୁଛନ୍ତି। ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଏହି ମର୍ମରେ ଭାଜପା ପକ୍ଷରୁ ଗୁରୁବାର ଡିଏଫ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ବନ୍ୟଜନ୍ତୁଙ୍କ ଦ୍ୱାରା ବ୍ୟାପକ ଫସଲ ହାନି ହେବା ସହ ବହୁ ଧନଜୀବନ ନଷ୍ଟ ହେଉଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା ଅର୍ଥ କ୍ଷତି ତୁଳନାରେ ବହୁତ କମ୍! ଫଳରେ ଚାଷୀ ଚାଷ ପାଇଁ କରୁଥିବା ଋଣ ଶୁଝିପାରୁନାହିଁ। ଏଥିଯୋଗୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାଜପାର ଗୋବିନ୍ଦ ଅଗ୍ରୱାଲ, ଡିଲେଶ୍ୱର ସାହୁ, ଜୟରାମ ପୋଢ, ଲବ ଷଣ୍ଡ, ବିକ୍ରମ ସିଂ, ରାଜକିଶୋର ପ୍ରଧାନ, ହରିହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ୍‌ରେ ବିକାଶ ରାଜ୍ୟରେ ପ୍ରଥମ

ସମ୍ବଲପୁର,୧୩।୧୦(ବ୍ୟୁରୋ)

ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଂ ୨୦୨୨-୨୩ରେ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ବେଷ୍ଟ ଟେକ୍ନୋଲୋଜି ଇଣ୍ଟିଗ୍ରେସନ୍ ବର୍ଗରେ ରାଜ୍ୟରେ ପ୍ରଥମ ଓ ଦେଶରେ ଷଷ୍ଠ ସ୍ଥାନ ଅଧିକାର କରିଛି। ସେହିପରି କୋ-ଏଡୁକେଶନାଲ ଡେ-କମ-ବୋର୍ଡିଂରେ ମଧ୍ୟ ରାଜ୍ୟରେ ପଞ୍ଚମ ଓ ସମ୍ବଲପୁରରେ ୧ନମ୍ବର ସ୍କୁଲ ହୋଇଛି। ଗତ ୧୨ ତାରିଖ ଏଡୁକେସନ୍ ୱାର୍ଲ୍ଡ୍ ପକ୍ଷରୁ ଦିଲ୍ଲୀର ଲିଲା ଏମ୍ବିୟନ୍ସ ଗୁରୁଗ୍ରାମଠାରେ ଆୟୋଜିତ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଂ ୨୦୨୨-୨୩ ଉତ୍ସବ ହୋଇଥିଲା। ଏହି ଉତ୍ସବରେ ବିକାଶ ସ୍କୁଲକୁ ପୁରସ୍କୃତ କରାଯାଇଛି। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର


:ବିକାଶ ଦ କନସେପ୍ଟ ସ୍କୁଲ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି ।

ରାଓ ଓ ଭି. ଶ୍ରୀନିବାସ, ଏକାଡେମିକ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ପ୍ରଶାସନିକ ନିର୍ଦ୍ଦେଶକ ଡି. ବିବେକ, ନିର୍ଦ୍ଦେଶକ ସମରେନ୍ଦ୍ର ନାଥ ପଣ୍ଡା, ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ସଞ୍ଜିବ କୁମାର ବାବୁ, ବିକାଶ ସମ୍ବଲପୁର ଏକାଡେମିକ ଅଧିକାରିଣୀ ପୁଷ୍ପିତା ପଣ୍ଡା ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

# ହୀରାଖଣ୍ଡ ସାମ୍ମୁଖ୍ୟର ବିରୋଧ

ସମ୍ବଲପୁର,୧୩।୧୦(ବ୍ୟୁରୋ)

**ନୃସିଂହନାଥ-ହରିଶଙ୍କର ରୋପୱେ ସ୍ଥାନାନ୍ତରଣ ପ୍ରସଙ୍ଗ**

ରାଜ୍ୟ ସରକାର ହରିଶଙ୍କର ଓ ନୃସିଂହନାଥ ପର୍ଯ୍ୟଟନ ସ୍ଥଳକୁ ଯୋଡ଼ିବା ପାଇଁ ରୋପୱେର ପରିକଳ୍ପନା କରିଥିଲେ। ହେଲେ ଏବେ ଏହି ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ହୀରାଖଣ୍ଡ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ବିରୋଧ କରିଛି। ଆଗକୁ ଏ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସାକ୍ଷାତ କରି ନୃସିଂହନାଥ ଓ ହରିଶଙ୍କର ମଧ୍ୟରେ ରୋପୱେ ତିଆରି କରାଯିବାକୁ ଦାବି କରାଯିବ। ଏହା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ହୀରାକୁଦ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଚେତାବନୀ ଦେଇଛି। ବୁଧବାର ରାତିରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ବୈଠକରେ ଡ. ପରେଶ ଚନ୍ଦ୍ର ଦାନି, ପ୍ରଫୁଲ୍ଲ କୁମାର ହୋତା, ସରୋଜ କୁମାର ଦାଶ, ପ୍ରଶାନ୍ତ ପାଟ୍ଟଯୋଶୀ, ଦୀପକ କୁମାର ପଣ୍ଡା, ବୋଧରାମ ଦାଶ, ଅଖିଳ ରଞ୍ଜନ ପଟ୍ଟନାୟକ, ରାମାନୁଜ ପଣ୍ଡା, କମଳଲୋଚନ ପଣ୍ଡା, ସୁରେଖା ସାହୁ ଆଲୋଚନାରେ ଭାଗ ନେଇଥିଲେ।

# ଯାତ୍ରୀ ପ୍ରତୀକ୍ଷାଳୟ ଶୋଚନୀୟ


ଜରାଜୀର୍ଣ୍ଣ ହୋଇପଡିଥିବା ପ୍ରତୀକ୍ଷାଳୟ।

ଜମନକିରା,୧୩।୧୦(ଡି.ଏନ.ଏ.)

ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତର ବି. ଆର. କଲେଜ ନିକଟ ଯାତ୍ରୀ ପ୍ରତୀକ୍ଷାଳୟ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। କଲେଜଠାରୁ ଭୋଜପୁର ବସ୍‌ଷ୍ଟାଣ୍ଡକୁ ୭ଶହ ମିଟର ଦୂରତା ହୋଇଥିବା ବେଳେ ୫୦ ମିଟର ଦୂରରେ ଥିବା ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଲୁହା ଛଡ଼ ବାହାରି ପଡ଼ିଥିବାବେଳେ ଚାରିପଟ ଲଟାବୁଦା ଆଚ୍ଛାଦିତ ହୋଇରହିଛି। ଏଠାରେ ମୁଖ୍ୟତଃ କଲେଜ ଛାତ୍ରୀଛାତ୍ର ବସ୍‌କୁ ଅପେକ୍ଷା କରିଥାନ୍ତି। ହେଲେ ବର୍ତ୍ତମାନ ଅବସ୍ଥାକୁ ଦେଖି ସେମାନେ ଏହି ସ୍ଥାନକୁ ନିରାପଦ ମଣୁନାହାନ୍ତି। ବାଧ ହୋଇ ଛାତ୍ରୀଛାତ୍ର ବସ୍‌ଷ୍ଟାଣ୍ଡ ଯାଇ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

## ମାଗଣାରେ ଦିଆଯିବ ମାର୍ଶଲ ଆର୍ଟ ପ୍ରଶିକ୍ଷଣ

**ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନର ବୈଠକ**

ସମ୍ବଲପୁର,୧୩।୧୦(ବ୍ୟୁରୋ)

ଭାରତୀୟ ସୈନ୍ୟ ଓ ଓଡ଼ିଶା ପୋଲିସ ବିଭାଗରେ ଚାକିରି କରିବା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଦିଆଯିବ। ବିନାଖଣ୍ଡି ଜୁଡୋ ହଲଠାରେ ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମ୍ପାଦକ ସୁବାସ କୁମାର ବେହେରାଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଆସୋସିଏଶନର କର୍ମକର୍ତ୍ତା, ସଭ୍ୟାସଭ୍ୟ, ପ୍ରଶିକ୍ଷକ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# କୋଇଲା ଅପମିଶ୍ରଣ ଅଭିଯୋଗ:୨ ଗିରଫ


ଗିରଫ ୨ ଅଭିଯୁକ୍ତ।

କୁଚିଣ୍ଡା, ୧୩।୧୦(ଡି.ଏନ.ଏ.)

ବାମରା ବେଲାପଡାସ୍ଥିତ ଜୟ ଜଗନ୍ନାଥ ପ୍ଲାଣ୍ଟକୁ ଛତିଶଗଡ ଅଞ୍ଚଳରୁ ଆସୁଥିବା କୋଇଲା ଅପମିଶ୍ରଣ କରାଯାଉଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରି ଟ୍ରକ ମାଲିକଙ୍କ ସହ ୪ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଗୁରୁବାର ପୋଲିସ ୨ଜଣ ଡ୍ରାଇଭରଙ୍କୁ ଗିରଫ କରି କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡଖଣ୍ଡ ପ୍ରଦେଶର ଜାଫରୁଦ୍ଦିନ ହଜାମ(୩୫)ଓ ଉତ୍ତରପ୍ରଦେଶର ମମତାଜ ଅନସାରି(୨୬) ।
ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲା ବାମରା ବ୍ଲକ ବେଲାପଡ଼ାରି ଥିବା ଜେଜେଏସ୍‌ପିଏଲ୍ ପ୍ଲାଣ୍ଟକୁ ଛତିଶଗଡ଼ ରାଜ୍ୟ ଆମ୍ବିକାପୁର ଅଞ୍ଚଳରୁ ଉଚ୍ଚ ଗୁଣବତ୍ତା ଥିବା କୋଇଲା ଆସିଥାଏ। ଉକ୍ତ କୋଇଲା ପରିବହନ ପାଇଁ ଛତିଶଗଡ଼ର ଏକ ଟ୍ରାନ୍ସପୋର୍ଟକୁ ନିୟୋଜିତ କରାଯାଇଛି। ମାତ୍ର କୋଇଲା ପରିବହନ ବେଳେ ଟ୍ରକ ମାଲିକ ରାଏଗଡ଼ଠାରେ ସେହି କୋଇଲାରେ ଅପମିଶ୍ରଣ କରାଯାଉଥିବା ପ୍ଲାଣ୍ଟ ପକ୍ଷରୁ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କୋଇଲା ଟ୍ରକଗୁଡିକୁ ଜବତ କରି ନମୁନା ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଇଛି।

## ବ୍ରହ୍ମପୁରା ଠାକୁରଙ୍କ ଚନ୍ଦନ ଲାଗି ବେଶ



ଠାକୁରଙ୍କ ଚନ୍ଦନ ଲାଗି ବେଶ ।

ସମ୍ବଲପୁର,୧୩।୧୦(ବ୍ୟୁରୋ)

ପବିତ୍ର କାର୍ତ୍ତିକ ମାସରେ ସମ୍ବଲପୁର ଝାଡୁଆପଡ଼ା ବ୍ରହ୍ମପୁରା ଠାକୁର ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରଥମଥର ଠାକୁରଙ୍କ ବିଭିନ୍ନ ବେଶ କାର୍ତ୍ତିକ ମାସରେ ହେଉଛି। ଚତୁର୍ଥ ଦିବସ ଗୁରୁବାର ଠାକୁର ଚନ୍ଦନ ଲାଗି ବେଶରେ ଦର୍ଶନ ଦେଇଛନ୍ତି। ପ୍ରଥମ ଦିବସରେ ଅବକାଶ ବେଶ, ଦ୍ୱିତୀୟରେ ଅଡ଼କିଆ ଓ ତୃତୀୟରେ ବଡ଼ ସିଂହାର ବେଶ ହୋଇଥିଲେ। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଠାକୁରଙ୍କ ବେଶ କରିଥିଲେ। ସେବାୟତମାନେ ସହଯୋଗ କରିଥିଲେ।

# ୨ ଜିଲାକୁ ଯୋଡ଼ିଲା ଲହରଙ୍ଗା ସେତୁ

ସମ୍ବଲପୁର,୧୩।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବାମରା ବ୍ଲକ୍‌ର ଲହରଙ୍ଗା ନଦୀରେ ନିର୍ମିତ ସେତୁ ବୁଧବାର ଉଦ୍‌ଘାଟିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ଗମନାଗମନ କ୍ଷେତ୍ରରେ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲା ଯୋଡିହୋଇଛି।

ବାମରା ବ୍ଲକର ପିଣ୍ଡାପଥର ନିକଟରେ ଲହରଙ୍ଗା ନଦୀ ପ୍ରବାହିତ। ନଦୀ ଉପରେ ସେତୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ମୁଖ୍ୟମନ୍ତ୍ରୀ ନୂତନ ସେତୁ ପ୍ରକଳ୍ପ ମଞ୍ଜୁର କରିବା ପରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଏହାର ଶିଳାନ୍ୟାସ କରିଥିଲେ। ପ୍ରାୟ ୫କୋଟି ୪୭ଲକ୍ଷ ୫୧ ହଜାର ଟଙ୍କାରେ ନିର୍ମିତ ସେତୁର ଦୈର୍ଘ୍ୟ ୯୧.୮ ମିଟର ଓ ପ୍ରସ୍ଥ ୭.୫ମିଟର ରହିଛି। ଏହି ସେତୁ ହେବା ଫଳରେ ଆଖପାଖ ଗୋବିନ୍ଦପୁର, ବାଉଁଶଲଗା, କୁଟାରୀମାଲ, ପିଣ୍ଡାପଥର, ଗରପୋଷ, କାଳିଆପଡା, ଫିରିଙ୍ଗିବାହାଲ, ଲାଲବୀରା, ସାଗର, କିନାବଗା, ରବଗା, ଉଟକପାଟ, ରଙ୍ଗିଆଟିକିରା ସମେତ ସୁନ୍ଦରଗଡ଼ ଜିଲାର ବଡ଼ଗାଁ, କୁତ୍ରା, ପାମାର ପଞ୍ଚାୟତବାସୀ ଉପକୃତ ହେବେ। ଉଦ୍‌ଘାଟନ ପାଇଁ ଆସିଥିବା ମନ୍ତ୍ରୀ ଘଡେଇଙ୍କୁ ପିଣ୍ଡାପଥର ଗାଁ ଛକରୁ ପ୍ରାୟ ୨କି.ମି. ଦୂରରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ସେତୁ ସ୍ଥଳକୁ ନିଆଯାଇଥିଲା। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଘଡେଇ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ବାମରା ବ୍ଲକ ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ବାମରା ବ୍ଲକ ଜୋନ ୧ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ଉପସଭାପତି ପ୍ରଦୀପ କୁମାର ମିଶ୍ର, ପୂର୍ବତନ ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ବ୍ଲକ ସଭାପତି ରାମଲାଲ ଓଝା, ପିଣ୍ଡାପଥର ପଞ୍ଚାୟତ ସରପଞ୍ଚ ବିରଞ୍ଚି ମାଝି ପ୍ରମୁଖ ଯୋଗଦେଇଥିଲେ।


ସେତୁ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଓ ଅନ୍ୟମାନେ ।

# ଟି୨୦ ବିଶ୍ୱକପ୍


ନିର୍ମଳ କୁମାର ମିଶ୍ର



**ଆଇସିସି ଟି୨୦ ବିଶ୍ୱକପ୍‌ର ୮ମ ସଂସ୍କରଣ ଅଷ୍ଟ୍ରେଲିଆରେ ଚଳିତ ମାସ ୧୬ ତାରିଖରେ ଆରମ୍ଭ ହେବାକୁ ଯାଉଛି । ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତ ଏହି ମେଗା ଟୁର୍ନାମେଣ୍ଟରେ ଖେଳିବ । ଇତିମଧ୍ୟରେ ୯ ବର୍ଷ ବିତିଯାଇଛି, ତଥାପି ଟିମ୍ ଇଣ୍ଡିଆ ଆଇସିସି ଟ୍ରଫି ହାସଲ କରିପାରିନାହିଁ। ଭାରତ ଏହି ଶୂନ୍ୟତାକୁ ପୂରଣ କରିପାରିବ ବୋଲି କ୍ରିକେଟ୍‌ପ୍ରେମୀ ଆଶା ରଖିଛନ୍ତି...**

ଆଇସିସି ଟି୨୦ ବିଶ୍ୱକପ୍ ପୂର୍ବରୁ ଟିମ୍ ଇଣ୍ଡିଆ ଏହି ଫର୍ମାଟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିରିଜ୍‌ରେ ଘରୋଇ ପରିବେଶରେ ଖେଳିଛି। ଏଥିରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଏବଂ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ସ୍ୱାଭାବିକ ଭାବେ ଦଳର ମନୋବଳ ବଢ଼ିଛି। ମାତ୍ର ଏହି ସିରିଜ୍‌ରେ ଟିମ୍ ଇଣ୍ଡିଆର ଅନେକ ତ୍ରୁଟି ଓ ଦୁର୍ବଳତା ମଧ୍ୟ ପଦାରେ ପଡ଼ିଛି। ବ୍ୟାଟରମାନେ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ବୋଲରଙ୍କ ବିଫଳତା ଚିନ୍ତାର କାରଣ ହୋଇଛି। ଦୀପକ ଚହର ଏବଂ ସ୍ପିନର ଅକ୍ଷର ପଟେଲ ଭଲ କରିଥିବା ବେଳେ ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ୟୁଜ୍‌ବେନ୍ଦ୍ର ଚହଲଙ୍କ ଡେଥ୍ ଓଭର ବୋଲିଂ ପ୍ରଭାବଶୂନ୍ୟ ରହିଛି। ଯଶ୍‌ପ୍ରୀତ ବୁମ୍‌ରାଙ୍କ ଆଘାତଜନିତ ସମସ୍ୟା ଟିମ୍ ଇଣ୍ଡିଆର ବିଶ୍ୱକପ୍ ପାଇଁ ଅଙ୍କକଷାକୁ ଗୋଳମାଳିଆ କରିଛି। ପେସ୍ ବୋଲର ଟି. ନଟରାଜନ, ଉମ୍ରାନ୍ ମଲ୍ଲିକ, ବ୍ୟାଟର ସର୍ଫରାଜ ଖାଁ ଟିମ୍‌ରେ ସ୍ଥାନ ନ ପାଇବା ସମାଲୋଚନାର ଖୋରାକ ଯୋଗାଇଛି। ଘରୋଇ ପରିବେଶ ଏବଂ ଅଷ୍ଟ୍ରେଲିଆ ପରିବେଶ ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆର ପିଚ୍, ଜଳବାୟୁ, ସୁଇଂ କଣ୍ଡିଶନ ସହ ପରିଚିତ ଅଭିଜ୍ଞ ଖେଳାଳିଙ୍କୁ ମନୋନୟନ କରିଛି ଚୟନ କମିଟି। ଟି୨୦ ପାଇଁ ବ୍ୟାଟିଂ ଲାଇନ୍ ଅପ ଭଲ ରହିଛି ବୋଲି କୁହାଯାଇପାରିବ।

୨୦୧୩ରେ ଭାରତ ତା'ର ଶେଷ ଆଇସିସି ଟ୍ରଫି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଜିତିଥିଲା। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଚାମ୍ପିୟନ ହୋଇଥିଲା। ଇତିମଧ୍ୟରେ ବିଭିନ୍ନ ଫର୍ମାଟରେ ବହୁ ଆଇସିସି ପ୍ରତିଯୋଗିତା ଖେଳିବା ସହିତ ଟ୍ରଫି ଜିତିବାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଏହି ଦୀର୍ଘ ୯ ବର୍ଷ ମଧ୍ୟରେ ଏକାଧିକ ଅଧିନାୟକ ପରିବର୍ତ୍ତନ ହୋଇଛନ୍ତି। ଆଇସିସିର ବିଭିନ୍ନ ଫର୍ମାଟରେ ୧ନଂ. ଏବଂ ୨ନଂ. ର୍‍ୟାଙ୍କିଙ୍ଗ୍‌ରେ ରହି ମଧ୍ୟ ବିଫଳ ହେବା ନିଶ୍ଚିତରୂପେ ଚିନ୍ତାର ବିଷୟ।

ମେଗା ପ୍ରତିଯୋଗିତାର ୮ମ ସଂସ୍କରଣ ଏଥର ଅଷ୍ଟ୍ରେଲିଆରେ ହେବ। ୧୬ ଅକ୍ଟୋବରରୁ ଆରମ୍ଭ ହୋଇ ୧୩ ନଭେମ୍ବରରେ ଶେଷ ହେବ। ଏଥିରେ ୧୬ଟି ଦେଶ ଭାଗ ନେଉଥିବା ବେଳେ ମୋଟ ୪୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହାର ୭ମ ସଂସ୍କରଣ ୟୁଏଇ ଏବଂ ଓମାନ୍‌ଠାରେ ଖେଳାଯାଇଥିଲା। ପ୍ରଥମଥର ପାଇଁ ଟି୨୦ର ସ୍ପେଶାଲିଷ୍ଟ ଦଳ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ହୋଇଥିଲା। ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ପ୍ରତି ୨ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ମେଗା ପ୍ରତିଯୋଗିତା ୨୦୦୭ରୁ ଆରମ୍ଭ ହୋଇଥିଲା। ୨୦୧୨ ଏବଂ ୨୦୧୬ରେ ଚାମ୍ପିୟନ ହୋଇ ୱେଷ୍ଟଇଣ୍ଡିଜ ସର୍ବାଧିକ ଥର ଟାଇଟଲ ଜିତିବାରେ ଆଗରେ ରହିଛି। ୨୦୦୭ର ପ୍ରଥମ ସଂସ୍କରଣ ଦକ୍ଷିଣ ଆଫ୍ରିକାଠାରେ ଆରମ୍ଭ ହୋଇଥିବା ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ୨୦୦୯ରେ ପାକିସ୍ତାନ ଟାଇଟଲ ହାସଲ କରିଥିବାବେଳେ ୨୦୧୦ରେ ଇଂଲଣ୍ଡ ବିଜେତା ହୋଇଥିଲା। ୨୦୧୨ରେ ପ୍ରଥମଥର ପାଇଁ ଏସିଆ ମହାଦେଶରେ ଆଇସିସି ଟି୨୦ ବିଶ୍ୱକପ୍ ଖେଳାଯାଇଥିଲା। ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ୱେଷ୍ଟଇଣ୍ଡିଜ ଟ୍ରଫି ଜିତିଥିଲା। ୨୦୧୪ରେ ବାଂଲାଦେଶରେ ଅନୁଷ୍ଠିତ ଫାଇନାଲରେ ଏସିଆ ମହାଦେଶର ଦୁଇ ଶକ୍ତିଶାଳୀ ଦଳ ଶ୍ରୀଲଙ୍କା ଓ ଭାରତ ପରସ୍ପରକୁ ଭେଟିଥିଲେ। ଶ୍ରୀଲଙ୍କା ଚାମ୍ପିୟନ ଏବଂ ଭାରତ ରନର୍ସଅପ୍ ହୋଇଥିଲା। ୨୦୧୬ରେ ଫାଇନାଲ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିଲା। ଏକ ରୋମାଞ୍ଚକର ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହେବା ସହ ସର୍ବାଧିକ ୨ଥର ଏହି ଟ୍ରଫି ହାତେଇବାକୁ ସକ୍ଷମ ହୋଇଥିଲା। ୨୦୨୧ରେ ୟୁଏଇ ଏବଂ ଓମାନ୍‌ଠାରେ ଖେଳାଯାଇଥିବା ୭ମ ସଂସ୍କରଣରେ ବାଜି ମାରିଥିଲା ଅଷ୍ଟ୍ରେଲିଆ। ସର୍ବାଧିକ ୩ଥର ଶ୍ରୀଲଙ୍କା ଦଳ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଦୁର୍ଭାଗ୍ୟର କଥା, ଟି୨୦ର ସ୍ପେଶାଲିଷ୍ଟ ଦଳ ରୂପେ ପରିଗଣିତ ହେଉଥିଲେ ହେଁ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ଚାମ୍ପିୟନ ହୋଇପାରି ନାହାନ୍ତି।

ଚଳିତ ସଂସ୍କରଣ ପାଇଁ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସୁପର ୧୨ରେ ସ୍ଥାନ ପାଇସାରିଥିବା ବେଳେ ନାମ୍ବିଆ, ସ୍କଟ୍‌ଲାଣ୍ଡ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଗ୍ରୁପ୍ ଷ୍ଟେଜ୍‌ରେ ରହିଛନ୍ତି। ଗ୍ଲୋବାଲ କ୍ୱାଲିଫାୟର୍ସ ରୂପେ ୟୁଏଇ, ନେଦରଲାଣ୍ଡ, ଆୟର୍ଲାଣ୍ଡ ଏବଂ ଜିମ୍ବାୱେ ମ୍ୟାଚ୍ ଖେଳିବେ। ଆଇସିସି ର୍‍ୟାଙ୍କିଂର ଶୀର୍ଷ ୧୦ଟି ଦଳ ଏବଂ ଟି୨୦ ୱାର୍ଲ୍ଡ କ୍ୱାଲିଫାୟର ୬ଟି ଦଳ ଏହି ପ୍ରତିଯୋଗିତା ପାଇଁ ଲଢେଇ କରିବେ। ଅଷ୍ଟ୍ରେଲିଆର ଆରୋନ୍ ଫିଞ୍ଚ, ପାକିସ୍ତାନର ବାବର ଆଜମ୍, ଇଂଲଣ୍ଡର ଜସ୍ ବଟଲର, ବାଂଲାଦେଶର ଶକିବ ଅଲ୍ ହାସନ, ଦକ୍ଷିଣ ଆଫ୍ରିକାର ଟେମ୍ବା ବଭୁମା, ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍, ଭାରତର ରୋହିତ ଶର୍ମା, ଶ୍ରୀଲଙ୍କାର ଦଶୁନ ସନକା, ୱେଷ୍ଟଇଣ୍ଡିଜର ନିକୋଲସ ପୁରନ ଏବଂ ଆଫଗାନିସ୍ଥାନର ମହମ୍ମଦ ନବୀଙ୍କ ଉପରେ ନେତୃତ୍ୱର ଭାର ରହିଛି। ଅନ୍ୟପକ୍ଷରେ ଏମ୍. ଇରାସମସ୍ ନାମ୍ବିଆ, ସିପି ରିଗୁଆନ ୟୁଏଇ, ରିଚାର୍ଡ ବାରିଙ୍ଗଟନ ସ୍କଟ୍‌ଲାଣ୍ଡ, ଆଣ୍ଡ୍ରୁ ବାଲବିରନି ଆୟର୍ଲାଣ୍ଡ ଦଳର ମଙ୍ଗ ସମ୍ଭାଳିବେ।

ଟି୨୦ ବିଶ୍ୱକପ୍‌ର ଅଧିକାଂଶ ମ୍ୟାଚ୍‌ରେ ବ୍ୟାଟରମାନେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଆସୁଛନ୍ତି। ୨୦୧୨ ଏବଂ ୨୦୧୬ରେ ୱେଷ୍ଟଇଣ୍ଡିଜର ମାର୍ଲନ ସାମୁଏଲ୍ସ ୭୮ ଏବଂ ୮୫ ରନ୍ ଇନିଂସ ଖେଳି ୱେଷ୍ଟଇଣ୍ଡିଜକୁ ଚାମ୍ପିୟନ କରାଇଥିଲେ। ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ୨୦୧୪ ଏବଂ ୨୦୧୬ ସଂସ୍କରଣରେ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ହୋଇଥିବା ବେଳେ ତାଙ୍କର ସର୍ବାଧିକ ଆଭରେଜ୍ ୭୭ ରହିଛି। ଟି୨୦ ବିଶ୍ୱକପ୍‌ରେ ବିରାଟ ୧୦ଟି ଅର୍ଦ୍ଧଶତକ କରିଥିବା ବେଳେ ୨୦୧୪ରେ ସେ ସର୍ବାଧିକ ୩୧୪ ରନ୍ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ସମସ୍ତ ୭ଟି ଟି୨୦ ବିଶ୍ୱକପ୍ ଖେଳିଛନ୍ତି। ସେ ମୋଟ ୩୩ଟି ବିଶ୍ୱକପ୍ ମ୍ୟାଚ ଖେଳି ୮ ଅର୍ଦ୍ଧଶତକ ସହ ମୋଟ ୮୪୭ ରନ୍ କରିଛନ୍ତି। ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ୪୧ଟି ଉଇକେଟ ନେଇଛନ୍ତି ବିଶ୍ୱକପ୍‌ରେ। ଅଷ୍ଟ୍ରେଲିଆର ଭିନ୍ନ ପରିବେଶରେ ସେ ପୁନର୍ବାର ସଫଳତା ଦୋହରାଇବାର ଆଶା କରାଯାଏ। ଘରୋଇ ଟି୨୦ ସିରିଜ ଜିତି ଟିମ୍ ଇଣ୍ଡିଆର ମନୋବଳ ବୃଦ୍ଧି ପାଇଛି। ବିରାଟ କୋହଲି ଫର୍ମକୁ ଫେରିବା ଶୁଭ ସୂଚନା। ବ୍ୟାଟିଂ ସମସ୍ୟା ଆପାତତଃ ଦୂର ହୋଇଥିବାବେଳେ ପେସ୍ ବୋଲିଂରେ ଦୁର୍ବଳତା ପରିଲକ୍ଷିତ ହୋଇଛି। ଡେଥ୍ ଓଭରଗୁଡ଼ିକରେ ଆମର ପେସ୍ ବୋଲରମାନେ ବ୍ୟୟବହୁଳ ହେବା ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିପାରେ। ଭାରତ ଏହାର ଅଭିଯାନ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ କରିବ। ଅକ୍ଟୋବର ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ଆଉ ଏକ ସୁନ୍ଦର ଏବଂ ରୋମାଞ୍ଚକର ବିଶ୍ୱକପ୍ ଅପେକ୍ଷାରେ ରହିଛନ୍ତି କ୍ରିକେଟପ୍ରେମୀ।

## ଭାରତର କାର୍ଯ୍ୟସୂଚୀ

(ସୁପର-୧୨)
ଅକ୍ଟୋବର ୨୩: ବନାମ ପାକିସ୍ତାନ, ମେଲବୋର୍ନ
ଅକ୍ଟୋବର ୨୭: ବନାମ ଏ-୨, ସିଡ୍‌ନୀ
ଅକ୍ଟୋବର ୩୦: ବନାମ ଦକ୍ଷିଣ ଆଫ୍ରିକା, ପର୍ଥ
ନଭେମ୍ବର ୨: ବନାମ ବାଂଲାଦେଶ, ଆଡିଲେଡ
ନଭେମ୍ବର ୬: ବନାମ ବି-୧, ମେଲବୋର୍ନ
(ବି.ଦ୍ର.: ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଓ ଦକ୍ଷିଣ ଆଫ୍ରିକା ର୍‍ୟାଙ୍କିଙ୍ଗ୍ ଅନୁସାରେ ସୁପର-୧୨ରେ ପ୍ରବେଶ କରି ସାରିଛନ୍ତି। ଅବଶିଷ୍ଟ ୪ଟି ସ୍ଥାନ ପାଇଁ ଗ୍ରୁପ୍ 'ଏ'ରେ ନାମ୍ବିଆ, ନେଦରଲାଣ୍ଡ୍ସ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ ଏବଂ ଗ୍ରୁପ୍ 'ବି'ରେ ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ମଧ୍ୟରେ ମୁକାବିଲା ହେବ। ଏହି ଦୁଇ ଗ୍ରୁପ୍‌ରୁ ୨ଟି ଲେଖାଏ ଦଳ ସୁପର-୧୨ ପର୍ଯ୍ୟାୟ ଖେଳିବେ)।


ରୋହିତ ଶର୍ମା





# ଫୁଟ୍‌ବଲ ଲଭର୍ସ ଡେ'

**କ୍ରୀଡ଼ା ମନୋରଞ୍ଜନର ଏକ ମାଧ୍ୟମ । ତେବେ ଅନେକ ସମୟରେ ଦେଖାଯାଏ ଦର୍ଶକ କ୍ରୀଡ଼ାରେ ମାତ୍ରାଧିକ ଭାବପ୍ରବଣ ହୋଇଯାଆନ୍ତି । ଦଳ ବା ଖେଳାଳିଙ୍କ ପ୍ରତି ଥିବା ଏହି ଭାବପ୍ରବଣତା ବେଳେବେଳେ ହିଂସ୍ର ରୂପ ମଧ୍ୟ ଧାରଣ କରିଥାଏ। ଏହା ପଛରେ କିନ୍ତୁ କ୍ରୀଡ଼ା ପ୍ରତି ପ୍ରଶଂସକମାନଙ୍କର ଭଲ ପାଇବା ଲୁଚି ରହିଥାଏ ।**

କ୍ରୀଡ଼ା ମନୋରଞ୍ଜନର ଏକ ମାଧ୍ୟମ। ତେବେ ଅନେକ ସମୟରେ ଦେଖାଯାଏ ଦର୍ଶକ କ୍ରୀଡ଼ାରେ ମାତ୍ରାଧିକ ଭାବପ୍ରବଣ ହୋଇଯାଆନ୍ତି। ଦଳ ବା ଖେଳାଳିଙ୍କ ପ୍ରତି ଥିବା ଏହି ଭାବ ପ୍ରବଣତା ବେଳେବେଳେ ହିଂସ୍ର ରୂପ ଧାରଣ କରିଥାଏ। ତେବେ ଏହି ଭାବପ୍ରବଣତାକୁ କ୍ରୀଡ଼ା ପ୍ରତି ପ୍ରଶଂସକମାନଙ୍କର ଭଲ ପାଇବା କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଏମିତି ଏକ ମାତ୍ରାଧିକ ଭାବପ୍ରବଣତାକୁ ମନେରଖିବା ପାଇଁ ଭାରତୀୟ ଫୁଟ୍‌ବଲ ଇତିହାସରେ ପାଳିତ ହୁଏ 'ଫୁଟ୍‌ବଲ ଲଭର୍ସ ଡେ'। ୮୦ ଦଶକରେ କିଛି ଭାବପ୍ରବଣ ପ୍ରଶଂସକଙ୍କ କାରଣରୁ ଘଟିଥିବା ଅଘଟଣ ଭାରତୀୟ ଫୁଟ୍‌ବଲ ଇତିହାସରେ କଳା ଅକ୍ଷରରେ ଲିଖିତ। ଏହି ଦିନଟିକୁ ଫ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିବା ବେଳେ ଏହା ଫୁଟ୍‌ବଲ ଲଭର୍ସ ଡେ' ଭାବେ ପ୍ରସିଦ୍ଧ। ନିକଟରେ ଇଣ୍ଡୋନେସିଆରେ ଘଟିଥିବା ଏକ ମର୍ମନ୍ତୁଦ ଦୁର୍ଘଟଣା ସମସ୍ତଙ୍କ ହୃଦୟକୁ ବ୍ୟଥିତ କରିଛି। ତା' ସହିତ ୮୦ ଦଶକରେ ଭାରତରେ ଘଟିଥିବା ସମାନ ଘଟଣାର କରାଳ ସ୍ମୃତିକୁ ମଧ୍ୟ ତାଜା କରିଛି। ଫୁଟ୍‌ବଲ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ। ଫୁଟ୍‌ବଲ ଏକ କଣ୍ଟାକ୍ଟ ସ୍ପୋର୍ଟ ହୋଇଥିବାରୁ ଅନେକ ସମୟରେ ଖେଳାଳିଙ୍କ ମଧ୍ୟରେ ଝଗଡ଼ାର ନଜିର ରହିଛି। ତେବେ ଖେଳାଳି ଅଥବା ଟିମ୍‌ଗୁଡ଼ିକର ଲଢ଼େଇ ଯେତେବେଳେ ପଡ଼ିଆ ବାହାରକୁ ଯାଏ ତାହା ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରିଥାଏ। ବ୍ରାଜିଲ, କଲମ୍ବିଆ, ଆର୍ଜେଣ୍ଟିନା ଓ ଆମେରିକା ପରି ଫୁଟ୍‌ବଲପ୍ରିୟ ଦେଶରେ ଫ୍ୟାନ୍‌ମାନଙ୍କ ମଧ୍ୟରେ ଝଗଡ଼ା ଅତି ସାଧାରଣ କାହାଣୀ। ବେଳେବେଳେ ଏହି ବିବାଦ ଦଙ୍ଗାର ରୂପ ଧାରଣ କରି ବ୍ୟାପକ କ୍ଷତି ଘଟାଇଥାଏ। ଇଣ୍ଡୋନେସିଆରେ ଘଟିଥିବା ଘଟଣା ଏହାର ସଦ୍ୟତମ ଉଦାହରଣ। ଏହି ଦୁର୍ଘଟଣାରେ ୧୭୪ ଜଣଙ୍କ ପ୍ରାଣ ହାନି ଘଟିବା ସହ ଶତାଧିକ ଲୋକ ଆହତ ହୋଇଥିଲେ। ଭାରତ ଏକ ଶାନ୍ତିପ୍ରିୟ ଦେଶ ହୋଇଥିଲେ ହେଁ ଅଗଷ୍ଟ ୧୬, ୧୯୮୦ରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ଘଟିଥିଲା ଏମିତି ଘଟଣା, ଯାହା ଦେଶର ଫୁଟ୍‌ବଲ ଇତିହାସକୁ ନିନ୍ଦିତ କରିବା ପାଇଁ ଯଥେଷ୍ଟ। ଉକ୍ତ ମ୍ୟାଚ୍ ପରେ ଦଳାଚକଟା କାରଣରୁ ୧୬ ଜଣ ଫୁଟ୍‌ବଲ ଫ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିଲା।

କୋଲ୍‌କାତାକୁ ସିଟି ଅଫ୍ ଜୟ ବୋଲି କୁହାଯାଏ। ଭାରତର ଏହା ଏମିତି ଏକ ସହର, ଯେଉଁଠି ଫୁଟବଲ ବେଶ୍ ଲୋକପ୍ରିୟ। ଏଠାକାର ଫୁଟବଲ କ୍ଲବ୍‌ଗୁଡ଼ିକ ମଧ୍ୟରେ ରହିଥିବା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମନୋଭାବ କାହାକୁ ଅଛପା ନୁହେଁ। ଏହି ଧାରାରେ ୭୦-୮୦ ଦଶକରେ ସାମିଲ ହୋଇଥିଲେ ଦୁଇ କ୍ଲବ୍ ଇଷ୍ଟବେଙ୍ଗଲ ଓ ମୋହନବାଗାନ। ୭୦ ଦଶକରେ ଦୁଇ କ୍ଲବ୍ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷରେ ଥାଏ। ୧୯୭୦-୭୫ ମଧ୍ୟରେ ଇଷ୍ଟବେଙ୍ଗଲ ପ୍ରତିପକ୍ଷ ଦଳ ଅପେକ୍ଷା ଭଲ ପ୍ରଦର୍ଶନ କରି ପ୍ରାୟ ସମସ୍ତ ଟ୍ରଫି ହାସଲ କରିଚାଲିଥିଲା। ତେବେ ୧୯୭୮ରେ ପୁନଶ୍ଚ ଫର୍ମକୁ ଫେରିଥିଲା ମୋହନବାଗାନ। ଏହି ବର୍ଷରେ ଆଇଏଫ୍‌ଏ ସିଲ୍ଡ, ଡୁରାଣ୍ଡ କପ୍ ଓ ରୋଭର୍ସ କପ୍ ଜିତିବା ସହିତ ଟ୍ରିପଲ୍ କ୍ରାଉନ୍ ହାସଲ କରିଥିଲା। ଉକ୍ତ ମ୍ୟାଚ୍ ପୂର୍ବରୁ ଦୁଇ ଦଳ ମଧ୍ୟରେ ଫେଡେରେଶନ କପ୍‌ର ଫାଇନାଲ ଖେଳାଯାଇଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ୧-୧ରେ ଅମୀମାଂସିତ ରହିବା ସହ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ଫେଡେରେଶନ କପ୍ ପରେ ଏହି ମ୍ୟାଚ୍‌କୁ ନେଇ ଦର୍ଶକଙ୍କ ମଧ୍ୟରେ ଏତେ ଉତ୍କଣ୍ଠା ରହିଥିଲା କି ସେ ସମୟରେ ୬୬ ହଜାର କ୍ଷମତାବିଶିଷ୍ଟ ଇଡେନ୍ ଗାର୍ଡେନ୍ସରେ ମ୍ୟାଚ୍ ଦେଖିବାକୁ ରୁଣ୍ଡ ହୋଇଥିଲେ ୭୦ ହଜାର ଦର୍ଶକ। ଏହି ମ୍ୟାଚ୍‌ରେ କମ୍ପଟନ୍ ଦତ୍ତ ମୋହନବାଗାନ ଓ ସତ୍ୟଜିତ୍ ମିତ୍ର ଇଷ୍ଟବେଙ୍ଗଲର ନେତୃତ୍ୱ ନେଉଥିଲେ। ତେବେ ରେଫରିଙ୍କ ବିବାଦୀୟ ନିଷ୍ପତ୍ତି ଏହି ଅଘଟଣର ସବୁଠାରୁ ବଡ଼ କାରଣ ରହିଥିଲା। ଇଷ୍ଟବେଙ୍ଗଲର ଦିଲୀପ ପାଲିତ ମ୍ୟାଚ୍‌ର ୧୧ତମ ମିନିଟ୍‌ରେ ବିଦେଶ ରଞ୍ଜନ ବୋଷ୍‌ଙ୍କୁ ଫାଉଲ ମାରିଥିଲେ। ତେବେ ରେଫରି ଏହାକୁ ଅଣଦେଖା କରିଥିଲେ। ସମାନ ଢଙ୍ଗରେ ୫୭ତମ ମିନିଟ୍‌ରେ ପାଲିତ ପୁନର୍ବାର ସମାନ ଖେଳାଳିଙ୍କୁ ଫାଉଲ ମାରିଥିବା ବେଳେ ମିଳିଥିଲା ପ୍ରତ୍ୟୁତ୍ତର। ତେବେ ବିଦେଶ ରଞ୍ଜନଙ୍କ ପ୍ରତିରୋଧ କାରଣରୁ ରେଫରି ତାଙ୍କୁ ରେଡ୍‌କାର୍ଡ ଦେଇଥିଲେ। ପ୍ରଥମ କାର୍ଡ ମିଳିବାର ୩ ମିନିଟ୍ ପରେ ଭୁଲ୍ ସୁଧାରିବା ଲାଗି ରେଫରି ବିନା କାରଣରେ ପାଲିତ୍‌ଙ୍କୁ ରେଡ୍‌କାର୍ଡ ଦିଅନ୍ତି। ମ୍ୟାଚ୍ ଗୋଲଶୂନ୍ୟରେ ଶେଷହେବା ପରେ ଷ୍ଟାଡିୟମରେ ଦେଖାଦେଇଥିଲା ଉତ୍ତେଜନା। ଉଭୟ ଦଳର ଫ୍ୟାନ୍‌ଙ୍କ ଆକ୍ରୋଶ ଦଳାଚକଟାରେ ପରିବର୍ତ୍ତିତ ହୋଇ ୧୬ ଜଣ ଫୁଟବଲପ୍ରେମୀଙ୍କ ପ୍ରାଣହାନି ଘଟିଥିଲା। ପୂର୍ବରୁ ଏହି ଦୁଇ ଦଳର ମ୍ୟାଚ୍ ସମୟରେ ଉଭୟ ଦଳର ସମର୍ଥକମାନଙ୍କୁ ଅଲଗା ଅଲଗା ବସିବା ସ୍ଥାନ ମିଳିଥାଏ। ପ୍ରଥମଥର ପାଇଁ ଉଭୟ ଦଳର ସମର୍ଥକ ଏକାଠି ବସିଥିବା ବେଳେ ଷ୍ଟାଡିୟମ କ୍ଷମତାଠାରୁ ଅଧିକ ଲୋକଙ୍କ ଉପସ୍ଥିତି ଏହାକୁ ଆହୁରି ସଙ୍ଗିନ କରିଥିଲା। ପୋଲିସ ରିପୋର୍ଟ ଅନୁସାରେ, ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଦର୍ଶକ ଆହତ ହୋଇଥିଲେ। ଏହାପରେ ଉକ୍ତ ସିଜନର ସମସ୍ତ ମ୍ୟାଚ୍‌କୁ ବାତିଲ କରାଯିବା ସହିତ ଉଭୟ ଦଳ ଉପରେ ମୋଟା ଅଙ୍କର ଜରିମାନା ଲଗାଯାଇଥିଲା। ନିହତ ଫୁଟ୍‌ବଲପ୍ରେମୀଙ୍କ ଉଦ୍ଦେଶ୍ୟରେ ଭାରତୀୟ ଫୁଟ୍‌ବଲ ସଂଘ(ଆଇଏଫ୍‌ଏ) ପକ୍ଷରୁ ଏହି ଦିନକୁ 'ଫୁଟ୍‌ବଲପ୍ରେମୀ ଦିବସ ବା ଫୁଟ୍‌ବଲ ଲଭର୍ସ ଡେ' ଭାବେ ଘୋଷଣା କରାଯାଇଥିଲା।

-ସରୋଜ ଜେନା

## ବ୍ୟାକ୍‌ଫୁଟ୍

ଅଣ୍ଡର ସେଭେଣ୍ଟିନ ଲେଡି ଫିଫା ୱାର୍ଲ୍ଡ କପ୍
ସରିଅଛି ଉଦ୍‌ଘାଟନ
ଆମେରିକା ଗୋଲ୍ ବର୍ଷାରେ ଘାଇଲା
କ୍ୟାପ୍‌ଟେନ ଓରାଅନ
ଗୋଲ କରି ଆଠ ଶୂନ
ବ୍ୟାକ୍‌ଫୁଟକୁ ଠେଲି ଟିମ୍‌କୁ କରିଛି
ଆମେରିକା ଅଭିଯାନ।

ମରକ୍କୋ, ନାଇଜେରିଆ ସହିତ ବ୍ରାଜିଲ
ଆମେରିକା ପୁଣି ଚିଲି
ହେଭିୱେଟ୍ ଟିମ୍ ଖେଳିବେ ଏଠାରେ
ସେଡ୍ୟୁଲ ଫିକ୍ସ ମିଳି
କିଏ ଜିତି ହେବ ନାଲି
ମୋ କଳିଙ୍ଗ ଷ୍ଟାଡିୟମ ସାକ୍ଷୀ ହେବ
ସମୟ କହିବ କାଲି।

ବ୍ରାଜିଲ-ମରକ୍କୋ ମ୍ୟାଚ ପ୍ରଥମାର୍ଦ୍ଧେ
ମନ ମୋହିଥିଲା ଇଭା
ଏ ଅଫିସିଆଲ ମାସ୍କଟ ଏସୀୟ
ସିଂହୀଭାବେ ହେଲା ଉଭା
ଡୋଣ୍ଟ ଓରି ଟିମ୍ ଯିବା
ଥରେ ହାରି ମନଊଣା କରେ ଲୋକ
ବ୍ୟାକ୍‌ଫୁଟକୁ ଯାଏ ଦେବା।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୪/୨୦୨୨ Sambalpur, Friday, October 14/ 2022

# ଭାରତ-ଶ୍ରୀଲଙ୍କା ଫାଇନାଲ

**ସିଲହଟ୍, ୧୩।୧୦(ପି.ଟି.)**

ମହିଳା ଟି୨୦ ଏସିଆ କପ୍ ଫାଇନାଲ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଭାରତ ଥାଇଲାଣ୍ଡକୁ ୭୪ ରନରେ ଏବଂ ଶ୍ରୀଲଙ୍କା ପାକିସ୍ତାନକୁ ୧ ରନରେ ପରାସ୍ତ କରିଛି। ଏହା ସହିତ ଭାରତ କ୍ରମାଗତ ଅଷ୍ଟମ ଥର ପାଇଁ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଭାରତ ୫୦ଓଭର ଫର୍ମାଟରେ ଓ ଟି୨୦ ଫର୍ମାଟରେ ୪ଥର ଲେଖାଏ ଫାଇନାଲରେ ପ୍ରବେଶ କରିଛି। ଥାଇଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟରେ ୧୪୮ ରନ୍ କରିଥିଲା। ଜବାବରେ ଥାଇଲାଣ୍ଡ ୯ ଉଇକେଟ ହରାଇ ୭୪ ରନରେ ସୀମିତ ରହିଥିଲା। ଥାଇଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଶେଫାଳି ବର୍ମା ୨୮ ବଲରୁ ୪୨ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୧ ଛକା ସାମିଲ ଥିଲା।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଶେଫାଳୀ ବର୍ମା।

ଅନ୍ୟମାନଙ୍କ ମଧ୍ୟରେ ହରମନପ୍ରୀତ କୌର ୩୬, ଜେମିମା ରୋଡ୍ରିଗ୍ସେଜ ୨୭, ପୂଜା ବସ୍ତ୍ରକାର୧୭ ରନ୍ କରିଥିଲେ। ହରମନପ୍ରୀତ ଓ ଜେମିମାଙ୍କ ମଧ୍ୟରେ ୪୨ ରନର ଭାଗୀଦାରି ହୋଇଥିଲା। ଥାଇଲାଣ୍ଡ ପକ୍ଷରୁ ସୋରନାରିନ୍ ଟିପୋଚ୍ ୨୪ ରନରେ ୩ ଉଇକେଟ ନେଇଥିଲେ। ସେମିଫାଇନାଲ ମ୍ୟାଚରେ ଥାଇଲାଣ୍ଡ ଦଳ ଭାରତୀୟ ବୋଲରଙ୍କୁ ୨୦ ଓଭର ଖେଳିଥିଲେ ହେଁ ଏହା ଅନ୍ତିମ ଲିଗ୍ ମ୍ୟାଚର ଆକ୍ସନ ରିପ୍ଲେ ଥିଲା। ଅନ୍ତିମ ଲିଗ୍ ମ୍ୟାଚରେ ଥାଇଲାଣ୍ଡ ଭାରତ ଆଗରେ ମାତ୍ର ୧୫.୧ ଓଭରରେ ୩୭ ରନରେ ଅଲଆଉଟ ହୋଇଥିଲା। ଗୁରୁବାର ଦଳ ୨୦ ଓଭର ବ୍ୟାଟିଂ କରିବା ସହିତ ୭୪ ରନ୍ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୭ ରନରେ ୩ ଉଇକେଟ ନେଇଥିଲେ।

**ମହିଳା ଟି୨୦ ଏସିଆ କପ୍**

୨୧ ରନରେ ଥାଇଲାଣ୍ଡ ୪ ଉଇକେଟ ହରାଇଥିବା ବେଳେ ୫ମ ଉଇକେଟରେ ନାରୁଏମୋଲ ଚାଇୱାଇ(୨୧) ଓ ନାଟ୍ଟାୟା ବୁଚାଥାମ(୨୧) ଙ୍କ ୪୨ ରନର ପାର୍ଟନରଶିପ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ଥାଇଲାଣ୍ଡର ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ରାଜେଶ୍ୱରୀ ଗାଏକ୍ୱାଡ ୨, ରେଣୁକା ସିଂ, ସ୍ନେହ ରାଣା ଓ ଶେଫାଳି ବର୍ମା ଗୋଟିଏ ଉଇକେଟ ନେଇଥିଲେ। ଶେଫାଳି ବର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ସେମିଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ପାକିସ୍ତାନକୁ ଶ୍ରୀଲଙ୍କା ୧ ରନରେ ପରାସ୍ତ କରି ଫାଇନାଲ ବର୍ଥ ସୁରକ୍ଷିତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ଉଇକେଟରେ ୧୨୨ ରନ କରିଥିଲା। ଦଳ ପକ୍ଷରୁ ହର୍ଷିତା ମାଧବୀ ସର୍ବାଧିକ ୩୫ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ନଶ୍ରା ସାନ୍ଧୁ ୩ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ଅଧିନାୟିକା ବିସମା ମାରୁଫଙ୍କ ୪୨ ରନ୍ ସତ୍ତ୍ୱେ ଦଳ ୧ ରନ୍ ପଛରେ ରହିଥିଲା। ପ୍ଲେୟର ଅଫ୍ ଦ ମ୍ୟାଚ ଇନୋକା ରଣୱିରା ୧୭ ରନରେ ୨ ଉଇକେଟ ନେଇଥିଲେ। ଅନ୍ତିମ ଓଭରରେ ୯ ରନ୍ ଆବଶ୍ୟକ ଥିବା ବେଳେ ଅଚିନି କୂଲସୁରିୟା ଶ୍ରୀଲଙ୍କାକୁ ବିଜୟୀ କରିଥିଲେ। ଶନିବାର ଉଭୟ ଦଳ ଫାଇନାଲ ଲଢେଇରେ ଅବତୀର୍ଣ୍ଣ ହେବେ।

## ଇଣ୍ଡିଆନ୍ ସୁପର୍ ଲିଗ୍: ହାଇଦ୍ରାବାଦର ବିପୁଳ ବିଜୟ

**ନୂଆଦିଲ୍ଲୀ, ୧୩।୧୦(ପି.ଟି.):** ଇଣ୍ଡିଆନ୍ ସୁପର ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ବିଜୟ ହାସଲ କରିଛି ହାଇଦ୍ରାବାଦ ଏଫ୍‌ସି। ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ସହିତ ପଏଣ୍ଟ ବାଣ୍ଟିବା ପରେ ୩-୦ରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫସିକୁ ପରାସ୍ତ କରିଛି। ଆସାମର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଆରମ୍ଭରୁ ହାଇଦ୍ରାବାଦ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା।

ହାଇଦ୍ରାବାଦ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିବା ବେଳେ ମ୍ୟାଚର ୧୩ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ ବାର୍ଥୋଲୋମିଉ ଓଗବେଚେ। ହାଲିଚରନ ନାର୍ଜାରେ(୬୯ତମ) ଓ ବୋର୍ଜା ହେରେରା(୭୩ ତମ ମିନିଟରେ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିଜୟ ସହିତ ହାଇଦ୍ରାବାଦ୨ ମ୍ୟାଚରୁ ୪ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ ପଏଣ୍ଟ ଟେବଲର ସର୍ବନିମ୍ନ ସ୍ଥାନରେ ରହିଛି। ଶୁକ୍ରବାର ଜୱାହାରଲାଲ ଇନଡୋର ଷ୍ଟାଡିୟମରେ ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାୟିନ୍ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ।







## ୪୨ବର୍ଷ ପରେ ନାଗାଲାଣ୍ଡ ଚାମ୍ପିୟନ

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.):** ଦୀର୍ଘ ୪୨ ବର୍ଷ ପରେ ନାଗାଲାଣ୍ଡ ୧୭ ବର୍ଷରୁ କମ୍ ବାଳକ ସୁବ୍ରତ କପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଦିମାପୁରର ପିଲଗ୍ରିମ୍ ହାଇସ୍କୁଲ ୧-୦ ଗୋଲ୍‌ରେ ଗଭର୍ନମେଣ୍ଟ ମଡେଲ ହାଇସ୍କୁଲକୁ ହରାଇ ଚାମ୍ପିୟନ ହୋଇଛି। ଆମ୍ବେଡକର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଅତିରିକ୍ତ ସମୟରେ ସେତଙ୍ଗଚିମ୍ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ବିଜୟୀ ଦଳ ମୁଖ୍ୟଅତିଥି ତଥା ଏୟାର ଚିଫ୍ ମାର୍ଶାଲ ଭି.ଆର. ଚୌଧାରୀଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲା। ଏହି ଅବସରରେ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜୟୀ ରେସ୍‌ଲର ରବି ଦହିୟା ମଧ୍ୟ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୩.୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଦିଆଯାଇଥିଲା।

# ମାର୍ଚ୍ଚରେ ମହିଳା ଆଇପିଏଲ୍

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.)**

- ଭାଗ ନେବେ ୫ ଦଳ
- ଖେଳାଯିବ ୨୦ ଲିଗ୍ ମ୍ୟାଚ୍
- ଦଳରେ ୫ ବିଦେଶୀ ଖେଳାଳି ରହିବେ

ବହୁ ପ୍ରତୀକ୍ଷିତ ମହିଳା ଇଣ୍ଡିଆନ ପ୍ରିମିୟର ଲିଗ୍ (ଡବ୍ଲ୍ୟୁଆଇପିଏଲ୍)ର ପ୍ରଥମ ସଂସ୍କରଣ ୨୦୨୩ ମାର୍ଚ୍ଚରେ ହେବ। ଏହା ୫ଟି ଦଳକୁ ନେଇ ହେବ। ପୁରୁଷ ଆଇପିଏଲ୍ ପୂର୍ବରୁ ଏହା ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ ଏହି ଚାମ୍ପିୟନଶିପ୍‌ରେ ମୋଟ ୨୦ଟି ଲିଗ୍ ମ୍ୟାଚ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପର ସହ ଦୁଇଥର ମୁକାବିଲା କରିବେ। ଟେବୁଲ ଟପ୍ପର ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଦଳକୁ ଏଲିମିନେଟର ଖେଳିବାକୁ ପଡ଼ିବ। ଚୂଡ଼ାନ୍ତ ଏକାଦଶରେ ସର୍ବାଧିକ ୫ ବିଦେଶୀ ଖେଳାଳିଙ୍କୁ ନିଆଯାଇ ପାରିବ। ପ୍ରତ୍ୟେକ ଦଳରେ ସର୍ବାଧିକ ୧୮ଖେଳାଳି ରହିବେ। କୌଣସି ଦଳ ୬ରୁ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇପାରିବେ ନାହିଁ। ଖବର ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଆଇସିସିର ପୂର୍ଣ୍ଣ ସଦସ୍ୟ ଥିବା ଦେଶର ୪ ଓ ଆଇସିସି ସହଯୋଗୀ ସଦସ୍ୟ ରାଷ୍ଟ୍ରର ଜଣେ ଲେଖାଏ ଖେଳାଳି ସ୍ଥାନ ପାଇପାରିବେ। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ମହିଳାଙ୍କ ବିଗ୍‌ବାଶ୍ ଲିଗ୍ ଏବଂ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଦଳର ସଦସ୍ୟ ସଂଖ୍ୟା ୧୫ରେ ରଖାଯାଇଥିବା ୩ଜଣ ବିଦେଶୀ ଖେଳାଳିଙ୍କୁ ଅନୁମତି ରହିଛି। ସୀମିତ ସଂଖ୍ୟାରେ ଦଳ ରହିଥିବାରୁ ପୁରୁଷ ଆଇପିଏଲ ଭଳି 'ହୋମ୍ ଆୱେ' ଫର୍ମାଟ ସହଜ ହେବ ନାହିଁ। କାରଣ ଅଂଶଗ୍ରହଣକାରୀ ଦଳ ସଂଖ୍ୟା କମ୍ ରହିଥିବାରୁ ପ୍ରତିଦିନ ଏକ ମ୍ୟାଚ ଖେଳାଯିବା ସମ୍ଭବପର ହେବ ନାହିଁ। ଏହି ଇଭେଣ୍ଟ ଫେବୃୟାରୀରେ ଦକ୍ଷିଣ ଆଫ୍ରିକାରେ ମହିଳା ଟି୨୦ ବିଶ୍ୱକପ୍ ପରେ ହେବ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟ କାରାଭାନ ଷ୍ଟାଇଲରେ ଖେଳାଯାଇପାରେ ଅର୍ଥାତ୍ ଗୋଟିଏ ଭେନ୍ୟୁ ପ୍ରଥମ ୧୦ଟି ମ୍ୟାଚ ଏବଂ ଅନ୍ୟ ଭେନ୍ୟୁରେ ଆଉ ୧୦ଟି ମ୍ୟାଚ ଖେଳାଯାଇପାରେ। ଟିମ୍ ବିକ୍ରି ଜୋନ୍ ଅନୁସାରେ କରାଯାଇପାରେ। ପ୍ରତ୍ୟେକ ଜୋନ୍ ପାଇଁ ବୋର୍ଡ ଦୁଇଟି ସହରକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିଛି। ସେଗୁଡ଼ିକ ହେଲା: ଧର୍ମଶାଳା/ଜମ୍ମୁ (ଉତ୍ତରାଞ୍ଚଳ), ପୁଣେ/ରାଜକୋଟ(ପଶ୍ଚିମାଞ୍ଚଳ),ଇନ୍ଦୋର/ନାଗପୁର/ରାୟପୁର(ପଶ୍ଚିମାଞ୍ଚଳ), ରାଞ୍ଚି/କଟକ (ପୂର୍ବାଞ୍ଚଳ), କୋଚି/ଭାଇଜାଗ୍ (ଦକ୍ଷିଣାଞ୍ଚଳ) ଓ ଗୁଆହାଟୀ (ଉତ୍ତର-ପୂର୍ବାଞ୍ଚଳ)। ଆବଶ୍ୟକ ସ୍ଥଳେ ଡବ୍ଲ୍ୟୁଆଇପିଏଲ୍‌ରେ ବିକଳ୍ପ ଦଳ ମଧ୍ୟ ବିକ୍ରି କରାଯାଇପାରେ। ବର୍ତ୍ତମାନ ଆଇପିଏଲ ଖେଳାଯାଉଥିବା ଭେନ୍ୟୁକୁ ବ୍ୟବହାର କରାଯାଇପାରେ। ଏହି ସହରଗୁଡ଼ିକ ମଧ୍ୟରେ ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, କୋଲକାତା ଓ ମୁମ୍ବାଇ ରହିଛି। ତେବେ ମହିଳା ଆଇପିଏଲ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଓ ବିସିସିଆଇ କର୍ମକର୍ତ୍ତାମାନେ ନେବେ।

# ପୂରା ଜୀବନ ପ୍ରଶାସକ ରହିବା ଅସମ୍ଭବ:ଗାଙ୍ଗୁଲି

**କୋଲକାତା, ୧୩।୧୦(ପି.ଟି.):** ବିସିସିଆଇ ସଭାପତିତ୍ୱକୁ ନେଇ ମୁହଁ ଖୋଲିଛନ୍ତି ପ୍ରିନ୍ସ ଅଫ୍ କୋଲକାତା ସୌରଭ ଗାଙ୍ଗୁଲି। ବିସିସିଆଇରୁ ଗାଙ୍ଗୁଲି ବାହାରିବା ନେଇ ବିଭିନ୍ନ ପ୍ରକାର କଳ୍ପନା ଜଳ୍ପନା ମଧ୍ୟରେ ପୂର୍ବତନ ଭାରତୀୟ ଅଧିନାୟକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମ୍ପୂର୍ଣ୍ଣ ଜୀବନ ଜଣେ ପ୍ରଶାସକ ଭାବେ କାମ କରିବା ଅସମ୍ଭବ। ପ୍ରତ୍ୟାଖ୍ୟାତ ହେବା ଜୀବନର ଏ ଅଂଶ ତେଣୁ ସେ ଅଧିକ ଚିନ୍ତିତ ନାହାନ୍ତି। ୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରୋଜର ବିନ୍ନି ଗାଙ୍ଗୁଲିଙ୍କ ସ୍ଥାନରେ ବିସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିବେ। ଏହା ସହିତ ବିସିସିଆଇର ବାର୍ଷିକ ସାଧାରଣ ବୈଠକରେ ମଧ୍ୟ ଅଧ୍ୟକ୍ଷତା କରିବେ। ଗାଙ୍ଗୁଲି କହିଛନ୍ତି ଜଣେ ସବୁଦିନ ପାଇଁ ଖେଳି ପାରିବନି। ସେହିପରି ସମାନ ଭାବରେ ଜଣେ ସର୍ବଦା ପ୍ରଶାସକ ମଧ୍ୟ ରହି ପାରିବ ନାହିଁ। ତେବେ ମୁଁ ଉଭୟ ଜିନିଷ କରିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଭବିଷ୍ୟତରେ ମୁଁ କିଛି ବୃହତ୍ତର ଲକ୍ଷ୍ୟ ରଖିଛି ବୋଲି ବନ୍ଧନ ବ୍ୟାଙ୍କର କାର୍ଯ୍ୟକ୍ରମ ଅବସରରେ ପ୍ରକାଶ କରିଥିଲେ ଗାଙ୍ଗୁଲି। ସେ ଆହୁରି ମଧ୍ୟ କହିଥିଲେ ମୁଁ ଜଣେ କ୍ରିକେଟ ପ୍ରଶାସକ, ମୋତେ କିଛି ନିଷ୍ପତ୍ତି ନେବାକୁ ପଡିଥାଏ। କ୍ରିକେଟ ସହିତ ପଇସା ଜଡିତ ଥିବା କାରଣରୁ ଚାପ ମଧ୍ୟ ରହିଥାଏ। ସେହିଭଳି ମହିଳା କ୍ରିକେଟ, ଘରୋଇ କ୍ରିକେଟରେ ଜଣେ ବ୍ୟକ୍ତି ଭାବରେ ସମସ୍ତ ନିଷ୍ପତ୍ତି ନେବାକୁ ପଡିଥାଏ। ରିପୋର୍ଟ ଅନୁସାରେ ଗାଙ୍ଗୁଲି ଦ୍ୱିତୀୟ ଥର ସଭାପତି ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଥିଲେ ହେଁ ଏହା ସମ୍ଭବ ହୋଇ ନଥିଲା। ଜୀବନ ମୋ ପାଇଁ ବିଶ୍ୱାସ ସହିତ ତୁଳନୀୟ। ସମସ୍ତଙ୍କୁ ପରୀକ୍ଷାର ସାମ୍ନା କରିବାକୁ ପଡିଥାଏ। ବେଳେବେଳେ ପୁରସ୍କାର ଓ ତିରସ୍କାରର ସାମ୍ନା କରିବାକୁ ପଡିଥାଏ। ତେବେ ନିଜ ଦକ୍ଷତା ଉପରେ ଭରସା ରଖି ଆଗକୁ ବଢିବା ଉଚିତ ବୋଲି ସେ କହିଥିଲେ। ତେବେ ଗାଙ୍ଗୁଲିଙ୍କ ନାମ ବାଦ ପଡିବା ପରେ ଟିଏମ୍‌ସି ଓ ବିଜେପି ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି ଜାରି ରହିଛି। ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଗାଙ୍ଗୁଲି ବିଜେପିରେ ଯୋଗ ନଦେବା କାରଣରୁ ଏଭଳି ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା ବୋଲି ଟିଏମସି ଅଭିଯୋଗ କରିଛି। ଟିଏମସି ସାଂସଦ ଶାନ୍ତନୁ ସେନ ଟ୍ୱିଟ କରିଥିଲେ ଅମିତ ଶାହଙ୍କ ପୁଅର କାର୍ଯ୍ୟକାଳ ବୃଦ୍ଧି ହେବ ମାତ୍ର ଗାଙ୍ଗୁଲିଙ୍କର ନୁହେଁ। ଦାଦା ଆମେ ତୁମ ସହିତ ଅଛୁ ବୋଲି ସେ ଟ୍ୱିଟ୍ କରିଥିଲେ।

ଜଗମୋହନ ଡାଲମିୟାଙ୍କ ନେତୃତ୍ୱରେ ଗାଙ୍ଗୁଲି କ୍ରିକେଟ ପ୍ରଶାସନରେ ସାମିଲ ହୁଅନ୍ତି। ୨୦୧୫ରେ ଡାଲମିୟାଙ୍କ ଦେହାନ୍ତ ପରେ ସେ କ୍ରିକେଟ ଆସୋସିଏସନ୍ ଅଫ୍ ବେଙ୍ଗଲର ସଭାପତି ଦାୟିତ୍ୱ ଗ୍ରହଣ କରନ୍ତି। ଜୀବନରେ ଛୋଟ ଛୋଟ ଲକ୍ଷ୍ୟ ହାସଲ ଦ୍ୱାରା ହିଁ ମଣିଷ ଶୀର୍ଷରେ ପହଞ୍ଚିଥାଏ। ଗୋଟିଏ ଦିନରେ କେହି ତେନ୍ଦୁଲକର, ଅମ୍ବାନୀ କି ମୋଦି ହୁଅନ୍ତି ନାହିଁ। ନିରନ୍ତର ପରିଶ୍ରମ ହିଁ ସଫଳତାର ମୂଳ ମନ୍ତ୍ର। ମୋତେ ମିଳିଥିବା ଦାୟିତ୍ୱକୁ ମୁଁ ସଠିକ ଢଙ୍ଗରେ ନିର୍ବାହ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଅକ୍ଟୋବର, ୨୦୨୨

## ଦୁର୍ଘଟଣାରେ ସରପଞ୍ଚ ଗୁରୁତର

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଡେନଡୁଙ୍ଗରୀ ଛକଠାରେ ସଡ଼କ ଦୁର୍ଘଟଣାରେ ଆଗଲପୁର ବ୍ଲକ ବଡଠୀକା ପଞ୍ଚାୟତ ସରପଞ୍ଚ ଉଦୟନାଥ ନାଏକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନା ଆନୁଯାୟୀ, ସରପଞ୍ଚ ନାଏକ ଓ ତାଙ୍କ ସହେଯାଗୀ ବାଇକରେ କୌଣସି କାମରେ ବଲାଙ୍ଗୀର ଯାଇଥିଲେ। ଛାଏଛାପର ଘରକୁ ଫେରୁଥିବାବେଳେ ଆଡେନଡୁଙ୍ଗରୀ ଛକରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ସେମାନେ ପଡିଯାଇଥିଲା।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପ୍ରତୀକ



@ ଅବିନାଶ



@ ରାଜୀବ



@ ଅରୁଣ



@ ବିଜୟ



@ ପ୍ରଶାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୧୩।୧୦**

ପୂର୍ତ୍ତ ବିଭାଗ ପ୍ରଧାନ ସଚିବ ବୀର ବିକ୍ରମ ଯାଦବ ଗୁରୁବାର ବଲାଙ୍ଗୀର ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ସଚିବ ଯାଦବ ପ୍ରଥମେ ଗନ୍ଧରେଲଠାରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ କୋଠା ପରିଦର୍ଶନରେ ଯାଇ ନିର୍ମାଣ କାମ ତଦାରଖ କରିଥିଲେ। ସେଠାରେ ଜିଲାପାଳ ଚଞ୍ଚଳ ରାଣା, ହସ୍ପିଟାଲ ଡିନ୍ ଡା ସବିତା ମହାପାତ୍ର, ଅନ୍ୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ଜୁନ୍ ୨୦୨୩ ସୁଦ୍ଧା ଏହି ହସ୍ପିଟାଲ ନିର୍ମାଣ କାମ ଶେଷ ହୋଇ ଲୋକାର୍ପିତ କିଭଳି ହେବ ସେଦିଗରେ ତଦାରଖ କରିଥିଲେ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟରେ ଏହି ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ବଲାଙ୍ଗୀର-ସମ୍ବଲପୁର-ଟିଟିଲାଗଡ ରାସ୍ତାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ବାଇପାସ୍ ରାସ୍ତା ତଦାରଖ କରିଥିଲେ। ବୋଟଲିଂ ପ୍ଲାଣ୍ଟ ନିକଟ ଚାନ୍ଦଲି ପାହାଡ ପାଦଦେଶକୁ ଯାଇ ସେଠାରେ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଟେଣ୍ଡର ଆହ୍ୱାନ କରି ରାସ୍ତା ନିର୍ମାଣ କାମ ଆରମ୍ଭ କରିବାକୁ କହିଥିଲେ। ଏହି ରାସ୍ତାରେ ଜଙ୍ଗଲ ଜମି ଅନୁମତି ଲୋଡା ପଡୁଥିବାରୁ ଏଦିଗରେ ବିଭାଗ କ'ଣ କରିଛି ପଚାରି ବୁଝିଥିଲେ। ଜଙ୍ଗଲ ଜମି ଅନୁମତି ପାଇଁ ବିଭାଗ ଆବେଦନ କରିଥିବା ଜଣାଇଥିଲେ। ଏନେଇ ମଧ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସଚିବ ଯାଦବ ଯନ୍ତ୍ରୀ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଚିବ ଯାଦବ ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥ ବାଇପାସ୍ ସାଇଡ ପରିଦର୍ଶନ କରିଥିଲେ। ଏହି କାମ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ସୂଚନା ଦେଇଥିଲେ। ଟେଣ୍ଡର ପ୍ରକ୍ରିୟା ସରିବା ପରେ ରାସ୍ତା ନିର୍ମାଣ କାମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ରାଣା ଏହି ଦୁଇ ବାଇପାସ ରାସ୍ତାର ଆବଶ୍ୟକତା ଏବଂ ମେଡିକାଲ କଲେଜ ହସ୍ପିଟାଲ କୋଠା ନିର୍ମାଣ କାର୍ଯ୍ୟ ଉପରେ ଅବଗତ କରିଥିଲେ। ଏହାପରେ ସଚିବ ଯାଦବ ନୂଆପଡା ଜିଲା ଅଭିମୁଖେ ଯାଇଥିଲେ। ସଚିବଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ଘଡେଇ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସଚିବ ଯାଦବ, ସର୍ବୋଚ୍ଚ ଯନ୍ତ୍ରୀ ମିଶ୍ରଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଜାଣିଶୁଣି ଗଣମାଧମଠାରୁ ଦୂରେଇ ରଖାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି।



ପୂର୍ତ୍ତ ବିଭାଗ ପ୍ରଧାନ ସଚିବ ବୀର ବିକ୍ରମ ଯାଦବ, ଜିଲାପାଳ ଚଞ୍ଚଳ ରାଣା, ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

- **ପୂର୍ତ୍ତ ବିଭାଗ ସଚିବଙ୍କ ବଲାଙ୍ଗୀର ଗସ୍ତ**
- **ମେଡିକାଲ କଲେଜ ହସ୍ପିଟାଲ କୋଠା, ବାଇପାସ୍ ରାସ୍ତା ପରିଦର୍ଶନ**
- **ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦିଆଗଲାନି**

## ହାଇୱା ଧକ୍କାରେ ବୃଦ୍ଧ ମୃତ

**ଲୋଇସିଂହା,୧୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା-ପନେସରା ରାସ୍ତାର ଚାରିଛକରେ ଗୁରୁବାର ଏକ ଚୂନ ବୋଝେଇ ହାଇୱା ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପନେସରା ଗ୍ରାମର ଆନ୍ଦ୍ରୀୟ ଛତ୍ରିଆ(୬୦)। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା(ଓଡି୧୫ ପି ୧୫୦୯)ହାଇୱାକୁ ଜବତ କରାଯାଇଛି। ହୀରାକୁଦ ଅଞ୍ଚଳରୁ ଉକ୍ତ ଚୂନ ବୋଝେଇ ହାଇୱା ଲୋଇସିଂହା ଥାନା ପନେସରା ଗ୍ରାମରେ ଥିବା ଏକ ଇଟାଫ୍ୟାକ୍ଟ୍ରିକୁ ଆସୁଥିଲା। ହେଲେ ଫ୍ୟାକ୍ଟ୍ରିଠାରୁ ମାତ୍ର ୧ କି.ମି. ଦୂର ପନେସରା ଚାରିଛକରେ ସାଇକେଲରେ ଯାଉଥିବା ଆନ୍ଦ୍ରୀୟ ଛତ୍ରିଆଙ୍କୁ ହାଇୱା ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ମୃତକଙ୍କ ପରିବାରକୁ ଉପଯୁକ୍ତ ସହାୟତା ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନିର୍ବାହୀ ଯନ୍ତ୍ରୀ କଲେ ସାଇଡ୍ ପରିଦର୍ଶନ

**ଯୋର ପଠାରେ ଗାର୍ଡୱାଲ ନିର୍ମାଣ ପ୍ରସଙ୍ଗ**

**ବଲାଙ୍ଗୀର ଅଫିସ, ୧୩।୧୦**

ବଲାଙ୍ଗୀର ସହର ସାଲେପାଲିଠାରେ ରିଂ-ରୋଡ ନିର୍ମାଣ କାର୍ଯ୍ୟରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅବହେଳା ଓ ଅନୁକମ୍ପାକୁ ନେଇ ଧରିତ୍ରୀରେ କ୍ରମାଗତ ଖବର ପରିବେଷଣ ପରେ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର ଘଡେଇ ଗୁରୁବାର ସାଲେପାଲି ଯୋର ସାଇଡକୁ ଯାଇ ପରିଦର୍ଶନ କରିଥିଲେ। ପରିଦର୍ଶନ କରିବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ସେ ତୁରନ୍ତ ଏହି ପ୍ରକଳ୍ପର ସବିଶେଷ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏଠାରେ ରିଂରୋଡ ନିର୍ମାଣ ପାଇଁ ସରକାର ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ବେଆଇନ ଭାବେ ସାଲେପାଲି ଯୋରପଠା ପୋତି ଗାର୍ଡ ନିର୍ମାଣ କରୁଥିବା ଏବଂ କିଛି ଲୋକଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରାୟ ୧୦୦ ଫୁଟ୍ ଓସାର ରିଂରୋଡ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ କିଛିଦିନ ତଳେ କବାଟପଡା-ସାଲେପାଲି ଯୋର ଭିତରେ ଗାର୍ଡୱାଲ ନିର୍ମାଣ କରିଥିବା ଅଭିଯୋଗ ହୋଇଛି।




## ଟ୍ରାନ୍ସଫର୍ମର ଚୋରି ଘଟଣାରେ ୨ କୋର୍ଟ ଚାଲାଣ

**ଖଡ଼ିଆଳ,୧୩।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଝୋଲାପଥର ଗ୍ରାମର ଏକ ଟ୍ରାସଫାର୍ମର ଚୋରି ଘଟଣାରେ ଖଡ଼ିଆଳ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝୋଲପଥର ଗ୍ରାମର ନିଳାମ୍ବର ଶବର ଓ ଖଡ଼ିଆଳ ସହରର ସୁମିତ ବଛା। ପୋଲିସ ସୂଚନା ମତେ ଗତ ୧୦ ତାରଖ ରାତିରେ ଉକ୍ତ ଗ୍ରାମର ବିଦ୍ୟୁତ୍ ଟ୍ରାସଫାର୍ମର ଦୁର୍ବୃତ୍ତ ଚୋରି କରିଥିଲେ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିରଜିତ ସାହୁ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ୨ଜଣ ନିଳାମ୍ବର ଓ ସୁମିତଙ୍କୁ ଗିରଫ କରିଥିଲା। ଏମାନଙ୍କ ପାଖରୁ ଟ୍ରାସଫାର୍ମର ଓ ଛୋଟ ଚାରିକିଆ ମାଲ ବୋଝେଇ ଗାଡି ଜବତ କରିଛି ବୋଲି ତଦନ୍ତକାରୀ ପୋଲିସ ଏସଆଇ ଦେବାର୍ଚ୍ଚନ ମାଝି ସୂଚନା ଦେଇଛନ୍ତି। ଏହାର ଆହୁରି ତଦନ୍ତ ଚାଲୁଛି ବୋଲି ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।




# ବେଦାନ୍ତ ହସ୍ପିଟାଲକୁ ଇଏସ୍ଆଇ ହସ୍ପିଟାଲ ମାନ୍ୟତା

**ଲାଞ୍ଜିଗଡ,୧୩।୧୦(ଡି.ଏନ.ଏ.)**

 କଳାହାଣ୍ଡି ଓ ରାୟଗଡା ଜିଲାର ଦୁର୍ଗମରୁ ଅତିଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଲାଞ୍ଜିଗଡସ୍ଥିତ ବେଦାନ୍ତ ହସ୍ପିଟାଲକୁ ଇଏସଆଇ ହସ୍ପିଟାଲର ମାନ୍ୟତା ମିଳିଛି। ଏଥିପାଇଁ ଗୁରୁବାର ବେଦାନ୍ତ ହସ୍ପିଟାଲ ପରିସରରେ ଆୟୋଜିତ ସମାରୋହରେ ଭୁବନେଶ୍ୱରସ୍ଥିତ ଇଏସଆଇ ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥସାରଥୀ ପଣ୍ଡା ଓ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଗୋପାଳ ପାଲଙ୍କ ମଧରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଇଏସଆଇ ରାଜ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ମିଶ୍ର, ମେଡିକାଲ ରେଫରୀ ଡା. ଏସ. ଦତ୍ତା, ରାୟଗଡା କେଜେପୁରସ୍ଥିତ ମେଡିକାଲ ଅଧୀକ୍ଷକ ଡା. ବି.ଏନ ପଣ୍ଡା ଏବଂ ଜେକେପୁର ଇଏସଆଇ ଶାଖା ପରିଚାଳକ ରାଜେନ୍ଦ୍ର ବେହେରାଙ୍କ ସହିତ ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଏଚଆର୍ ମୁଖ୍ୟ ବିଶାଳ ସିଂହ, ଏଚଏସଇ ମୁଖ୍ୟ ହର୍ଷବର୍ଦ୍ଧନ ପାଣ୍ଡେ, ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ, ସିଏଲଏମ ମୁଖ୍ୟ ଆଲୋକ ଗୟା, ଏଡମିନ ମୁଖ୍ୟ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସିଏସଆର୍ ବିଭାଗ ଉପମୁଖ୍ୟ ଦିଲୀପ ପ୍ରଜାପତି, ଏଡମିନ ଶ୍ରୀକାନ୍ତ ବହିଦାର, ଲୋକସମ୍ପର୍କ ବିଭାଗ ଋଷଭ ଗର୍ଗ, ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତି, ଅଶୋକ ଖୋରାଙ୍କ ସହିତ ବେଦାନ୍ତ ଲିମିଟେଡ ଏବଂ ବେଦାନ୍ତ ହସ୍ପିଟାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲାର ପ୍ରଥମ ହସ୍ପିଟାଲ ଭାବେ ବେଦାନ୍ତ ହସ୍ପିଟାଲ ଏହି ମାନ୍ୟତା ପାଇଥିବାରୁ ଶ୍ରମିକ ଓ ଇଏସଆଇ ଅନ୍ତର୍ଭୁକ୍ତ କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଇଏସଆଇ ବା କର୍ମଚାରୀ ରାଜ୍ୟ ବୀମା ନିଗମ ଦ୍ୱାରା ଶ୍ରମିକ ଓ କର୍ମଚାରୀମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ମାଗଣାରେ ପାଇପାରିବେ।



ଏମ୍ଓୟୁ ସ୍ୱାକ୍ଷର ସମୟରେ ଉପସ୍ଥିତ ଅଧିକାରୀବୃନ୍ଦ।

**ଇଏସଆଇ ଏବଂ ବେଦାନ୍ତ କର୍ତ୍ତୃପକ୍ଷଙ୍କ ମଧରେ ଏମ୍ଓୟୁ ସ୍ୱାକ୍ଷର**

**ଦୁର୍ଘଟଣାରେ ସରପଞ୍ଚ ଗୁରୁତର**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଡେନଡୁଙ୍ଗରୀ ଛକଠାରେ ସଡ଼କ ଦୁର୍ଘଟଣାରେ ଆଗଲପୁର ବ୍ଲକ ବଡଠୀକା ପଞ୍ଚାୟତ ସରପଞ୍ଚ ଉଦୟନାଥ ନାଏକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ସୂଚନା ଆନୁଯାୟୀ, ସରପଞ୍ଚ ନାଏକ ଓ ତାଙ୍କ ସହେଯାଗୀ ବାଇକରେ କୌଣସି କାମରେ ବଲାଙ୍ଗୀର ଯାଇଥିଲେ । ଛାଏଛାପର ଘରକୁ ଫେରୁଥିବାବେଳେ ଆଡେନଡୁଙ୍ଗରୀ ଛକରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ସେମାନେ ପଡିଯାଇଥିଲା ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପ୍ରତୀକ



@ ଅଭିନାଶ



@ ରାଜୀବ



@ ଅରୁଣ



@ ବିଜୟ



@ ପ୍ରଶାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୀତ ପୂର୍ବରୁ ବିଦେଶାଗତ ପକ୍ଷୀଙ୍କ ସମାଗମ

**ସୁବର୍ଣ୍ଣପୁର ଜିଲା**

ସୋନପୁର,୧୩।୧୦(ନି.ପ୍ର.)

ଶୀତ ଆସିବା ପୂର୍ବରୁ ସୁବର୍ଣ୍ଣପୁର ଜିଲାରେ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଲାଣି। ଗୁରୁବାର ସୋନପୁର ସହର ଥନାପତିପଡାରେ ବିରଳ ପେରିଗ୍ରୀନ୍ ଫାଲ୍କନ ପକ୍ଷୀଙ୍କୁ ଠାବ କରାଯାଇଛି। ସୁଦୂର ଉତ୍ତର ଆମେରିକାରୁ ଏହି ପକ୍ଷୀ ଏଠାକୁ ଆସିଥିବା ଜଣାଯାଇଛି। ଏହି ପକ୍ଷୀ ସବୁଠୁ ଦ୍ରୁତ ବେଗରେ ଉଡି ପାରନ୍ତି। ଏହି ପକ୍ଷୀଙ୍କ ଆଗମନ ସୋନପୁରର ପ୍ରାକୃତିକ ଶୋଭାରାଜିକୁ ଦ୍ୱିଗୁଣିତ କରିଛି।

ସାଧାରଣତଃ ଶୀତଋତୁ ଆଗମନରେ ଚିରସ୍ରୋତା ମହାନଦୀ ଓ ତେଲ ନଦୀରେ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ଉତ୍ତର ଆମେରିକା ଓ ସାଇବେରିଆରେ ଶୀତ ଋତୁରେ ବରଫ ପଡୁଥିବାରୁ ପକ୍ଷୀମାନେ ସ୍ୱଚ୍ଛନ୍ଦରେ ରହିବାକୁ ଏଠାକୁ ଚାଲି ଆସୁଛନ୍ତି। ପୂର୍ବରୁ ମହାନଦୀର ଜଳରାଶିରେ ବିରଳ ପକ୍ଷୀ କମନ ମରଗାନସର(ବୈଜ୍ଞାନିକ ନାମ ମରଗସ ମରଗାନସର) ଠାବ ହୋଇଥିଲା। ଏହି ପକ୍ଷୀ ଉତ୍ତର ଆମେରିକା ଓ ପୂର୍ବ ୟୁରୋପିଆନରେ ପ୍ରାୟତଃ ଦେଖାଯାଆନ୍ତି। ଓଡିଶାର କେବଳ ସୋନପୁରରେ ହିଁ ଗତ କିଛି ବର୍ଷ ହେବ ଶୀତଦିନରେ କମନ ମରଗାନସର ଠାବ ହେଉଛନ୍ତି। ସେହିପରି ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶ୍ୱର ତଳି ଅଞ୍ଚଳ ନଦୀ ବାଲିରେ ଗତବର୍ଷ ବହୁ ସଂଖ୍ୟକ ବ୍ଲାକ ବେଲିଡ୍ ଟର୍ନ ନାମକ ବିଦେଶୀ ପକ୍ଷୀ ଦେଖିବାକୁ ମିଳିଥିଲା। ତେବେ ପେରିଗ୍ରୀନ୍ ଫାଲ୍କନ ପକ୍ଷୀ ଏଥର ନୂଆ କରି ଆସିଥିବାରୁ ପକ୍ଷୀପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ପ୍ରଜାତିର ପକ୍ଷୀ ବଡ ବଡ ବିଦ୍ୟୁତ୍ ଖୁଣ୍ଟ ଓ ମୋବାଇଲ ଟାୱାର ଉପରେ ବସି ରହି ଶୁଆ, ପାରା ଇତ୍ୟାଦି ପକ୍ଷୀଙ୍କୁ ଶିକାର କରି ଖାଆନ୍ତି ବୋଲି ପକ୍ଷୀପ୍ରେମୀ ତଥା ଯୁବ ଫଟୋଗ୍ରାଫର ପିନାକୀ ଜ୍ୟୋତିରାଦିତ୍ୟ ପଣ୍ଡା ଓ ନରେନ ମଲ୍ଲିକ ପ୍ରକାଶ କରିଛନ୍ତି। ଜିଲାରେ ଅନୁକୂଳ ପରିବେଶ ଓ ଶିକାରୀଙ୍କ ସଂଖ୍ୟା ହ୍ରାସ ପାଇବା ଫଳରେ ଦେଶ ବିଦେଶରୁ ବିଭିନ୍ନ ପ୍ରଜାତିର ଶତାଧିକ ପକ୍ଷୀ ଏଠାକୁ ପ୍ରତିବର୍ଷ ଛୁଟି ଆସୁଛନ୍ତି। ପକ୍ଷୀଙ୍କ କାକଳିରେ ମହାନଦୀ ଓ ତେଲନଦୀର ପଠା ମୁଖରିତ ହେବା ସହ ଏହି ଶୋଭା ଦେଖିବାକୁ ପକ୍ଷୀପ୍ରେମୀ, ଫଟୋଗ୍ରାଫର ଓ ପର୍ଯ୍ୟଟକଙ୍କ ଭିଡ ଜମୁଛି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେଲା ୟୁରୋପ ମହାଦେଶରୁ ରୁଡିସଲଡକ, ପୂର୍ବ ମହାଦେଶରୁ ରୋଜିଷ୍ଟୋଲିଙ୍ଗ, ଭଡିଟର ଫ୍ଲାଏକେଚର, ରେଡକ୍ରେଷ୍ଟେଟ୍, ପୋଚାର୍ଡ, ଲିଟିଲଗ୍ରେବ, ବ୍ଲାକ ବେଲିଡ୍ ଟର୍ନ, ପେଲିକାନପେରି ଭଳି ପ୍ରମୁଖ ବିରଳ ପକ୍ଷୀ ଏଠାକୁ ଶୀତଦିନରେ ଆସି ମହାନଦୀର ଶୋଭା ବଢାଇଥାନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତରଭା,୧୩।୧୦(ଡି.ଏନ.ଏ.)



ଶିବିର ଅବସରରେ ମଞ୍ଚାସୀନ ଅତିଥି ।

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୋଡାଲ ଅଫିସର ତଥା ତରଭା ବିଡ଼ିଓ ବିନୟ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତିଥି, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର ଓ ଡିଏସଏସଓ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତରଭା ବ୍ଲକ ବିଏସଏସଓ ପ୍ରଭାସ କର୍ଣ୍ଣ ଶିବିର ପରିଚାଳନା କରିଥିଲେ।

୬୨୪ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୬୧ ଜଣ ଚଳନ ବାଧିତ ଦିବ୍ୟାଙ୍ଗ, ୪୯ ଜଣ ଦୃଷ୍ଟି ବାଧିତ, ୬୮ ଜଣ ଶ୍ରବଣ ବାଧିତ, ୪୬ ଜଣ ବୌଦ୍ଧିକ ନ୍ୟୁନତା ଓ ୩୫ ଜଣ ଅନ୍ୟାନ୍ୟ ଭିନ୍ନକ୍ଷମ ଶିବିରକୁ ଆସି ବିଶେଷଜ୍ଞ ଡାକ୍ତରମାନଙ୍କ ନିକଟରେ ପରୀକ୍ଷା କରାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ୯ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ, ୧୦ ଜଣଙ୍କୁ ହ୍ୱିଲ ଚେୟାର, ୧୦ ଜଣଙ୍କୁ ଡିଆରଆଇ ଋଣ ଓ ୪୧ ଜଣଙ୍କୁ ବସ ପାସ ଦେବା ପାଇଁ ଚୟନ କରାଯାଇଛି। ଏମାନଙ୍କ ମଧ୍ୟରୁ ଗୁରୁବାର ୧୦ ଜଣଙ୍କୁ ୟୁଡିଆଇଡି ସାର୍ଟିଫିକେଟ ଓ ୨ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଶିବିରରେ ବୁର୍ଲା ଭୀମସାରର ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡା. ବରଦା ପ୍ରସନ୍ନ ସାମଲ, ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସପିଟାଲର ମାନସିକ ରୋଗ ବିଭାଗର ଡା.ଚେତୁରାମ ମେହେର ଓ ଅବିନାଶ ନାଏକ ,ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାର ଭେଷଜ ବିଭାଗର ବିଶେଷଜ୍ଞ ଡା. ନରେନ୍ଦ୍ର ମେହେର, ଶିଶୁରୋଗ ବିଶେଷଜ୍ଞ ଡା. ଡି.କେ. ପୁରୋହିତ, ଚକ୍ଷୁରୋଗ ବିଶେଷଜ୍ଞ ଡା. ଏସ.କେ. କର, ଇଏନଟି ବିଭାଗର ବିଶେଷଜ୍ଞ ଡା. ଆର.ଆର. ହୋତା ଯୋଗଦେଇ ଭିନ୍ନକ୍ଷମମାନଙ୍କ ପରୀକ୍ଷା କରିଥିଲେ। ବିଏସଏସଓ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏଡି ଶିବିର ପରିଚାଳନାରେ ପିଏ ବିକ୍ରମ ବିଶି, ବ୍ଲକ କର୍ମଚାରୀ ଉତ୍ତମସିଂ ନାଗ, ମନୋଜ ପାତ୍ର,ସମସ୍ତ ନିର୍ବାହୀ ଅଧିକାରୀ, ଜିଆରଏସ ,ସରପଞ୍ଚ, ସମିତି ସଭ୍ୟ ସହଯୋଗ କରିଥିଲେ।

## ଟ୍ରାନ୍ସଫର୍ମର ଚୋରି ଘଟଣାରେ ୨ କୋର୍ଟ ଚାଲାଣ

ଖଡ଼ିଆଳ,୧୩।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଝୋଲାପଥର ଗ୍ରାମର ଏକ ଟ୍ରାସଫାର୍ମର ଚୋରି ଘଟଣାରେ ଖଡ଼ିଆଳ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝୋଲପଥର ଗ୍ରାମର ନିଳାମ୍ବର ଶବର ଓ ଖଡ଼ିଆଳ ସହରର ସୁମିତ ବଛା। ପୋଲିସ ସୂଚନା ମତେ ଗତ ୧୦ ତାରଖ ରାତିରେ ଉକ୍ତ ଗ୍ରାମର ବିଦ୍ୟୁତ୍ ଟ୍ରାସଫାର୍ମର ଦୁର୍ବୃତ୍ତ ଚୋରି କରିଥିଲେ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିରଜିତ ସାହୁ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ୨ଜଣ ନିଳାମ୍ବର ଓ ସୁମିତଙ୍କୁ ଗିରଫ କରିଥିଲା। ଏମାନଙ୍କ ପାଖରୁ ଟ୍ରାସଫାର୍ମର ଓ ଛୋଟ ଚାରିକିଆ ମାଲ ବୋଝେଇ ଗାଡି ଜବତ କରିଛି ବୋଲି ତଦନ୍ତକାରୀ ପୋଲିସ ଏସଆଇ ଦେବାର୍ଚ୍ଚନ ମାଝି ସୂଚନା ଦେଇଛନ୍ତି। ଏହାର ଆହୁରି ତଦନ୍ତ ଚାଲୁଛି ବୋଲି ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ବାଲିବୋଝେଇ ହାଇୱାରୁ ଜରିମାନା ଆଦାୟ



ବେନିୟମ ଭାବେ ବାଲି ଚାଲାଣ କରାଯାଉଥିବା ହାଇୱା ।

ଡୁଙ୍ଗୁରିପାଲି,୧୩।୧୦(ଡି.ଏନ.ଏ.)

ଗୁରୁବାର ଏକ ଛଅ ଚକିଆ ବାଲିବୋଝେଇ ହାଇୱା ମାଲିକଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ଅଙ୍ଗ ନଦୀରୁ ଖଣି ମାଲିକ ଦିଲୀପ ବଗର୍ତ୍ତୀ ଏକ ହାଇୱାରେ ବିନିକା ନିକଟ ସିଙ୍ଗିଯୁବା ଗ୍ରାମକୁ ବାଲି ଚାଲାଣ କରୁଥିଲେ। ତେବେ ଚାଲାଣ ହେଉଥିବା ବାଲି ଉପରେ ବେନିୟମ ଭାବେ ପାଲ ନ ପକାଇ ଏହି ଗାଡି (ନଂ ଓଡି୦୩–ଏମ୫୧୪୪) ଡୁଙ୍ଗୁରିପାଲି ସହର ଦେଇ ରାମପୁର ରାସ୍ତାଦେଇ ଯାଉଥିଲା । ଖବର ପାଇ ଡୁଙ୍ଗୁରିପାଲି ରାଜସ୍ୱ ନିରୀକ୍ଷକ ବିଜୟ କୁମାର ସୁନା ଓ ସହକାରୀ ରାଜସ୍ୱ ନିରୀକ୍ଷକ କ୍ଷମାନିଧି ସାହୁ ଡୁଙ୍ଗୁରିପାଲି ରାମପୁର ରୋଡ ରେଳ ଫାଟକ ନିକଟରେ ଗାଡିକୁ ଅଟକାଇ ଥିଲେ। ରାମପୁର ତହସିଲଦାରଙ୍କ ଆଦେଶକ୍ରମେ ଉକ୍ତ ବାଲି ବୋଝେଇ ଗାଡି ମାଲିକଙ୍କ ଠାରୁ ୫୦୦୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାଯାଇଛି।







# ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି ।

ବୌଦ୍ଧ,୧୩।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁସୁଡି ପଡିଥିବା ବେଳେ ବିଦ୍ୟାଳୟଗୁଡିକରେ ଶିକ୍ଷକ ସମସ୍ୟା ଲାଗି ରହିଛି । ହରଭଙ୍ଗା ବ୍ଲକରେ ଶିକ୍ଷକ ସମସ୍ୟା ଯୋଗୁ ପାଠପଢା ଗୁରୁତର ଭାବେ ବ୍ୟାହତ ହେଉଛି । ଗୁରୁବାର ଦିନ ବୀରନରସିଂହପୁର ପଞ୍ଚାୟତର କରଡି ୟୁଜିଏମଇ ସ୍କୁଲ, ମଥୁରା ପଞ୍ଚାୟତର ମଥୁରା ବିଦ୍ୟାଳୟ ଓ ସାମ୍ପୋଚ ପଞ୍ଚାୟତର ଫିକିରପୁର ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରିବା ଦାବି କରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଉକ୍ତ ବଦ୍ୟାଳୟଗୁଡିକର ପରିଚାଳାନା କମିଟି ସଦସ୍ୟ , ଅଭିଭାବକ ଓ ୭ ନଂ ଜୋନ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ଧାରଣାରେ ସାମିଲ ହୋଇଥିଲେ। ପୂର୍ବରୁ ଶିକ୍ଷକ ଯୋଗାଇ ଦେବା ପାଇଁ ଜିଲା ପରିଷଦ ସଭ୍ୟ ମିଶ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଧାରଣା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଆସନ୍ତା ୨୫ ତାରିଖ ସୁଦ୍ଧା ଶିକ୍ଷକ ଯୋଗାଇ ଦେବାକୁ ଲିଖିତ ଭାବେ ଜଣାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଅଷ୍ଟମ ଚକ୍ର ଦେହୁରୀ, ନିରୋଦ ସାହୁ, ରଞ୍ଜନ ପ୍ରଧାନ, ବିଜୟ ରଣା, ଅମର ଦନ୍ତା, ଦୁଲିଆ ସେଠୀ, ଏକାଦଶୀ ସେଠୀ, ମଞ୍ଜୁ ସେଠୀ, ବାସନ୍ତୀ ଦେହୁରୀ, ସ୍ୱସ୍ତିକା ସାହୁ, ମମତା ମେହେର, ଶର୍ମିଷ୍ଠା ପ୍ରଧାନ, ଭାର୍ଗବୀ ପାତ୍ର ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଅକ୍ଟୋବର, ୨୦୨୨

**ଦେଦର୍ହ ମହାଲକ୍ଷ୍ମୀ ପୂଜା କମିଟି ଗଠିତ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦେଦର୍ହ ଗାଁର ୨୯ତମ ମହାଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଓ ନୂତନ କମିଟି ଗଠିତ ହୋଇଛି। ନିମାଇ ଚରଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କିଭଳି ସୁଚାରୁ ରୂପେ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହିଆବସରରେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଦେବରାଜ ପ୍ରଧାନ, ସମ୍ପାଦକ ସୁରେଶ ବେହେରା, ଉପସଭାପତି ନିମାଇଁ ଚରଣ ଦାଶ, ସହସମ୍ପାଦକ ଅର୍ଜୁନ ବରିହା ଓ କୋଷାଧକ୍ଷଭାବେ ସୁବାସ କୁଅଁର ମନୋନୀତ ହୋଇଥିଲେ।



## ସଂକ୍ଷେପରେ

### ଚାଲାଣ ବେଳେ ୨୭ ଦାଦନ ଶ୍ରମିକ ଉଦ୍ଧାର

**ସର୍ଦ୍ଦାର ଗିରଫ, ୨ ଗାଡ଼ି ଜବତ**

**ଲାଠୋର,୧୩।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ପୋଲିସ ବୁଧବାର ରାତିରେ ତାମିଲନାଡୁକୁ ଚାଲାଣ ବେଳେ ୨୭ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଶ୍ରମିକମାନଙ୍କ ସହ ୯ଜଣ ଶିଶୁ ରହିଛନ୍ତି। ଚାଲାଣରେ ବ୍ୟବହୃତ ୨ଟି ଗାଡି ଜବତ କରାଯାଇଛି। ଦାଦନ ସର୍ଦ୍ଦାରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲା କାଣ୍ଡେତରା ଗ୍ରାମର ସର୍ଦ୍ଦାର କୌଶର ଖାନ କାଣ୍ଡେତରା ଏବଂ ରତିପାଲି ଗ୍ରାମର ୧୧ମହିଳା ୧୬ ଜଣ ପୁରୁଷଙ୍କୁ ଟାଟା ପିକଅପ (ନଂ ସିଜି-୦୬-ଜିଭି-୮୦୮୫) ଏବଂ ବୋଲେରୋ (ନଂ ଓଅର-୦୮-ଡ଼ି-୩୬୩୬) ଗାଡ଼ି ଯୋଗେ ତାମିଲନାଡୁ ଚାଲାନ ପାଇଁ କାଣ୍ଡେତରା ଗ୍ରାମରୁ କଣ୍ଟାବାଞ୍ଜି ରେଳଷ୍ଟେଶନ ନେଉଥିଲେ। ଖବର ପାଇ ଲାଠୋର ଥାନା ଏସଆଇ ଦେବାର୍ଚ୍ଚନ ମିର୍ଧାଙ୍କ ନେତୃତ୍ୱରେ ସେ ପୋଲିସ ଟିମ୍ ଲାଠୋର ଲାନ୍ଥନଦୀ ପାଖରେ ରାତିରେ ଜଗି ରହିଥିଲେ। ସମ୍ପୃକ୍ତ ଦୁଇ ଗାଡ଼ି ସେହି ରାସ୍ତା ଦେଇ ଆସିବା ପରେ ପୋଲିସ ଅଟକାଇ ପଚରାଉଚରା କରିଥଇଲା। ହେଲେ ସର୍ଦ୍ଦାର କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଗାଡ଼ି ସହ ଶ୍ରମିକମାନଙ୍କୁ ଥାନାକୁ ଅଣାଯାଇଥିଲା। ପରେ ସମସ୍ତ ଶ୍ରମିକଙ୍କୁ ସେମାନଙ୍କ ଗ୍ରାମକୁ ପଠାଇ ଦିଆଯାଇଥିଲା। ଏ ନେଇ ଲାଠୋର ଥାନାରେ ଏକ ମାମଲା(୧୨୦/୨୨)ରୁଜୁ କରି ସର୍ଦ୍ଦାର କୌଶର ଖାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ବୀମା କମ୍ପାନୀ ଅଧିକାରୀଙ୍କୁ କୋର୍ଟରେ ହାଜର କଲା ପୋଲିସ

**କୃଷିବୀମା କ୍ଷତିପୂରଣ ଠକେଇ ମାମଲା**

**ବଲାଙ୍ଗୀର ଅଫିସ, ୧୩।୧୦:** ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ୨୦୨୧ ମସିହାର କୃଷିବୀମା କ୍ଷତିପୂରଣ ଏବଂ ଚାଷୀଙ୍କ ଅନ୍ୟଦାବିକୁ ନେଇ ଗତ ୨୬ ତାରିଖରେ ବଲାଙ୍ଗୀର ଟିଟିଲାଗଡ ଓ ଲାଠୋର ରେଳଷ୍ଟେଶନ୍‌ରେ ଶକ୍ତି ପ୍ରଦର୍ଶନ କରିଥିଲେ। ୨୦୨୧ ମସିହାରେ ଜିଲାର ୧୪ଟି ବ୍ଲକ ଏବଂ ୩୧୭ ପଞ୍ଚାୟତର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଏଆଇସିସି ବୀମା କମ୍ପାନୀକୁ ପ୍ରିମିୟମ ଦେଇଥିଲେ। ତେବେ ବାରମ୍ବାର ଦାବି ସତ୍ତ୍ୱେ ଜିଲାର ୮୫ ପଞ୍ଚାୟତର ଚାଷୀଙ୍କୁ ବୀମା କ୍ଷତିପୂରଣ ଦିଆଯାଇ ନ ଥିଲା। ଚାଷୀମାନେ ମହାସଂଘ ଜରିଆରେ ବିଭିନ୍ନ ସମୟରେ ଆନ୍ଦୋଳନ କରି ବୀମା କ୍ଷତିପୂରଣ ଦେବାକୁ ଦାବି କରିଆସୁଥିଲେ। ଏଆଇସିସି କମ୍ପାନୀର ଟାଳଟୁଳ ନୀତି ଯୋଗୁଁ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ ଫସଲବୀମା କ୍ଷତିପୂରଣ ମିଳିନାହିଁ। ଏହାକୁ ନେଇ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା ଓ ୨୬ ତାରିଖରେ ରେଳରୋକୋ କରାଯାଇଥିଲା। ଚାଷୀଙ୍କ ଭୟାବହ ଆନ୍ଦୋଳନକୁ ଦେଖି ଜିଲା ପ୍ରଶାସନ ବୀମା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳଙ୍କ କୋର୍ଟରୁ ଏଆଇସି କମ୍ପାନୀକୁ ନୋଟିସ ଜାରି କରାଯାଇ ଚାଷୀଙ୍କ ବୀମା ସଂକ୍ରାନ୍ତୀୟ ଦାବି ଉପରେ ତଥ୍ୟ ରଖିବାକୁ ନୋଟିସ୍ ଦିଆଯାଇଥିଲା। ବୀମା କମ୍ପାନୀ ପକ୍ଷରୁ ଏଡିଏମ୍ କୋର୍ଟରେ କେହି ହାଜର ହୋଇ ନ ଥିଲେ। ଏହାପରେ କୋର୍ଟ ତରଫରୁ କମ୍ପାନୀ ଅଧିକାରୀଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା। ଉକ୍ତ ୱାରେଣ୍ଟ ବଳରେ ବୀମା କମ୍ପାନୀ ରାଜ୍ୟ ଅଧିକାରୀଙ୍କୁ ପୋଲିସ ଆଣି ଏଡିଏମ୍ କୋର୍ଟରେ ହାଜର କରିଥିଛି। କୋର୍ଟରେ ହାଜର ହେବା ପରେ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଛି। ଅନ୍ୟପଟେ ବୀମା କମ୍ପାନୀ ଚାଷୀଙ୍କ ବୀମା କ୍ଷତିପୂରଣ ପ୍ରଦାନ ନେଇ କୌଣସି ପଦକ୍ଷେପ ନେଇ ନ ଥିବାରୁ ଜିଲା କୃଷକ ମହାସଂଘ ପକ୍ଷରୁ ଶୁକ୍ରବାର ଟିଟିଲାଗଡ ରେଳଷ୍ଟେଶନ୍‌ଠାରେ ରେଳରୋକୋ କରାଯିବ ବୋଲି ସଭାପତି ଯତୀ ପ୍ରଧାନ ସୂଚନା ଦେଇଛନ୍ତି।



ଅନ୍ୟ ଅଧିକାରୀଙ୍କ ସହ ଭିନ୍ନକ୍ଷମ ବିଦ୍ୟାଳୟ ପରିସର ତଦାରଖ କରୁଛନ୍ତି ଉପଜିଲାପାଳ।

# ଉପଜିଲାପାଳଙ୍କ ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ

**ସଇଁତଲା, ୧୩।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟକୁ ୫ଟିରେ ସାମିଲ କରିବା ନେଇ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ଗୁରୁବାର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ୫ଟିରେ ସାମିଲ ପରେ ଉନ୍ନତମାନର କାର୍ଯ୍ୟ ହେବା ସହ ଛାତ୍ରୀଛାତ୍ରମାନେ କିପରି ତାର ଲାଭ ଉଠାଇ ପାରିବେ ସେ ନେଇ ବିଡ଼ିଓ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଚନ୍ଦ୍ରମଣୀ ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ପରେ ମହାଜନ ସ୍କୁଲ ପରିସର, ଶ୍ରେଣୀଗୃହ, ପାନୀୟ ଜଳ ବ୍ୟବସ୍ଥା, ଖେଳ ପଡ଼ିଆ ଓ ଶୌଚାଳୟ ଅବସ୍ଥା ବୁଲି ଦେଖିଥିଲେ। ୫ଟିରେ ସାମିଲ ପରେ କେଉଁ ସ୍ଥାନରେ କ'ଣ ଉନ୍ନତି କରାଯିବ ସେ ନେଇ ଉପସ୍ଥିତ ଅଧିକାରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ପରିଦର୍ଶନ ସମୟରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାସ, ମୋନୱର ସୁଲତାନ ବେଗମ, ଶିକ୍ଷକ ସମୀର କୁମାର ନାଏକ, ରାହାସ ବିହାରୀ ସିଂ, ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ

**ଦେଓଗାଁ,୧୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ମାଟୁପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରିଛନ୍ତି ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକ। ସାମାଜିକ ଗଣମାଧମରେ ତାଙ୍କର ଏକ ହରକତପୂର୍ଣ୍ଣ ଭିଡିଓ ଘୁରି ବୁଲିବା ପରେ ସ୍କୁଲଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକମାନେ ଗୁରୁବାର ଧାରଣା ଦେଇଥିଲେ। ପ୍ରଧାନଶିକ୍ଷକ ଜୟଦେବ ବିଶିଙ୍କୁ ଏହି ବିଦ୍ୟାଳୟରୁ ବଦଳି ଦାବି କରି ନାରା ଦେଇଥିଲେ। ଖବର ପାଇ ଭାଲୁକୁଣ୍ଡ ସିଆରସିସି ଜଗଦୀଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଘଣଣା ନେଇ ଦେଓଗାଁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ(ଏବିଇଓ) ଅଜିତ କୁମାର ମିଶ୍ରଙ୍କୁ ଅବଗତ କରିବା ପରେ ସେ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଉପରିସ୍ଥ ଅଧିକାରୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

କେତେକଛାତ୍ର, ଅଭିଭାବକଦେବାନନ୍ଦ ପୁଟା ଓ ରାମେଶ୍ୱର ଭୁଏଙ୍କ ଅଭିଯୋଗ ଅନୁସାରେ ବୁଧବାର ପ୍ରଧାନଶିକ୍ଷକ ବିଶି ସ୍କୁଲ ପରିସରରେ ଜନୈକ ସହଯୋଗୀଙ୍କ ସହ ନିଶାଶକ୍ତ ଅବସ୍ଥାରେ ଥିଲେ।

**ପ୍ରଧାନଶିକ୍ଷକଙ୍କ ବଦଳି ଦାବି**

ଏ ନେଇ ଛାତ୍ରୀଛାତ୍ରମାନେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଗୁରୁବାର ସମସ୍ତ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ବିଦ୍ୟାଳୟରେ ଦୀର୍ଘଦିନ ହେଲା କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏବିଇଓ ମିଶ୍ରଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଜୟଦେବ ବିଶିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛୁ। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ଜୟଦେବ ବିଶିଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରି ଅଯଥାରେ ତାଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯଉଛି ବୋଲି କହିଛନ୍ତି।

# କାଳୀପୂଜା ପାଇଁ ମହିଷାସୁର ବରଣ



କଳାକାର ବରଣ ଅବସରରେ ପୂଜା କମିଟି ସଦସ୍ୟ।

**ଲୋଇସିଂହା,୧୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ମହାରପାଲି କାଳିପୂଜା ପାଇଁ ମହିଷାସୁର ଦରବାର ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମହିଷାସୁର ବରଣ କରାଯାଇଛି। ପୂଜାକମିଟ ମୁଖ୍ୟ କେଦାର ଥନାପତିଙ୍କ ନେତୃତ୍ୱରେ ନାରାୟଣ କାଲସାଏ, ଚତୁର୍ଭୁଜ ଥନାପତି, ଅଜୟ ତ୍ରିପାଠୀ ପ୍ରମୁଖ ବରଗଡ ଜିଲା ଦେଓଗାଁକୁ ଯାଇ ମହିଷାସୁର ଅଭିନୟ ପାଇଁ କଳାକାର ଜଗଦାନନ୍ଦ ମିଶ୍ରଙ୍କୁ ବରଣ କରିଥିଲେ। ଆସନ୍ତା ୨୪ ରୁ ୩୦ ତାରିଖ ଯାଏ ମହାକାଳୀ ପୂଜା ପାଳନ କରାଯିବ। ମାହାରପାଲି ଛକରେ ଚଳିତ ବର୍ଷ ପ୍ରଥମ ବର୍ଷପୂଜା ଅନୁଷ୍ଠିତ ହେବ। ପୂଜା ଅବସରରେ ସପ୍ତାହବ୍ୟାପୀ ମହିଷାସୁର ଦରବାର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି କର୍ମକର୍ତ୍ତା କହିଛନ୍ତି।

# ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ହାତ ଭାଙ୍ଗିଲେ ଦୁର୍ବୃତ୍ତ



ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିର ଡାହାଣ ହାତ ନାହିଁ।

**ଲୋଇସିଂହା,୧୩।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଡାହାଣ ହାତକୁ ଦୁର୍ବୃତ୍ତ ବୁଧବାର ରାତିରେ ଭାଙ୍ଗି ଦେଇଛନ୍ତି। ଗୁରୁବାର ସକାଳେ ବ୍ଲକ କାର୍ଯ୍ୟାଳୟ ଖୋଲିବା ପରେ ଏହା ଜଣା ପଡିଥିଲା। ଏହାକୁ ନେଇ ବ୍ଲକ ପରିସରରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣା ନେଇ କେହି ଜଣାଇ ନାହାନ୍ତି ବୋଲି ସାଲେଭଟା ଫାଣ୍ଡି ଅଧିକାରୀ ସୁଶାନ୍ତ ଭୋଇ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୪ମସିହାରେ ବ୍ଲକ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ସେହିବର୍ଷ ସ୍ୱାଧୀନତା ଦିବସରେ ତତ୍କାଳୀନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ପଟେଲ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତିର ଜନକଙ୍କ ପ୍ରତି ଏପରି ଅସମ୍ମାନ ଏବଂ ବ୍ଲକ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ଘଟଣାର ତଦନ୍ତ କରି ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନବାକୁ ସାଧାରଣରେ ଦାବି ହେଉଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ତାଳକୁରୀରେ ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

**ଲୋଇସିଂହା,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ୩୪ ନଂ ଜୋନ ଅନ୍ତର୍ଗତ ବାନୀପାଲି ଓ ରତାଖଣ୍ଡି ପଞ୍ଚାୟତରେ ଯୁବନେତା ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ ଅନୁଷ୍ଠିତ ସଭାରେ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲାପରିଷଦ ସଭ୍ୟା ସଂଯୁକ୍ତା ବରିହା, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ସରୋଜ ବେହେରା, କିରନ ସାହୁ, ମିଶ୍ର ବରିହା ଯୋଗଦେଇଥିଲେ। ପେଟ୍ରୋଲ, ଡିଜେଲ, ଗ୍ୟାସ ସହ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ ବିଜେଡି ନେତୃବର୍ଗ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାରେ କର୍ମୀମାନେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ଅଂଶୁମାନ ଗୁରୁ, ଜୟଦେବ ବାରିକ, ସମ୍ପଦ ଭୁଏ, ନେହେରୁ ବିଶ୍ୱାଳ, ଯଦୁମଣୀ ବେହେରା, ଭକ୍ତ ବରିହାଙ୍କ ସମେତ ବହୁ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ନିରନ୍ତର କୃଷି, ଜଳ ପରିଚାଳନା ପ୍ରଶିକ୍ଷଣ

**ଦେଓଗାଁ,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ କୃଷି ବିଭାଗ ଓ ଫାଉଣ୍ଡେସନ ଫର ଇକୋଲଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ନିରନ୍ତର କୃଷି ଓ ଉନ୍ନତ ଜଳ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ଆତ୍ମା ଅଧକ୍ଷ ଗୋବିନ୍ଦ ଦାଶ ଉପସ୍ଥିତ ଥିଲେ। ପ୍ରଶିକ୍ଷକଭାବେ ଗୁଡଭେଲା ବ୍ଲକ ଏଫଇଏସ ମାଷ୍ଟର ଟ୍ରେନର ଭାଗବତ ନାହାକ ପିଡିଏ ପାଟିସିପେଣ୍ଟ ଆପ ଜୁମ ଆପ ଏବଂ ଜୈବିକ ପଦ୍ଧତିରେ ଚାଷ ବିଷୟରେ ଆଲୋକପାତ କରିଥିଲେ। କୃଷି ଅଧିକାରୀ ନାଏକ ପ୍ରଶିକ୍ଷଣ ଦେଇଥିଲେ। ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଏଫଇଏସ ତରଫରୁ ଚାଲିଥିବା କାର୍ଯ୍ୟକ୍ରମରେ କୃଷକ ସାଥୀ ଓ କୃଷିମିତ୍ରଙ୍କ ଭୂମିକା ଉପରେ କହିଥିଲେ। ଶେଷରେ କୃଷକ ସାଥୀ ଅନ୍ତର୍ଯାମୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ୨୭ଜଣ କୃଷକ ସାଥୀ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ।

# ମା' ଡୁକ୍ରିବୁଡି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଖଡ଼ିଆଳ,୧୩।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ବିଛନାପାଲି ଖେଳପଡ଼ିଆଠାରେ ଚାଲିଥିବା ତୃତୀୟ ଜୟ ମା' ଡୁକ୍ରିବୁଡି ଫୁଟବଲ ଓ କ୍ରିକେଟ ସଂଘ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ସାନମୂଳା ସହ କାପସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାନମୂଳା ଦଳ ୨ -୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସମିତି ସଭ୍ୟା ଲୀଳା ରାଉତରାୟ, ନାଏବ ସରପଞ୍ଚ ସଦାଚରଣ ତାଣ୍ଡି, ପୂର୍ବତନ ସରପଞ୍ଚ ଅବିନାଶ ସିଂ ନିନା, କାର୍ତ୍ତିକେଶ୍ୱର ମଲ୍ଲିକ, ଧୀରେନ କୁମାର ଦଣ୍ଡସେନା, ତୁଳସୀ ରାମ ମଲ୍ଲିକ, ବୁଲୁ ବଘେଲ, କୁଳମଣି ମଲ୍ଲିକ, ପୀତବାସ ଦେଣ୍ଡସେନା, ସୁଶାନ୍ତ କୁମାର ବିଶି, ସୁବାସ ବଘେଲ ପ୍ରମୁଖ ଉପସ୍ଥିତ ଥିଲେ। ରେଫରି ଭାବେ ତାପସ ପତି, ସୌରଭ ପଣ୍ଡା, ଅମୂଲ୍ୟ ବାରିକ ଓ ଭାସ୍ୟକାର ଭାବେ ବ୍ରହ୍ମାନନ୍ଦ ରାଉତରାୟ ଓ ପ୍ରକାଶ ପତ୍ର ଦାୟିତ୍ୱ ତୁଲାଇଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, N.H. CIRCLE, KEONJHAR
email: senhkeonjhar@gmail.com
Letter No. 680 Dated: 12.10.2022

1st Corrigendum to Office Order No. 04 Dt.27.09.2022

No. b-19: Name of the work "Providing C.C. Paver Block to Road Berm at Stretches of N.H. - 220 from km 36/000 to 71/120 km for the year 2022-23. Bid Ref. No. 03 CCE-NHC-KJR of 2022-23.

Description of Corrigendum
1. Bid document with detailed terms and condition will be available online from 15.10.2022 at 11.30 A.M. to 26.10.2022 upto 05.30 P.M. instead of from 11.10.2022 at 11.30 A.M. to 20.10.2022 upto 05.30 P.M.
2. Bid must be submitted online on or before date 26.10.2022 upto 05.30 P.M. instead of date 20.10.2022 upto 05.30 P.M.
3. Bid received "Online" shall be opened on date 27.10.2022 at 12.30 P.M. instead of at 12.30 P.M. on 21.10.2022.
4. All other terms and conditions remain unchanged.
5. Subsequent Corrigendum/addendum if required only will be available in the website.
6. The authority reserves the rigth to cancel any or all bids without assigning any reason.
7. The authority will not be held responsible for any technical problem or failure of network server during the online bidding.

Sd./- Chief Construction Engineer, N.H. Circle, Keonjhar
OIPR-34145/11/0002/2223



GOVERNMENT OF ODISHA
"e" PROCUREMENT NOTICE
Bid Identification No. 26 of 2022-23

No. O-1109: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 11 Nos.
3. Estimated Cost : Rs.285.29 to 581.26 lakh
4. Eligible Class of Contractor : "B & A"
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 26 of 2022 - 23 | Dt.18.10.2022 at 11.00 hrs. | Dt.10.11.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Superintending Engineer
RWS&S Division, Balangir
OIPR-25033/11/0028/2223



NOTICE INVITING TENDER
OFFICE OF THE CHIEF CSO-CUM-DISTRICT MANAGER
ODISHA STATE CIVIL SUPPLIES CORPORATION LTD.
DISTRICT - MAYURBHANJ

No. CAD-2140: Cost of Tender Document: Rs.5900/- inclusive of GST for UNIT/SUB-DIVISION i.e. for **Baripada Sub-Division (Tender No. 2844 Dt.11.10.2022) Kaptipada Sub-Division (Tender No. 2845 Dt.11.10.2022), Panchpir Sub-Division (Tender No. 2846 Dt.11.10.2022) & Bamanghaty Sub-Division (Tender No. 2847 Dt.11.10.2022) under Mayurbhanj District.** Online tenders are invited from eligible bidders for selection and appointment of transport contractors for transportation of paddy from Paddy Purchase Centres (PPC) to rice mills within district or outside the district within the State of Odisha.

| | | |
|---|---|---|
| 1 | Availability of Tender documents | From Date: 17.10.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.20.10.2022 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through e-Procurement portal **www.tendersodisha.gov.in** up to 31.10.2022 till 5.00 P.M. |
| 4 | Date, time and venue for opening of Technical Bid by the Tender Committee | On Dt.01.11.2022 at 11.00 A.M., Collectorate, Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.01.11.2022 at 03.00 P.M., Collectorate, Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

Sd./- Chief CSO-cum-District Manager
OSCSC Ltd., Mayurbhanj
OIPR-07046/11/0005/2223



OFFICE OF EXECUTIVE ENGINEER
MINOR IRRIGATION DIVISION, CUTTACK
Letter No. 1859 Dt.10.10.2022
No. A-592
GOVERNMENT OF ODISHA
e-Procurement Notice
Bid Identification No. Online EECMID-05/2022-23
eemidcuttack@yahoo.co.in

1. Name of Work : Construction of Check Dams in MI Sub-Division, Athagarh, Banki, Baramba, Narasinghpur, Cuttack
2. Total Number of Work : 11 (Eleven) Nos.
3. Estimated Cost : Varies from Rs.53.83 lakhs to Rs.77.77 lakhs
4. Tender Paper Cost (Online) : Varies from Rs.10,000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid document : From 17.10.2022, 10.00 A.M. to 29.10.2022, 5.00 P.M. in website **(www.tendersorissa.gov.in)**
8. Last date & time of receipt of Bid through online : 29.10.2022 at 5.00 P.M. through Online
9. Date of Opening of Technical Bid Documents : 31.10.2022 at 11.00 A.M. in the Office of the EE, M.I. Division, Cuttack
10. Date of opening of Financial Bid Documents : 03.11.2022 at 11.00 A.M. in the Office of the EE, M.I. Division, Cuttack
11. Date of Lottery, if required : 09.11.2022 at 11.00 A.M. in the Office of the EE, M.I. Division, Cuttack
12. Name and address of the OIT : Executive Engineer, M.I. Division, Cuttack P.O.: Nayabazar, Cuttack, PIN Code: 753004 Phone: 0671-2443622

Further details can be seen from the Government of Odisha Website: **www.tendersorissa.gov.in**.

Sd./- Executive Engineer, M.I. Division, Cuttack
OIPR-32121/11/0004/2223



OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA
NATIONAL COMPETITIVE BIDDING THROUGH e_Procurement No. 14(Online)/RWD/BPD/2022-23
No. O-1108
1. Name of the Work : Building Works
2. Total No. of Works : 03 Nos.
3. Estimated Cost : Rs.63.78 lakhs to Rs.80.15 lakhs (Approximately)
4. Eligible Class of Contractor : 'B' Class (of Odisha P.W.D.) or relevant class of other licensing authorities
5. Period of Completion : 09 (Nine) Calendar Months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the O/o. S.E.R.W. Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Baripada | Online 14/ RWD-BPD of 2022-23 | Dt.17.10.22 at 11.00 A.M. | Dt.28.10.22 upto 05.00 P.M. | Dt.27.10.22 upto 05.00 P.M. | Dt.29.10.22 at 11.00 A.M. | Dt.03.11.22 at 11.00 A.M. |

- Further details can be seen from the website **www.tendersorissa.gov.in**.
- Any Corrigendum/Addendum will be displayed in the above e_tender website only.

OIPR-25057/11/0019/2223 Sd./- Superintending Engineer, R.W. Division, Baripada

## ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି ବୈଠକ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଓ ସିନାପାଲି ବ୍ଲକ ସୀମାନ୍ତ ରାନୀମୁଣ୍ଡା ସ୍କୁଲ ପଡିଆ ପରିସରରେ ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପତି ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଲିଟିସର୍ଗ, ରାନୀମୁଣ୍ଡା, କେଉଁବୁର୍ଲା ଓ ଦହନାପାଲି ଗ୍ରାମର ଯାଦବ ସମାଜ କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ରାନୀମୁଣ୍ଡା ପଡିଆରେ ଗିରି ଗୋବର୍ଦ୍ଧନ ପୂଜା ସହ ଆସନ୍ତା ୨୬ ତାରିଖରୁ ୧ ତାରିଖ ପର୍ଯ୍ୟ' ନାମଯଜ୍ଞ ଆୟୋଜନ ପାଇଁ ସହମତି ପ୍ରକାଶ ପାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

### ସଂକ୍ଷେପରେ

## ନର୍ଲା ଡାକ୍ତରଖାନାରେ ଅଦ୍ଭୁତ ଶିଶୁ କନ୍ୟାରେ ଜନ୍ମ



ଭବାନୀପାଟଣା,୧୩।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା ନର୍ଲା ଡାକ୍ତରଖାନାରେ ବୁଧବାର ସନ୍ଧ୍ୟାରେ ଏକ ଅଦ୍ଭୁତ ଶିଶୁ କନ୍ୟାର ଜନ୍ମ ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣ ଭାବେ ଜନ୍ମ ଗ୍ରହଣ କରିଥିଲେ ହେଁ ଶିଶୁ କନ୍ୟାଟିର ଶାରୀରିକ ଗଠନ ଅସାଧାରଣ ରହିଥିଲା। ଶିଶୁ କନ୍ୟାଟିର କାନ୍ଧ ପାଖରେ ଏକ ତୃତୀୟ ହାତ ସଦୃଶ ଥିବାବେଳେ ମୁଣ୍ଡର ଗଠନ ଅସାଭାବିକ ଥିଲା। ସାଧାରଣ ନବଜାତକଠାରୁ ଏକ ଅଦ୍ଭୁତ ଶାରୀରିକ ଗଠନର ଶିଶୁ ଡାକ୍ତରଖାନା କର୍ମଚାରୀ ତଥା ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଜନ୍ମଗ୍ରହଣ ପରେ ଶିଶୁ ଓ ମା' ଉଭୟେ ସୁସ୍ଥ ଥିବା ବେଳେ ଘରକୁ ଯିବାର କିଛି ସମୟ ପରେ ନବଜାତକର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଶିଶୁ କନ୍ୟା ନର୍ଲା ଡଙ୍ଗରତଲ ପଡାର ମହେନ୍ଦ୍ର ବେମାଲଙ୍କ ସ୍ତ୍ରୀ ରମ୍ଭା ଜନ୍ମ ଦେଇଥିଲେ।

## ପାଗଳ କୁକୁର କାମୁଡାରେ ୩ ଗାଈ ମୃତ

ନୂଆପଡ଼ା ଅଫିସ,୧୩।୧୦: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଅଞ୍ଚଳରେ ପାଗଳ କୁକୁର କାମୁଡାରେ ଗାଈ, ବଳଦ ମରିଥିବା ଜଣାପଡିଛି। ଏକ ମାସ ତଳେ ଏକ ପାଗଳ କୁର ଧରମପୁର ଓ ବଂଜାରୀ ଗ୍ରାମରେ ଅନେକ ଗାଈ, ବଳଦଙ୍କୁ କୁକୁର କାମୁଡି ଥିଲା। ଗାଈ, ବଳଦ ଠିକ ଥିବା ଜଣାପଡୁଥିଲା। ହେଲେ ଗୋଟିଏ ସପ୍ତାହ ହେବ କୁକୁର କାମୁଡି ଥିବା ଗାଈ, ବଳଦଙ୍କ ଲକ୍ଷଣ ଅଲଗା ଦେଖାଦେଇଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଧରମପୁର ଗାଁର ଗଣେଶ ଖର୍ସେଲଙ୍କ ଏକ ବଡ ଜର୍ସି ଗର୍ଭଣୀ ଗାଈର ମୃତ୍ୟୁ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଉଛି। ବୁଧବାର ସେହି ଗାଁର ପ୍ରମାନନ୍ଦ ଖର୍ସେଲଙ୍କ ଏକ ଦୁହାଳିଆ ଜର୍ସି ଗାଈର ମୃତ୍ୟୁ ହୋଇଛି। ଗୁରୁବାର ବଞ୍ଜାରୀ ଗାଁର ପ୍ରମୋଦ ପ୍ରଧାନଙ୍କ ଏକ ଜର୍ସି ବଳଦ ରାତିରେ ଗୁହାଳ ଭିତରେ ବହୁତ ଚିତ୍କାର କଲା ଓ କବାଟ ଫାଡି ବାହାରକୁ ଆସି ମୃତ୍ୟୁ ହୋଇଛି। ସେହିପରି ଦୁଇ ଗାଁରେ ଅନେକ ଗାଈ, ବଳଦ ପାଗଳ ପରି ଘୁରି ବୁଲୁଛନ୍ତି। ମରିଥିବା ଗାଈ, ବଳଦର ମୂଲ୍ୟ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି। ଏ ସଂକ୍ରାନ୍ତରେ ତରବୋଡ ପଶୁ ଚିକିତ୍ସା ଅଧିକାରୀ ଦେବାଶିଷ ଜେନାଙ୍କୁ ପଚାରିବାରୁ କୁକୁର କାମୁଡା ଇଜେକ୍ସନ ଦିଆଯାଇ ପଶୁ ଚିକିତ୍ସାଳୟ ପକ୍ଷରୁ ଯେତେ କର୍ତ୍ତବ୍ୟ କରିବା କଥା କରିଥିଲୁ। ହେଲେ ଔଷଧ କାମ କଲାନାହିଁ ବୋଲି ପ୍ରକାଶ କରିଥିଲେ।

## ଜିଲା ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ରୂପ୍ରା ରୋଡ଼,୧୩।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭିମକେଲ ପଞ୍ଚାୟତ ଲାଖପଦର୍ ଗ୍ରାମରେ ଜିଲା ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରହ୍ଲାଦ ସାଙ୍କ ସଭାପତିତ୍ୱରେ ଜିଲା ସାଧାରଣ ସମ୍ପାଦକ ଡୋଲେଶ୍ୱର୍ ସାହୁ, ନୂଆଁଖାଇ ଭେଟଘାଟ ଉପଲକ୍ଷେ ଆସିଥିବା ତୈଳିକ ସମାଜ ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ତୈଳୀକ ବୈଷ୍ୟ ସମାଜ କର୍ମକର୍ତ୍ତା ତଥା ଅତିଥିବୃନ୍ଦ ପୂର୍ଣ୍ଣଚନ୍ଦ୍ର ସାହୁ, କମ୍ଭୁ ପାଣି ସାହୁ, ଝସକେତନ ସାହୁ, ହୃଦାନନ୍ଦ ସାହୁଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ତୈଳିକ ସମାଜ ବୃନ୍ଦ ଉପସ୍ଥିତ ରହି ସମାଜର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ଏଥିରେ ଜିଲାର ୧୩ଟି ବ୍ଲକରୁ ଆସିଥିବା ତୈଳିକ ବୈଷ୍ୟ ସମାଜ କର୍ମକର୍ତ୍ତାମାନେ ନୂଆଁଖାଇ ଜୁହାର ଭେଟ ପରେ ଏକ ସାଙ୍ଗଠାନିକ ବୈଠକ ହୋଇଥିଲା। ଏଥିରେ ଆଗମୀ ସାଧାରଣ ମହାସଭା ବିଷୟରେ ଆଲୋଚନା ହୋଇ ସ୍ଥାନ ଓ ସମୟ ନିରୂପଣ କରାଯାଇଥିଲା। ନର୍ଲା ବ୍ଲକ ସଭାପତି ଗୁଣନିଧି ସାହୁ ଲାଖପଦର ଗ୍ରାମରେ ମହା ସଭା ହେବ ବୋଲି ଘୋଷଣା କରିବା ସହ ଧନ୍ୟବାଦ ଦେଇଥିଲେ।

# ଜିଲାରେ ବେଧଡ଼କ ଚାଲିଛି ଗଞ୍ଜେଇ ଚାଲାଣ

■ ୩ ବର୍ଷରେ ୨୭ ଗିରଫ, ୫୧ ମାମଲା ରୁଜୁ
■ ପୋଲିସ, ଅବକାରୀ ବିଭାଗର ସମନ୍ୱୟ ଅଭାବ

ଭବାନୀପାଟଣା,୧୩।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ମାତିଛନ୍ତି ଗଞ୍ଜେଇ ମାଫିଆ। କେତେବେଳେ ଜଙ୍ଗଲ ରାସ୍ତା ତ ପୁଣି ଆଉ କେତେବେଳେ ଜାତୀୟ ରାଜପଥ ୨୬ରେ ବିଭିନ୍ନ ଆଳରେ କରୁଛନ୍ତି ଗଞ୍ଜେଇ ଚୋରା ଚାଲାଣ। ଅନେକ ସମୟରେ ଚଢାଉ କରାଯାଇ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ମାଫିଆଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଗଞ୍ଜେଇ ଚାଲାଣରେ ରୋକ ଲାଗୁନାହିଁ। ନୂଆ ନୂଆ ତରିକା ଓ ପନ୍ଥା ଆପଣାଇ ପୋଲିସ ଆଖିରେ ଧୂଳି ଦେଇ ବେଧଡକ ଗଞ୍ଜେଇ ଚାଲାଣ କରୁଛନ୍ତି ମାଫିଆ। ଗତ କିଛି ବର୍ଷ ମଧ୍ୟରେ କଳାହାଣ୍ଡି ଜିଲାରେ ପୋଲିସ ବ୍ୟାପକ ମାତ୍ରାରେ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି। କେତେବେଳେ ବୋଲେରୋରୁ ତ ଆଉ କେତେବେଳେ ଦାମୀ କାର, କଣ୍ଟେନରରୁ ଜବତ ହୋଇଛି ଗଞ୍ଜେଇ। ଏବେ ଏହି ରାକେଟରେ ସନ୍ଦେହ ଦୂର ପାଇଁ ମହିଳାଙ୍କୁ ମଧ୍ୟ ସାମିଲ କରୁଛନ୍ତି ମାଫିଆ। ବିଶେଷ କରି ଜିଲା ଦେଇଯାଇଥିବା ଏନଏଚ ୨୬ ମାଫିଆଙ୍କ ପାଇଁ ଏକ ସୁରକ୍ଷିତ କରିଡର ପାଲଟିଛି। ଗତ ୩ବର୍ଷ ମଧ୍ୟରେ ଗଞ୍ଜେଇ ଚୋରାଚାଲାଣ ନେଇ ୫୧ଟି ମାମଲା ରୁଜୁ ହୋଇଥିବା ବେଳେ ୫୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ସେଥି ମଧ୍ୟରେ ୨୦୨୦ରେ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ସେହିପରି ୨୦୨୧ରେ ୨୦ଟି ମାମଲା ରୁଜୁ ହୋଇଥିବା ବେଳେ ୪୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଚଳିତବର୍ଷ ମେ ମାସ ସୁଦ୍ଧା ଗଞ୍ଜେଇ ଚୋରାଚାଲାଣରେ ୧୦ଟି ମାମଲା ରୁଜୁ ହୋଇଥିବା ବେଳେ ୧୫୦୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ମାମଲାରେ ଗତ ୩ ବର୍ଷରେ ୨୭ଜଣଙ୍କୁ ପୋଲିସ ଗିରଫ କରିବା ସହ ଅନେକ ଗାଡି ମଧ୍ୟ ଜବତ କରିଛି। ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ କଳାହାଣ୍ଡି ପୋଲିସ ପକ୍ଷରୁ ବିଭିନ୍ନ ବ୍ଲକିଂ ଓ ଚେକିଂ ପୋଷ୍ଟ ଥିଲେ ହେଁ ଏହି ମାଫିଆମାନେ ଅନେକ ସମୟରେ ଖସି ଯାଉଥିବା ମଧ୍ୟ ନଜର ରହିଛି। ସେପଟେ ଗଞ୍ଜେଇ ଚାଲାଣକୁ ରୋକିବା ଅବକାରୀ ବିଭାଗର ଦାୟିତ୍ୱ ଥିଲେ ହେଁ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଉଭୟ ପୋଲିସ ଓ ଅବକାରୀ ବିଭାଗ ମଧ୍ୟରେ ସମନସ୍ୱର ଅଭାବ ଯୋଗୁ ମାଫିଆମାନେ ଅନେକ ସମୟରେ ଖସି ଯାଉଥିବା ବେଳେ ଏ ନେଇ ବିଭାଗୀୟ ଅଧିକାରୀ ପରସ୍ପର ସହ ଆଲୋଚନା ସହ ସମୀକ୍ଷା ଜରୁରୀ ହୋଇପଡିଛି।

# ବିଜେଡି ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର



ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଆୟୋଜିତ ରକ୍ତଦାନ ଶିବିର।

କୋକସରା,୧୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଧୀନ କୋକସରା ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରାକ୍ତଦାନ ଶିବିର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୌଷଧି ବାଗ ଓ କୋକସରା ବ୍ଲକ ଜୋନ-୩ ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ପୂଝାରୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜୀବନ ବିନ୍ଦୁ ଓଡିଶା- ମୋ ପରିବାର ଆନୁକୂଲ୍ୟରେ ଶିବିରରେ ଧର୍ମଗଡ ରକ୍ତଭଣ୍ଡାର ଟେକ୍ନିସିଏନ ତିରୁପତି ମୁଣ୍ଡ, ନିଗମ ଗୋପାଳ, ଡମ୍ବରୁ ମେହେର, କୁର୍ତ୍ତିବାସ ଦଣ୍ଡସେନା, ଆୟୁଷ ଡ.ଲିପିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମୋଟ ୫୪ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ପଙ୍କଜ ପୋଢ଼, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଆମ୍ବା ଅଧକ୍ଷ ରତୁରାଜ ମାଝି, ସଭାନେତ୍ରୀ ଅଶୋକା ନାଏକ, ବ୍ଲକ ଏସସି ସେଲ ସଭାପତି ରମେଶ ଦୁର୍ଗା, ବ୍ଲକ ଛାତ୍ର ସଭାପତି ମାନସ ରଞ୍ଜନ ବେହେରା, ବ୍ଲକ ସୋସିଆଲ ମିଡିଆ ସଂଯୋଜକ ତ୍ରିବିକ୍ରମ ଯାଦବ, ଜିଲା ଛାତ୍ର ଉପସଭାପତି ମୁକ୍ତେଶର ନାଗଙ୍କ ସମେତ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ଓ ବିଭିନ୍ନ ଗ୍ରାମ ପଞ୍ଚାୟତ ବିଜୁ ଯୁବ-ଛାତ୍ର ଜନତା ଦଳ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ୨୧ରେ




ଜିଲାପାଳ ଯୁବ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ନୂଆପଡ଼ା ଅଫିସ,୧୩।୧୦

ନୂଆପଡା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆସନ୍ତା ୨୧ ଓ ୨୨ ଦୁଇ ଦିନ ଜିଲାସ୍ତରୀୟ ଯୁବ ମହୋତ୍ସବ ପାଳନ ହେବ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ହେମାକାନ୍ତ ସାଏ, ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ଉପସ୍ଥିତିରେ ଯୁବ ମହୋତ୍ସବ ପୋଷ୍ଟର ଉନ୍ମୋଚନ କରି ଯୁବବର୍ଗଙ୍କୁ ଉତ୍ସାହର ସହ ଭାଗ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲା ଯୁବ ମହୋତ୍ସବରେ ମୋବାଇଲ ଫଟୋଗ୍ରାଫି, ଯୁବ ଲେଖକ ସମାବେଶ, ଚିତ୍ରାଙ୍କନ, ଡିକ୍ଲାମେସନ ପ୍ରତିଯୋଗିତା, ଯୁବ ସମ୍ବାଦ-ଯୁବ ସାମାବେଶ, ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଭଳି ୬ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗ ବିଜେତାମାନଙ୍କୁ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ସେମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବେ। ସେହିଭଳି ରାଜ୍ୟସ୍ତର ବିଜେତାମାନେ ଜାତୀୟ ଯୁବମହୋତ୍ସବରେ ଅଂଶ ଗ୍ରହଣ କରିବେ। ଜିଲାର ୧୫ରୁ ୨୯ ବର୍ଷ ମଧ୍ୟରେ ଥିବା ସମସ୍ତ ଯବତୀଯୁବକ ଏହି ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ଆସନ୍ତା ୧୭ ତାରିଖ ଧାର୍ଯ୍ୟ ଥିବା ବେଳେ ୨୧ରେ ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟରେ ଯୁବ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହେବ। ଇଚ୍ଛୁକ ଯୁବତୀଯୁବକମାନେ ନିର୍ଦ୍ଧାରିତ ଫର୍ମରେ କାର୍ଯ୍ୟାଳୟରେ ସିଧାସଳଖ ଆବେଦନ କରି ପାରିବେ ବା ପୋଷ୍ଟର ଓ ଇ-ପୋଷ୍ଟରରେ ଗୁଗଲ ଫର୍ମ ଲିଙ୍କ ମାଧ୍ୟମରେ କିମ୍ବା କିଉଆର କୋଡ ସ୍କାନ କରି ଆବେଦନ କରି ପାରିବେ ବୋଲି ସୂଚନା ଦିଆଯାଇଛି।

## ଅଭିଯୁକ୍ତଙ୍କୁ ୩ ମାସ ଜେଲ ଦଣ୍ଡାଦେଶ

ଯୁବକଙ୍କୁ ଅତର୍କିତ ଆକ୍ରମଣ ଘଟଣାର ରାୟ ପ୍ରକାଶ

ଜୁନାଗଡ,୧୩।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ପୋରାଗାଁରେ ଜଣେ ଯୁବକଙ୍କୁ ଅତର୍କିତ ଆକ୍ରମଣ ଘଟଣାର ଗୁରୁବାର ରାୟ ପ୍ରକାଶ ପାଇଛି। ଏହି ଘଟଣାରେ ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ପି.ସୀତା ଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ବିହାରୀ ସାହୁଙ୍କୁ ୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଘଟଣାରେ ଅନ୍ୟମାନେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୦୬ରେ ପୋରାଗାଁର ବିକ୍ରମ ସାହୁଙ୍କ ବଳଦ ଗ୍ରାମର କାଳୀ ସାହୁଙ୍କ ଜମିରେ ପଶି ଧାନ ଗଛ ଖାଇଦେଇଥିଲା। ଉକ୍ତଦିନ ବିକ୍ରମଙ୍କ ଭାଇ ଟଙ୍କଧର ନିଜ ଝିଅ ପାଇଁ ଔଷଧ ଧରି ଘରକୁ ଫେରୁଥିବାବେଳେ ଏହି ସମୟରେ କାଳୀ ସାହୁଙ୍କ ଭାଇ ବିହାରୀ ସାହୁ ଓ ଅନ୍ୟମାନେ ରାସ୍ତାରେ ରହି ଟାଙ୍ଗିଆ ଓ ଠେଙ୍ଗାରେ ଟଙ୍କଧରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ବିକ୍ରମ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଏହି ଘଟଣା ଥାନାରୁ କୋର୍ଟକୁ ଆସିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।

# କୁର୍ମୀ କ୍ଷେତ୍ରୀୟ ଜାତୀୟ ମହିଳା ମହାଅଧିବେଶନ

ଭବାନୀପାଟଣା,୧୩।୧୦(ସ୍ୱ.ପ୍ର.)

ଉତ୍ତର ପ୍ରଦେଶର ମିର୍ଜାପୁର ଜିଲା ଅନ୍ତର୍ଗତ ଚୁନାର୍ ସହରଠାରେ ଗତ ୨ ଦିନ ଧରି କୁର୍ମୀ କ୍ଷେତ୍ରୀୟ ଜାତୀୟ ମହିଳା ମହାଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହିଅଧିବେଶନରେ କଳାହାଣ୍ଡି ଜିଲାର ୫୨ଜଣ ମହିଳା ଓ ପୁରୁଷ କର୍ମକର୍ତ୍ତା ଯୋଗଦେଇଥିଲେ। କଳାହାଣ୍ଡି ଅଞ୍ଚଳ ସଭାପତି ଅଶ୍ୱିନୀ ପ୍ରଧାନ ଓ ସମ୍ପାଦକ ଭାବଗ୍ରାହୀ ନାୟକଙ୍କ ନେତୃତ୍ୱରେ ଜିଲାର ସମସ୍ତ ଗ୍ରାମ୍ୟ କମିଟି କର୍ମକର୍ତ୍ତା, ମହିଳା କର୍ମକର୍ତ୍ତା ସମେତ ଗଞ୍ଜାମ ଓ ନୟାଗଡ ଜିଲା ଦଶପଲ୍ଲା ଅଞ୍ଚଳରୁ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ। ସଭାରେ କେନ୍ଦ୍ରମନ୍ତ୍ରୀ ଅନୁପ୍ରୀୟା ପଟେଲ ଅଧକ୍ଷତା କରିଥିଲେ। ଏଥିରେ ଭବାନୀପାଟଣାର ସବିତା ପ୍ରଧାନଙ୍କୁ ଓଡ଼ିଶା ସଚିବ ଭାବେ ମନୋନୀତ କରାଯାଇଥିଲା।

# ବଦଳିଲେ ୭ ରାଜସ୍ୱ ବିଭାଗ ପ୍ରଶାସନିକ ଅଧିକାରୀ

ମ.ରାମପୁର,୧୩।୧୦(ଡି.ଏନ.ଏ.)

ଓଡିଶା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଫାଇଲ ସଂଖ୍ୟା ପିଇଟି ୨ -ଆରଡିଏମ୍-ସିଓଏମ୍-ପିଏନ୍-୦୨୧୨-୨୦୨୨ ପତ୍ର ସଂଖ୍ୟା ୩୪୭୭୪, ତା ୧୩।୧୦।୨୦୨୨ ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରମୁଖଙ୍କ ମଧ୍ୟରେ ତହସିଲଦାର, ଅତିରିକ୍ତ ତହସିଲଦାର, ସହକାରୀ ଜିଲାପାଳ, ଉପନିବନ୍ଧକ, ନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ମଧ୍ୟରୁ ୧୩୯ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହିକ୍ରମରେ କଳାହାଣ୍ଡି ଜିଲାରୁ ଅନ୍ୟ ଜିଲାକୁ ୨ଜଣ ବଦଳି ହୋଇଥିବାବେଳେ ଅନ୍ୟ ଜିଲାରୁ କଳାହାଣ୍ଡିକୁ ୨ଜଣ ଅଧିକାରୀଙ୍କୁ ବଦଳି ହୋଇଛି। ସେହିପରି ଜିଲା ମଧ୍ୟରେ ୫ଜଣଙ୍କୁ ବଦଳି କରାଯାଇଛି। କଳାହାଣ୍ଡି ଜିଲା ମ.ରାମପୁର ତହସିଲଦାର ସୁଚରିତା ମୁଗ୍ରୀଙ୍କୁ ବଦଳି ହୋଇ ନ ଥିବାବେଳେ ତାଙ୍କ ସ୍ଥାନରେ ମ.ରାମପୁର ତହସିଲଦାର ଭାବେ ଉପଜିଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋସ୍ନା ମାଝିଙ୍କୁ ବଦଳି ହୋଇଛି। ଏହି କ୍ରମରେ ଜିଲା ମଧ୍ୟରେ କାର୍ଯ୍ୟରତ କେସିଙ୍ଗା ତହସିଲ ଅତିରିକ୍ତ ତହସିଲଦାର ରୁଦ୍ର କୁମାର ନାଏକଙ୍କୁ କଲମପୁର ତହସିଲଦାର, ଧର୍ମଗଡ ଉପନିବନ୍ଧକ କାର୍ଯ୍ୟାଳୟର ମିଳନ କୁମାର ଝାଙ୍କରଙ୍କୁ କର୍ଲାମୁଣ୍ଡା ତହସିଲଦାର, ଜିଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କଲେକ୍ଟର ଶଙ୍କର ବାଗଙ୍କୁ ନର୍ଲା ତହସିଲଦାର, ଲାଞ୍ଜିଗଡରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ମନୋଜ ପାଣିଗ୍ରାହୀଙ୍କୁ ଗୋଲାମୁଣ୍ଡ ବିଡିଓ ଭାବେ ବଦଳି କରାଯାଇଛି। ସେହିପରି କୋରାପୁଟ ଜିଲା ସିମିଳିଗୁଡା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କରାଟିଙ୍କୁ କୋକସରା ତହସିଲଦାର, ନୟାଗଡ ଜିଲା ରଣପୁର ଅତିରିକ୍ତ ତହସିଲଦାର ଆଲୋକ ପଟ୍ଟନାୟକଙ୍କୁ ଗୋଲାମୁଣ୍ଡା ତହସିଲଦାର ଭାବେ ବଦଳି କରିଛି ରାଜସ୍ୱ ବିଭାଗ। କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କଲେକ୍ଟର ନିର୍ମଳ ସାହୁଙ୍କୁ କାଶିନଗର ତହସିଲଦାର ଭାବେ ବଦଳି କରାଯାଇଛି। ଜୟପାଟଣା ତହସିଲର ଅତିରିକ୍ତ ତହସିଲଦାର ଟିଙ୍କୁ ପାତ୍ରଙ୍କୁ କୋଡିଙ୍ଗାର ତହସିଲଦାର ଭାବେ ବଦଳି କରାଯାଇଛି। ସେହିଭଳି କେସିଙ୍ଗା ତହସିଲଦାର ପଦବୀ ଖାଲି ଥିବାବେଳେ ସେହି ସ୍ଥାନରେ କାହାକୁ ବଦଳି କରା ନ ଯାଇ ଉକ୍ତ ସ୍ଥାନର କାର୍ଯ୍ୟରତ ଅତିରିକ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି ହୋଇଛି।

# ବିଷମୂଳ ବୁଢ଼ାରାଜାଙ୍କ ବାର୍ଷିକ ଯାତ୍ରା

ଲାଞ୍ଜିଗଡ଼,୧୩।୧୦(ଡି.ଏନ.ଏ.)



ପର୍ବ ପାଇଁ ଆୟୋଜିତ କଳସ ଶୋଭାଯାତ୍ରା।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତସ୍ଥିତ ସାଡିଙ୍ଗ ଗୁମ୍ଫାଠାରେ ବିଷମୂଳ ବୁଢ଼ାରାଜାଙ୍କ ବାର୍ଷିକ ପର୍ବ ଗୁରୁବାର ଆରମ୍ଭ ହୋଇଯାଇଛି। ପ୍ରଥା ଅନୁଯାୟୀ ଚଳିତ କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଥୀ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ୩ ଦିନ ଧରି ସାଡିଙ୍ଗ ଗୁମ୍ଫାରେ ବିଷମୂଳ ବୁଢାରାଜାଙ୍କ ଏହି ପର୍ବ ପାଳିତ ହୋଇ ଷଷ୍ଠୀ ଦିନ ଶେଷ ହୋଇଥାଏ। ଯାତ୍ରାର ପ୍ରଥମ ଦିନରେ ୫ଟି ପଞ୍ଚାୟତ ବିଭିନ୍ନ ଗ୍ରାମର ଝିଅମାନେ କଳସରେ ନିକଟସ୍ଥ ନଦୀରୁ ପାଣି ଧରି ପାହାଡ଼ ପଦର ପଞ୍ଚାୟତ ପରିକ୍ରମା କରି ବିଷମୂଳ ବୁଢ଼ାରାଜାଙ୍କ ପୀଠକୁ ଆସିଥିଲେ। ପୀଠରେ ପୂଜକ ଲୋକନାଥ ମାଝି, ବୁଦ୍ଧୁ ନାଏକ ଓ ଜଗଦୀଶ ପୁଟାଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଶୁକ୍ଳ ଭୋଗ ଦିଆଯାଇଥିଲା। ଗୋଟିଏ ଲିଙ୍ଗରେ ନଡ଼ିଆ, କଦଳୀ, ଧୂପ ଓ ମୁଆଁ ଆଦି ଶୁକ୍ଳ ଭୋଗରେ ପୂଜା କରାଯାଇଥିଲା। ମାନସିକ ଧାରିମାନେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ। ପୂଜାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ବ୍ଲକ ଅଧକ୍ଷ କମଳା ପାତ୍ର, ଜିଲା ପରିଷଦ ପରୀକ୍ଷିତ ନାଏକ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ ଘଢ଼େଇ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ, ସାମାଜିକ କର୍ମୀ ହରିଶଙ୍କର ପାତ୍ର ଏବଂ ବ୍ଲକ ବିଜେଡି କର୍ମୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଷମୂଳ ବୁଢ଼ାରାଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ପାହାଡ଼ପଦର ପୂର୍ବତନ ସରପଞ୍ଚ କୁଞ୍ଜି ମାଝି, ମାଳିଯୁବାଙ୍ଗ ସରପଞ୍ଚ ଲାଲକୃଷ୍ଣ ମାଝି, ପୂଜା କମିଟି ଉପସଭାପତି କୁମର ନାଏକ, କୋଷାଧକ୍ଷ ବଳଭଦ୍ର ସାହୁ, କମିଟି ଉପଦେଷ୍ଟା ବୈଦ୍ୟନାଥ ନାଏକ, ଜଗଦୀଶ ପୁଟା, ମଧୁସୂଦନ ନାଏକ, ମାଧବ ନାଏକଙ୍କ ସମେତ କମିଟି ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ ପାଳିତ

ଖଡ଼ିଆଳ,୧୩।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ପୋଡ଼ାପାଲି ଗ୍ରାମଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ୨୫ତମ ପୂଜା ପାଳିତ ହୋଇଛି। ଉଦଯାପନୀରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ଯୁବରାଜ ଦେବ ଦେବ ସିଂଦେଓ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କର୍ତ୍ତା ଭାବେ ଆମରନାଥ ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ପୂଜାରେ ବସିଥିଲେ। ଦୁର୍ବାଦଳ ଷଡଙ୍ଗୀ ପୂଜକଭାବେ କାର୍ଯ୍ୟ ତୁଲାଇ ଥିଲେ।

## ବିଇଓଙ୍କ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ମହଙ୍ଗା ପଡିଲା ସ୍ତ୍ରୀ ସରପଞ୍ଚଙ୍କ ପ୍ରତିନିଧି କରିବା

ଭବାନୀପାଟଣା,୧୩।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସର୍ଗିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦୁର୍ଗା କାର୍ଯ୍ୟରେ ଅହେଳା କରି ନିଜ ସ୍ତ୍ରୀ ସରପଞ୍ଚ ଥିବା କୁଚାଗାଁ ପଞ୍ଚାୟତ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗୁରୁବାର ସ୍ଥାନୀୟ ବିଇଓ ଧରମା ପ୍ରଧାନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦୁର୍ଗାକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅଭିଯୋଗ ଅନୁସାରେ, ତ୍ରିଲୋଚନ ସର୍ଗିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ଥିବା ବେଳେ ବର୍ତ୍ତମାନ ତାଙ୍କ ସ୍ତ୍ରୀ ଅଷ୍ଟମୀ ଦୁର୍ଗା କୁଚାଗାଁ ସରପଞ୍ଚ ଅଛନ୍ତି। ତେବେ ତ୍ରିଲୋଚନ ନିଜର ସ୍କୁଲ ଛାଡି ସ୍ତ୍ରୀ ସହ ରାଜନୀତି କରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏପରିକି ସେ ପଞ୍ଚାୟତ ବିଭିନ୍ନ ଠିକା କାର୍ଯ୍ୟ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ପଞ୍ଚାୟତରେ ନିଜେ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ ସହ ଠିକାଦାର ସାଜୁଥିବା ମଧ୍ୟ ଅଭିଯୋଗ କରିଛନ୍ତି ସମିତି ସଭ୍ୟ ଇଶ୍ମାଇଲ ବାଗ। ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ କୁଚାଗାଁ ପଞ୍ଚାୟତ ର ଗ୍ରାମସଭା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ସେଠାରେ ଉପସ୍ଥିତ ରହି ସରପଞ୍ଚଙ୍କ କାର୍ଯ୍ୟ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା। ଏହାପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ମହିଳା ସଶକ୍ତିକରଣ ପାଇଁ ସରକାର ରାଜନୀତିରେ ନାରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି। କିନ୍ତୁ ନିର୍ବାଚିତ ହେବା ପରେ ତାଙ୍କ ପରିବାର କିମ୍ବା ସ୍ୱାମୀଙ୍କ ସିଧା ସଳଖ ହସ୍ତକ୍ଷେପ ନାରୀ ସଶକ୍ତିକରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗାମୀ ଦିନରେ ଶିକ୍ଷା ବିଭାଗ ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

# କୋମନା, ଖଡିଆଳ, ବୋଡେନ, ସିନାପାଲି ଟିମ୍ ବିଜୟୀ

ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୨ୟ ଦିବସ

■ ୪ର୍ଥ ମ୍ୟାଚ ଅମୀମାଂସିତ

ନୂଆପଡ଼ା ଅଫିସ,୧୩।୧୦



ମୁଖ୍ୟଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

୧୭ବର୍ଷରୁ କମ ବର୍ଗ ମହିଳା ଫିଫା ବିଶ୍ୱକପ ଫୁଟବଲ-୨୦୨୨ ପ୍ରତିଯୋଗିତା ଉପଲକ୍ଷେ ନୂଆପଡା ମିନି ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କୋମନା ବାଳକ ଓ ଖଡିଆଳ ବାଳକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋମନା ଗୋଲରେ ବିଜୟୀ ହୋଇଥିଲା। ୨ୟ ମ୍ୟାଚ ଖଡିଆଳ ବାଳିକା ଓ ସିନାପାଲି ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଡିଆଳ ବାଳିକା ୨-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ବୋଡେନ ବାଳକ ଓ ସିନାପାଲି ବାଳକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୋଡେନ ବାଳକ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ନୂଆପଡା ବାଳକ ଓ ବୋଡେନ ବାଳକ ମଧ୍ୟରେ ଅନୁଷ୍ଠିତ ହୋଇ ଅମିମାଂସିତ ରହିଥିଲା। ଅତିରିକ୍ତ ସମୟରେ କିଏ କାହାରିକୁ ଗୋଲ ଦେଇପାରିଲେ ନାହିଁ। ୫ମ ମ୍ୟାଚ ସିନାପାଲି ବାଳକ ଓ ଖଡିଆଳ ବାଳକ ଦଳ ମଧ୍ୟରେ ଖେଳାଯାଇଥିଲା। ସିନାପାଲି ବାଳକ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଅବସରରେ ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ମୁଖ୍ୟଅତିଥି, ନୂଆପଡା ଅତିରିକ୍ତ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ନୂଆପଡା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ମହେଶ ନିଆଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହରିହର ସାହୁ, ଡୋଲାମଣି ନିଆଲ, ପ୍ରେମଚନ୍ଦ୍ର ସାହୁ, ଜନ୍ମେଜୟ ଦଣ୍ଡସେନା, ଠାକୁର ଚରଣ ନାଗ, ସୋଭାରାମ ରାଉତ, ବାଲେଶ୍ୱର ମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ। କିଶୋର କୁମାର ପରିଡ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ଏମ୍‌ପିଙ୍କ ପିତୃ ବିୟୋଗ



**ବରପାଲି,୧୩।୧୦(ଡି.ଏନ.ଏ.):** ବରଗଡ଼ର ପୂର୍ବତନ ଏମ୍‌ପି ପ୍ରଭାସ ସିଂଙ୍କ ପିତା ସାଧୁ ଚରଣ ସିଂହଙ୍କ ଗୁରୁବାର ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ସିଂହ ବରପାଲି ବ୍ଲକ ଅନ୍ତର୍ଗତ ଭଟିଗାଁର ଗୌନ୍ତିଆ ଥିଲେ। ସେ ଜଣେ ଜଣାଶୁଣା ଫୁଟବଲ ଖେଳାଳି ମଧ ଥିଲେ। ସେ ସରପଞ୍ଚ, ସମବାୟ ସମିତି ସଭ୍ୟ ମଧ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଭଟିଗାଁରେ ଆୟୁର୍ବେଦ ଡାକ୍ତରଖାନା, ଏଲ୍‌ଆଇ ସେଣ୍ଟର, ନର୍ସ କେନ୍ଦ୍ର ତଥା ଗ୍ରାମ ପଞ୍ଚାୟତ ପ୍ରତିଷ୍ଠା ରେ ତାଙ୍କର ବିଶେଷ ଅବଦାନ ଥିଲା। ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧ ଥିଲେ। ନିଜ ଗ୍ରାମ ଭଟିଗାଁରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଦୀପ୍ତି କୁମାର ସିଂହ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ମନ୍ତ୍ରୀ ରୀତା ସାହୁ, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ପାଇକମାଲରେ ଭିନ୍ନକ୍ଷମ ତାଲିମ ଶିବିର

**ପାଇକମାଲ,୧୩।୧୦(ଡି.ଏନ୍.ଏ.):** ବରଗଡ ଜିଲା ପାଇକମାଲ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଏକଦିବସୀୟ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଓ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ନେଇ ତାଲିମ ଶିବିର ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ଶିବ ପ୍ରସାଦ ଯୋଶୀ ଓ ରାଧେଶ୍ୟାମ ମେହେର ଯୋଗ ଦେଇଥିଲେ। ସାମାଜିକ କର୍ମୀ ଅରୁଣ ବିଶ୍ୱାଳ, ବିଏସ୍‌ଏସ୍‌ଓ ଭବାନୀ ପଟେଲ, ବିଆର୍‌ଟି ରୀତା ମେହେର ମଞ୍ଚାସୀନ ଅତିଥି ଥିଲେ। ଆର୍‌ପି ଡୋଲାମଣି ମାହାର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ୫୦ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଯୋଗ ଦେଇଥିଲେ। ତାଲିମଦାତା ଭାବେ ଅରୁଣ ବିଶ୍ୱାଳ, ଡୋଲାମଣି ମାହାର, ମାଧବ ପୁରୋହିତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ବିଆର୍‌ଟି ବିରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବକାରୀ ଚଢାଉ: ୨ ଗିରଫ

**ପଦ୍ମପୁର,୧୩।୧୦(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଓ ପାଇକମାଲ ଅବକାରୀ ବିଭାଗ ପକ୍ଷରୁ ଗୁଣ୍ଡିଚାଡିହି ଗ୍ରାମରେ ଗୁରୁବାର ଚଢାଉ କରି ୨୫୦୦ କେଜି ମହୁଲ ପୋଚ ଓ ୨୫୦ ଲିଟର ମଦକୁ ନଷ୍ଟ କରାଯାଇଛି। ମେଲଛାମୁଣ୍ଡା ଥାନା ଟାଲ ଗ୍ରାମର ଶ୍ୟାମସୁନ୍ଦର ଦୀପ ଓ ଜ୍ଞାନ ଗ୍ରାମର ପୂରନ ପ୍ରଧାନଙ୍କଠାରୁ ୩୫ ଲିଟର ମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରି ସୋହେଲା କୋର୍ଟକୁ ଚାଲାଣ କରାଯାଇଛି।

# ମୁର୍ଷୁଣ୍ଡିର ଗଜଲକ୍ଷ୍ମୀ ପୂଜାରେ ମୁରାସୁରରାଜ୍

### ମୁରାସୁର ଲାଖ ବିନ୍ଧି ମଦନାବତୀଙ୍କୁ କଲେ ବିବାହ

**ଅମରପାଲି,୧୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡିରେ ହେଉଥିବା ୪୦ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ରାଜର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ବୁଧବାର ବର୍ଷା ଯୋଗୁ ମୁରାସୁର ଦରବାର ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ମୁରାସୁର ରାଜର ରାଜ ଦରବାରରେ ଗୁରୁବାର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା,ବିଶିଷ୍ଟ ବ୍ୟବସାୟୀ ପ୍ରଶାନ୍ତ ବାବୁ,ହିଲୁଙ୍ଗ ସମିତିସଭ୍ୟ ଶୈଳରଞ୍ଜନ ବାଦୀ,ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ,ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ,ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ,କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ ,ସମିତିସଭ୍ୟା ସୁଷମା ସେଠୀ,କମିରା ସରପଞ୍ଚ ଅନୁସୟା ପଧାନ, ବହଳପଦର ସରପଞ୍ଚ ନିରୂପମା ସେଠୀ, ସଂଗ୍ରାମପୁର ସମିତିସଭ୍ୟ ସ୍ୱପ୍ନ କର୍ମୀ,ପିତାମହୁଲ ସମିତିସଭ୍ୟ ସଇନ୍ଦୁ ସାହୁ,ଦୁର୍ଜନତୈଳା ସମିତିସଭ୍ୟ ଇତିଶ୍ରୀ ପଧାନ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ।



ମୁରାସୁର ରାଜ ଅଭିନୟର ଏକ ଦୃଶ୍ୟ।

ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାରାଜ ମୁରାସୁର ଏକ ସୁସଜ୍ଜିତ ରଥରେ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିଭ୍ରମଣ କରି ଦରବାରକୁ ଆସିଥିଲେ। ନଗର ଭ୍ରମଣ ବେଳେ ରାସ୍ତାରେ ବିଭିନ୍ନ ସ୍ଥାନରେ ସଂଳାପ ମାଧ୍ୟମରେ ଅଭିନୟ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ମହାରାଜ ମୁରାସୁର ସାକୁଲ୍ୟ ଦେଶର ରାଜା ଭୋପାଳ କେଶରୀଙ୍କ କନ୍ୟା ମଦନାବତୀଙ୍କୁ ବିବାହ କରିବାକୁ ଇଚ୍ଛା କରିଥିଲେ।ଏଣୁ ମଦନାବତୀଙ୍କ ସ୍ୱୟମ୍ବର ସଭାରେ ଯୋଗ ଦେଇଥିଲେ। ସ୍ୱୟଂମ୍ବରର ନିୟମ ଅନୁସାରେ ଲାଖ ବିନ୍ଧି ଭୋପାଳ କେଶରୀଙ୍କ କନ୍ୟା ମଦନାବତୀଙ୍କୁ ବିବାହ କରି ନିଜ ରାଜ୍ୟକୁ ଫେରିଥିଲେ। ଏହାସହିତ ରଙ୍ଗ ସଭାରେ ନୃତ୍ୟାଙ୍ଗନମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ମୁରାସୁର ଭୂମିକାରେ ଅଭିନୟ କରୁଥିବା ଗୋପାଳ ପଣ୍ଡାଙ୍କ ଉଚ୍ଚକୋଟୀର ଅଭିନୟ ଦର୍ଶକଙ୍କୁ ଖୁବ ଆକୃଷ୍ଟ କରିଥିଲା। ବହୁ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହାକୁ ଉପଭୋଗ କରିଥିଲେ।

## ନବାଗତ ଛାତ୍ରୀଛାତ୍ରଙ୍କ ପ୍ରଥମ ପ୍ରବେଶ ଦିବସ

**ପାଇକମାଲ,୧୩।୧୦(ଡି.ଏନ୍.ଏ.)**

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ଯୁକ୍ତ ୩ ନବାଗତ ଛାତ୍ରୀଛାତ୍ରମାନଙ୍କ ପ୍ରଥମ ପ୍ରବେଶ ଦିବସ ଉପଲକ୍ଷେ ଗୁରୁବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅଧ୍ୟକ୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହିତ ମହାବିଦ୍ୟାଳୟର ଶୃଙ୍ଖଳା, ଅଧ୍ୟୟନ ଏବଂ ନୈତିକତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଜାତୀୟ ସେବା ସଂସ୍ଥାର କାର୍ଯ୍ୟ, ଚରିତ୍ର ଗଠନରେ ତାର ଉପଯୋଗିତା ସମ୍ପର୍କରେ ଧାରଣା ଦେଇଥିବା ବେଳେ ଅଧ୍ୟାପକ ଦେବରାଜ ସାହୁ ଯୁବ ରେଡ୍‌କ୍ରସ ସଂସ୍ଥା ସହ ଯୋଡି ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଯୁକ୍ତ ୩ ସିବିସିଏସ୍ ପାଠ୍ୟକ୍ରମ ସମ୍ପର୍କରେ ଦୃଶ୍ୟ ଏବଂ ଶ୍ରାବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପକ ପ୍ରଭାତ କୁମାର ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ଡିଇଓ ପୁରନ୍ଦର ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

# ଆନ୍ତଃସ୍କୁଲ ଫୁଟବଲ: ତୃତୀୟ ଦିବସରେ ୫ ମ୍ୟାଚ୍

**ବରଗଡ଼ ଅଫିସ,୧୩।୧୦**

ବରଗଡ଼ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଆନ୍ତଃ ସ୍କୁଲ ସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ବାଳକ ଫୁଟବଲ ପ୍ରତିଯୋଗିତାର ଗୁରୁବାର ତୃତୀୟ ଦିବସରେ ୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବରଗଡ଼ ସିମେଣ୍ଟ କାରଖାନାର ମାନବ ସମ୍ବଳ ବିକାଶ ଅଧିକାରୀ ଦିନେଶ କୁମାର ପାଠକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ , ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ, ସରପଞ୍ଚ ସସ୍ମିତା ସୁନା, ଯୁବନେତା ଦୁଃଖୀଶ୍ୟାମ ସାହୁ, ରାଜୁ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୃତୀୟ ଦିବସର ପ୍ରଥମ ମ୍ୟାଚ୍ ବରପାଲି ଓ ଗାଇସିଲେଟ ବାଳକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବରପାଲି ବାଳିକା ଓ ଗାଇସିଲେଟ ବାଳିକା ଦଳ ମଧ୍ୟରେ ହୋଇଥିଲା। ବରପାଲି ବାଳିକା ଦଳ ଗାଇସିଲେଟ ଦଳକୁ ୧-୦ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍ ଅତାବିରା ବାଳକ ଓ ଭଟଲି ବାଳକ ଦଳ ମଧ୍ୟରେ ହୋଇଥିବା ବେଳେ ଅତାବିରା ଦଳ ଭଟଲି ଦଳକୁ ୫-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ ମ୍ୟାଚ୍ ଅତାବିରା ବାଳିକା ଓ ଅମ୍ବାଭୋନା ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଅତାବିରା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚ୍ ବିଜେପୁର ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବିଜେପୁର ଦଳ ୩-୧ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ମ୍ୟାଚ୍ ରେଫରି ଭାବେ ବିନୋଦ ସେଟ, ଅନିତା ଭୋଇ, ନିରଞ୍ଜନ ମାହାକୁଡ଼, ସମ୍ପୂର୍ଣ୍ଣ ଭୋଇ ଖେଳ ପରିଚାଳନା କରିଥିଲେ। ସୁବ୍ରତ ଦଣ୍ଡସେନା, ସଞ୍ଜୀବ ଭୋଇ, ରବିନାରାୟଣ ପଧାନ, ଶୁଭଶ୍ରୀ ଭୋଇ, ରାମକୃଷ୍ଣ ବାରିକ, ସୁଦାମ ଚରଣ ବାରିକ, ଗୌରାଙ୍ଗ ପାଣ୍ଡେ, ଟିକେଶ୍ୱର ଭୋଇ, ନମିତା ସାହୁ, ବିନୋଦ ସେଟ, ବିଶ୍ୱମ୍ବର ପ୍ରଧାନ ଓ ନମିତା ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ଭବାନୀ ଶଙ୍କର ଦାଶ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ।

# ବିଜେଡିର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବିଜେଡିର ବୈଠକରେ ଉପସ୍ଥିତ କର୍ମୀ।

**ଅମରପାଲି,୧୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ହେବାକୁ ଥିବା ବିଜେଡିର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ଅଧ୍ୟକ୍ଷତା କରିଥିଲେ। ପ୍ରସ୍ତୁତି ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ସମ୍ପାଦକ ରଞ୍ଜିତ କୁମାର ରଥ,ବରିଷ୍ଠ କର୍ମୀ ପ୍ରଦିପ ମିଶ୍ର, ଶ୍ରୀନିବାସ ଚାନ୍ଦ, ସତ୍ୟଞ୍ଜିବ ମିଶ୍ର, କିଶୋର ହୋତା,ବିନବାନନ୍ଦ ପଧାନ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା,ସମିତିସଭ୍ୟ ଶୈଳରଞ୍ଜନ ବାଦୀ, ଲକ୍ଷ୍ମୀ ନାରାୟଣ ପୁରୋହିତ, ଧିରେନ୍ଦ୍ର ପଣ୍ଡା, ମଧୁସୁଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରାକୁ କିଭଳି ସଫଳ କରିହେବ ସେନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଶତାଧିକ ଦଳୀୟ କର୍ମୀ ଯୋଗଦେଇ ଥିଲେ। ଶେଷରେ ପ୍ରଦିପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦହିଗାଁରେ ଚାଷୀ ସଙ୍ଗଠନ ବୈଠକ

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନର ଆହ୍ୱାନ କ୍ରମେ ରାଜବୋଡାସମ୍ବର ବ୍ଲକସ୍ତରୀୟ ବୈଠକ ଗୁରୁବାର ଦହିଗାଁ ମଣ୍ଡିରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦହିଗାଁ, ଦହିତା, ବୁଡେନ ଅଞ୍ଚଳର ଚାଷୀମାନେ ଯୋଗ ଦେଇଥିଲେ। ସଙ୍ଗଠନର ଆବାହକ ଅଶୋକ ସାହୁ ବୀମା, ଇନ୍‌ପୁଟ ସବ୍‌ସିଡି, ଜଳସେଚନ, ଧାନବିକ୍ରି, ବିଦ୍ୟୁତ୍ ସମସ୍ୟାକୁ ନେଇ ସରକାରଙ୍କ ବିରୋଧରେ ବର୍ଷିଥିଲେ ଏବଂ ଆଗାମୀ ଉପନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ନଭେମ୍ବର ୧ରେ ହେବାକୁ ଥିବା ସମାବେଶ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଚାଷୀନେତା ରମେଶ ମହାପାତ୍ର ଚିରମରୁଡି ପ୍ରପୀଡ଼ିତ ପଦ୍ମପୁର ଅଞ୍ଚଳର ଚାଷୀଙ୍କୁ ସବୁବେଳେ ଅବହେଳା କରାଯାଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଆଇନ ପରାମର୍ଶଦାତା ସଭ୍ୟ ଅଜିତ ଶତପଥି ବୋଡାସମ୍ବର ଅଞ୍ଚଳର କୃଷି ସମସ୍ୟା ନେଇ ସରକାରଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ବୈଠକରେ ସମ୍ପାଦକ ରୋହିତ ପଧାନ, ପ୍ରକାଶ ଦାଶ, କୀର୍ତ୍ତି ମେହେର, ରୁଦ୍ର ବିଶି, ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବୀରାଙ୍ଗନା ତାଲିମ ନେଲେ ୨୬୦୧ ଶିକ୍ଷାର୍ଥୀ




ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି।

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଆତ୍ମସୁରକ୍ଷା ତାଲିମ ବୀରାଙ୍ଗନା କାର୍ଯ୍ୟକ୍ରମରେ ପଦ୍ମପୁର ଥାନା ଅଧୀନ ଜମଲା କଲେଜ, ପଦ୍ମପୁର ଅଞ୍ଚଳ କଲେଜ, ସର୍ଗିବାହାଲ, ବରିହାପାଲି, ଜମଲା, ଲମ୍ବରଜୁନା, କନସିଂହା, ମହୁଲପାଲି, ପୁରନା, ସତୀଭଟା, ଭେଉଁରିଆ, ବରିକେଲ, ପଦ୍ମପୁର ସରକାରୀ ବାଳିକା ହାଇସ୍କୁଲ, ରାଜବୋଡାସମ୍ବର ଟାଉନ ଉଚ୍ଚ ବିଦ୍ୟାଳୟର ୧୯୧୪ ବିଦ୍ୟାର୍ଥୀ ତାଲିମ ନେଇଛନ୍ତି। ଏହି ସମୟରେ ପଦ୍ମପୁର ଥାନାଧିକାରୀ ରାଜେନ୍ଦ୍ର ସିଅଲ ଓ ଅନ୍ୟମାନେ ସହଯୋଗ କରିଥିଲେ। ସେହିପରି ଜଗଦଲପୁର ଥାନାଧିକାରୀ ସୁଷମା କୁଅଁରଙ୍କ ତତ୍ତ୍ୱାବଧାନରେ ଲଖମରା ମହାବିଦ୍ୟାଳୟ, ବାଦିକଟା, ବୁକୁରାମୁଣ୍ଡା, ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୫୩୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ମିଶ୍ର, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଭୋଇ ଓ ସହକର୍ମୀମାନେ ସହଯୋଗ କରିଥିଲେ। ସେହିପରି ମେଲଛାମୁଣ୍ଡା ଓ ଜ୍ଞାନ ଉଚ୍ଚ ବିଦ୍ୟାଳୟର ୧୫୭ ଜଣ ଛାତ୍ରୀ ତାଲିମ ନେଇଥିଲେ।

# ଆମ୍ବେଦକର ଯୁବକ ସଂଘର ପାରମ୍ପରିକ ପ୍ରତିଯୋଗିତା

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଫଟାମୁଣ୍ଡା ଗ୍ରାମ ସ୍ଥିତ ଆମ୍ବେଦକର ଯୁବକ ସଂଘର ୧୦ତମ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫଟାମୁଣ୍ଡା ଗ୍ରାମରେ କାର୍ଯ୍ୟରତ ୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ପିଠା ପ୍ରସ୍ତୁତି, ଭାରସାମ୍ୟ ଦୌଡ଼, ମ୍ୟୁଜିକାଲ ଚେୟାର, ହୁଳହୁଳି, ମୁରୁଜ ଅଙ୍କନ ପ୍ରତିଯୋଗିତା ହୋଇଥିଲା। ସଂଘ ସଭାପତି ଗୋପବନ୍ଧୁ ଶିକା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଶୋକ କୁମାର ବହିଦାର, ରମେଶ ଗୁର୍ଲା, ତ୍ରିବିକ୍ରମ ପ୍ରଧାନ, ଗିରିଧାରୀ ସାହୁ, କେଦାର ପଣ୍ଡା ବିଚାରକ ଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଆଗାମୀ ୧୬ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ସମ୍ମାନିତ କରାଯିବ ବୋଲି ଜଣାପଡିଛି।

## ନୂତନ ପେନସନ ଯୋଜନା ଉଚ୍ଛେଦ ପାଇଁ ଦାବିପତ୍ର

**ପଦ୍ମପୁର,୧୩।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଗସ୍ତରେ ଆସିଥିବା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ, ରାଜବୋଡାସମ୍ବର ବ୍ଲକର ସଭାପତି ରଘୁନାଥ ପୁରୀ, ଭରତ ସାହୁ, ଶାନ୍ତନୁ ସରାଫ, ରବିନାରାୟଣ ପଣ୍ଡା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ନୂତନ ପେନସନ ଯୋଜନା ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସେମାନେ ନିବେଦନ କରିଥିଲେ। ରାଜ୍ୟ ସଭା ସଦସ୍ୟ ବିଶି ଦାବିର ଯଥାର୍ଥତା ଉପଲବ୍ଧି କରି ଏ କ୍ଷେତ୍ରରେ ସରକାରଙ୍କ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଉଁଶୁଣୀ ମେହେର ସୁପରଷ୍ଟାର ସେମିଫାଇନାଲରେ

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଅମରପାଲି,୧୩।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ପଣ୍ଡିଆପାଲିରେ ହେଉଥିବା ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ତୃତୀୟ ଦିବସ। ଗୁରୁବାର ତିନୋଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ମହଦା ପଞ୍ଚାୟତ ଓ ରଥପୁର ମଧ୍ୟରେ ହୋଇଥିଲା। ମହଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ରଥପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୮୯ ରନ କରି ବିଜୟୀ ହୋଇଥିଲା। ରଥପୁରର ସୁଶିଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ବାଉଁଶୁଣୀ ମେହେର ସୁପରଷ୍ଟାର ଓ ସୋନପୁର ରେଡରୋଜ ମଧ୍ୟରେ ହୋଇଥିଲା।ବାଉଁଶୁଣୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ସୋନପୁର ରେଡରୋଜ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୩ରନ କରି ପରାସ୍ତ ହୋଇଥିଲା। ବାଉଁଶୁଣୀର ଆକାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ପ୍ରଥମ ମ୍ୟାଚର ବିଜେତା ରଥପୁର ଓ ଦ୍ୱିତୀୟ ମ୍ୟାଚର ବିଜେତା ବାଉଁଶୁଣୀ ମଧ୍ୟରେ ହୋଇଥିଲା।ଏହି ମ୍ୟାଚରେ ରଥପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୨୪ରନ କରିଥିବା ବେଳେ ବାଉଁଶୁଣୀ ଦଳ ୧.୧ ଓଭରରେ କୌଣସି ଉଇକେଟ ନ ହରାଇ ୨୫ ରନ କରି ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବାଉଁଶୁଣୀର ମଣ୍ଟୁଙ୍କୁ ମ୍ୟାନ ଅଫ ଦି ମ୍ୟଚ ଭାବେ ଘୋଷଣା କରାଯାଇଥିଲା। ମ୍ୟାଚଗୁଡ଼ିକରେ ପ୍ରଫୁଲ୍ଲ ବେହେରା,ପିଣ୍ଟୁ ବେହେରା,ଶିବ ପ୍ରଧାନ ଓ ରାଜୀବ ପ୍ରଧାନ ଅମ୍ପାୟାର, ହେମନ୍ତ ବେହେରା ସ୍କୋରିଂ ଏବଂ ସୁରଥ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ।




ବିଜୟୀ ବାଉଁଶୁଣୀ ମେହେର ସୁପରଷ୍ଟାର ଦଳ ଖେଳାଳି।

# ମନମୋହୁଛି ବାଘମାରୀ ଗଜଲକ୍ଷ୍ମୀ ପୂଜା

### ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୬ ସଂକୀର୍ତ୍ତନ ଗୁରୁଙ୍କ ମହାମିଳନ

**ଅମରପାଲି,୧୩।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ବାଘମାରୀ ଗ୍ରାମରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳନ ହେଉଛି । ମନଲୋଭା ମେଢ ସହ ସୁନ୍ଦର ସାଜସଜା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଶୁକ୍ରବାର ଦିନ ଭସାଣି କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି।

୧୩ତମ ଗଜଲକ୍ଷ୍ମୀ ପୂଜା ଅବସରରେ ହେଉଥିବା ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିପାଇଁଗତ ୯ ତାରିଖରେ କଳସ ଶୋଭାଯାତ୍ରା କରାଯାଇଥିଲା। ୧୦ ତାରିଖରେ ପୂଜା ଆରମ୍ଭ ହେବା ସହିତ ୧୧ତାରିଖରୁ ଅଷ୍ଟପ୍ରହରୀ ନାମଯଜ୍ଞ ହୋଇ ବୁଧବାର ପୂର୍ଣ୍ଣାହୁତି ହୋଇଛି । ବ୍ରତଧାରୀମାନେ ନିଷ୍ଠା ଓ କାଷ୍ଠାର ସହିତ ବ୍ରତଧାରଣ କରି ପୂଜାର୍ଚ୍ଚନା କରିଥିବା ବେଳେ ସନ୍ଧ୍ୟାରେ ମା'ଙ୍କ ସାଧାରଣ ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବଛାବଛା ୧୬ ଜଣ ସଂକୀର୍ତ୍ତନ୍ୟ ଗୁରୁ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୫ଟି ମହିଳା ସର୍ଙ୍କୀତନ୍ୟ ଦଳ ଅଂଶଗ୍ରହଣ କରିଥିଲେ । ପୂର୍ଣ୍ଣାହୁତି ପରେ ନଗର କୀର୍ତ୍ତନ ଓ ପରେ ସଂକୀର୍ତ୍ତନ୍ୟ ବୈଠକୀ ଅନୁଷ୍ଠିତ ହୋଇଥିଲା। ବୈଠକୀରେ ତେନ୍ତେଲଖୋଲ ମହିଳା ସର୍ଙ୍କୀତନ୍ୟ ଦଳ ଓ ସୋନପୁର ମହିଳା ସର୍ଙ୍କୀତନ୍ୟ ଦଳ ଅଂଶଗ୍ରହଣ କରିଥିଲେ । ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ। ବାଘମାରୀ ଓ କର୍ଣ୍ଣପାଲି ଗ୍ରାମର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ଚଳିତବର୍ଷ ପୂଜାରେ କର୍ତ୍ତା ଭାବରେ ମଧୁସୂଦନ ପାଣିଗ୍ରାହୀ ସପତ୍ନୀକ ଓ ପଦ୍ମନାଭ ଘିବିଲା ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବରେ ପଣ୍ଡିତ ରବି ନାରାରାୟଣ ପୁରୋହିତ ଓ ଆଚାର୍ଯ୍ୟ ସୁଶାନ୍ତ କୁମାର ପୁରୋହିତ କାର୍ଯ୍ୟ ତୁଲାଉଛନ୍ତି । କମିଟିର ସଭାପତି ପ୍ରଫୁଲ୍ଲ କୁମାର ଷାଣ୍ଢ,ସମ୍ପାଦକ ଅବନିସ ପଧାନ ଓ କୋଷାଧ୍ୟକ୍ଷ ରଞ୍ଜନ ଗେଜ ଗଜଲକ୍ଷ୍ମୀ ପୂଜା ପରିଚାଳନା କରିଥିଲେ। କମିଟିର ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ଼ ବଳରାମ ମିଶ୍ର, ଅମିତ କୁମାର ପଧାନ, ଅଜିତ କୁମାର ଖଣ୍ଡଗିରି,ପଠାଣି ଶ୍ରୀ ଚନ୍ଦନ, ଶଙ୍କର ମେହେର, ଚୌଧୁରୀ କର୍ଣ୍ଣ, ଭୁବନ ଖଣ୍ଡଗିରିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଗଜଲକ୍ଷ୍ମୀ ପୂଜା ଅବସରରେ ବାଘମାରୀରେ ନଗର ସଂକୀର୍ତ୍ତନ।